ଧରିତ୍ରୀ 50 Years
# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁଆରୀ ୮/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, January 8/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 46 | ମୂଲ୍ୟ₹୭/-

DSPL-516

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା



# ନିଯୁକ୍ତି ପର୍ବ

## ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

୩୯୮

ନୂଆ ନିଯୁକ୍ତି

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

୧୦୬

ନୂଆ ନିଯୁକ୍ତି

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର

ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରର୍ସ ସେବା କ୍ୟାଡର୍

ଏବଂ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର

ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରର୍ସ ସେବା-ଜନସ୍ୱାସ୍ଥ୍ୟ କ୍ୟାଡର୍ ଏବଂ

ଓଡ଼ିଶା ମ୍ୟୁନିସିପାଲ୍ ଇଞ୍ଜିନିୟରିଂ ସେବା-ଓ.ଏମ.ଇ.ଏସ କ୍ୟାଡର୍‌ରେ

ନୂତନ ସିଭିଲ୍ କନିଷ୍ଠ ଯନ୍ତ୍ରୀଙ୍କ ନିଯୁକ୍ତି

ମୁଖ୍ୟ ଅତିଥି

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୮ ଜାନୁଆରୀ ୨୦୨୪ ॥ ସନ୍ଧ୍ୟା ୫ଟା

କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

OIPR-13001/13/0053/2324

# ଚତୁର୍ଥ ମାସରେ ଯୁଦ୍ଧ
# ଉତ୍ତର ଗାଜାରେ ବନ୍ଦହେବ ଆକ୍ରମଣ

## ଇସ୍ରାଏଲ୍‌ର ସଙ୍କେତ

ଜେରୁଜେଲମ୍,୭।୧

ଗାଜାଷ୍ଟ୍ରିପ୍‌ରେ ହମାସ୍ ଆତଙ୍କବାଦୀଙ୍କ ବିରୋଧରେ ଇସ୍ରାଏଲ୍‌ର ଆକ୍ରମଣ ରବିବାର ଚତୁର୍ଥ ମାସରେ ପ୍ରବେଶ କରିଛି। ଗତ ୩ ମାସର ଆକ୍ରମଣରେ ଗାଜାର ପାଖାପାଖି ୨୩ ହଜାର ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୫୮ ହଜାର ଆହତ ହୋଇଛନ୍ତି। ବ୍ୟାପକ ଅଞ୍ଚଳ ଧ୍ୱଂସସ୍ତୂପରେ ପରିଣତ ହୋଇଛି। ୮୫ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ ଘରଦ୍ୱାର ଛାଡ଼ି ପଳାଇଗଲେଣି। ଇତିମଧ୍ୟରେ ହମାସ୍‌ର ସାମରିକ ଭିତ୍ତିଭୂମି ସମ୍ପୂର୍ଣ୍ଣ ଧ୍ୱଂସ ହୋଇସାରିଥିବାରୁ ଉତ୍ତର ଗାଜାରେ ବଡ଼ ଆକ୍ରମଣ ବନ୍ଦ କରିବାକୁ ଇସ୍ରାଏଲ୍ ସେନା ସଙ୍କେତ ଦେଇଛି। ତେବେ ସେଠାରେ ମୁତୟନ ଥିବା ସୈନ୍ୟଙ୍କୁ ହ୍ରାସ କରାଯାଇ ନାହିଁ। ଇସ୍ରାଏଲ୍ ସୈନ୍ୟ ସଫଳତା ହାସଲ ଜାରି ରଖିବେ। ଇସ୍ରାଏଲ୍-ଗାଜା ସୀମାନ୍ତରେ ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ଦୃଢ଼ କରାଯିବା ସହ କେନ୍ଦ୍ରୀୟ ଓ ଦକ୍ଷିଣ ଭାଗ ଉପରେ ଅଧିକ ଫୋକସ୍ କରାଯିବ ବୋଲି ଇସ୍ରାଏଲ୍ ସେନା ମୁଖପାତ୍ର ଡାନିଏଲ୍ ହଗାରି କହିଛନ୍ତି।

ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କ ଇସ୍ରାଏଲ୍ ଗସ୍ତ ପୂର୍ବରୁ ଏଭଳି ଘୋଷଣା କରାଯାଇଛି। ଗାଜା ଉପରେ ଆକାଶ ମାର୍ଗରୁ ଏବଂ ସ୍ଥଳପଥରେ ଆକ୍ରମଣକୁ ବନ୍ଦ କରିବା ପାଇଁ ଜୋ ବାଇଡେନ୍ ପ୍ରଶାସନ ବାରମ୍ବାର ଆହ୍ୱାନ ଦେଇଆସୁଛି। ପାଲେଷ୍ଟିନୀୟ ନାଗରିକମାନଙ୍କର କ୍ଷତି ନ କରି କେବଳ ହମାସ୍ ନେତାମାନଙ୍କ ଉପରେ ଟାର୍ଗେଟ ଆକ୍ରମଣ ବଢ଼ାଇବାକୁ ଆମେରିକା ପରାମର୍ଶ ଦେଇଥିଲା। ନିକଟରେ ଉତ୍ତର ଗାଜାରେ ସାମରିକ କାର୍ଯ୍ୟାନୁଷ୍ଠାନକୁ ଇସ୍ରାଏଲ୍ ହ୍ରାସ କରିବା ସହ ଦକ୍ଷିଣ ଗାଜା ଉପରେ ଅଧିକ ଆକ୍ରମଣ ଜାରି ରଖିଥିଲା।


ରାଫାହ ସହରରେ ରବିବାର ଏକ କାର୍ ଉପରେ ଏୟାରଷ୍ଟ୍ରାଇକ୍‌ରେ ୨ ଖବରଦାତା ନିହତ ହୋଇଛନ୍ତି।

ଗତବର୍ଷ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍‌ର ଦକ୍ଷିଣ ପାର୍ଶ୍ୱରେ ଅଚାନକ ଆକ୍ରମଣ କରି ୧,୨୦୦ ଲୋକଙ୍କୁ ମାରିବା ସହ ୨୫୦ ଜଣଙ୍କୁ ପଣବନ୍ଦୀ କରି ନେଇଯାଇଥିଲେ। ଏହାର ଜବାବରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ହମାସ୍ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ। ଯୁଦ୍ଧ ବନ୍ଦ ଲାଗି ଅନ୍ତର୍ଜାତୀୟ ସ୍ତରରେ ଚାପ ବଢୁଥିବା ସତ୍ତ୍ୱେ ହମାସ ଆତଙ୍କବାଦୀ ମୂଳପୋଛ ନ ହେବା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ ବୋଲି ନେତାନ୍ୟାହୁ କହିଥିଲେ। ଶନିବାର ଖାନ୍ ୟୁନିସ୍ ସହରରେ ଇସ୍ରାଏଲ୍ ସୈନ୍ୟଙ୍କ ଆକ୍ରମଣରେ ୧୨ ଶିଶୁଙ୍କ ସମେତ ୧୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶରଣାର୍ଥୀ ଶିବିରର ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ରବିବାର ରାଫାହ ସହରରେ ଏୟାରଷ୍ଟ୍ରାଇକ୍ ଫଳରେ ୨ ଖବରଦାତା ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଲ୍ ଜଜିରାର ମୁଖ୍ୟ ସାମ୍ବାଦିକ ୱାଏଲ୍ ଡାହଡୋଉଙ୍କ ପୁଅ ହମ୍‌ଜା ରହିଛନ୍ତି। ଗତ ଅକ୍ଟୋବର ୨୬ ଏୟାର ଷ୍ଟ୍ରାଇକ୍‌ରେ ଡାହଡୋଉ ପୂର୍ବରୁ ତାଙ୍କ ସ୍ତ୍ରୀଙ୍କ ସମେତ ୪ ଜଣ ସମ୍ପର୍କୀୟଙ୍କୁ ହରାଇଥିଲେ। ସେ ନିଜେ ମଧ୍ୟ ଗତମାସରେ ଇସ୍ରାଏଲ୍ ଆକ୍ରମଣରେ ଆହତ ହୋଇଥିଲେ।

## ଏଏସ୍‌ପିଙ୍କ ନାଁରେ ବଳାତ୍କାର ମାମଲା

ଲକ୍ଷ୍ନୌ, ୭।୧

ଜଣେ ଯୁବତୀଙ୍କୁ ବାରମ୍ବାର ବଳାତ୍କାର କରିବା ସହ ଜବରଦସ୍ତ ଗର୍ଭପାତ କରାଇବା ଓ ଧମକ ଦେବା ଅଭିଯୋଗରେ ଉତ୍ତରପ୍ରଦେଶର ଜଣେ ଅତିରିକ୍ତ ଏସ୍‌ପିଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପୀଡ଼ିତା ଜଣେ ୟୁପିଏସ୍‌ସି ଆଶାୟୀ। ଅଭିଯୋଗ ସମ୍ପର୍କରେ ତାଙ୍କ ପାଖରେ ସମସ୍ତ ପ୍ରମାଣ ରହିଥିବା ସେ ଦାବି କରିବା ସହ ଏଏସ୍‌ପିଙ୍କ ନିଲମ୍ବନ ଦାବି କରିଛନ୍ତି। ୩ ମାସ ହେଲା ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିଲା। ଘଟଣା ସମ୍ପର୍କରେ ସେ ସୋସିଆଲ ମିଡିଆରେ ଶେୟାର କରିବା ପରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍)ରେ ଏଏସ୍‌ପି ଥିବା ରାହୁଲ ଶ୍ରୀବାସ୍ତବ ବହୁ ବର୍ଷ ହେଲା ପୀଡ଼ିତାଙ୍କୁ ଯୌନ ଉତ୍ପୀଡ଼ନ କରୁଥିଲେ। ୨୦୨୩ ଏପ୍ରିଲରେ ସେ ଗର୍ଭବତୀ ହେବାରୁ ଅଭିଯୁକ୍ତ ଜବରଦସ୍ତ ତାଙ୍କ ଗର୍ଭପାତ କରାଇଥିଲେ। ଏହି ମାମଲାରେ ଏଏସ୍‌ପିଙ୍କ ସ୍ତ୍ରୀ ମାନିନୀ ଶ୍ରୀବାସ୍ତବ ଓ ତାଙ୍କ ୪ ବନ୍ଧୁଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ୫ ଏମ୍‌ପିଙ୍କୁ ମିଳିବ ସଂସଦରତ୍ନ ପୁରସ୍କାର

**ନୂଆଦିଲ୍ଲୀ,୭।୧(ପି.ଟି.):** ଚଳିତ ବର୍ଷର ସଂସଦରତ୍ନ ପୁରସ୍କାର ପାଇଁ ଲୋକ ସଭାର ୫ ଏମ୍‌ପିଙ୍କୁ ଚୟନ କରାଯାଇଛି। ଭାଜପା ଏମ୍‌ପି ସୁକାନ୍ତ ମଜୁମଦାର, ସୁଧୀର ଗୁପ୍ତା, ଶିବସେନାର ଶ୍ରୀକାନ୍ତ ଏକନାଥ ଶିନ୍ଦେ, ଏନ୍‌ସିପିର ଅମୋଲ ରାମସିଂ କୋଲ୍‌ହେ ଏବଂ କଂଗ୍ରେସ ଏମ୍‌ପି କୁଲଦୀପ ରାୟ ଶର୍ମା ଏହି ପୁରସ୍କାର ପାଇବାକୁ ଯାଉଥିବା ଆୟୋଜକମାନେ ଘୋଷଣା କରିଛନ୍ତି। ଫେବୃୟାରୀ ୧୭ରେ ଦିଲ୍ଲୀରେ ଏକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ। ଏମ୍‌ପିମାନଙ୍କ ପ୍ରଦର୍ଶନକୁ ଆଧାର କରି ଶ୍ରେଷ୍ଠ ଏମ୍‌ପିଙ୍କୁ ପ୍ରତିବର୍ଷ ସଂସଦରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥାଏ। ସଂସଦ ମହାରତ୍ନ ପୁରସ୍କାର ୫ ବର୍ଷରେ ଥରେ ପ୍ରଦାନ କରାଯାଇଥାଏ।

### କାର୍ଗିଲରେ ବାୟୁସେନା ବିମାନର ରାତ୍ର ଅବତରଣ

**ନୂଆଦିଲ୍ଲୀ,୭।୧(ପି.ଟି.):** ଭାରତୀୟ ବାୟୁସେନାର ପରିବହନ ବିମାନ ସି-୧୩୦ଜେ ସୁପର ହର୍କୁଲସ୍ ପ୍ରଥମ ଥର ପାଇଁ ରାତି ସମୟରେ ନିୟନ୍ତ୍ରଣ ରେଖା ନିକଟବର୍ତ୍ତୀ କାର୍ଗିଲ ଲ୍ୟାଣ୍ଡିଂ ଗ୍ରାଉଣ୍ଡରେ ଅବତରଣ କରିଛି। ଗରୁଡ଼ କମାଣ୍ଡୋମାନଙ୍କୁ ନେଇ ସି-୧୩୦ ଜେ ବିମାନ କାର୍ଗିଲ ଏୟାରଷ୍ଟ୍ରିପ୍‌ରେ ରାତ୍ର ଅବତରଣ କରିବା ରଣନୀତି ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବାୟୁସେନା ଏହାର ପରିଚାଳନାଗତ ସାମର୍ଥ୍ୟ ପ୍ରଦର୍ଶନ କରିଛି। ପୂର୍ବରୁ ଉକ୍ତ ଏୟାରଷ୍ଟ୍ରିପ୍‌ରେ ବାୟୁସେନାର ଯୁଦ୍ଧବିମାନ ଅବତରଣ କରିଥିଲା। ତେବେ ରାତିବେଳା ପରିବହନ ବିମାନକୁ ଅବତରଣ କରାଯିବା ଏହା ପ୍ରଥମ ଘଟଣା। କାର୍ଗିଲ ଏୟାରଷ୍ଟ୍ରିପ୍ ୧୦,୫୦୦ ଫୁଟ୍ ଉଚ୍ଚରେ ଅବସ୍ଥିତ। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟବର୍ତ୍ତୀ ସମସ୍ତ ଏୟାରଫିଲ୍ଡର ଭିତ୍ତିଭୂମି ବିକାଶ ଉପରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଗୁରୁତ୍ୱ ଦେଉଛି।

### ଟିଏମ୍‌ସି ନେତାଙ୍କୁ ଗୁଳିକରି ହତ୍ୟା



**କୋଲକାତା,୭।୧:** ଅଜଣା ଆତତାୟୀଙ୍କ ଗୁଳିରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ସତ୍ୟନ ଚୌଧୁରୀ ନିହତ ହୋଇଛନ୍ତି। ପଶ୍ଚିମବଙ୍ଗର ବହରମପୁର ଅଞ୍ଚଳରେ ରବିବାର ଏହି ହତ୍ୟାକାଣ୍ଡ ଘଟିଛି। ମୁର୍ସିଦାବାଦ ପାଇଁ ଦଳର ସାଧାରଣ ସମ୍ପାଦକ ଥିବା ସତ୍ୟନଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଟିଏମ୍‌ସି ନେତାଙ୍କ କହିବା ଅନୁଯାୟୀ କେତେଜଣ ଦୁର୍ବୃତ୍ତ ବାଇକରେ ଆସି ସତ୍ୟନଙ୍କୁ ଅତି ନିକଟରୁ ଗୁଳି କରିଥିଲେ। ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।


ହିମାଚଳପ୍ରଦେଶର ମନାଲିଠାରେ ମିସ୍ ୱିଣ୍ଟର କୁଇନ୍ ୨୦୨୪ ପୁରସ୍କାର ପ୍ରଦାନ ଉତ୍ସବ ଅବସରରେ ମିସ୍ ୱିଣ୍ଟର କୁଇନ୍ ବିଜୟିନୀ ନିଶା ଠାକୁର, ପ୍ରଥମ ରନର୍‌ଅପ୍ କୋହିନୂର ସିର୍କାଇକ୍ ଏବଂ ଦ୍ୱିତୀୟ ରନରଅପ୍ ଭବ୍ୟା ପଣ୍ଡିତ୍ ଫଟୋ ପୋଜ୍ ଦେଉଛନ୍ତି।

## ରୋହିଙ୍ଗ୍ୟା ଶରଣାର୍ଥୀ କ୍ୟାମ୍ପ୍‌ରେ ନିଆଁ: ୧,୦୪୦ ଘର ଜଳିଗଲା

କକ୍ସ ବଜାର,୭।୧

ବାଂଲାଦେଶର ଦକ୍ଷିଣ ଉପକୂଳ ଜିଲା କକ୍ସ ବଜାରରେ ଥିବା ରୋହିଙ୍ଗ୍ୟା ଶରଣାର୍ଥୀମାନଙ୍କ ଶିବିରରେ ଅଗ୍ନିକାଣ୍ଡ ଘଟି ୧,୦୪୦ ଘର ଜଳିଯାଇଛି। ଫଳରେ ହଜାର ହଜାର ଶରଣାର୍ଥୀ ବାସହରା ହୋଇଛନ୍ତି। ଶନିବାର ମଧ୍ୟରାତିରେ ଉଖିୟା ଅନ୍ତର୍ଗତ କୁଟୁପାଲଙ୍ଗ କ୍ୟାମ୍ପ୍‌ରେ ନିଆଁ ଲାଗି ଅନ୍ୟ କ୍ୟାମ୍ପ୍‌କୁ ବ୍ୟାପିଯାଇଥିଲା। ତେବେ ଅଗ୍ନିକାଣ୍ଡରେ କେହି ମୃତାହତ ହୋଇଥିବା ଖବର ମିଳିନାହିଁ। ଘର ଜଳିଯାଇଥିବାରୁ ଲୋକେ ପ୍ରବଳ ଶୀତରେ ପିଲାଛୁଆ ଧରି ଖୋଲା ପଡ଼ିଆରେ ପଡ଼ିଆରେ ପଡ଼ିରହିଛନ୍ତି।

## ଶୀତଦିନେ ବଢୁଛି ହୃଦ୍‌ଘାତ

### ସତର୍କ କରାଇଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ

ନୂଆଦିଲ୍ଲୀ,୭।୧(ପି.ଟି.)

ଶୀତଋତୁରେ ହୃଦ୍‌ଘାତ ଏବଂ ଆଖି ସମସ୍ୟା ବଢୁଥିବାରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଆଖିର ଯତ୍ନ ନେବା ଉପରେ ସେମାନେ ଗୁରୁତ୍ୱ ଦେଇଛନ୍ତି। ଶୀତ ବଢ଼ିବା ସହ ହୃଦ୍‌ଘାତ ହାର ବଢୁଥିବା ଏକ ସଦ୍ୟ ଅଧ୍ୟୟନରୁ ଜଣାପଡ଼ିଛି। ଅତ୍ୟଧିକ ଥଣ୍ଡା ଏବଂ ଋତୁକାଳୀନ କାରକଗୁଡ଼ିକ ହୃଦ୍‌ରୋଗ ଓ ଆଖିର ଜଟିଳତା ବଢ଼ାଇବାର କାରଣ ବୋଲି କୁହାଯାଉଛି। ଥଣ୍ଡା ଯୋଗୁ ରକ୍ତବାହୀ ନଳୀଗୁଡ଼ିକ ସଂକୁଚିତ ହେବାରୁ ରକ୍ତଚାପ ବଢୁଛି, ଯାହା ହୃଦ୍‌ଘାତ ଆଶଙ୍କା ବଢ଼ାଉଛି। ବିଶେଷକରି ଯେଉଁମାନଙ୍କର ଆଗରୁ ହୃଦ୍‌ରୋଗ ସମସ୍ୟା ରହିଛି, ସେମାନଙ୍କୁ ହୃଦ୍‌ଘାତ ହେବାର ସମ୍ଭାବନା ଅଧିକ ବୋଲି ଡାକ୍ତରମାନେ କହିଛନ୍ତି। ତେଣୁ ଶୀତଦିନେ ହୃତ୍‌ପିଣ୍ଡ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ ରହିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ନିୟମିତ ବ୍ୟାୟମ କରିବା ସହ ହୃତ୍‌ପିଣ୍ଡ ପ୍ରତି ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଓ ଉଷ୍ମ ପରିବେଶରେ ରହିବାକୁ ସେମାନଙ୍କୁ କୁହାଯାଇଛି।

## ମୁସଲମାନଙ୍କ ପାଇଁ ସ୍ୱତନ୍ତ୍ର ଭୂଖଣ୍ଡ ଦାବିକରି ବିବାଦରେ ପ୍ରଫେସର

ପାଟନା, ୭।୧

ବିହାର ସିୱାନସ୍ଥିତ ନାରାୟଣ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଖୁର୍ଶିଦ ଆଲମ୍ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ ମୁସଲମାନମାନଙ୍କ ପାଇଁ ଅଲଗା ଦେଶ ଦାବି କରି ଅଡୁଆରେ ପଡ଼ିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଆଲମଙ୍କ ପୋଷ୍ଟକୁ ନେଇ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇଛନ୍ତି। ବିବାଦ ପରେ ପ୍ରଫେସର ଆଲମ୍ ତୁରନ୍ତ ତାଙ୍କ ପଦବୀରୁ ଇସ୍ତଫା ଦେବା ସହ କ୍ଷମା ମାଗିଛନ୍ତି। ସେ ତାଙ୍କ ପୋଷ୍ଟ ଜରିଆରେ କାହାର ଭାବାବେଗକୁ ଆଘାତ ଦେବାକୁ ଚାହିଁ ନ ଥିଲେ ବୋଲି କହିଛନ୍ତି। ସେ ସମସ୍ତ ବିବାଦୀୟ ପୋଷ୍ଟକୁ ଡିଲିଟ୍ କରିଦେଇଛନ୍ତି। ନାରାୟଣ କଲେଜରେ ରାଜନୀତି ବିଜ୍ଞାନ ମୁଖ୍ୟ ଥିବା ଆଲମ ସୋସିଆଲ ମିଡିଆରେ ୨ଟି ପୋଷ୍ଟ କରିଥିଲେ। ଗୋଟିଏରେ ସେ ପାକିସ୍ତାନ ଓ ବାଂଲାଦେଶ ଜିନ୍ଦାବାଦ ଲେଖିଥିବାବେଳେ ଅନ୍ୟଟିରେ ଭାରତୀୟ ମୁସଲମାନମାନେ ଅଲଗା ଭୂଖଣ୍ଡ ଚାହାନ୍ତି ବୋଲି ଲେଖିଥିଲେ।


ଖୁର୍ଶିଦ ଆଲମ୍

## ଲାକ୍ଷାଦ୍ୱୀପ ପାଇଁ ହାତ ମିଳାଇଲେ ସେଲିବ୍ରିଟି

ନୂଆଦିଲ୍ଲୀ,୭।୧

ଲାକ୍ଷାଦ୍ୱୀପକୁ ନେଇ ମାଳଦ୍ୱୀପ ମନ୍ତ୍ରୀ ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟ କରିବା ପରେ ଏହାକୁ ନେଇ ଭାରତ ଓ ମାଳଦ୍ୱୀପ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଭାରତର ଖ୍ୟାତନାମା ସେଲିବ୍ରିଟିମାନେ ସୋସିଆଲ ମିଡିଆ ଜରିଆରେ ଲାକ୍ଷା ଦ୍ୱୀପ ପ୍ରତି ସମର୍ଥନ ଜଣାଇବା ସହ ନାଗରିକମାନେ ଉକ୍ତ ଦ୍ୱୀପପୁଞ୍ଜର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ପ୍ରୋତ୍ସାହିତ କରିଛନ୍ତି। ବେଳାଭୂମି ପର୍ଯ୍ୟଟନରେ ମାଳଦ୍ୱୀପ ସହ ପ୍ରତିଦ୍ୱନ୍ଦ୍ୱିତା କରିବାରେ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବା ଭାରତ ଏହାକୁ ଟାର୍ଗେଟ କରୁଛି ବୋଲି ମାଳଦ୍ୱୀପ ମନ୍ତ୍ରୀ କହିବା ପରେ କୂଟନୈତିକ ସ୍ତରରେ ବିବାଦ ଦେଖାଦେଇଛି। ମାଳଦ୍ୱୀପ ନେତାଙ୍କ ଅପମାନଜନକ ମନ୍ତବ୍ୟରେ ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାର ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେଠାକୁ ସର୍ବାଧିକ ପର୍ଯ୍ୟଟକ ପଠାଉଥିବା ଦେଶ ପ୍ରତି ସେମାନଙ୍କ ବ୍ୟବହାର ବିସ୍ମୟକର। ପଡୋଶୀଙ୍କ ପ୍ରତି ଆମର ସବୁବେଳେ ଭଲ ବ୍ୟବହାର ରହିଥିବାବେଳେ ଆମେ କ’ଣ ପାଇଁ ଘୃଣାକୁ ବରଦାସ୍ତ କରିବୁ ବୋଲି ସେ ପ୍ରଶ୍ନ କରିଛନ୍ତି। ଅକ୍ଷୟ ଅନେକ ଥର ମାଳଦ୍ୱୀପ ଯାଇଛନ୍ତି ଓ ଏହାର ପ୍ରଶଂସା କରିଛନ୍ତି। ତେବେ ପ୍ରଥମେ ମର୍ଯ୍ୟାଦା ବୋଲି ଅକ୍ଷୟ କହିଛନ୍ତି। ଆସନ୍ତୁ ଭାରତୀୟ ଦ୍ୱୀପପୁଞ୍ଜକୁ ଅନ୍ୱେଷଣ କରିବା ଓ ଆମ ନିଜ ପର୍ଯ୍ୟଟନକୁ ସମର୍ଥନ କରିବା ବୋଲି ସେ ଏକ୍ସ’ରେ ପୋଷ୍ଟ କରିଛନ୍ତି।

ସେହିପରି ଅନ୍ୟତମ ଲୋକପ୍ରିୟ ଅଭିନେତା ଜନ୍ ଆବ୍ରାହମ ଲାକ୍ଷାଦ୍ୱୀପର ଆତିଥେୟତା ଓ ସାମୁଦ୍ରିକ ଜୀବନକୁ ପ୍ରଶଂସା କରିଛନ୍ତି। ଭାରତୀୟ ଆତିଥେୟତା ‘ଅତିଥି ଦେବୋ ଭବ’ ନୀତି ଉପରେ ଆଧାରିତ ଓ ଏଠାରେ ବିଶାଳ ସାମୁଦ୍ରିକ ଜୀବଜଗତର ମଜା ନେବାର ଅଛି। ଲାକ୍ଷାଦ୍ୱୀପକୁ ପର୍ଯ୍ୟଟନରେ ଯିବା ପାଇଁ ସେ ଲେଖିଛନ୍ତି। ଅଭିନେତ୍ରୀ ଶ୍ରଦ୍ଧା କପୁର ମଧ୍ୟ ସେମାନଙ୍କ ସହ ସ୍ୱର ମିଳାଇଛନ୍ତି। ଅଭିନେତା ସଲମାନ ଖାନ୍ ଲାକ୍ଷାଦ୍ୱୀପର ସୁନ୍ଦର ଓ ସ୍ୱଚ୍ଛ ବେଳାଭୂମିକୁ ଉଚ୍ଚ ପ୍ରଶଂସା କରିଛନ୍ତି। କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ମଧ୍ୟ ଏହି ଅଭିଯାନରେ ନିଜକୁ ସାମିଲ କରିଛନ୍ତି।


ଅକ୍ଷୟ କୁମାର


ଶ୍ରଦ୍ଧା କପୁର


ସଲମାନ୍ ଖାନ୍

## ଫୁରସତ୍

### ୨ କପ୍ ୟୁନିଭର୍ସରେ ନଜର ଆସିବେ ଶ୍ୱେତା

**ମୁମ୍ବାଇ:** ରୋହିତ ଶେଟ୍ଟୀଙ୍କ ବହୁ ପ୍ରତୀକ୍ଷିତ ଧାରାବାହିକ ’ଇଣ୍ଡିଆନ ପୋଲିସ ଫୋର୍ସ’ର ଟ୍ରେଲର ଗୋଟିଏ ଦିନ ପୂର୍ବରୁ ଲଞ୍ଚ ହୋଇଥିଲା। କପ୍ ୟୁନିଭର୍ସର ଏହି ପ୍ରଥମ ସିରିଜରେ ସିଦ୍ଧାର୍ଥ ମାଲହୋତ୍ରା, ଶିଲ୍ପା ଶେଟ୍ଟୀ ଏବଂ ବିବେକ ଓବରୋଇ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଥିବାବେଳେ ଟେଲି ଅଭିନେତ୍ରୀ ଶ୍ୱେତା ତିୱାରୀ ମଧ୍ୟ ଏକ ବିଶେଷ ଭୂମିକା ଗ୍ରହଣ କରିଛନ୍ତି। ଲୋକେ ସିରିଜର ଟ୍ରେଲରକୁ ବହୁତ ପ୍ରଶଂସା କରୁଛନ୍ତି। ଏହି ସିରିଜ ପରେ କପ୍ ୟୁନିଭର୍ସର ’ସିଙ୍ଘମ ଏଗେନ’ର ପରବର୍ତ୍ତୀ ଏପିସୋଡ ମୁକ୍ତିଲାଭ କରିବ। ଏଥିରେ ଅଜୟ ଦେବଗନ, ଟାଇଗର ଶ୍ରଫ, ଅକ୍ଷୟ କୁମାର, ରଣବୀର ସିଂ, ଅର୍ଜୁନ କପୁର ଅଭିନୟ କରିବେ। କରୀନା କପୁର ଖାନ୍ ଏବଂ ଦୀପିକା ପାଦୁକୋନ ମଧ୍ୟ ରହିବେ। ଶ୍ୱେତା ତିୱାରୀ ମଧ୍ୟ ରୋହିତ ଶେଟ୍ଟୀଙ୍କ ’ସିଙ୍ଘମ ଏଗେନ’ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଶ୍ୱେତା ଇଣ୍ଡିଆନ୍ ପୋଲିସ ଫୋର୍ସରେ ଜଣେ ପୋଲିସ ଇନ୍ସପେକ୍ଟର ଭୂମିକାରେ ଅଭିନୟ କରୁଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସିଙ୍ଘମ ଏଗେନ୍‌ର ଏକ ଅଂଶ ହେବା ବିଷୟରେ ଶ୍ୱେତା କହିଛନ୍ତି, ରୋହିତ ସାର୍ ମୋତେ କହିଥିଲେ, ଯଦି ସେ ପ୍ରତିଦିନ ଇଣ୍ଡିଆନ ପୋଲିସ ଫୋର୍ସ ସେଟରେ ମୋତେ ଖାଦ୍ୟ ଆଣିଦିଅନ୍ତି ତେବେ ସେ ମୋତେ ଆଉ ଏକ ପ୍ରୋଜେକ୍ଟ ଦେବେ। କିନ୍ତୁ ଏହା ବିନା ସେ ତାଙ୍କର ପରବର୍ତ୍ତୀ ଚଳଚ୍ଚିତ୍ର ପ୍ରଦାନ କରିଥିଲେ।



## ପାକସ୍ଥଳୀରେ ୯ କୋଟିର କୋକେନ୍

### ଅନ୍ତର୍ଜାତୀୟ ଡ୍ରଗ୍ସ ଚାଲାଣ ର୍‍ୟାକେଟ୍ ପର୍ଦ୍ଦାଫାଶ

ମୁମ୍ବାଇ, ୭।୧

ଇଥିଓପିଆରୁ ଭାରତକୁ ଉଚ୍ଚମାନର କୋକେନ୍ ଚୋରାଚାଲାଣ ବେଳେ ମୁମ୍ବାଇ ପୋଲିସ ୨ ଜଣ ବିଦେଶୀଙ୍କୁ ଗିରଫ କରିଛି। ଫଳରେ ଏକ ଅନ୍ତର୍ଜାତୀୟ ନିଶା ଚୋରା କାରବାର ର୍‍ୟାକେଟ୍‌ର ପର୍ଦ୍ଦାଫାଶ୍ ହୋଇଛି। ନାଇଜେରିଆର ଡାନିଏଲ୍ ନେମେକ୍(୩୮) ଏବଂ ଭେନେଜୁଏଲାର ଜୋଏଲ୍ ରାମୋସ୍(୧୯)ଙ୍କଠାରୁ ୮୮୦ ଗ୍ରାମ କୋକେନ୍ ଜବତ କରାଯାଇଛି, ଯାହାର ଅନ୍ତର୍ଜାତୀୟ ବଜାର ମୂଲ୍ୟ ୯ କୋଟି ଟଙ୍କା। ସେମାନେ କୋକେନ୍ କ୍ୟାପ୍‌ସୁଲଗୁଡ଼ିକୁ ଗିଳିଦେଇ ପାକସ୍ଥଳୀରେ ସେଗୁଡ଼ିକୁ ଧରି ଭାରତ ଆସିଥିଲେ। ଶନିବାର ଭୋର ସମୟରେ ମୁମ୍ବାଇର ସାକି ବିହାର ରୋଡ୍‌ରେ ପାଟ୍ରୋଲିଂ ବେଳେ ସେମାନେ ତରତର ହୋଇ ଚାଲିଯାଉଥିବା ଦେଖି ପୋଲିସ ସେମାନଙ୍କୁ ଅଟକାଇବାକୁ କହିଥିଲା। ସେମାନେ ନ ଅଟକି ଏକ ଅଟୋ ଯୋଗେ ପଳାଇବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଟିମ୍ ସେମାନଙ୍କୁ ପିଛା କରି ଧରିଥିଲା। ନେମେକ ୨୦୧୭ରୁ ଭାରତରେ ରହିଥିବାବେଳେ ତାଙ୍କ ପାଖରେ ବୈଧ ଭ୍ରମଣ କାଗଜପତ୍ର ନ ଥିବା ପୋଲିସ କହିଛି। ସେମାନେ ନଭି ମୁମ୍ବାଇର ଜଣେ ଡିଷ୍ଟ୍ରିବ୍ୟୁଟରଙ୍କୁ କୋକେନ୍ ଯୋଗାଉଥିଲେ। ରାମୋସ୍ ଗତ ୧ ତାରିଖରୁ ବ୍ରାଜିଲର ସାଓ ପାଉଲୋରୁ ଇଥିଓପିଆର ଆଡିସ୍ ଅବାବା ଦେଇ ମୁମ୍ବାଇ ଆସିଥିଲେ ଓ ସାକିନାକାର ଏକ ହୋଟେଲରେ ରହୁଥିଲେ।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁଆରୀ ୮/୨୦୨୪ | Bhubaneswar, Monday, January 8/2024 | ପୃଷ୍ଠା-୧









ମାଲକାନଗିରି ବିମାନ ବନ୍ଦରରେ ରବିବାର ଟ୍ରାଏଲ ରନ୍‌ରେ ପହଞ୍ଚିଥିବା ବିମାନକୁ ଅଗ୍ନିଶମ କର୍ମଚାରୀମାନେ ପାଣି ପକାଇ ସ୍ୱାଗତ କରୁଛନ୍ତି। (ଫଟୋ-ଦୁର୍ଯ୍ୟୋଧନ ପାତ୍ର) ରିପୋର୍ଟ : ପୃଷ୍ଠା-୩

## ଖଣି, ଶିଳ୍ପାଞ୍ଚଳ ବାସିନ୍ଦା ଯକ୍ଷ୍ମା କବଳିତ

### ୨ ବର୍ଷରେ ୫୫% ରୋଗୀ ଚିହ୍ନଟ

ଯାଜପୁର,୭।୧ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର କଳିଙ୍ଗନଗର ଅଞ୍ଚଳରେ ୧୯୯୫ରୁ ଶିଳ୍ପାୟନ ଯୁଗ ଆରମ୍ଭ ହୋଇଛି। ଏହାର ବହୁ ପୂର୍ବରୁ ଜିଲାର ସୁକିନ୍ଦା ଅଞ୍ଚଳରେ ଖଣି ଖନନ ଆରମ୍ଭ ହୋଇଥିଲା। ବ୍ରାହ୍ମଣୀ ଓ ଏହାର ଉପନଦୀ ଖରସ୍ରୋତା କୂଳରେ ୧୫ରୁ ଊର୍ଦ୍ଧ୍ୱ ଇସ୍ପାତ ଓ ସିମେଣ୍ଟ କାରଖାନା ତଥା କ୍ୟାପ୍‌ଟିଭ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ହୋଇଛି। ଇତିମଧ୍ୟରେ କେତେକ ବୃହତ୍ ଶିଳ୍ପ କାରଖାନାର ସମ୍ପ୍ରସାରଣ ମଧ୍ୟ ଚାଲିଛି। ଏହାବାଦ ସୁକିନ୍ଦା ବ୍ଲକ ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ କ୍ରୋମାଇଟ୍ ଖଣି ତଥା ଧର୍ମଶାଳା ବ୍ଲକରେ ଶତାଧିକ କଳାପଥର ଖନନ ଚାଲିଛି। ଜିଲାରେ ଏହି ଦ୍ରୁତ ଶିଳ୍ପାୟନ ରାଜ୍ୟ ବାହାର ଲୋକଙ୍କୁ ଅଧିକ ଲାଭବାନ୍ କରିଥିବାବେଳେ ଜିଲାର ଅଧିବାସୀଙ୍କ ଆର୍ଥିକ ଅଭିବୃଦ୍ଧିରେ କ'ଣ ସହାୟକ ହୋଇଛି ତାହା ସମସ୍ତଙ୍କୁ ଜଣା। କିନ୍ତୁ ଏହି ଶିଳ୍ପ କାରଖାନା ଓ ଖଣି ଅଞ୍ଚଳର ବାସିନ୍ଦା ଏବେ ଯକ୍ଷ୍ମା କବଳରେ କବଳିତ। ଗତ ୧୫ ବର୍ଷରେ ଶିଳ୍ପ ଓ ଖଣି ପ୍ରଦୂଷଣ ଜନିତ କାରଣରୁ ଯକ୍ଷ୍ମା ପ୍ରବଣତା ବୃଦ୍ଧି ପାଇ ୫୫%ରେ ପହଞ୍ଚିବା ଉଦ୍‌ବେଗର କାରଣ ହୋଇଛି।

ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ୨୦୨୨ରେ ୧୭୦୦ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଛନ୍ତି। ସେଥିରୁ ୧୪୭୮ ରୋଗୀଙ୍କ ଚିକିତ୍ସା ସଫଳ ହୋଇଥିବାବେଳେ ୭୪ ରୋଗୀଙ୍କ ମୃତ୍ୟୁ ହୋଇଛି। ତେବେ କ୍ରୋମାଇଟ୍ ଖଣି ଭାବେ ପରିଚିତ ସୁକିନ୍ଦା ଟିବି ୟୁନିଟ୍‌ରେ ସର୍ବାଧିକ ୨୬୦, ଲଘୁ ଖଣି ଅଞ୍ଚଳ ଧର୍ମଶାଳା ୟୁନିଟ୍‌ରେ ୧୯୯, ଶିଳ୍ପ କାରଖାନା ଦାନଗଦି ୟୁନିଟରେ ୧୯୩ ଓ ଯାଜପୁର ରୋଡ୍ ୟୁନିଟରେ ୨୩୧ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଛି। କହିବାବାହୁଲ୍ୟ, ଚିହ୍ନଟ ସମୁଦାୟ ୧୭୦୦ରୁ ୮୮୩ ଜଣ(୫୪%) କେବଳ ଶିଳ୍ପ ଓ ଖଣି ଅଞ୍ଚଳର। ତଦନୁସାରେ ଯକ୍ଷ୍ମାଜନିତ ମୃତ୍ୟୁସଂଖ୍ୟା ମଧ୍ୟ ଏଠାରେ ସର୍ବାଧିକ ୩୨ ଜଣ ରହିଛନ୍ତି। ☞ପୃଷ୍ଠା-୨

# ପୁଣି ଧର୍ମଘଟ, ତୈଳ ସଙ୍କଟ

ଭୁବନେଶ୍ୱର, ୭।୧ (ସୁନିତ୍ ମିଶ୍ର)

ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ପକ୍ଷରୁ ସୋମବାରଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧର୍ମଘଟ ଡାକରା ଦିଆଯାଇଛି। କେନ୍ଦ୍ରର ନୂଆ ଆପରାଧିକ ଆଇନ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍-୨୦୨୩)ରେ ଗାଡ଼ି ଚାଳକଙ୍କ ପାଇଁ କରାଯାଇଥିବା ଦଣ୍ଡବିଧାନକୁ ବିରୋଧ କରି ଏହି ଆହ୍ୱାନ ଦିଆଯାଇଥିବା ରବିବାର ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ସଭାପତି ଜନାର୍ଦ୍ଦନ ପତି କହିଛନ୍ତି। ଏହି ଧର୍ମଘଟ ସମୟରେ ସବୁ ଅଏଲ୍ କମ୍ପାନୀ ଡିପୋ ଅଫିସ୍‌କୁ ତେଲ ଯୋଗାଣ ବନ୍ଦ ରଖିବେ ବୋଲି ମହାସଂଘ ପକ୍ଷରୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ତେବେ ବନ୍ଦ ଡାକରା ପରେ ରାଜ୍ୟରେ ପେଟ୍ରୋଲ, ଡିଜେଲ ସଙ୍କଟ ଦେଖାଦେବା ଏକପ୍ରକାର ନିଶ୍ଚିତ ବୋଲି ସୂଚନା ମିଳିଛି। କାରଣ ଗତ ୩ ଦିନ ହେଲା ହିଟ୍ ଆଣ୍ଡ ରନ୍ ମାମଲାରେ ଗାଡ଼ି ଚାଳକଙ୍କୁ ୧୦ ବର୍ଷ ଜେଲ ଏବଂ ୭ ଲକ୍ଷ ଟଙ୍କାର ଜରିମାନା ଆଦାୟ ନିୟମକୁ ବିରୋଧ କରି ରାଜ୍ୟବ୍ୟାପୀ ଡ୍ରାଇଭର ସଂଘ ପକ୍ଷରୁ ଷ୍ଟିୟରିଂ ଛାଡ଼ ଡାକରା ଦିଆଯାଇଥିଲା। ଏଥିଯୋଗୁ ପେଟ୍ରୋଲ, ଡିଜେଲ ଯୋଗାଣ ଏକପ୍ରକାର ବନ୍ଦ ହୋଇଯାଇଥିଲା। ଶନିବାର ରାଜ୍ୟବ୍ୟାପୀ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବା ସଙ୍ଗେସଙ୍ଗେ ଅଧିକାଂଶ ପେଟ୍ରୋଲ ପମ୍ପ ଡ୍ରାଏ ସମସ୍ୟା ଯୋଗୁ ବନ୍ଦ ମଧ୍ୟ ରହିଥିଲା।

ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ପ୍ରତ୍ୟାହାରର ଦିନକ ପରେ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ପକ୍ଷରୁ ଦିଆଯାଇଥିବା ଧର୍ମଘଟ ଡାକରା ଏବେ ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ପେଟ୍ରୋଲ, ଡିଜେଲ ମିଳିବା ଆଶଙ୍କା କରି ପେଟ୍ରୋଲ ପମ୍ପରେ ଲମ୍ବା ଧାଡି କରି ଅଧିକ ପରିମାଣର ପେଟ୍ରୋଲ, ଡିଜେଲ ଭର୍ତ୍ତି କରିବା ଆରମ୍ଭ କରିଦେଇଛନ୍ତି। ଏଥିଯୋଗୁ ସୋମବାର ସନ୍ଧ୍ୟା ସୁଦ୍ଧା ପମ୍ପଗୁଡ଼ିକରେ ତେଲ ଅଭାବ ଦେଖାଦେବ ବୋଲି ଉତ୍କଳ ପେଟ୍ରୋଲିୟମ୍ ଡିଲର ସଂଘ ସାଧାରଣ ସମ୍ପାଦକ ସଞ୍ଜୟ ଲାଠ କହିଛନ୍ତି। ଅନ୍ୟପଟେ ଏଭଳି ବାରମ୍ବାର ଦିଆଯାଉଥିବା ବନ୍ଦ ଡାକରାକୁ ବ୍ୟବସାୟୀ ସଂଘଠାରୁ ଆରମ୍ଭ କରି ଅନ୍ୟ କେତେକ ସଂଘ ବିରୋଧ ମଧ୍ୟ କରିଛନ୍ତି। ଆନ୍ଦୋଳନ ନେଇ ମହାସଂଘ ସଭାପତି ଜନାର୍ଦ୍ଦନ ପତି କହିଛନ୍ତି ଯେ, ହିଟ୍ ଆଣ୍ଡ ରନ୍ ମାମଲାରେ ଚାଳକଙ୍କୁ ୧୦ ବର୍ଷ ଜେଲ ଓ ୭ ଲକ୍ଷ ଟଙ୍କା ଜରିମାନା କରାଯିବ। ଏଇଟା ଶ୍ରମିକମାନଙ୍କ ବେକରେ ଫାଶୀ ଲଗାଇଲା ଭଳି କଥା ହୋଇଛି। ପୂର୍ବରୁ ଇଣ୍ଡିଆନ୍ ପେନାଲ୍ କୋଡ୍‌ର ୧୦୪ ନମ୍ବର ଧାରା(କ) ଅନୁସାରେ ହିଟ୍ ଆଣ୍ଡ ରନ୍ ମାମଲାରେ ଚାଳକଙ୍କୁ ୨ ବର୍ଷ ଜେଲଦଣ୍ଡ ଥିଲା। ହେଲେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଆସିଲା ପରେ ଇଣ୍ଡିଆନ୍ ପେନାଲ୍ କୋଡ୍‌କୁ ପରିବର୍ତ୍ତନ କରି ଭାରତୀୟ ନ୍ୟାୟ ସଂହିତା କରିଛନ୍ତି। ଯେଉଁଥିରେ ଚାଳକଙ୍କୁ ୧୦ ବର୍ଷ ଜେଲ ଓ ୭ ଲକ୍ଷ ଟଙ୍କା ଜରିମାନା କରାଯାଇଛି। କେନ୍ଦ୍ର ସରକାରଙ୍କ ଏପରି ନିଷ୍ପତ୍ତିକୁ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ପ୍ରତ୍ୟାଖ୍ୟାନ କରୁଛି। ଯଥାଶୀଘ୍ର କେନ୍ଦ୍ର ସରକାର ଏହି ଆଇନକୁ ପ୍ରତ୍ୟାହାର କରନ୍ତୁ। ଏହି ଆଇନ ପ୍ରତ୍ୟାହାର ନ ହେଲେ ଆଗାମୀ ଦିନରେ ସମଗ୍ର ଭାରତ ବର୍ଷରେ ଆନ୍ଦୋଳନ ହେବ। ଏହି ପରିପ୍ରେକ୍ଷୀରେ ମହାସଂଘ ଚାହୁଁଛି ରାଜ୍ୟ ସରକାର ଡ୍ରାଇଭରଙ୍କୁ ନ୍ୟାୟ ଦିଅନ୍ତୁ। ଆଇନ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ରାଜ୍ୟ ସରକାର ଚାପ ପକାନ୍ତୁ। କିନ୍ତୁ ରାଜ୍ୟ ସରକାର ଯଦି ପୋଲିସ ଲଗାଇ ଡ୍ରାଇଭରମାନଙ୍କ ଆନ୍ଦୋଳନକୁ ଦମନ କରିବାକୁ ଉଦ୍ୟମ କରନ୍ତି, ତେବେ ବୁଝିବାକୁ ପଡ଼ିବ ରାଜ୍ୟ ସରକାର କୌଣସି ଶାନ୍ତିପୂର୍ଣ୍ଣ ପଦକ୍ଷେପ ନେବାକୁ ଚାହୁଁନାହାନ୍ତି ବୋଲି ଜନାର୍ଦ୍ଦନ କହିଛନ୍ତି।

ଉତ୍କଳ ପେଟ୍ରୋଲିୟମ୍ ଡିଲର ସଂଘ ସାଧାରଣ ସମ୍ପାଦକ ସଞ୍ଜୟ ଲାଠ କହିଛନ୍ତି, ଡ୍ରାଇଭର ଆନ୍ଦୋଳନ ଯୋଗୁ ଶନିବାର ଅଧିକାଂଶ ପେଟ୍ରୋଲ ପମ୍ପରେ ଷ୍ଟକ୍ ବହୁତ କମି ଯାଇଥିଲା। ମାଲକାନଗିରି, ନବରଙ୍ଗପୁର କୋରାପୁଟ ଭଳି ଉପାନ୍ତ ଅଞ୍ଚଳରେ ପେଟ୍ରୋଲ ପମ୍ପରେ ତେଲ ସଙ୍କଟ ଦେଖାଦେଇଥିଲା। ତେବେ ଶନିବାର ସନ୍ଧ୍ୟାରେ ଡ୍ରାଇଭର ଆନ୍ଦୋଳନ ପ୍ରତ୍ୟାହାର ପରେ ଡିପୋରୁ ୨୫ରୁ ୩୦% ଟ୍ୟାଙ୍କରରେ ତେଲ ଲୋଡିଂ ହୋଇପାରିଛି। ରବିବାର ସତ୍ତ୍ୱେ ସକାଳୁ କିଛି ଡିପୋରୁ ଅଳ୍ପ କିଛି ଟ୍ୟାଙ୍କରରେ ତେଲ ଲୋଡ ହୋଇଛି। କିନ୍ତୁ ସୋମବାରଠାରୁ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ପକ୍ଷରୁ ପୁଣି ଧର୍ମଘଟ ହେଲେ ସନ୍ଧ୍ୟା ସୁଦ୍ଧା ପ୍ରାୟ ପେଟ୍ରୋଲ ପମ୍ପରେ ପୁଣି ତେଲ ଅଭାବ ଦେଖାଦେବ। ତେଣୁ ତେଲ ଯୋଗାଣ ସ୍ୱାଭାବିକ କରିବା ନେଇ ସରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ଉତ୍କଳ ପେଟ୍ରୋଲିୟମ ଡିଲର ସଂଘ କହିଛି।

ରାଜ୍ୟ ବସ୍ ଆସୋସିଏଶନ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି ଯେ, ସବୁଦିନ ଏମିତି ଲଗାତର ଭାବେ ଧର୍ମଘଟ କରି ଲୋକଙ୍କୁ ହଇରାଣ କରିବା ଠିକ୍ ହେଉନାହିଁ। ବସ୍ ଆସୋସିଏଶନ ଏହାକୁ ସମର୍ଥନ କରୁନାହିଁ। ☞ପୃଷ୍ଠା-୨

## ଶ୍ରୀମନ୍ଦିରରେ ପଶିଲେ ବିଦେଶିନୀ

ପୁରୀ, ୭।୧ (ଅଜିତ୍ ମହାନ୍ତି)

ଶ୍ରୀମନ୍ଦିରରେ ରବିବାର ଜଣେ ବିଦେଶିନୀ ପ୍ରବେଶ କରିଛନ୍ତି। ଏ ନେଇ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ ଦେଖିବାକୁ ମିଳୁଛି ଯେ, ଜଣେ ବିଦେଶୀ ମହିଳା ଶ୍ରୀମନ୍ଦିରରୁ ବାହାରୁଛନ୍ତି। କେହି ଜଣେ ସେବାୟତ ତାଙ୍କୁ ଶ୍ରୀମନ୍ଦିର ବ୍ୟାରିକେଡ୍ ବାହାରକୁ ଚାଲିଯିବାକୁ କହୁଛନ୍ତି। ପରେ ବିଦେଶିନୀ ଜଣଙ୍କ ବାହାରକୁ ଚାଲିଯାଉଛନ୍ତି। ଏହି ଘଟଣାକୁ ନେଇ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବ୍ୟାରିକେଡ୍‌ଠାରୁ ସିଂହଦ୍ୱାର ସମ୍ମୁଖ ପର୍ଯ୍ୟନ୍ତ କଡ଼ା ପୋଲିସ ମୁତୟନ ସହ ଯାଞ୍ଚ ବ୍ୟବସ୍ଥା ଥିବାବେଳେ ଜଣେ ଅଣହିନ୍ଦୁ କିପରି ଶ୍ରୀମନ୍ଦିର ଭିତରକୁ ପଶିଗଲେ ସେ ନେଇ ପ୍ରଶ୍ନ ଉଠିଛି। ସେହିପରି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ପ୍ରତି ଉକ୍ତ ଘଟଣା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ମଧ୍ୟାହ୍ନ ସମୟରେ ବିଦେଶିନୀ ଜଣକ ଭକ୍ତଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟାରିକେଡ ଦେଇ ଶ୍ରୀମନ୍ଦିର ସିଂହଦ୍ୱାର ବାଟେ ଯାଇ ସାତପାହାଚ ପାଖରେ ପହଞ୍ଚି ଯାଇଥିଲେ। ସେଠାରୁ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଯାଉଥିବାବେଳେ ନିୟୋଜିତ ଥିବା କେତେଜଣ ପୋଲିସ କର୍ମଚାରୀ ଏବଂ ସେବାୟତ ତାଙ୍କୁ ହଠାତ୍ ଦେଖିଦେଇଥିଲେ। ସେମାନେ ତାଙ୍କୁ ସେଠାରେ ରୋକିବା ସହ ବାହାରକୁ ଚାଲିଯିବା ପାଇଁ କହିଥିଲେ। ଫଳରେ ବିଦେଶୀ ମହିଳା ଜଣଙ୍କ ଶ୍ରୀମନ୍ଦିର ବାହାରକୁ ଚାଲିଆସିଥିଲେ। ତେବେ ଏହି ଘଟଣାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ମଧ୍ୟ ଅନେକ ଥର ଏଭଳି ଘଟଣା ଘଟିଥିବା ନଜରକୁ ଆସିଛି। ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ବାରମ୍ବାର ଏଭଳି ଘଟଣା ଘଟୁଥିବା ଜଗନ୍ନାଥପ୍ରେମୀ ମତ ପ୍ରକାଶ କରିଛନ୍ତି। ତୁରନ୍ତ ଏହି ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜଗନ୍ନାଥପ୍ରେମୀ ଦାବି କରିଛନ୍ତି। ତେବେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନର ପ୍ରତିକ୍ରିୟା ମିଳିପାରିନାହିଁ। ଉଲ୍ଲେଖଥାଉ କି, କିଛିଦିନ ତଳେ ଜଣେ ଯୁବତୀ ଶ୍ରୀମନ୍ଦିର ନିର୍ମାଲ୍ୟ ଖଳାରେ ରିଲ୍ସ କରୁଥିବା ଭିଡିଓ ଭାଇରାଲ ହୋଇଥିଲା।

**ଆଜିର ସମ୍ପାଦକୀୟ** ଗଞ୍ଜାଙ୍କୁ ଭାଏଗ୍ରା

## ମୋଦିଙ୍କ ଫଟୋରୁ ସମ୍ପର୍କରେ ତିକ୍ତତା

ମାଲେ,୭।୧



ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାକ୍ଷାଦ୍ୱୀପ ଗସ୍ତ କରି ସାମାଜିକ ଗଣମାଧ୍ୟମରେ କେତେକ ଫଟୋ ପୋଷ୍ଟ କରିଥିଲେ। ସେଥିରୁ ବିବାଦ ଉପୁଜିବା ପରେ ଭାରତ-ମାଳଦ୍ୱୀପ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଛି। ସୋସିଆଲ ମିଡିଆରେ ମୋଦି ଲେଖିଥିଲେ, ଯେଉଁମାନେ ରୋମାଞ୍ଚକୁ ଭଲ ପାଆନ୍ତି, ସେମାନେ ନିଶ୍ଚିତ ଭାବେ ଲାକ୍ଷାଦ୍ୱୀପ ଆସିବା ଉଚିତ। ଇତିମଧ୍ୟରେ ଗୁଗଲରେ 'ଲାକ୍ଷାଦ୍ୱୀପ'କୁ ଲୋକେ ସର୍ଚ୍ଚ କରିବା ସହ ପର୍ଯ୍ୟଟକମାନେ ଛୁଟିରେ ମାଳଦ୍ୱୀପ ପରିବର୍ତ୍ତେ ଲାକ୍ଷାଦ୍ୱୀପକୁ ଯିବା ଉଚିତ ବୋଲି ସାମାଜିକ ଗଣମାଧ୍ୟମରେ ବିତର୍କ ସୃଷ୍ଟି ହେଲା। ଫଳରେ ମାଳଦ୍ୱୀପର ମନ୍ତ୍ରୀ ମରିୟମ୍ ଶିଉନା ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ମୋଦିଙ୍କୁ 'କ୍ଲୋନ୍' ଏବଂ 'ପପେଟ୍' ବୋଲି ଉଲ୍ଲେଖ କରିଥିଲେ। ଆଉ ଏକ ପୋଷ୍ଟରେ ସେ ଲେଖିଥିଲେ, ମାଳଦ୍ୱୀପକୁ ଭାରତୀୟ ସେନାର ଆବଶ୍ୟକତା ନାହିଁ। ମରିୟମ୍‌ଙ୍କ ପରେ ମାଳଦ୍ୱୀପର ଅନ୍ୟ ୨ ମନ୍ତ୍ରୀ ମାଲ୍‌ଶା ଶରିଫ ଓ ମହଜୁମ୍ ମାଜିଦ୍ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଥିଲେ। ଆମ ଭଳି ଆତିଥେୟତା ଓ ସେବା ଆଉ କେଉଁ ଦେଶ ଦେଇପାରିବ ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ। ଏହା ଉପରେ ଭାରତୀୟ ସେଲିବ୍ରିଟିମାନେ ନାନା ମନ୍ତବ୍ୟ ଦେବାରେ ଲାଗିଲେ। ବିବାଦ ବଢ଼ିବାରୁ ମାଳଦ୍ୱୀପ ସରକାର ରବିବାର ଉପରୋକ୍ତ ୩ ମନ୍ତ୍ରୀଙ୍କୁ ନିଲମ୍ବନ କରିଛନ୍ତି।

## ଓଡ଼ିଶାରେ କଳାବାଘ ପରିବାର

ଭୁବନେଶ୍ୱର, ୭।୧ (ଅସମାପିକା ସାହୁ)

ଓଡ଼ିଶା ଜଙ୍ଗଲରେ ବାରମ୍ବାର କଳାବାଘ ଦେଖିବାକୁ ମିଳୁଛି। ଗତମାସ ଶିମିଳିପାଳରେ ଦୁଇଟି ବାଘ କ୍ୟାମେରା ଟ୍ରାପ୍‌ରେ ଠାବ କରାଯାଇଥିବା ବେଳେ ଏବେ ଆଉ ୪ଟି କଳାବାଘ ଏକାଥରକେ ବୁଲୁଥିବା ଦେଖାଯାଇଛି। ୪ଟି ବିରଳ କଳା ବାଘ ଜଙ୍ଗଲରେ ଏକାଠି ବୁଲୁଥିବା ବନ ବିଭାଗ କ୍ୟାମେରାରେ କଏଦ ହୋଇଛି। ଏମାନେ ଗୋଟିଏ ପରିବାରର ବୋଲି ଅନୁମାନ କରାଯାଉଛି। କଳା ବାଘ ପରିବାରର ଏକ ଭିଡିଓକୁ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ରବିବାର ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଭଳି ଦୃଶ୍ୟ ବିରଳରୁ ଅତି ବିରଳ ବୋଲି ପିସିସିଏଫ୍ ଲେଖିଛନ୍ତି। ଭିଡିଓରୁ ୪ଟି ଯାକ ମହାବଳ ବାଘ ବୋଲି ଜଣାପଡୁଛି। ଏମାନଙ୍କୁ ସିଡୋ ମେଲାନିଷ୍ଟିକ ଟାଇଗର ଭାବେ ବିବେଚନା କରାଯାଉଥିବାବେଳେ ଏହି ଭିଡିଓଟି ଶିମିଳିପାଳର ବୋଲି ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ରାଜ୍ୟରେ ବାଘ ଗଣନା ଚାଲୁଥିବା ବେଳେ ଗତବର୍ଷ ନଭେମ୍ବର ୨୯ରେ କେନ୍ଦ୍ରୀୟ ଓଡ଼ିଶାର ଏକ ନିର୍ଦ୍ଦିଷ୍ଟ ଜଙ୍ଗଲରେ ଏକ କଳା କଲରାପତରିଆ ବାଘ ଦେଖାଯାଇଥିଲା। ଏହାପରେ ଡିସେମ୍ବର ୨ରେ ୨ଟି କଳାବାଘ ଦେଖାଯାଇଥିଲା। ତେବେ ସେହି ଦୁଇଟିଯାକ ☞ପୃଷ୍ଠା-୨



# ଫେବୃଆରୀ ୩ରୁ ୩ଦିନ ଚାଲିବ ଓଡ଼ିଆ ଭାଷା ସମ୍ମିଳନୀ



ଭୁବନେଶ୍ୱର, ୭ା୧ (ସୁନିତ୍ ମିଶ୍ର)

- କଳାମଣ୍ଡଳ କାର୍ଯ୍ୟର ସମୀକ୍ଷା କଲେ ପାଣ୍ଡିଆନ
- ୪ ମାସ ମଧ୍ୟରେ ଏହାର ନିର୍ମାଣ କାମ ଶେଷ କରିବାକୁ ପରାମର୍ଶ
- କଳାମଣ୍ଡଳ ହେବ ରାଜ୍ୟର ସବୁଠାରୁ ବଡ଼ ସମ୍ମିଳନୀ କେନ୍ଦ୍ର

ରାଜ୍ୟରେ ପ୍ରଥମଥର ପାଇଁ ଆସନ୍ତା ଫେବୃଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମ୍ମିଳନୀକୁ ଆହୁରି ସ୍ମରଣୀୟ କରିବା ନିମନ୍ତେ ଭୁବନେଶ୍ୱର କଳାମଣ୍ଡଳ ପରିସରରେ ନିର୍ମିତ ହେଉଛି ଅକ୍ଷରଭୂମି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକୁ ୫-ଟି ତଥା ଆମ ଓଡ଼ିଶା ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରବିବାର କଳାମଣ୍ଡଳ ଯାଇ ଏହି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି କଳାମଣ୍ଡଳ ରାଜ୍ୟର ସବୁଠାରୁ ବଡ଼ ସମ୍ମିଳନୀ କେନ୍ଦ୍ର ହେବ। ଆସନ୍ତା ୪ ମାସ ମଧ୍ୟରେ ଏହାର ନିର୍ମାଣ କାମ ଶେଷ କରିବାକୁ ପାଣ୍ଡିଆନ୍ ନିର୍ଦ୍ଦେଶ ଦେଇଛନ୍ତି। କଳାମଣ୍ଡଳର ଆଭ୍ୟନ୍ତରୀଣ ସାଜସଜ୍ଜା ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ପୃଷ୍ଠଭୂମି ଢାଞ୍ଚାରେ କରିବାକୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଏହି ସମ୍ମିଳନୀ କେନ୍ଦ୍ରର ନିର୍ମାଣ ଦାୟିତ୍ୱ ଇଡ୍କୋ ନେଇଛି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ସ୍ମରଣୀୟ କରିବା ପାଇଁ କଳାମଣ୍ଡଳ ପରିସରରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବା ଅକ୍ଷରଭୂମି କାମ ମଧ୍ୟ ପାଣ୍ଡିଆନ୍ ବୁଲି ଦେଖିଛନ୍ତି। ଖଣ୍ଡୋଲାଇଟ ପଥରରେ କଳିଙ୍ଗ ଶୈଳୀରେ ଓଡ଼ିଶାର କଳା ଓ ଭାସ୍କର୍ଯ୍ୟର ଅପୂର୍ବ ନିଦର୍ଶନ ହେବ। ଏହା ଆମର ମହାନ୍ ଐତିହ୍ୟ ଓ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଗୌରବ ବିଷୟରେ ଅକ୍ଷରଭୂମି ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେଇଚାଲିବ। ଓଡ଼ିଆ ଭାଷା ଅସ୍ମିତାର ପରିଚୟ ହେବ ବୋଲି ପାଣ୍ଡିଆନ ଆଶାବ୍ୟକ୍ତ କରିଛନ୍ତି। ସେଠାରେ ମଧ୍ୟ ଏକ ଓଡ଼ିଆ ଭାଷା ସମ୍ମିଳନୀ ସ୍ମୃତି ତୋରଣ ନିର୍ମାଣ କରାଯାଉଛି । ଏହି ଅକ୍ଷରଭୂମି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାର ନିର୍ମାଣ କାର୍ଯ୍ୟ ଉଭୟ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ ପୂର୍ତ୍ତ ବିଭାଗ ସହଯୋଗରେ କରାଯାଉଛି। ଭବିଷ୍ୟତ ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି ଅଧିକ ଖୋଲା ସ୍ଥାନ ରଖିବା ଏବଂ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବେସ୍‌ମେଣ୍ଟରେ ପାର୍କିଂ ବ୍ୟବସ୍ଥାର ବିକାଶ ପାଇଁ ସ୍ଥିର କରାଯାଇଥିଲା। କ୍ୟାମ୍ପସ୍‌ରେ ଅଧିକ ଗଛ ଲଗାଇ ଏହାକୁ ସବୁଜ ସୁନ୍ଦର କରିବା ତଥା ବିଭିନ୍ନ ପରିବେଶ ଅନୁକୂଳ ଜିନିଷ ବ୍ୟବହାର କରିବା ପାଇଁ ପାଣ୍ଡିଆନ ପରାମର୍ଶ ଦେଇଛନ୍ତି। ୫-ଟି ଅଧ୍ୟକ୍ଷଙ୍କ ଏହି ଗସ୍ତ ସମୟରେ ବିଡିଏ ଉପାଧ୍ୟକ୍ଷ ବଳୱନ୍ତ ସିଂ, ଏମ୍‌ଡି ଇଡ୍କୋ ଭୂପିନ୍ଦର ସିଂ ପୁନିଆ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ନିର୍ଦ୍ଦେଶକ ଦିଲୀପ ରାଉତରାୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୃଦୁଳା ପାଇଲେ 'ନୀଳିମାରାଣୀ ସାହିତ୍ୟ ସମ୍ମାନ'




ସାହିତ୍ୟିକା ମୃଦୁଳା ଗର୍ଗ ଓ କଥାକାର ବିଜୟ ନାୟକ ଅତିଥିଙ୍କଠାରୁ ସମ୍ମାନ ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୭ା୧ (ଶର୍ମିଷ୍ଠା ପାଣିଗ୍ରାହୀ)

## କାଦମ୍ବିନୀ ସାହିତ୍ୟ ମହୋତ୍ସବ ଓ ପତ୍ରିକା ହାଟ

- ବିଜୟ ନାୟକଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ'
- 'କାଦମ୍ବିନୀ ସମ୍ପାଦକ ସମ୍ମାନ', 'କାଦମ୍ବିନୀ ନବଉନ୍ମେଷ ପୁରସ୍କାର', 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା', 'କୁନିକଥା ପ୍ରିୟଲେଖକ ସମ୍ମାନ' ପ୍ରଦାନ

ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ପକ୍ଷରୁ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ', 'କାଦମ୍ବିନୀ ପତ୍ରିକା ହାଟ', କବି-କବିତା କାର୍ଯ୍ୟକ୍ରମ, କୁନାକୁନି ମେଳା ଓ ଶିଶୁ ସାହିତ୍ୟ ମହୋତ୍ସବ ରବିବାର କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ଭାରତୀୟ ସାହିତ୍ୟିକା ମୃଦୁଳା ଗର୍ଗଙ୍କୁ 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୪' ଏବଂ କଥାକାର ତଥା ରାଷ୍ଟ୍ରପତିଙ୍କ ଅତିରିକ୍ତ ପ୍ରେସ୍ ସଚିବ ବିଜୟ ନାୟକଙ୍କୁ ଚଳିତବର୍ଷର 'କାଦମ୍ବିନୀ ସାହିତ୍ୟ ସମ୍ମାନ' ମିଳିଛି। ସମ୍ମାନ ବାବଦରେ ଉଭୟଙ୍କୁ ଯଥାକ୍ରମେ ୫ଲକ୍ଷ ଓ ୧ଲକ୍ଷ ଟଙ୍କାର ଅର୍ଥରାଶି ସହ ସନନ୍ଦପତ୍ର ପ୍ରଦାନ କରାଯାଇଥିଲା। ସେହିପରି 'ସୁଲେଖା' ସମ୍ପାଦକ ସଦାଶିବ ମିଶ୍ର ଓ 'ଗୋଧୂଳି' ସମ୍ପାଦିକା ବିମଳା ସିଂହଙ୍କୁ 'କାଦମ୍ବିନୀ ସମ୍ପାଦକ ସମ୍ମାନ' ସହ ୧୦ହଜାର ଟଙ୍କା ଅର୍ଥରାଶି ଦିଆଯାଇଥିଲା। ପ୍ରଫେସର ବୈଷ୍ଣବ ଚରଣ ସାମଲ, ରାଧାବିନୋଦ ନାୟକ, ସୁକାମିନୀ ନନ୍ଦ, ତୁଳସୀ ଓଝା ଓ ପ୍ରଫେସର ନାରାୟଣ ସାହୁଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା' ପ୍ରଦାନ ସହ ୧୦ ହଜାର ଟଙ୍କାର ଅର୍ଥରାଶି ଦିଆଯାଇଥିଲା। ଏଥିସହ ପାଲା ଗାୟିକା ପ୍ରଜ୍ଞା ରାଉତଙ୍କୁ 'କାଦମ୍ବିନୀ ସମ୍ବର୍ଦ୍ଧନା' ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ କରି ଗର୍ଗ କହିଥିଲେ, ଓଡ଼ିଆରେ ଯେତେ ସଂଖ୍ୟକ ଲଘୁ ପତ୍ରିକା ରହିଛି, ହିନ୍ଦୀରେ ସେତେ ନାହିଁ। ସେହିପରି ନାୟକ କହିଲେ, କାଦମ୍ବିନୀ ଆମ ରାଜ୍ୟର କେବଳ ପ୍ରତିବିମ୍ବ ନୁହେଁ, ପ୍ରତିଧ୍ୱନି।

ଉତ୍ସବରେ ଅତିଥି ଭାବେ ବିଶିଷ୍ଟ ଭାରତୀୟ ଲେଖିକା ଅନୀତା ଅଗ୍ନିହୋତ୍ରୀ, ବଲିଉଡ୍ ଅଭିନେତା ଅଭୟ ବର୍ମା, ହିନ୍ଦୀ ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ ସନ୍ଦୀପ ସିଂ, ବିଶିଷ୍ଟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ବିନୋଦ ଗନତ୍ରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅତିଥିମାନେ 'କାଦମ୍ବିନୀ' ଓ 'କୁନିକଥା'ର ଜାନୁଆରୀ ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିଲେ। 'କାଦମ୍ବିନୀ' ଓ 'କୁନିକଥା'ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦିକା ଡ. ଇତିରାଣୀ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

ଯୁବସାହିତ୍ୟ ସମ୍ମିଳନୀରେ ବିଶିଷ୍ଟ ସାହିତ୍ୟିକ ମିହିର କୁମାର ସାହୁ, ପଞ୍ଚାନନ ନାୟକ ଓ ଚିରଶ୍ରୀ ଇନ୍ଦ୍ରସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ଡିଲେଶ୍ୱର ରଣା, ସୌମ୍ୟା ମହାପାତ୍ର, ସଞ୍ଜୟ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଗଳ୍ପ ପାଇଁ ପ୍ରଜ୍ଞାପାରମିତା ରଥ, ମିୟୋଗ ରଞ୍ଜନ ପାତ୍ର ଓ ବେଦପ୍ରକାଶ ନାୟକ ଏବଂ କବିତା ପାଇଁ ନିଖିଳେଶ ମିଶ୍ର, ଅବକାଶ ପ୍ରଧାନ, ସଂଘମିତ୍ରା ଭୂଟିଆ, ଆଶିଷ କୁମାର ମିଶ୍ରଙ୍କୁ 'କାଦମ୍ବିନୀ ନବଉନ୍ମେଷ ପୁରସ୍କାର' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଭାବତୀ ଦାଶ ଓ କୈଳାସ ବେହେରା ସଞ୍ଚାଳନ କରିଥିଲେ। ଏଥିସହ ଶିଶୁସାହିତ୍ୟ ସମ୍ମିଳନୀ ଓ କୁନାକୁନି ମେଳାରେ ବିନୋଦ ଗନତ୍ରା, ବିଶିଷ୍ଟ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ବାବା ରାମନାରାୟଣ ଦାସ ଓ କୋଲକାତାସ୍ଥିତ ଏସ୍‌ଆର୍‌ଏଫ୍‌ଟିଆଇ ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ ପ୍ରମୁଖ ଯୋଗଦେଇଥିବା ବେଳେ ଯୁଗଳ କିଶୋର ଷଡ଼ଙ୍ଗୀ, ଜ୍ୟୋତିର୍ମୟୀ ମହାନ୍ତି, ମାନସ ରଞ୍ଜନ ସାମଲ ଓ ଶରତ କୁମାର ନାୟକଙ୍କୁ 'କୁନିକଥା ପ୍ରିୟଲେଖକ ସମ୍ମାନ' ପ୍ରଦାନ କରାଯାଇଥିଲା।

# ଭିତରକନିକାରେ ବଢ଼ିଲେ ୧୧,୪୬୨ ବିଦେଶୀପକ୍ଷୀ

ରାଜନଗର, ୭ା୧ (ଭାସ୍କର ରାଉତରାୟ)

## ୧୨୧ ପ୍ରଜାତିର ୧,୫୧,୪୨୧ ବିଦେଶୀ ପକ୍ଷୀ

ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟଉଦ୍ୟାନରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ରବିବାର ବନ ବିଭାଗ ପକ୍ଷରୁ ହୋଇଥିବା ଗଣନା ରିପୋର୍ଟରୁ ଏହା ଜଣାପଡିଛି। ଗତବର୍ଷ ଭିତରକନିକାରେ ୧,୩୯,୯୫୯ଟି ପକ୍ଷୀ ଆସିଥିବା ବେଳେ ଚଳିତବର୍ଷ ଭିତରକନିକାକୁ ୧,୫୧, ୪୨୧ପକ୍ଷୀ ଆସିଛନ୍ତି। ଅର୍ଥାତ ଗତବର୍ଷଠାରୁ ଚଳିତବର୍ଷ ଭିତରକନିକାକୁ ୧୧,୪୬୨ ପକ୍ଷୀ ଅଧିକ ଆସିଥିବା ଜଣାପଡ଼ିଛି। ଗତବର୍ଷ ଭିତରକନିକାକୁ ୧୪୦ ପ୍ରଜାତିର ପକ୍ଷୀ ଆସିଥିବାବେଳେ ଚଳିତବର୍ଷ ୧୨୧ ପ୍ରଜାତିର ଆସିଛନ୍ତି। ଲାର୍ଜ ହୁଇସିଲିଂ ଡକ ପ୍ରଜାତିର ପକ୍ଷୀ ସବୁଠୁ ଅଧିକ ୨୮,୦୯୦ ଆସିଛନ୍ତି। ଚଳିତବର୍ଷ ଭିତରକନିକାରେ ବିରଳ କମନସେଲ ଡକ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଏହି ପକ୍ଷୀ କମ ସଂଖ୍ୟାରେ ଦେଖା ଯାଇଥାନ୍ତି। ଏହି ପକ୍ଷୀ ଚଳିତବର୍ଷ ଅଧିକ ସଂଖ୍ୟାରେ ଦେଖିବାକୁ ମିଳିଛି। ଏହାବାଦେ ଭିତରକନିକାରେ କମନ ସୋଲଭର ଜାତୀୟ ପକ୍ଷୀଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ଚଳିତବର୍ଷ ଗ୍ରେବସ, ପେଲିକାନସ, କରମୋରାଣ୍ଟସ ଆଣ୍ଡ ଡାର୍ଟର, ହେରନସ, ଏଗ୍ରେଟ୍ସ ଏବଂ ବିଟର୍ସ, ଷ୍ଟୋର୍କସ, ଇବିସେସ ଏବଂ ସ୍ପୁନବିଲ, ଫ୍ଲମିଙ୍ଗସ, ଗିଜ ଏବଂ ଡକସ, କ୍ରେନଓ, ରେଲସ ଏବଂ ଗାଲିନଲସ ଏବଂ କୁଟ, ଫିନଫୁଟ ଏବଂ ଜାକାନାସ, ସୋରବାର୍ଡ ୱାଡର୍ସ, ଗଲ୍ସ, ଟରନଓ ଏବଂ ସ୍କିନରସ ଏବଂ ଅନ୍ୟାନ୍ୟ ବିଦେଶୀ ପକ୍ଷୀ ଗଣନା ବେଳେ ଚିହ୍ନଟ କରାଯାଇଛି। ଏହି ପକ୍ଷୀଗୁଡ଼ିକ ପ୍ରଚଣ୍ଡ ଶୀତ ଦାଉରୁ ରକ୍ଷା ପାଇବାକୁ ହିମାଳୟ ପାଦ ଦେଶ, ଲଦାଖ, ସାଇବେରିଆ ଓ ଉତ୍ତର ଗୋଲାର୍ଦ୍ଧରୁ ଆସିଥିବା ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି। ଶନିବାର ୧୮ଟି ଟିମ୍ ଭିତରକନିକା ଅଭୟାରଣ୍ୟର ମହାନଦୀ ଡେଲଟା ସମେତ ରାଇପାଟିଆ, ସାତଭାୟା ଘେରି, ସାତଭାୟାର ବିସ୍ତୀର୍ଣ୍ଣ ଆର୍ଦ୍ରଭୂମି, ଜମ୍ବୁ, ବଡିଘର, ବରୁଣେଇ ମୁହାଁଣ, ପ୍ରହରାଜପୁର, କଂସାରିପାଟିଆ, ଖୋଳା, ନଳିତାପାଟିଆ, ଦୁର୍ଗାପୁରମୁହାଣ, ଲକ୍ଷ୍ମୀପ୍ରସାଦଡ଼ିଆଁ, କାଳିଭଞ୍ଜଡିଆଁ, ମଗରକନ୍ଦା, ଚିଂଚିରି ମାଉଥ, ଚିତଉକୋଲ୍ଲା, ଭିତରକନିକା ମାଉଥ, ଏକମାଣିଆ, ରାଜଗଡ଼ ପ୍ରଭୃତି ସ୍ଥାନରେ ଏହି ଗଣନା କାର୍ଯ୍ୟ କରାଯାଇଥିଲା। ରାଜନଗର ବନ ବିଭାଗ ପକ୍ଷରୁ ୫ଟି ରେଞ୍ଜ ଅଞ୍ଚଳରେ ଭିଡ଼ ଜମାଇଥିବା ବିଦେଶାଗତ ପକ୍ଷୀଙ୍କ ଗଣନା କରାଯାଇଥିଲା। ସାଧାରଣତଃ ଖୋଲା ଜାଗା, ଧାନ ବିଲ, ନଦୀ ପଠା ଓ ଜଳାଶୟଗୁଡ଼ିକରେ ଅଧିକ ସଂଖ୍ୟକ ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଗତ ୧୬ ବର୍ଷର ଭିତରକନିକାରେ ଭିଡ଼ ଜମାଇଥିବା ବିଦେଶୀ ପକ୍ଷୀଙ୍କ ଗଣନା ରିପୋର୍ଟ ଅନୁସାରେ ଚଳିତବର୍ଷ ସର୍ବାଧିକ ଆସିଛନ୍ତି। ସାତଭାୟା, ଗହୀରମଥାର ଚଟକା ଓ ଶାସନପେଟା ଫରେଷ୍ଟ ବ୍ଲକ ଅଞ୍ଚଳରେ ଅଧିକ ସଂଖ୍ୟାରେ ବିଦେଶୀ ପକ୍ଷୀଙ୍କୁ ଦେଖିବାକୁ ମିଳିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେହେ ଲାଗିଲେ ଯେହ୍ନେ**
**ନ ଛାଡ଼େ ପଙ୍କ ପ୍ରକ୍ଷାଳନେ,**
**ମଦ୍ୟକୁ ଦେହେ ବୋଲି**
**ମଦ୍ୟ କେସନ ତା' ପଖାଳି ?**

ଦେହରେ ପଙ୍କ ଲାଗିଲେ ତାକୁ ପଙ୍କ ଧୋଇ ପାରିବନାହିଁ। ସେମିତି ମଦକୁ ମଦ ମଧ୍ୟ ଛଡ଼ାଇ ପାରିବ ନାହିଁ, ବରଂ ଏହା ମଦ୍ୟଭ୍ୟାସକୁ ଆହୁରି ତେଜେଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଦୁଧ ଉତୁରିଲେ ଚୁଲିରେ ପଶେ**
**ମଣିଷ ଉତୁରିଲେ ଗାତରେ ପଶେ।**

ଯେମିତି କ୍ଷୀର ଉତୁରିଲେ ଚୁଲିରେ ପଶିଥାଏ, ଠିକ୍ ସେମିତି ମଣିଷର ଗର୍ବ, ଅହଂକାର ତଥା ଆସ୍ଫାଳନ ହିଁ ତାକୁ ପତନୋନ୍ମୁଖୀ କରାଇଥାଏ। ସାଧାରଣତଃ ଏଭଳି ବ୍ୟକ୍ତିଙ୍କୁ ସମାଜରେ କେବଳ ତିରସ୍କାର ହିଁ ମିଳିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଖଣି, ଶିଳ୍ପାଞ୍ଚଳ ବାସିନ୍ଦା ...

୨୦୨୩ରେ କେବଳ ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ୧୬୩୫ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିବାବେଳେ କେବଳ ଖଣି ଓ ଶିଳ୍ପାଞ୍ଚଳରେ ୯୩୮ ଜଣ(୫୭%) ଅଛନ୍ତି, ଅର୍ଥାତ୍ ଏହି ୨ ବର୍ଷରେ ମୋଟ ଚିହ୍ନଟ ୩୩୩୫ ଜଣ ଯକ୍ଷ୍ମା ରୋଗୀଙ୍କ ମଧ୍ୟରୁ ଖଣି ଓ ଶିଳ୍ପାଞ୍ଚଳରେ ୧୮୨୧(୫୫%) ରହିଛନ୍ତି।

ଏଥିରୁ ସ୍ପଷ୍ଟ ହେଉଛି ଯେ, ଶିଳ୍ପ କାରଖାନାରୁ ନିର୍ଗତ କୋଇଲା, ଲୁହାପଥର ଓ ଅନ୍ୟାନ୍ୟ ଗୁଣ୍ଡ ଜନିତ ପ୍ରଦୂଷଣରୁ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଉଛି। ଦେଶର ୧୦୬ ସହର ମଧ୍ୟରୁ ଓଡ଼ିଶାର ୭ଟି ପୂର୍ବରୁ ଅତି ପ୍ରଦୂଷଣ ତାଲିକାଭୁକ୍ତ ହୋଇଛି । ଏହି ଅତି ପ୍ରଦୂଷଣ ତାଲିକାରେ ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ମଧ୍ୟ ସାମିଲ ହୋଇଛି। କଳିଙ୍ଗନଗର ଓଡ଼ିଶାର ଦ୍ୱିତୀୟ ପ୍ରଦୂଷଣକାରୀ ସହର ବୋଲି ଅଭିହିତ ହୋଇସାରିଛି। ଏଭଳି ପ୍ରଦୂଷଣକୁ ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପୂର୍ବରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରଦୂଷଣଜନିତ ରୋଗରେ କଳିଙ୍ଗନଗର ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତ ଅନ୍ତର୍ଗତ ମାନପୁର ଗ୍ରାମରେ ୯୦ରୁ ଉର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଛୁଟି ଦିନରେ ଓ ରାତିରେ କେତେକ କାରଖାନାର ଇଲେକ୍ଟ୍ରୋ ଷ୍ଟାଟିକ୍ ପ୍ରେସିପିଟେଟର(ଇଏସ୍‌ପି)କୁ ବନ୍ଦ କରି ବିଷାକ୍ତ ପାଉଁଶ ଧୂଆଁ ଛଡ଼ାଯାଉଛି। ରାସ୍ତାର ଧୂଳିଧୂଆଁରେ ଲୋକେ ନୟାନ୍ତ ହେଉଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ସରକାରଙ୍କ ବିଫଳତା ଲୋକଙ୍କୁ ଏଭଳି ହତାଶ କରିଛି ଯେ ଶିଳ୍ପ ଯୋଗୁ ଆର୍ଥିକ ଅଭିବୃଦ୍ଧିର ସ୍ୱାଦ ଚାଖିବା ପରିବର୍ତ୍ତେ ଏକାଧିକ ଗ୍ରାମବାସୀ ବିସ୍ଥାପିତ କରିବାକୁ ଦାବି କରୁଛନ୍ତି। ପ୍ରଦୂଷଣ ଭାରରେ ଭାରାକ୍ରାନ୍ତ ପରିବେଶଗତ ବିପର୍ଯ୍ୟୟକୁ ଆଉ ସମ୍ଭାଳିବା ସ୍ଥିତିରେ ନ ଥିବାବେଳେ ଭାଗ୍ୟକୁ ଆଦରି ଲୋକେ ଅଳ୍ପ ବୟସରେ ମୃତ୍ୟୁମୁଖରେ ପଡୁଛନ୍ତି ବୋଲି ମତପ୍ରକାଶ ପାଇଛି। ବିଶେଷଜ୍ଞମାନଙ୍କ ମତରେ ଯକ୍ଷ୍ମା ଏକ ଜୀବାଣୁଜନିତ ରୋଗ। କିନ୍ତୁ ବାୟୁମଣ୍ଡଳରେ ପ୍ରଦୂଷଣ ମଣିଷର ରୋଗ ନିରୋଧକ ଶକ୍ତି ହ୍ରାସ କରିଥାଏ। ଏହାଦ୍ୱାରା ଶ୍ୱାସଜନିତ ସମସ୍ୟା ସହିତ ଯକ୍ଷ୍ମା ଆକ୍ରାନ୍ତ ହେବା ଆଶଙ୍କା ଅଧିକ ରହିଥାଏ। ଲୋକଙ୍କ ମଧ୍ୟରେ ସଚେତନତା ସାଙ୍ଗକୁ ପରିବେଶ ପ୍ରଦୂଷଣ ଜନିତ କାରଣରୁ ଯକ୍ଷ୍ମାରୋଗୀଙ୍କ ଚିହ୍ନଟ ସଂଖ୍ୟା ବୃଦ୍ଧି ପାଇବାକୁ ଏଡ଼ାଇ ଦିଆଯାଇ ନ ପାରେ। କଳକାରଖାନାଗୁଡ଼ିକରେ ଅସ୍ଥାୟୀ ଶ୍ରମିକଙ୍କ ସଂଖ୍ୟା ଅଧିକ। ଏହି ଶ୍ରମିକମାନେ କିଏ କେତେଦିନ କାମ କରୁଛନ୍ତି, ପୁଣି ଚାଲି ଯାଉଛନ୍ତି। ସେମାନଙ୍କ ରୋଗ ଚିହ୍ନଟ ଏବଂ ଚିକିତ୍ସା ସମ୍ଭବପର ହେଉ ନ ଥିବାବେଳେ ତାଙ୍କଠାରୁ ଅନ୍ୟମାନଙ୍କୁ ରୋଗ ସଂକ୍ରମିତ ହେବା ଆଶଙ୍କା ଲାଗି ରହୁଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୧୦୦ରୁ ଅଧିକ ରହୁଛି, ଯାହାକି ଭଲ ନୁହେଁ। ଏହାର ନିୟନ୍ତ୍ରଣ ପାଇଁ ନ୍ୟାଶନାଲ କ୍ଲିନ୍ ଏୟାର ପ୍ରୋଗ୍ରାମ ହାତକୁ ନିଆଯାଇଛି ଏବଂ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି।

### ଓଡ଼ିଶାରେ କଳାବାଘ ....

ମହାବଳ ବାଘ ବୋଲି ଫଟୋରୁ ସ୍ପଷ୍ଟ ହୋଇଥିବାବେଳେ ସେହି ସ୍ଥାନ ଶିମିଳିପାଳର ବୋଲି ଅନୁମାନ କରାଯାଇଥିଲା। ଅପରପକ୍ଷେ ବାରମ୍ବାର ଏହି କଳା ବାଘ ଦେଖାଯିବା ଭଲ ଖବର ନୁହେଁ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି। ସେମାନଙ୍କ ମତରେ କଳାବାଘ ଦେଖାଯିବା ପ୍ରକୃତି ପାଇଁ ଶୁଭଙ୍କର ନୁହେଁ। ପ୍ରାକୃତିକ ବାଘ (ରୟାଲ ବେଙ୍ଗଲ ଟାଇଗର) ସଂଖ୍ୟା ପାଇଁ ଏହା ଏକ ୱାର୍ନିଂ। କାରଣ ଏମାନଙ୍କ ସଂଖ୍ୟା ବୋଧ ହୁଏ କମିବାରେ ଲାଗିଛି। ତେଣୁ କଳାବାଘ ବାରମ୍ବାର ଦେଖାଯାଉଛନ୍ତି। ସେଥିପାଇଁ ବିଭାଗ ଏ ଦିଗରେ ଦୃଷ୍ଟି ଦେବା ଉଚିତ ବୋଲି ବିଶେଷଜ୍ଞମାନେ କହୁଛନ୍ତି।

### ପୁଣି ଧର୍ମଘଟ, ...

ଯଦି ଯେଉଁମାନେ ଆନ୍ଦୋଳନ କରୁଛନ୍ତି ସେମାନଙ୍କ ସଂଘ ଭିତରେ ଠିକ୍ ସହଯୋଗ ରହୁନି, ତା'ର ଅର୍ଥ କ'ଣ ବାରମ୍ବାର ଧର୍ମଘଟ ଚାଲିବ। ଯଦି ଆନ୍ଦୋଳନ କରିବେ ଦିଲ୍ଲୀରେ ଯାଇ କରନ୍ତୁ, କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରାଯାଉ। ବହୁ ପେଟ୍ରୋଲ ପମ୍ପ ବନ୍ଦ ହୋଇଗଲାଣି। କାହା ଘରେ ରୋଗୀ ଅଛନ୍ତି, ଆମ୍ବୁଲାନ୍ସ ଯାଉଛି, ଗାଡ଼ି ଚଳାଚଳ ଏପରି ବାଧାପ୍ରାପ୍ତ କରି ଲୋକଙ୍କୁ ହଇରାଣ କରିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି। କଟକ ବଣିକ ସଂଘ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ କହିଛନ୍ତି ଯେ, ଏଭଳି ବାରମ୍ବାର ଧର୍ମଘଟ ଏବଂ ବନ୍ଦ ଡାକରା ସିଧାସଳଖ ଜନଜୀବନ ଉପରେ ପ୍ରଭାବ ପକାଇବ। ଗୋଟିଏ ଦିନ ପାଇଁ ରାଜ୍ୟରେ ଡ୍ରାଇଭର ଭାଇମାନଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁ କଟକ ମାଲଗୋଦାମ ସମ୍ପୂର୍ଣ୍ଣ ଠପ୍ ହୋଇଗଲା। ଏବେ ଯଦି ପୁଣିଥରେ ତେଲ ଡିପୋ ବନ୍ଦ କରିଦିଆଯାଏ ବହୁ ପେଟ୍ରୋଲ ପମ୍ପ ବନ୍ଦ ହେବା ଯୋଗୁ କେବଳ ମାଲ୍‌ଗୋଦାମ ନୁହେଁ ସାଧାରଣ ଲୋକମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେବେ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବନ୍ଧୁଙ୍କ ସାହାଯ୍ୟ ସହାନୁଭୂତି ଲାଭକରି କାର୍ଯ୍ୟ ଆଗକୁ ବଢ଼ାଇ ନେବାରେ ସମର୍ଥ ହେବେ। ନିଜ ପରିସରର ବ୍ୟକ୍ତିଙ୍କ ସହାୟତାରେ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ବନ୍ଧୁ ମିଳନରୁ ଉତ୍ସାହିତ ହେବେ ଏବଂ ଜଣେ ଗୌରବର୍ଣ୍ଣ ବ୍ୟକ୍ତି ସାହାଯ୍ୟ କରିବେ। କ୍ରୟବିକ୍ରୟ କ୍ଷେତ୍ରରେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ।

**ବୃଷ** ଆଜିର କାମ ଯଥାସମୟରେ ସମ୍ପନ୍ନ ହୋଇପାରିବ। ମିତ୍ରଙ୍କ କଟୁବଚନ ମନରେ ଦୁଃଖଦେବାର ଆଶଙ୍କା ରହିଛି। ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପ୍ରରୁ ଖୁସି ରହିବେ କିନ୍ତୁ କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ। ସାଙ୍ଗଠନିକ କାର୍ଯ୍ୟ, ଜମିଜମା କ୍ରୟବିକ୍ରୟ, ନିର୍ମାଣ, ଧର୍ମକାର୍ଯ୍ୟ କ୍ଷେତ୍ର ଭଲ ରହିବ।

**ମିଥୁନ** ବନ୍ଧୁଙ୍କ ସହାୟତାରେ ଆର୍ଥିକ ଅନଟନ ଦୂରେଇଯିବ ଏବଂ ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବେ। ରାଜନୈତିକ ସ୍ତରରେ ଆଲୋଚନା ଅସମାପ୍ତ ରହିପାରେ। କର୍ମକ୍ଷେତ୍ରରେ ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବେ। ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ ଏବଂ ଆର୍ଥିକ ଦୁରବସ୍ଥା ସୁଧୁରିଯିବ।

**କର୍କଟ** ଦୀର୍ଘଦିନର ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଅର୍ଥ ସମ୍ପର୍କିତ ଆଲୋଚନା କ୍ଷେତ୍ରରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ, ଗବେଷଣା, କଳା, ସାହିତ୍ୟାଦି ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ** ଆଜିର କାମରେ ଆପଣଙ୍କୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ପୂର୍ବରୁ ଲାଗି ରହିଥିବା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପ୍ରିୟଜନଙ୍କ ସହ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିବ। ରାଜନୈତିକ ସ୍ତରରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** ଆଜି ଦିନ ଭିତରେ ବହୁତଗୁଡ଼ିଏ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବେ। ଅର୍ଥ ସାହାଯ୍ୟ ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। ଭଲ ସମ୍ପର୍କ ରହିଥିବା ଆତ୍ମୀୟସ୍ୱଜନଙ୍କ ରୁଗ୍ଣ ସ୍ୱାସ୍ଥ୍ୟ ସକାଶେ ଚିନ୍ତା ବଢ଼ିପାରେ। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ବିବାଦୀୟ ସମସ୍ୟାର ଆଶୁ ସମାଧାନ ହୋଇଯିବ।

**ତୁଳା** ଦୀର୍ଘ ଆଲୋଚନାନ୍ତେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ପରିବାରରେ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ସାମୟିକ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମହିଳାମାନଙ୍କ ମନରେ ସରସତା ରହିବ ନାହିଁ।

**ବିଛା** କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ହାସଲ କରିବେ। ସାମାଜିକ ସ୍ତରରେ ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ଫଳତଃ ନୀଚ ମନୋଭାବସମ୍ପନ୍ନ ବ୍ୟକ୍ତିମାନଙ୍କ ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ ଏବଂ ଆର୍ଥିକ ପରିସ୍ଥିତି ପୂର୍ବପରି ରହିବ।

**ଧନୁ** ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ସହକର୍ମୀଙ୍କ ସୁପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ। କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ସାହାଯ୍ୟ ପ୍ରତିଶ୍ରୁତିରୁ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ମକର** ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ହାସଲ କରିପାରିବେ ଏବଂ କାର୍ଯ୍ୟସିଦ୍ଧି ହେବ। ଯେକୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ସ୍ୱାସ୍ଥ୍ୟ ଓ ଶିକ୍ଷା ସଂକ୍ରାନ୍ତରେ ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କୁମ୍ଭ** ବନ୍ଧୁଗହଣରେ ପ୍ରିୟ କଥା କହି ବିବାଦୀୟ ସମସ୍ୟାକୁ ସୁଧାରି ନେବେ। ପରିଜନଙ୍କ ଅନୁରୋଧରେ ବାରମ୍ବାର ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ ଲଘୁକ୍ରୋଧ ପ୍ରକାଶ କରିପାରନ୍ତି। ପରିବାରର ବରାଦ ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**ମୀନ** ଆଜି ସକାଳୁ ସକାଳୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବା କାରଣରୁ ଟେନସନ୍ କମିଯିବ। ପରିବାରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ବାଣିଜ୍ୟ,ବ୍ୟବସାୟ,ଆନୁଷ୍ଠାନିକ କାମରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

ଆଜି ଜାନୁଆରୀ ୮ ତାରିଖ, ପୌଷ କୃଷ୍ଣ ଦ୍ୱାଦଶୀ ସୋମବାର, ରାଶି ନକ୍ଷତ୍ର-ଅନୁରାଧା/ବିଛା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୭ ମି ଗତେ, ଘ. ୦୬।୨୬ ମି. ଗତେ, ଘ. ୦୭।୪୮ ମଧ୍ୟେ, ଘ.୦୯।୨୦ ମି. ଗତେ, ଘ.୧୧।୩୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୭।୪୮ ମି. ଗତେ,୦୯।୧୦ମି. ମଧ୍ୟେ ରାହୁକାଳ।

## କନିଷ୍ଠ ଯନ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ବାଲିଆପାଳ,୭।୧ (ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ସିମୁଳିଆ ରାବଣପୋଡ଼ି ପଡ଼ିଆଠାରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ(ଆର୍‌ଡବ୍ଲୁଏସ୍‌ଏସ୍) କନିଷ୍ଠ ଯନ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ସଞ୍ଜୟ ନାୟକ (୪୨)। ସେ ଦୀର୍ଘ ଦିନ ହେଲା ବାଲିଆପାଳ ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗର କାର୍ଯ୍ୟ କରି ଆସୁଥିଲେ। ଶନିବାର ରାତିରେ କାର୍ଯ୍ୟାଳୟ ପରିସରରେ ଥିବା ନିଜ ରୁମ୍‌ରେ ଖାଇ ପିଇ ଶୋଇଥିଲେ। ରବିବାର ସକାଳେ ନିଦରୁ ନ ଉଠିବାରୁ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

## ପିକ୍‌ଅପ୍ ଭ୍ୟାନ୍-ବାଇକ୍ ଧକ୍କା: ୨ ମୃତ

କାଲିମେଳା, ୭।୧ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥରେ ରବିବାର ଦୁର୍ଘଟଣା ଘଟିଛି। ଏମ୍‌ଭି ୧୨୬ ଘାଟି ନିକଟରେ ରବିବାର ଅପରାହ୍ଣ ୪ଟାରେ ଏକ କୁକୁଡ଼ା ବୁଝେଇ ପିକ୍‌ଅପ-ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଏଥିରେ ୨ ଯୁବକଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କାଲିମେଳା ପଞ୍ଚାୟତ କୁତବାନପଲ୍ଲୀ ଗ୍ରାମର ସୁଜିତ ମାଡ଼ି(୧୭) ଏବଂ ଶିଙ୍ଗା ମାଡ଼ି (୧୮)। ଆହତ ଜଣଙ୍କ ସେହି ଗ୍ରାମର ସମୀର ବେଟୀ। ଆହତଙ୍କୁ ପ୍ରଥମେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜିଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ଏହି ୩ ଜଣ ସାଙ୍ଗ ଗୋଟିଏ ବାଇକରେ ଯାଉଥିବା ବେଳେ ବିପରୀତ ଦିଗରୁ ଏକ ପିକ୍‌ଅପ୍ ଆସି ଏମ୍‌ଭି ୧୨୬ ଘାଟି ନିକଟରେ ଏମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ୩ ଜଣ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ସୁଜିତଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଶିଙ୍ଗାଙ୍କର କାଲିମେଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ୍ୟୁ ଘଟିଥିଲା। ଏମ୍‌ଭି୭୯ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ମୃତଦେହ ଏବଂ ଗାଡ଼ି ଜବତ କରିବା ସହ ତଦନ୍ତ ଚଳାଇଛି।

# ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ୫-ଟି ଅଧ୍ୟକ୍ଷ



୫-ଟି ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଓ ଅନ୍ୟ ଅଧିକାରୀମାନେ ରବିବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ପୁରୀ, ୭।୧ (ଅଜିତ୍ ମହାନ୍ତି)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରବିବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପରଠାରୁ ପାଣ୍ଡିଆନ୍ ଅଧିକାଂଶ ସମୟରେ ପୁରୀ ଆସି ପ୍ରତ୍ୟକ୍ଷ ଭାବେ ନିର୍ମାଣ କାର୍ଯ୍ୟର ସମୀକ୍ଷା କରୁଛନ୍ତି। ଆଗାମୀ ୧୭ ତାରିଖରେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବାକୁ ଥିବାବେଳେ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ରବିବାର ଅପରାହ୍ଣରେ ପାଣ୍ଡିଆନ୍ ପୁରୀରେ ପହଞ୍ଚିବା ପରେ ପ୍ରଥମେ ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଭିତରବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରି କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରିବା ପରେ ଫେରିଥିଲେ। ପରେ ପାଣ୍ଡିଆନ୍ ଶ୍ରୀମନ୍ଦିର ଚାରିପାଖ ବୁଲି ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଓ ମଠଗୁଡ଼ିକର ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ୧୭ ତାରିଖରେ ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଥିବାରୁ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭକ୍ତଙ୍କ ସୁବ୍ୟବସ୍ଥିତ ତଥା ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଓ ଭିଡ଼ ନିୟନ୍ତ୍ରଣ ନେଇ ମଧ୍ୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଶ୍ରୀଦାଣ୍ଡ ବା ଶ୍ରୀମାର୍ଗ, ଶ୍ରୀସେତୁ ଏବଂ ଶ୍ରୀଜଗନ୍ନାଥବଲ୍ଲଭ ପାର୍କକୁ ଯାଇ ସେଠାରେ ଚାଲିଥିବା କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ସମୟରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନଓ୍ୱର ବିଶାଲ ସିଂହ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଏବଂ ନିର୍ମାଣକାରୀ ସଂସ୍ଥାର ଅଧିକାରୀ ଉପସ୍ଥିତ ରହି ୫-ଟି ଅଧ୍ୟକ୍ଷଙ୍କୁ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ।

# ସିତାଂଶୁ ଅଧ୍ୟକ୍ଷ, ରାଜୀବ ଉପାଧ୍ୟକ୍ଷ

**ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ**

କଟକ,୭।୧ (କାର୍ତ୍ତିକ ସାହୁ)



ସିତାଂଶୁ ମୋହନ ଦ୍ୱିବେଦୀ



ରାଜୀବ କୁମାର ମହାନ୍ତି

ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ନିର୍ବାଚନ ରବିବାର ଶେଷ ହୋଇଛି। ଏଥିରେ ଅଧ୍ୟକ୍ଷ ଭାବେ ଆଇନଜୀବୀ ସିତାଂଶୁ ମୋହନ ଦ୍ୱିବେଦୀ ଓ ଉପାଧ୍ୟକ୍ଷ ଭାବେ ଆଇନଜୀବୀ ରାଜୀବ କୁମାର ମହାନ୍ତି ନିର୍ବାଚିତ ହୋଇଛନ୍ତି। ଦ୍ୱିବେଦୀ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ରଙ୍କୁ ଏବଂ ମହାନ୍ତି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ପରାସ୍ତ କରି ଅଧିକ ଭୋଟରେ ବିଜୟୀ ହୋଇଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦବୀ ନିମନ୍ତେ ରବିବାର ନିର୍ବାଚନ ହୋଇଥିଲା। ଉପରୋକ୍ତ ୪ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ପୂର୍ବାହ୍ଣ ୧୧ଟାରେ ନିର୍ବାଚନ ଆରମ୍ଭ ହୋଇଥିଲା। ପରିଷଦକୁ ନିର୍ବାଚିତ ହୋଇଥିବା ୨୫ ଜଣ ସଦସ୍ୟ ସେମାନଙ୍କର ମତଦାନ ସାବ୍ୟସ୍ତ କରିଥିଲେ। ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ପ୍ରମଥ ପଟ୍ଟନାୟକ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ। ହାଇକୋର୍ଟର ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ଓ ଆଇନଜୀବୀ ବାସୁଦେବ ପୂଜାରୀ ସହକାରୀ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ।

ଏ ସମ୍ପର୍କରେ ଅଧ୍ୟକ୍ଷ ଦ୍ୱିବେଦୀ କହିଛନ୍ତି, ଆଇନଜୀବୀଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗକୁ ଆଗାମୀ ଦିନରେ ଅଧିକ କ୍ରିୟାଶୀଳ କରାଯିବା ନିମନ୍ତେ ପଦକ୍ଷେପ ନିଆଯିବ। ମୁଖ୍ୟତଃ ଆଇନଜୀବୀଙ୍କ ପାଇଁ ରାଜ୍ୟ ସରକାର ଚିକିତ୍ସା ବୀମା କରାଇବା ଦିଗରେ ବିଶେଷ ଦୃଷ୍ଟି ଆକର୍ଷଣ କରାଯିବ। ଆଇନଜୀବୀଙ୍କ କଲ୍ୟାଣ ଦିଗରେ ପ୍ରଚେଷ୍ଟା ଜାରି ରହିବ ସେ ବୋଲି କହିଛନ୍ତି। ଦ୍ୱିବେଦୀ ଦୀର୍ଘ ୩ ଦଶନ୍ଧି ଧରି ଆଇନଜୀବୀ ଭାବେ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲା ପରିଚାଳନାରେ ସିଦ୍ଧହସ୍ତ ଅଛନ୍ତି। ସେ ପୂର୍ବରୁ ୩ ଥର ଆଇନଜୀବୀ ପରିଷଦକୁ ସଦସ୍ୟ ଭାବେ ନିର୍ବାଚିତ ହୋଇ ଆଇନଜୀବୀଙ୍କ ପାଇଁ ଅନେକ କଲ୍ୟାଣମୂଳକ କାର୍ଯ୍ୟ କରିଛନ୍ତି। ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା ପରେ ହାଇକୋର୍ଟ ବିଚାରପତି, ଆଇନଜୀବୀ, ରାଜନେତା, ପ୍ରଶାସକ ଓ ବୁଦ୍ଧିଜୀବୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସୂଚନାଯୋଗ୍ୟ, ପ୍ରାୟ ୪ ବର୍ଷ ଧରି ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଥିଲା। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଏହି ନିର୍ବାଚନ ପ୍ରକ୍ରିୟା ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଆଇନଜୀବୀଙ୍କ ପାଇଁ ଉଦ୍ଦିଷ୍ଟ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ରାଜ୍ୟ ଆଇନଜୀବୀ ପରିଷଦ ଗ୍ରହଣ କରିଥାଏ। ଆଇନଜୀବୀମାନଙ୍କୁ ଲାଇସେନ୍ସ ପ୍ରଦାନ, ପେନ୍‌ସନ୍ ସୁବିଧା, ଆଇନଜୀବୀଙ୍କ ମୃତ୍ୟୁ ପରେ ଆର୍ଥିକ ସହାୟତା, ରୋଗଗ୍ରସ୍ତ ଆଇନଜୀବୀଙ୍କୁ ଚିକିତ୍ସା ସୁବିଧା ଆଦି ପରିଷଦର କାର୍ଯ୍ୟାବଳୀ ଅନ୍ତର୍ଭୁକ୍ତ।

# ଢେଙ୍କାନାଳରେ ଆଖିବୁଜିଲା ବୌଦ୍ଧ ହାତୀ

ଢେଙ୍କାନାଳ,୭।୧ (ରତନ ନାୟାର)

- ଅତ୍ୟଧିକ ନିଶ୍ଚେତକ ଦିଆଯାଇଥିବା ସନ୍ଦେହ
- ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା କହୁଛି ବନ ବିଭାଗ



ପ୍ରାଣ ହରାଇବା ପୂର୍ବରୁ କପିଳାସ ହାତୀ ଉଦ୍ଧାର କେନ୍ଦ୍ରର କ୍ରାଲ୍ ଭିତରେ ଥିବା ବୌଦ୍ଧର ଦନ୍ତାହାତୀ।

ବୌଦ୍ଧ ଜିଲାରେ ଆତଙ୍କ ସୃଷ୍ଟି କରିଥିବା ଏକ ଦନ୍ତା ହାତୀର ଢେଙ୍କାନାଳ ଜିଲା କପିଳାସସ୍ଥିତ ହାତୀ ଉଦ୍ଧାର କେନ୍ଦ୍ରରେ ମୃତ୍ୟୁ ହୋଇଛି। ଶନିବାର ସକାଳେ କପିଳାସରେ ପହଞ୍ଚିଥିବା ଏହି ୪୦ ବର୍ଷୀୟ ହାତୀ ୨୪ ଘଣ୍ଟା ନ ପୂରୁଣୁ ରବିବାର ଭୋର୍ ୪ଟାରେ ଆଖି ବୁଜିଦେବା ବନ୍ୟପ୍ରାଣୀପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି। ହୃଦ୍‌ଘାତରେ ହାତୀଟିର ମୃତ୍ୟୁ ହୋଇଥିବା ବନ ବିଭାଗ ପକ୍ଷରୁ ପ୍ରାଥମିକ ଭାବେ କୁହାଯାଇଥିଲେ ହେଁ ଅତ୍ୟଧିକ ନିଶ୍ଚେତକ ଦିଆଯିବା ମୃତ୍ୟୁର କାରଣ ବୋଲି ବନ୍ୟପ୍ରାଣୀ ପ୍ରେମୀମାନେ ସନ୍ଦେହ ବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, ବୌଦ୍ଧ ଜିଲାର ବିଭିନ୍ନ ଅଞ୍ଚଳରେ ଦୀର୍ଘଦିନ ହେଲା ଏକ ଦନ୍ତାହାତୀ ଆତଙ୍କ ସୃଷ୍ଟି କରିଥିଲା। ତେଣୁ ରାଜ୍ୟ ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକ୍ରମେ ଉକ୍ତ ହାତୀକୁ ଢେଙ୍କାନାଳ ଜିଲା କପିଳାସସ୍ଥିତ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରକୁ ଅଣାଯାଇଥିଲା। ଏଠାରେ ହାତୀଟିର ବ୍ୟବହାରରେ ପରିବର୍ତ୍ତନ କରାଯିବା ଦିଗରେ ଉଦ୍ୟମ କରାଯାଇଥାନ୍ତା। ଶୁକ୍ରବାର ସନ୍ଧ୍ୟା ୬ଟାରେ ଉକ୍ତ ହାତୀକୁ ନିଶ୍ଚେତକ ଦିଆଯାଇ ଏକ ହାଇୱା ଯୋଗେ କପିଳାସ ଅଭିମୁଖେ ଅଣାଯାଇଥିଲା। ବାଟରେ ହାତୀଟି ଗାଡ଼ିରୁ ଗୋଡ କାଢ଼ି ଦେଉଥିବାରୁ ବନ କର୍ମଚାରୀମାନଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ଶନିବାର ସକାଳେ ହାତୀଟି କପିଳାସ ହାତୀ ଉଦ୍ଧାର କେନ୍ଦ୍ରରେ ପହଞ୍ଚିଥିଲା। ଏହାପରେ ଅଧଘଣ୍ଟା ପାଇଁ ପ୍ରାଣୀ ଉଦ୍ୟାନକୁ ବନ୍ଦ ରଖାଯାଇଥିଲା। ହାତୀକୁ ଏକ କ୍ରାଲ୍ ଭିତରେ ରଖାଯାଇଥିଲା। ଚାରିଗୋଡକୁ ଚେନ୍ ଦ୍ୱାରା ବାନ୍ଧି ଦିଆଯାଇଥିଲା। ଏହାସତ୍ତ୍ୱେ ନିଶ୍ଚେତକ ପ୍ରଭାବରେ ହାତୀଟି କ୍ରାଲ୍‌ର ୩ଟି କାଠକୁ ଭାଙ୍ଗି ଦେଇଥିଲା। ଏହା ଦେଖି ବନବିଭାଗ ଅଧିକାରୀ ଓ କର୍ମଚାରୀମାନେ ଆତଙ୍କିତ ହୋଇପଡ଼ିବା ସହ ହାତୀଟିକୁ ଜଗି ରହିଥିଲେ। ଭୋର ୪ଟାରେ ହାତୀଟି କ୍ରାଲ୍ ମଧ୍ୟରେ ଆଣ୍ଠେଇ ପଡିଥିଲା। ଏହାପରେ ଆଉ ଉଠି ନ ଥିଲା। ପ୍ରାଣୀ ଚିକିତ୍ସକ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ହାତୀଟି ପ୍ରାଣ ହରାଇଥିବା ଜଣାପଡିଥିଲା। ଏହାପରେ ଅନୁଗୋଳସ୍ଥିତ ଆର୍‌ସିସିଏଫ୍ ସୁଧାଂଶୁ ଖୋଡା, ବନ୍ୟପ୍ରାଣୀ ମୁଖ୍ୟ କାର୍ଯ୍ୟାଳୟର ସିସିଏଫ୍ ବିକାଶ ଦାସ, ସାତକୋଶିଆ ଅଭୟାରଣ୍ୟର ବରିଷ୍ଠ ପ୍ରାଣୀ ଚିକିତ୍ସକ ଡା. କିଶୋର ସାହୁ, ନନ୍ଦନକାନନ ପ୍ରାଣୀ ବିଶେଷଜ୍ଞ ଡା. ଶରତ କୁମାର ସାହୁ, କପିଳାସ ପ୍ରାଣୀ ଉଦ୍ୟାନ ପ୍ରାଣୀ ଚିକିତ୍ସକ ଡା. ଆଶିଷ୍ ଓ ଢେଙ୍କାନାଳ ଡିଏଫ୍‌ଓ ଏବଂ ଏସିଏଫ୍‌ଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି, ପ୍ରାଥମିକ ଅନୁସନ୍ଧାନରୁ ହାତୀଟିର ସ୍ୱାସ୍ଥ୍ୟରେ ପୂର୍ବରୁ କିଛି ସମସ୍ୟା ରହିଥିବା ବ୍ୟବଚ୍ଛେଦ ସମୟରେ ଜଣାପଡିଥିଲା। ହାର୍ଟରେ ମଧ୍ୟ ସମସ୍ୟା ରହିଥିଲା। ମାନସିକ କ୍ଷେତ୍ରରେ ହାତୀଟି ଦୁର୍ବଳ ଥିଲା। ତେଣୁ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି। ସଂକ୍ରମଣ ଥିବା ସନ୍ଦେହରେ ଶରୀରର କେତେକ ଅଂଶ ପରୀକ୍ଷା ପାଇଁ ସିଡବ୍ଲ୍ୟୁଏଚ୍ ଏବଂ ଓୟୁଏଟିକୁ ପଠାଯାଇଛି। ତେବେ ବନ ବିଭାଗର ଏପରି ସ୍ପଷ୍ଟୀକରଣକୁ ନେଇ ପ୍ରଶ୍ନ ଉଠାଇଛନ୍ତି କେତେଜଣ ବନ୍ୟପ୍ରାଣୀପ୍ରେମୀ। ସେମାନଙ୍କ କହିବା ଅନୁଯାୟୀ, ଏକାବେଳେ ଦୀର୍ଘ ୨୦୦ କିଲୋମିଟର ଧରି ହାତୀଟିକୁ ହାଇୱାରେ ଛିଡା କରାଇ ନ ଆଣି ମଝିରେ ମଝିରେ ବିଶ୍ରାମ ଦେବାର ଥିଲା। ଦୀର୍ଘବାଟ ଛିଡ଼ା କରାଯାଇ ଅଣାଯିବା ଦ୍ୱାରା ହାତୀ ଅଧିକ ଅସୁସ୍ଥ ହୋଇପଡିଥିବ। ସାଙ୍ଗରେ ଅଭିଜ୍ଞ ବନ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଆସି ନ ଥିବା ଚର୍ଚ୍ଚା ହେଉଛି। ବାଟରେ ହାତୀଟି ହଇରାଣ କରିଥିବା କୁହାଯାଉଥିବାରୁ ସେଠାରେ ପୁଣି ନିଶ୍ଚେତକ ଦିଆଯାଇଥାଇପାରେ। ସେହିପରି ଉଦ୍ଧାର କେନ୍ଦ୍ରରେ କ୍ରାଲ୍ ଭାଙ୍ଗିବା ପରେ ଆଉଥରେ ନିଶ୍ଚେତକ ପ୍ରୟୋଗ କରାଯାଇଥିବା ସନ୍ଦେହ କରାଯାଉଛି। ତେଣୁ ଅତ୍ୟଧିକ ନିଶ୍ଚେତକ ଦିଆଯିବା ଯୋଗୁ ହାତୀଟି ପ୍ରାଣ ହରାଇଥାଇପାରେ। ବ୍ୟବଚ୍ଛେଦ ରିପୋର୍ଟରୁ ମଧ୍ୟ ଏହା ଜଣାପଡ଼ିଯିବ। ଏହାର ବିଧିବଦ୍ଧ ତଦନ୍ତ କରାଯିବାକୁ ବନ୍ୟପ୍ରାଣୀ ପ୍ରେମୀମାନେ ଦାବି କରିଛନ୍ତି। ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରଦ୍ୟୁମ୍ନ ରଥ କହିଛନ୍ତି, ସାଧାରଣ ଲୋକଟିଏ ମଧ୍ୟ ଏତେ ଦୂରରୁ ଆସିଲେ କଷ୍ଟ ଅନୁଭବ କରିଥାଏ। ହାତୀ ଭଳି ବିଶାଳ ପ୍ରାଣୀକୁ ବନ ବିଭାଗ ଅଲଗା ଅଲଗା ସ୍ଥାନରେ ରଖି ଆଣିବା କଥା। ଏଥିସହିତ ଅତ୍ୟଧିକ ନିଶ୍ଚେତକ ଯୋଗୁ ହୃଦ୍‌ଘାତ ହୋଇଥିବା ସନ୍ଦେହ କରାଯାଉଛି।

# ମାଲକାନଗିରି ବିମାନବନ୍ଦରରେ ଟ୍ରାଏଲ ରନ୍

**୯ ତାରିଖରେ ମୁଖ୍ୟମନ୍ତ୍ରୀ କରିବେ ଲୋକାର୍ପଣ**

ମାଲକାନଗିରି,୭।୧ (ଦୁର୍ଯ୍ୟୋଧନ ପାତ୍ର/ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ବିମାନବନ୍ଦରରେ ରବିବାର ଟ୍ରାଏଲ ରନ ଶେଷ ହୋଇଛି। ପ୍ରଥମଥର ପାଇଁ ପରୀକ୍ଷାମୂଳକ ଭାବେ ଭିଟି ୧୦୦ ବିମାନ ଅବତରଣ କରିଥିଲା। ଏହି ସମୟରେ ଦମକଳ ବାହିନୀ ପକ୍ଷରୁ ଜଳ ସିଞ୍ଚନ କରାଯାଇ ବିମାନକୁ ସ୍ୱାଗତ କରାଯାଇଥିଲା। ଜଣେ ପାଇଲଟ ଓ ୨ ଜଣ କ୍ରିଉ ମେମ୍ବର ବିମାନକୁ ଅବତରଣ କରାଇବା ପରେ ପାଇଲଟ ରନ୍ ୱେ ତନଖି କରି ବିମାନ ବନ୍ଦରର ପ୍ରସ୍ତୁତି ନେଇ ଖୁବ ପ୍ରଂଶସା କରିଥିଲେ। ଆସନ୍ତା ୯ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହାକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ୧୦୬ ହେକ୍ଟର ଜମିରେ ନିର୍ମିତ ଏହି ବିମାନ ବନ୍ଦର ପାଇଁ ୨୯ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହା ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ ହୋଇଛି। ବିମାନକୁ ସ୍ୱାଗତ କରିବା ପାଇଁ ବିଜେଡି ନେତା ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପ୍ରକାଶ ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷ ସମ୍ବାରି ଟାଙ୍ଗୁଲୁ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା, ଜିଲା ବିଜେଡି ସଭାପତି ମାନସ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲାପାଳ ବିଶାଳ ସିଂ, ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝିଙ୍କ ସମେତ ଜିଲା ପ୍ରଶାସନର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।









ମନୁଷ୍ୟକୁ ଚେତନାର ଏକ ଉଚ୍ଚତର ସ୍ତରକୁ ଉଠିଯିବାକୁ ହେବ। ତା'ହେଲେ ଯାଇ ସେ ତା'ର ଅଜ୍ଞାନ ଭିତରୁ - ସଂକୀର୍ଣ୍ଣ ସୀମାର ଘେର ଭିତରୁ -ସ୍ୱାର୍ଥପରତା ଭିତରୁ ଏବଂ ଏପରି କି ତା'ର ଦୁଃଖ ଯନ୍ତ୍ରଣା ଭିତରୁ ମୁକ୍ତି ପାଇ ପାରିବ। -ଶ୍ରୀମା



# ଗଞ୍ଜାଙ୍କୁ ଭାଏଗ୍ରା

ଭାରତ ବହୁବିଧ ସଂସ୍କୃତିରେ ଭରପୂର। ଜାନୁଆରୀ ମଧ୍ୟବର୍ତ୍ତୀ ସମୟରେ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହୋଇଥାଏ। ଅର୍ଥାତ୍ ଶୀତ ସରିଯିବାର ଏହା ସଙ୍କେତ ଦିଏ। ଓଡ଼ିଶାରେ ଏହା ମକର ସଂକ୍ରାନ୍ତି ଭାବେ ପାଳନ କରାଯାଉଥିବା ବେଳେ ଆନ୍ଧ୍ରପ୍ରଦେଶରେ ସଂକ୍ରାନ୍ତି, ଆସାମରେ ମାଘ ବିହୁ, ତାମିଲନାଡୁରେ ପୋଙ୍ଗଲ, ପଞ୍ଜାବରେ ଲୋହରି, ଗୁଜରାଟରେ ଉତ୍ତରାୟଣ ଆଦି ଭିନ୍ନ ଭିନ୍ନ ନାମରେ ଉତ୍ସବ ପାଳନ ହୋଇଥାଏ। କୃଷିକୈନ୍ଦ୍ରିକ ଭାରତରେ ଏହା ଅମଳର ସମୟ ହୋଇଥିବାରୁ ସବୁଆଡ଼େ ଖାଦ୍ୟକୁ ନେଇ ଆନନ୍ଦ ପ୍ରକାଶ ପାଇଥାଏ। ହେଲେ କିଛି ଅଞ୍ଚଳରେ ଅଜବ ଧରଣର ପରମ୍ପରାକୁ ଗୁରୁତ୍ୱ ଦିଆଯାଇ ତାହାକୁ ଧୂମଧାମ୍‌ରେ ପାଳନ କରାଯାଉଥିବା ଦେଖିବାକୁ ମିଳୁଛି। ତାମିଲନାଡୁରେ ଜାଲିକାଟ୍ଟୁକୁ ନେଇ ବିବାଦ ଲାଗିରହିଥିବା ବେଳେ ଆନ୍ଧ୍ରପ୍ରଦେଶରେ ଆଉ ଏକ ନୂଆ ସମସ୍ୟା ସୃଷ୍ଟି ହୋଇଛି। ମକର ସଂକ୍ରାନ୍ତି ବେଳେ ଆନ୍ଧ୍ରପ୍ରଦେଶର ବହୁ ସ୍ଥାନରେ ଗଞ୍ଜା ଲଢ଼େଇ ହୋଇଥାଏ, ଯେଉଁଥିରେ ଅନେକ କୋଟି ଟଙ୍କାର ଖେଳ ହୁଏ। କିନ୍ତୁ ଏବେ ଭାରତର ବହୁ ସ୍ଥାନରେ କୁକୁଡ଼ାଙ୍କ ମଧ୍ୟରେ ଶ୍ୱାସପ୍ରଶ୍ୱାସଜନିତ ରୋଗ ବ୍ୟାପୁଛି। ତାହାକୁ ରାଣୀଖେତ ନାମ ଦିଆଯାଇଛି। ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥିବା ଗଞ୍ଜା ଆସନ୍ତା ସଂକ୍ରାନ୍ତି ସମୟରେ ଭଲଭାବେ ଲଢ଼ିପାରିବ ବୋଲି ମାଲିକମାନଙ୍କର ବିଶ୍ୱାସ ହେଉନାହିଁ। ସେଥିପାଇଁ ଏବେଠାରୁ ମାଲିକମାନେ ନିଜର ଲଢୁଆ ଗଞ୍ଜାଙ୍କୁ ଭିଟାମିନ ଏବଂ ମଣିଷ ଖାଉଥିବା ଭାଏଗ୍ରା ଦେବାକୁ ଆରମ୍ଭ କଲେଣି। ଉଲ୍ଲେଖଯୋଗ୍ୟ ଯେ ଭାଏଗ୍ରା ମୂଳତଃ ଉଚ୍ଚରକ୍ତଚାପ ଓ ହୃତ୍‌ପିଣ୍ଡ ସମ୍ବନ୍ଧୀୟ ରୋଗ ଉପଶମ ଲାଗି ପ୍ରସ୍ତୁତ କରାଯାଇଥିଲା। ପରୀକ୍ଷା ବେଳେ ଜଣାପଡ଼ିଲା ଯେ, ତାହା ସେହି ରୋଗ ପାଇଁ କାର୍ଯ୍ୟ କରୁନାହିଁ। କିନ୍ତୁ ପୁରୁଷଙ୍କ ଯୌନ କ୍ଷମତା ବହୁ ପରିମାଣରେ ବୃଦ୍ଧି ପାଇବାରୁ ଏହା ଉପରେ ଗବେଷଣା କରି ଉଦ୍ଭାବନ କରିଥିବା ଔଷଧୀୟ କମ୍ପାନୀ ଫାଇଜର ତାହାକୁ ଭିନ୍ନ ଭାବେ ବିକ୍ରି କଲା। ଫଳସ୍ୱରୂପ ଭାଏଗ୍ରା ଔଷଧ ଜଗତରେ ଏକ ବିପ୍ଳବ ଆଣିଲା। ବିଶେଷଜ୍ଞଙ୍କ ମତରେ ଆନ୍ଧ୍ରର ଗଞ୍ଜାଗୁଡ଼ିକୁ ଭାଏଗ୍ରା ସହିତ ଷ୍ଟେରଏଡ୍‌ଯୁକ୍ତ ଖାଦ୍ୟ ଖାଇବାକୁ ଦିଆଯାଉଥିବାରୁ ତାହାର ନକାରାତ୍ମକ ଦିଗ ପରବର୍ତ୍ତୀ ସମୟରେ ଜଣାପଡ଼ିପାରେ। ଏହି ଗଞ୍ଜା ଓ କୁକୁଡ଼ାଗୁଡ଼ିକୁ ଯଦି ମଣିଷ ଖାଇବେ ତେବେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିପାରେ।

କୋଭିଡ୍-୧୯ର ଉତ୍ପତ୍ତି ଚାଇନାରୁ ହୋଇଥିବା ବିଶ୍ୱାସ କରାଯାଉଛି। ଖାଦ୍ୟ ଚାହିଦା ମେଣ୍ଟାଇବା ଲାଗି ସେଠାରେ କୁକୁଡ଼ାଠାରୁ ଆରମ୍ଭ କରି କୁକୁରଗୁଡ଼ିକୁ କିଭଳି କମ୍ ସମୟରେ ବଢ଼ାଇ ଦିଆଯାଇପାରିବ, ସେଥିଲାଗି ଅନେକ ପ୍ରକାର ଇଞ୍ଜେକଶନ ଦିଆଯାଉଥିବା ଭିଡିଓ ଡିଜିଟାଲ ଗଣମାଧ୍ୟମରୁ ଦେଖିବାକୁ ମିଳୁଛି। ଅର୍ଥାତ୍ ଏହି ଜୀବଗୁଡ଼ିକୁ ପ୍ରାକୃତିକ ଉପାୟରେ ବଢ଼ିବା ଲାଗି ସୁଯୋଗ ଦିଆଯାଉ ନାହିଁ। ଭାରତ ମଧ୍ୟ ଅନୁରୂପ ପଦ୍ଧତି ଅନୁସରଣ କରିବାରେ ବ୍ୟସ୍ତ। ସମ୍ଭବତଃ ସେଥିପାଇଁ ଦିନକୁ ଦିନ ନୂଆ ଭୂତାଣୁର ଆବିର୍ଭାବ ଘଟୁଛି। ବର୍ତ୍ତମାନ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ, ପ୍ଲାଷ୍ଟିକ୍‌ଭର୍ତ୍ତି ପରିବେଶ ଓ ଧୂଳିଧୂଆଁରେ ଆଚ୍ଛାଦିତ ବାୟୁମଣ୍ଡଳରେ ପ୍ରଶ୍ୱାସ ନେବା କଷ୍ଟକର ହେଉଥିବା ବେଳେ ମଣିଷ ପ୍ରକୃତି ଓ ଜୀବଜନ୍ତୁଙ୍କ ଜୀବନକୁ ଦୁର୍ବିଷହରେ ପକାଇ ଆଗକୁ ଆହୁରି ଦୁର୍ଦ୍ଦିନକୁ ଡାକିଆଣୁଛି। କହିବାକୁ ଗଲେ ମଣିଷ ନିଜ ଗୋଡ଼ରେ କୁରାଢ଼ି ମାରୁଛି।

ସଂକ୍ରାନ୍ତି ଭଳି ପର୍ବ ପ୍ରକୃତି ସହିତ ସମ୍ପୂର୍ଣ୍ଣ ଭାବେ ଜଡ଼ିତ ଥିଲା। ମଣିଷର ଲୋଭ ସେହିସବୁ ପର୍ବପର୍ବାଣିକୁ ବିକୃତ ରୂପ ଦେବାକୁ ଆରମ୍ଭ କଲାଣି। ଜାଣତରେ ହେଉ ବା ଅଜାଣତରେ, ଯେଉଁସବୁ ଆଧୁନିକ ଉପାୟ ବ୍ୟବହାର କରି ମଣିଷ ଭାବୁଛି ତାହାର ଐତିହ୍ୟକୁ ଭିନ୍ନ ରୂପେ ଆଙ୍କିବ, ସେଥିରେ ଅନେକ ଦୁର୍ଦ୍ଦଶା ଘଟିପାରେ। ଉଦାହରଣସ୍ୱରୂପ, କେନ୍ଦ୍ର ସରକାର ନିକଟରେ ପରିବର୍ତ୍ତନ କରିଥିବା ନ୍ୟାୟ ସଂହିତାକୁ ଦେଖିଲେ ଏକ ବିକୃତ ମାନସିକତାର ପରିଚୟ ମିଳୁଛି। ଏହି ନୂତନ ଆଇନ ବହିରୁ ବାଦ୍‌ପଡ଼ିଛି ଏକ ଗୁରୁତ୍ୱପୂର୍ଣ୍ଣ ଭାଗ। ପୂର୍ବରୁ ଥିଲା ମଣିଷ ଯଦି ପଶୁପକ୍ଷୀଙ୍କୁ ଯୌନ ନିର୍ଯାତନା ଦେଇଥାଏ, ତେବେ ତାହା ଦଣ୍ଡନୀୟ ଅପରାଧ ଭାବେ ପରିଗଣିତ ହେଉଥିଲା। ନୂଆ ଭାରତୀୟ ନ୍ୟାୟ ସଂହିତାରେ ସେହି ଆଇନକୁ ସମ୍ପୂର୍ଣ୍ଣ ଭାବେ ବାଦ୍ ପକାଇ ଦିଆଯାଇଛି। ଏହା ଫଳରେ ଅନେକ ନାମୀଦାମୀ ଲୋକଙ୍କୁ ସହଜରେ ପ୍ରଶ୍ୱାସ ନେବାର ସୁଯୋଗ ସୃଷ୍ଟି କରାଗଲା।

କେନ୍ଦ୍ର ସରକାର ନିକଟରେ ପରିବର୍ତ୍ତନ କରିଥିବା ନ୍ୟାୟ ସଂହିତାକୁ ଦେଖିଲେ ଏକ ବିକୃତ ମାନସିକତାର ପରିଚୟ ମିଳୁଛି। ଏହି ନୂତନ ଆଇନ ବହିରୁ ବାଦ୍‌ପଡ଼ିଛି ଏକ ଗୁରୁତ୍ୱପୂର୍ଣ୍ଣ ଭାଗ। ପୂର୍ବରୁ ଥିଲା ମଣିଷ ଯଦି ପଶୁପକ୍ଷୀଙ୍କୁ ଯୌନ ନିର୍ଯାତନା ଦେଇଥାଏ, ତେବେ ତାହା ଦଣ୍ଡନୀୟ ଅପରାଧ ଭାବେ ପରିଗଣିତ ହେଉଥିଲା। ନୂଆ ଭାରତୀୟ ନ୍ୟାୟ ସଂହିତାରେ ସେହି ଆଇନକୁ ସମ୍ପୂର୍ଣ୍ଣ ଭାବେ ବାଦ୍ ପକାଇ ଦିଆଯାଇଛି। ଏହା ଫଳରେ ଅନେକ ନାମୀଦାମୀ ଲୋକଙ୍କୁ ସହଜରେ ପ୍ରଶ୍ୱାସ ନେବାର ସୁଯୋଗ ସୃଷ୍ଟି କରାଗଲା।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | 2 | | | | | |
| | | 4 | 1 | | | 3 | | 8 |
| | | | 4 | 7 | | | 1 | |
| | 5 | | | | | | 3 | 7 |
| 4 | | | 7 | 5 | | | | |
| 7 | 8 | | | 6 | | | 4 | 9 |
| | | 3 | | | 1 | | | |
| 5 | | | | | | | 2 | |
| 9 | 1 | | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 1 | 7 | 5 | 2 | 6 | 8 | 4 |
| 4 | 2 | 6 | 9 | 8 | 3 | 7 | 1 | 5 |
| 5 | 7 | 8 | 1 | 6 | 4 | 3 | 2 | 9 |
| 6 | 4 | 7 | 3 | 1 | 5 | 2 | 9 | 8 |
| 2 | 1 | 9 | 8 | 4 | 7 | 5 | 3 | 6 |
| 8 | 5 | 3 | 2 | 9 | 6 | 1 | 4 | 7 |
| 3 | 6 | 2 | 4 | 7 | 8 | 9 | 5 | 1 |
| 7 | 9 | 4 | 5 | 3 | 1 | 8 | 6 | 2 |
| 1 | 8 | 5 | 6 | 2 | 9 | 4 | 7 | 3 |

ଗତକାଲିର ଉତ୍ତର

# ମା'ବାପାମାନଙ୍କୁ ଚିଠିଟିଏ



ଅକ୍ଷୟ କୁମାର ମିଶ୍ର

ପ୍ରିୟ ମା'ବାପାମାନେ!

ଶୁଭେଚ୍ଛା ନେବେ। ଲେଖିବି କି ଲେଖିବିନି ଏଭଳି ଏକ ମାନସିକ ଦ୍ୱନ୍ଦ୍ୱ ଭିତରେ ବେଶ୍ କିଛି ଦିନ ଗଲା ପରେ ସ୍ଥିର କଲି ଏମିତି ଏକ ଚିଠି ଆପଣମାନଙ୍କ ଉଦ୍ଦେଶ୍ୟରେ ଲେଖିବି ବୋଲି। ମୋର ଉଦ୍ଦେଶ୍ୟ ନୁହେଁ ଆପଣମାନଙ୍କୁ ପରାମର୍ଶ ଦେବା ଅଥବା ଆପଣମାନଙ୍କର ଦୋଷ ଦୁର୍ବଳତା ବାଛିବା। ମୁଁ ଯାହା ଦେଖୁଛି ଏବଂ ଅନୁଭବ କରୁଛି, ସେହି ଅଭିଜ୍ଞତା ଭିତରୁ କିଛି କଥା ଆପଣମାନଙ୍କ ସହିତ କେବଳ ବିନିମୟ କରିବାକୁ ଚାହୁଁଛି। ଶ୍ରେଣୀକକ୍ଷରେ ମୁଁ ଜଣେ ଶିକ୍ଷକ ହେଲେ ବି ମୁଁ ଜଣେ ବାପା। ପୁଅ ଝିଅକୁ ନେଇ ଆପଣମାନଙ୍କର ଯେମିତି ସ୍ୱପ୍ନ ଅଛି, ମୋର ମଧ୍ୟ ସେମିତି ଅଛି। କୌଣସି ମା'ବାପା ଚାହାନ୍ତି ନାହିଁ ତାଙ୍କ ପୁଅ ଝିଅମାନେ ବଡ଼ ମଣିଷ ନ ହୁଅନ୍ତୁ। ସମସ୍ତଙ୍କର ଇଚ୍ଛା ପିଲାମାନେ ଭଲ ପାଠ ପଢ଼ନ୍ତୁ। ଆଗକୁ ବଢ଼ନ୍ତୁ। ଦଶ ଜଣରେ ଜଣେ ହୁଅନ୍ତୁ। କିନ୍ତୁ ଆମ ଇଚ୍ଛାର ଘୋଡ଼ାଟା ଏତେ ଜୋରରେ ଧାବମାନ ଯେ ବାସ୍ତବତାଠାରୁ କେତେବେଳେ ଆମେ ବିଚ୍ଛିନ୍ନ ହୋଇଯାଉ ତାହା ନିଜେ ମଧ୍ୟ ଜାଣିପାରୁନା। ଅଜାଣତରେ ନିଜର ଇଚ୍ଛାକୁ ପିଲାମାନଙ୍କ ଉପରେ ଲଦି ଦେଉ। ସେମାନେ କ'ଣ ଚାହୁଁଛନ୍ତି ତାହା ଜାଣିବାକୁ ଚେଷ୍ଟା କରୁନା। ଶାରୀରିକ ତଥା ମାନସିକ ବୋଝ ଦେଇ ସେମାନଙ୍କୁ ଭାରାକ୍ରାନ୍ତ କରିପକାଉ। ବିଶେଷକରି ଯେଉଁ ମା'ବାପାମାନେ ଅପାଠୁଆ, ସେମାନେ ପିଲାମାନଙ୍କ ପ୍ରତି ଯେତିକି ଯତ୍ନବାନ୍ ହେବା କଥା ତାହା ହୁଅନ୍ତି ନାହିଁ। ଅବହେଳା କାରଣରୁ ବହୁ ପ୍ରତିଭାର ଉନ୍ମେଷ ହୋଇପାରେ ନାହିଁ।

ପ୍ରଥମେ ସେହି ମା'ବାପାମାନଙ୍କୁ କହିବାକୁ ଚାହେଁ, ଯେଉଁମାନେ ନିଜ ପୁଅଝିଅଙ୍କ ସହିତ କିଛି ମୁହୂର୍ତ୍ତ ବିତାଇବାକୁ ସମୟ ପାଆନ୍ତି ନାହିଁ। ହଁ, ଏହା ସତ୍ୟ ଯେ ଆପଣମାନେ ଅର୍ଥନୈତିକ ଭାବେ ବହୁ ଦୁର୍ବଳ। ଏଣୁ ଗୁଜରାଣ ମେଣ୍ଟାଇବା ପାଇଁ ସକାଳୁ ସଞ୍ଜଯାଏ ବିଭିନ୍ନ କାର୍ଯ୍ୟ କରି ଅର୍ଥ ଉପାର୍ଜନ କରିବାକୁ ଆପଣମାନେ ବାଧ୍ୟ ହୁଅନ୍ତି। ଆପଣମାନଙ୍କର ଯୁକ୍ତି ହେଉଛି ''ହାତରେ ଅର୍ଥ ନ ଥିଲେ ଖାଇବୁ କ'ଣ, ପିନ୍ଧିବୁ କ'ଣ, ପିଲାଙ୍କ ପାଠପଢ଼ାରେ ଯାହା ଖର୍ଚ୍ଚ ହେବ ତାହା ଆସିବ କେଉଁଠୁ? ସମୟ କାହିଁ ପିଲାଙ୍କ ସହିତ ଦୁଃଖ ସୁଖ ହେବାକୁ? ଯେତେ ପର୍ଯ୍ୟନ୍ତ ପାରିବେ ପଢ଼ିବେ। ଓଳିଆରୁ ଗଜା ହୋଇପାରିଲେ ତ ଭଲ, ନ ହେଲେ ଘର କାମରେ ଲାଗିବେ। ଗୋବର ଗୋଟେଇ ଝିଅ ରାଜା ଘରର ବୋହୂ ହେବା ପାଇଁ ସ୍ୱପ୍ନ ଦେଖିବା ଯାହା, ଆମ ପିଲା ହାକିମ ହେବ ବୋଲି ଭାବିବା ସେଇଆ।''

ଦ୍ୱିତୀୟ ଯୁକ୍ତିଟି ଆହୁରି କଠୋର। ପାଠ ପଢ଼ିଲେ ବଢ଼ିବେ ନା ଦୂରେଇ ଯିବେ? ଯେଉଁମାନେ ଉଚ୍ଚ ଶିକ୍ଷା ଲାଭ କରୁଛନ୍ତି, ସେମାନେ ମା'ବାପାଙ୍କୁ ଭୁଲି ଯାଉଛନ୍ତି। ସହରରେ ରହିବାକୁ ପସନ୍ଦ କରୁଛନ୍ତି। ଗାଁକୁ ଫେରୁନାହାନ୍ତି। ମଲାବେଳେ ମୁହଁରେ ଟୋପାଏ ପାଣି ଦେବାକୁ ମଧ୍ୟ ନ ଥିବେ। ଗାଁ ଇସ୍କୁଲରେ ଯାହା ହେଲେ ସେତିକି ଯଥେଷ୍ଟ। ଏସବୁ ଯୁକ୍ତିକୁ ଖଣ୍ଡନ କରିବାକୁ ମୋ ପାଖରେ ଶବ୍ଦ ନାହିଁ। ଆପଣମାନେ ଯାହା ଦେଖୁଛନ୍ତି ତାହା କହୁଛନ୍ତି। ଅଙ୍ଗେଲିଭା କଥା। ତେବେ ସବୁ ଉଚ୍ଚ ଶିକ୍ଷିତ ମଣିଷ ଯେ ସ୍ୱାର୍ଥପର କିମ୍ବା ସବୁ ସ୍ୱାର୍ଥପର ମଣିଷ ଯେ ଉଚ୍ଚ ଶିକ୍ଷିତ ଏହା ଭାବିବା ଠିକ୍ ନୁହେଁ। କିନ୍ତୁ ସବୁ ପିଲା ହେଉଛନ୍ତି ଅମୂଲ୍ୟ ସମ୍ପଦ। ଆମେ ଜାଣିଛେ ଯତ୍ନ କଲେ ରତ୍ନ ମିଳେ, ଯେଉଁ ରତ୍ନ ପରିବାରଠାରୁ ଦେଶର ବିକାଶରେ ପ୍ରୟୋଜନ ହୋଇଥାଏ। ସବୁ କାମ ଧନ୍ଦା ଭିତରୁ କିଛି ସମୟ ବାହାର କରିବାକୁ ପଡ଼ିବ। ଏବେତ ସମସ୍ତ ବିଦ୍ୟାଳୟରେ ନିୟମିତ ବ୍ୟବଧାନରେ ମା'ବାପା, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ନେଇ ବୈଠକ ବସୁଛି। ପିଲାମାନଙ୍କ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରାଯାଉଛି। କିନ୍ତୁ ଆପଣମାନେ ସେହି ବୈଠକରେ ଉପସ୍ଥିତ ହେଉନାହାନ୍ତି। ଆପଣମାନଙ୍କ ଉପସ୍ଥିତି ହିଁ ପିଲାମାନଙ୍କ ମନୋବଳକୁ ଦ୍ୱିଗୁଣିତ କରିବ। ନିଶ୍ଚୟ ଅନୁରୋଧ କରିବି, ବିଦ୍ୟାଳୟକୁ ଆସନ୍ତୁ। ନିଜ ପିଲାମାନଙ୍କ ସମ୍ପର୍କରେ ଶିକ୍ଷକଙ୍କଠାରୁ ଜାଣନ୍ତୁ।



ଏବେ ସେହି ମା'ବାପାମାନଙ୍କୁ ଅନୁରୋଧ କରିବାକୁ ଚାହେଁ, ଯେଉଁମାନେ ଉଭୟ ଚାକିରି କରନ୍ତି। ସକାଳୁ ସଞ୍ଜଯାଏ ନିଜ ନିଜ ଅଫିସରେ କଟାନ୍ତି। ମୋର ମନେହୁଏ, ଆପଣମାନେ ଯେତିକି ସମୟ ଘରେ ରୁହନ୍ତି ମୋବାଇଲରେ ବ୍ୟସ୍ତ ରୁହନ୍ତି। ଅର୍ଥର ଅଭାବ ନ ଥିବା ହେତୁ ଝିଅପୁଅଙ୍କ ଦେଖାଶୁଣା ଚାକରାଣୀ ଚାକରଙ୍କ ଉପରେ ନ୍ୟସ୍ତ କରିଦିଅନ୍ତି। ପାଠପଢ଼ା ପାଇଁ ବିଷୟ ଭିତ୍ତିକ ଟ୍ୟୁଶନ ମାଷ୍ଟର, ସଙ୍ଗୀତ ଶିକ୍ଷା ପାଇଁ ସଙ୍ଗୀତ ମାଷ୍ଟର, ନୃତ୍ୟ ଶିକ୍ଷା ପାଇଁ ନୃତ୍ୟଗୁରୁ, ଯୋଗ ପାଇଁ ଯୋଗଗୁରୁ ନିଯୁକ୍ତି ଦିଅନ୍ତି। କିନ୍ତୁ କେବେ ଭାବନ୍ତି ନାହିଁ ସ୍ନେହ, ଶ୍ରଦ୍ଧା, ଆଦର, ମମତା ନ ପାଇବା ଦ୍ୱାରା ପିଲାମାନଙ୍କର କ'ଣ କ୍ଷତି ହୁଏ! ସବୁ ସୁବିଧା ସୁଯୋଗ ହାତପାହାନ୍ତାରେ ପାଇବା ଦ୍ୱାରା ଆପଣଙ୍କ ପିଲାମାନେ ହୁଏତ ବଡ଼ ମଣିଷ ହେବେ, କିନ୍ତୁ ଭଲ ମଣିଷ ହେବାରେ କେତେ ସଫଳ ହେବେ ତା'ର କୌଣସି ଗ୍ୟାରେଣ୍ଟି ନାହିଁ। ଏଣୁ ଦାୟିତ୍ୱ ପାଳନ ନାମରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇ ପିଲାମାନଙ୍କୁ ଆପଣମାନେ ଏମିତି ଅଣଦେଖା କରିବା ଉଚିତ୍ ହେବ ନାହିଁ। ଥରେ ଭାବିଲେ ଦେଖି ଅର୍ଜିତ ଅମାପ ଧନ ସମ୍ପତ୍ତି କାହା ପାଇଁ, ଯଦି ପିଲାମାନେ ମଣିଷ ପରି ମଣିଷ ହୋଇ ନ ପାରିଲେ! ଯେତିକି ସମୟ ମୋବାଇଲ ସହିତ ବିତାଉଛନ୍ତି, ଯେତିକି ସମୟ କ୍ଲବ ପାର୍ଟିରେ କଟାଉଛନ୍ତି, ସେତିକି ସମୟ ନିଜ ପିଲା ପାଖରେ ରହିଲେ ଯେଉଁ ଶୂନ୍ୟତା ସେମାନେ ଅନୁଭବ କରୁଛନ୍ତି ତାହା ହେବନାହିଁ।

ବହୁ ମାତାପିତା ଅଛନ୍ତି, ଯେଉଁମାନେ ନିଜ ପିଲାଙ୍କ ଭବିଷ୍ୟତ ପ୍ରତି ଅଧିକ ସଚେତନ। ଆବଶ୍ୟକତାଠାରୁ ମଧ୍ୟ ଅଧିକ। ସେମାନେ ପିଲାଙ୍କ ପ୍ରାକୃତିକ ବୃଦ୍ଧିକୁ ଅପେକ୍ଷା କରିପାରନ୍ତି ନାହିଁ। କଥା କହିବାକୁ ଆରମ୍ଭ କଲା ବେଳଠୁ ଚାଲେ ପାଠପଢ଼ା। ପିଲାଟିର ଦକ୍ଷତା କେତେ, ସେ କେତେ ଗ୍ରହଣ କରିପାରିବ, ସେ ଚାହୁଁଛି କ'ଣ ଏସବୁ ପ୍ରତି ଆଦୌ ଧ୍ୟାନ ଦିଅନ୍ତି ନାହିଁ। ତା' ଭିତରେ କେଉଁ ପ୍ରତିଭା ଅଛି, ତାକୁ ଅନ୍ୱେଷଣ ନ କରି ସବୁଥିରେ ପାରଙ୍ଗମ କରିବାକୁ ଲାଗିପଡ଼ନ୍ତି। ଏଥିପାଇଁ ଯାହା ଯାହା ଦରକାର ଯୋଗାଇଦେବାକୁ ଲାଗିପଡ଼ନ୍ତି। ଏହି ଧରଣର ମାନସିକତା ଯୋଗୁ ଏକ ରୁଟିନବନ୍ଧା ଜୀବନ ଭିତରକୁ ଟାଣିନିଏ ପିଲାମାନଙ୍କୁ। କେବଳ ଏତିକି ନୁହେଁ, ଅସୁସ୍ଥ ପ୍ରତିଯୋଗିତା ପିଲାମାନଙ୍କୁ ଅଣନିଃଶ୍ୱାସୀ କରିପକାଏ। ଆଉ କିଛି ମା'ବାପା ଅଛନ୍ତି, ଯେଉଁମାନ ନିଜ ଝିଅପୁଅଙ୍କୁ ଉତ୍ସାହିତ କରିବା ପରିବର୍ତ୍ତେ ଏକ ନୈରାଶ୍ୟଜନକ ସ୍ଥିତିକୁ ଟାଣିନିଅନ୍ତି। ଏମାନେ ସର୍ବଦା ଅନ୍ୟ ପିଲାଙ୍କ ସହିତ ନିଜ ପିଲାଙ୍କୁ ତୁଳନା କରିବା ଆରମ୍ଭ କରିଦିଅନ୍ତି। ଏହାଦ୍ୱାରା ପିଲାମାନେ ନିଜକୁ ଛୋଟ ମଣନ୍ତି। ନିରୁତ୍ସାହିତ ହୋଇପଡ଼ନ୍ତି। ଯେଉଁମାନଙ୍କ ଉଦାହରଣ ଦିଆଯାଏ, ସେମାନଙ୍କ ପ୍ରତି ଈର୍ଷାପରାୟଣ ହୁଅନ୍ତି।

ପିଲାମାନଙ୍କ ପିଲାଦିନ ଅତ୍ୟନ୍ତ ସମ୍ବେଦନଶୀଳ ସମୟ। ସହଜରେ ସବୁ କଥା ଗ୍ରହଣ କରିପାରନ୍ତି ନାହିଁ କି ପ୍ରତିବାଦ କରିବାର ସାହସ ଦେଖାଇ ପାରନ୍ତି ନାହିଁ। ନିଜର ଆବଶ୍ୟକତାକୁ ମୁହଁ ଖୋଲି କାହା ଆଗରେ ଖୋଲି କହିପାରନ୍ତି ନାହିଁ, କିନ୍ତୁ ଅଭାବ ରହିଲେ ଅଣଦେଖା କରାଯାଉଛି ବୋଲି ଧରିନିଅନ୍ତି। ଏଣୁ ମା'ବାପାମାନେ ବେଶ୍ ଯତ୍ନବାନ ହେବା ଜରୁରୀ। ମା'ବାପା ହେଉଛନ୍ତି ପ୍ରତ୍ୟେକ ପିଲାର ପ୍ରଥମ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ପରିବାର ହେଉଛି ପ୍ରଥମ ପାଠଶାଳା। ମା'ର କୋଳଠାରୁ ନିରାପଦ ସ୍ଥାନ ପୃଥିବୀରେ କେଉଁଠି ନାହିଁ କି ବାପାଠାରୁ ଅଧିକ ଭରସାଯୋଗ୍ୟ ବ୍ୟକ୍ତି କେହି ନାହାନ୍ତି। ଆପଣମାନଙ୍କ ସବୁଠୁ ବଡ଼ ଦାୟିତ୍ୱ ହେଲା ପିଲା ଭିତରେ ସତ୍‌ସାହସ ସଞ୍ଚାରିତ କରିବା। କୌଣସି କଥାକୁ ସେମାନେ ଯେପରି ଅନ୍ଧ ଭାବରେ ବିଶ୍ୱାସ କରିଯାଆନ୍ତି ନାହିଁ ସେ ଦିଗରେ ଉଦ୍ୟମ କରିବା। ପିଲା ଭିତରେ ଜିଜ୍ଞାସା ରହିଲେ ସେ କାରଣ ଖୋଜିବ। କାରଣ ଖୋଜିଲେ ସର୍ଜନଶୀଳତା ବୃଦ୍ଧି ପାଇବ। ଏଣୁ ମା'ବାପାମାନେ ପିଲାଙ୍କୁ ଭୀରୁ କରିଦିଅନ୍ତୁ ନାହିଁ କି ନିଜର ଇଚ୍ଛାକୁ ସେମାନଙ୍କ ଉପରେ ଲଦି ଦିଅନ୍ତୁ ନାହିଁ। ପ୍ରତ୍ୟେକ ପିଲା କୌଣସି ନା କୌଣସି ପ୍ରତିଭାର ଅଧିକାରୀ। ସେହି ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନଟ କରି ସେହି ଦିଗରେ ପ୍ରୋତ୍ସାହିତ କଲେ ସେ ଭବିଷ୍ୟତରେ ଏକ ପ୍ରଭାବଶାଳୀ ବ୍ୟକ୍ତିରେ ପରିଗଣିତ ହେବ।

**ସଭାପତି, ଓଷ୍ଟା, ନୟାସଡ଼କ, କଟକ**

# ଜୀବନ ଦୃଷ୍ଟିରେ ଜୈବ ବିବିଧତା



ଈପ୍ସିତା ମହାନ୍ତି

ବେଦ, ଉପନିଷଦ, ପୁରାଣ, ଗୀତା, ଭାଗବତ ଆଦି ଗ୍ରନ୍ଥରେ ଆମ ପ୍ରାଚୀନ ଭାରତୀୟ ସଭ୍ୟତା ଏବଂ ସାମାଜିକ ଜୀବନର ମୂଲ୍ୟବୋଧ ସଂରକ୍ଷିତ ହୋଇରହିଛି। ଆମ ସାମାଜିକ ଏବଂ ସାଂସ୍କୃତିକ ଜୀବନକୁ ଶୃଙ୍ଖଳିତ ଢଙ୍ଗରେ ଗଢ଼ିତୋଳିବା ପାଇଁ ଯେଉଁସବୁ ମୂଲ୍ୟବୋଧ ଆବଶ୍ୟକ, ସେସବୁ ଏହି ଗ୍ରନ୍ଥରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି। ସନାତନ ଧର୍ମ ଅନୁସାରେ ଧରିତ୍ରୀ ହେଉଛି ଆମ ମା'। ଏହା ଉପରେ ମନୁଷ୍ୟର ଯେତିକି ଅଧିକାର ଅନ୍ୟ ସମସ୍ତ ପ୍ରାଣୀଙ୍କର ସେତିକି ଅଧିକାର ରହିଛି। ସହ-ଜୀବନ ଏବଂ ସହ-ଅସ୍ତିତ୍ୱର ମୂଲ୍ୟ ଏହି ଧର୍ମର ସବୁଠାରୁ ବଡ଼ ପୁଞ୍ଜି। ଜୈବ ବିବିଧତା ସୁନିଶ୍ଚିତ ପାଇଁ ଏଠାରେ ପ୍ରକୃତିର ବିଭିନ୍ନ କାରକ ଯଥା- ବୃକ୍ଷଲତା, ପଶୁପକ୍ଷୀ, ସରୀସୃପ, ଜଳ, ବାୟୁ, ମୃତ୍ତିକା, ଅଗ୍ନି, ପ୍ରସ୍ତର, ପର୍ବତ, ଗ୍ରହ, ନକ୍ଷତ୍ର ଆଦି ପୂଜାର୍ଚ୍ଚନାର ବ୍ୟବସ୍ଥା ରହିଛି। ଏହା ମାଧ୍ୟମରେ ଆମେ ପ୍ରକୃତିର ବିଭିନ୍ନ ପବିତ୍ରତାକୁ ଚିହ୍ନଟ କରିଛୁ। ସମୟକ୍ରମେ ତାହାର ପ୍ରଶଂସା କରିବା ସହିତ ସଂରକ୍ଷଣ ପାଇଁ ଅଣ୍ଟାଭିଡିଛୁ।

ବାୟୁମଣ୍ଡଳ, ବାରିମଣ୍ଡଳ ଏବଂ ଅଶ୍ମମଣ୍ଡଳ ମଧ୍ୟରେ ଏକ ସହ-ଅସ୍ତିତ୍ୱର ସିଦ୍ଧାନ୍ତ ଉପରେ ବୈଦିକ ସଭ୍ୟତା ଛିଡ଼ାହୋଇଥିଲା। ଜୀବନର ଉତ୍ପତ୍ତି ଜଳରୁ ହୋଇଛି। ଜଳର ଶୁଦ୍ଧତା ସୁନିଶ୍ଚିତ ନ କରି ଜୀବନ ରକ୍ଷା ହୋଇପାରିବ ନାହିଁ। ଜଳ ପ୍ରଦୂଷଣକୁ ରୋକିବା ପାଇଁ ନଦୀ, ହ୍ରଦ ସମେତ ବିଭିନ୍ନ ଜଳ ଉତ୍ସକୁ ପୂଜା କରାଯାଉଥିଲା। ବୈଦିକ ସଭ୍ୟତାର ଲୋକମାନେ ଜାଣିଥିଲେ ପର୍ବତ, ଜଙ୍ଗଲ ଏବଂ ତୃଣଭୂମି ହେଉଛି ଜୈବ ବିବିଧତାର ଅମାପ ଭଣ୍ଡାର। ଜୀବନ ରକ୍ଷାକାରୀ ପରିବେଶୀୟ ତନ୍ତ୍ରର ସଂରକ୍ଷଣ ପାଇଁ ଏହା ଅତ୍ୟନ୍ତ ଜରୁରୀ ଥିଲା। ବୈଦିକ ସଂସ୍କୃତିର ବିଶ୍ୱାସ ଅନୁଯାୟୀ ମାନବଙ୍କ ପରି ଉଦ୍ଭିଦମାନଙ୍କର ମଧ୍ୟ ଚେତନା ଅଛି। ଉଦ୍ଭିଦମାନେ ଯନ୍ତ୍ରଣା ସହିତ ଆନନ୍ଦକୁ ମଧ୍ୟ ଅନୁଭବ କରନ୍ତି। ଏହି ବିଶ୍ୱାସର ଫଳ ସ୍ୱରୂପ ଉଦ୍ଭିଦ ଏବଂ ସେମାନଙ୍କର ଉତ୍ପାଦଗୁଡ଼ିକ ଆମ ରୀତିନୀତିର ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଗଲେ। ଆଜି ମଧ୍ୟ ଭାରତୀୟ ଗ୍ରାମୀଣ ପରିବେଶରେ ଅଶ୍ୱତ୍ଥ, ବର, ଅଁଳା, ନିମ, ଅଶୋକ, କଦମ୍ବ, ବଉଳ, ବେଲ, ତୁଳସୀ, ଆମ୍ବ, ନଡ଼ିଆ, କଦଳୀ, ପାନ, ଚନ୍ଦନ, ରୁଦ୍ରାକ୍ଷ, ପଦ୍ମ, ପାରିଜାତ, ଦୂବଘାସ ଆଦି ବୃକ୍ଷଲତା ପୂଜାର୍ଚ୍ଚନାର ଅତ୍ୟାବଶ୍ୟକ ଅଂଶ ରୂପେ ବ୍ୟବହୃତ ହେଉଛି। ''ବାୟୁମଣ୍ଡଳରେ ଅମ୍ଳଜାନ ଓ ଅଙ୍ଗାରକାମ୍ଳର ନିୟନ୍ତ୍ରଣକୁ ବଜାୟ ରଖିବାରେ ବୃକ୍ଷଲତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି'' ଏକଥା ବୈଦିକକାଳର ଲୋକମାନେ ବେଶ୍ ଭଲ ଭାବେ ଜାଣିଥିଲେ।

'ସର୍ବନିମ୍ନ ସମ୍ବଳ ସହିତ ବଞ୍ଚିବା' ଏବଂ 'ପ୍ରାକୃତିକ ସମ୍ପଦର ନ୍ୟାୟପୂର୍ଣ୍ଣ ବ୍ୟବହାର' ଥିଲା ବୈଦିକ ସଭ୍ୟତାର ଦୁଇଟି ମୁଖ୍ୟ ନୀତି। ଯାହା ମାନବ ଜୀବନକୁ ନିୟନ୍ତ୍ରଣରେ ରଖିଥିଲା। ଭାରତବର୍ଷର ଶେଷ ହିନ୍ଦୁ ଶାସକ ସମ୍ରାଟ ହର୍ଷବର୍ଦ୍ଧନଙ୍କ ରାଜୁତି ପରେ ବିଶେଷକରି ବିଦେଶୀ ଶାସନ କାଳରେ ଭାରତୀୟ ପ୍ରାଚୀନ ବୈଦିକ ସଂସ୍କୃତି, ପରମ୍ପରା ଏବଂ ମୂଲ୍ୟବୋଧ ଦ୍ରୁତଗତିରେ



ଅବକ୍ଷୟ ହୋଇଚାଲିଲା। ଏଭଳି ସ୍ଥିତିରେ ଆମର ସମଗ୍ର ବିଶ୍ୱ ଦୃଷ୍ଟିଖଣ୍ଡିତ ହେବାରେ ଲାଗିଲା। 'କମ ହିଁ ଅଧିକ' ଆଜି 'ଅଧିକ ମଧ୍ୟ କମ ଅଟେ', 'ସର୍ବେ ଭବନ୍ତୁ ସୁଖୀନଃ' ଆଜି 'ଅହମ ଭବନ୍ତୁ ସୁଖୀନଃ', 'ବସୁଧୈବ କୁଟୁମ୍ବକମ' ଆଜି 'ଲିଭ ଇନ୍ ରିଲେସନଶିପ', 'ମୁଁ ନୁହେଁ ତୁମେ' ଆଜି 'ତୁମେ ନୁହଁ ମୁଁ', 'ପ୍ରକୃତି କୈନ୍ଦ୍ରିକ' ଆଜି 'ଆତ୍ମକୈନ୍ଦ୍ରିକ' ଏବଂ 'ପରିବେଶ ସହ ବନ୍ଧୁତା' ଆଜି 'ପରିବେଶ ସହ ଶତ୍ରୁତା'ରେ ପରିବର୍ତ୍ତିତ ହୋଇଛି। ସବୁକିଛି ମୋର ଏବଂ ଏହା କେବଳ ମୋ ପାଇଁ ଏଭଳି ଅନୁଭବ ଆଜି ମଣିଷଙ୍କ ଭିତରେ ଦୃଢ଼ ଭାବରେ ଘର କରିନେଇଛି। 'ମୁଁ'କାର ଆଜି ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। 'ପ୍ରକୃତି ଆମ ଆତ୍ମାର ବିସ୍ତାର' ଏଭଳି ବୈଦିକ ବିଚାର ଆମ ଚିନ୍ତାଧାରାରୁ କ୍ରମଶଃ ଲୁପ୍ତ ପାଇବାକୁ ଯାଉଛି। ପ୍ରାକୃତିକ ପରିବେଶ ସହ ରହିଥିବା ଆମ ନିବିଡ଼ତାକୁ ଆମେ ଅନୁଭବ କରିପାରୁ ନାହୁଁ। ଆମେ ବ୍ୟକ୍ତିବାଦୀ, ଉପଭୋକ୍ତାବାଦୀ ମାନସିକତାକୁ ଜୀବନର ଲକ୍ଷ୍ୟ କରିନେଇଛୁ। ଫଳସ୍ୱରୂପ ପ୍ରାକୃତିକ ସମ୍ପଦ ଅତ୍ୟଧିକ ମାତ୍ରାରେ ଶୋଷିତ ହୋଇଚାଲିଛି। ପ୍ରାକୃତିକ ଅବୟବଗୁଡ଼ିକ ପ୍ରଭାବହୀନ ହୋଇଛି। ଜଙ୍ଗଲରେ ମୂଲ୍ୟବାନ ବୃକ୍ଷଲତା, ବିରଳ ଜୀବଜନ୍ତୁଙ୍କ ସଂଖ୍ୟା ହ୍ରାସ ପାଉଛି। ନଦୀ, ହ୍ରଦ ଆଦି ଜଳାଶୟ ଶୁଖିଯାଉଛି। ସେଥିରେ ମଇଳା ଆବର୍ଜନା ଜମା ହେଉଛି। ଅନେକ ସ୍ଥାନରେ ଏଗୁଡିକ ବିଲୁପ୍ତ ହୋଇଗଲେଣି। ବାୟୁମଣ୍ଡଳ ବହୁମାତ୍ରାରେ ପ୍ରଦୂଷିତ ହେଉଛି। ପୃଥିବୀର ତାପମାତ୍ରା ବୃଦ୍ଧି ପାଉଛି।

''ମାନବ ଶରୀର ଜଳ, ଆକାଶ, ବାୟୁ, ଅଗ୍ନି ଓ ପୃଥିବୀ ଆଦି ପଞ୍ଚତତ୍ତ୍ୱରେ ଗଢ଼ା।'' ଏହି ୫ଟି ତତ୍ତ୍ୱ ପୃଥିବୀ ପୃଷ୍ଠରେ ଜୀବନର ଆଧାର। ଆମେରିକୀୟ ଅନ୍ତରିକ୍ଷୀୟ ଗବେଷଣା ସଂସ୍ଥା (ନାସା)ର ତଥ୍ୟ ଅନୁଯାୟୀ, କୌଣସି ୨ୟ ଗ୍ରହରେ ମାନବ ସଭ୍ୟତାର ଜୀବନ ଧାରଣ ପାଇଁ ୫ଟି ତତ୍ତ୍ୱ ନିହାତି ଜରୁରୀ। ତାହା ହେଲା- ଜଳ, ସୂର୍ଯ୍ୟାଲୋକ, ଅମ୍ଳଜାନ, ମନୁଷ୍ୟକୁ ସୁହାଇଲା ଭଳି ତାପମାତ୍ରା ଏବଂ ଯବକ୍ଷାରଜାନ। ହେଲେ ଦୁଃଖର କଥା; ଧର୍ମୀୟ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ଜୀବନ ପାଇଁ ଆବଶ୍ୟକ ଏସବୁ ତତ୍ତ୍ୱର ବିନାଶ କାର୍ଯ୍ୟକୁ ମନୁଷ୍ୟ ଆଜି ଖୁବ୍ କ୍ଷିପ୍ର ଗତିରେ ଆରମ୍ଭ କରିଦେଇଛି। ପୃଥିବୀରେ ଜୀବନ ଧାରଣ ପାଇଁ ଯେଉଁ ସବୁ ତତ୍ତ୍ୱ ଅନିବାର୍ଯ୍ୟ ସେସବୁ ମଧ୍ୟରୁ ଅଧିକାଂଶକୁ ଆମେ ନଷ୍ଟ କରିସାରିଛୁ ଅବା ନଷ୍ଟ କରିବା ଦିଗରେ ମାତିଚାଲିଛୁ। ଏହି ପରିପ୍ରେକ୍ଷୀରେ ଆମେ ଯଦି ସମସାମୟିକ ବିପଦପୂର୍ଣ୍ଣ ପରିସ୍ଥିତିରେ ଜୈବ ବିବିଧତାର ସଂରକ୍ଷଣ ପାଇଁ ଚାହିଁବା, ତେବେ ଆମକୁ ଆମ ବୈଦିକ ସଂସ୍କୃତି, ପରମ୍ପରା ଏବଂ ପ୍ରକୃତି ସହ ରହିଥିବା ସମ୍ପର୍କ ସହିତ ମାନବ ସମାଜର ସୌହାର୍ଦ୍ଦ୍ୟକୁ ପୁନର୍ବାର ଅବସ୍ଥାପିତ କରିବାକୁ ପଡ଼ିବ। ପ୍ରକୃତିକୁ ବଞ୍ଚାଇବା ପାଇଁ ସମସ୍ତଙ୍କ ପ୍ରତିବଦ୍ଧତା ଆବଶ୍ୟକ। ଏଥିପାଇଁ ସର୍ବପ୍ରଥମେ ଆମକୁ ଏହା ସ୍ୱୀକାର କରିବାକୁ ହେବ ଯେ ଜୀବନ ଜିଇବା ପାଇଁ ବର୍ତ୍ତମାନର ଆମ ବିଚାରଧାରା ଉଚିତ ଏବଂ ନ୍ୟାୟସଙ୍ଗତ ନୁହେଁ। ତତ୍‌ସହିତ ଆମକୁ ଏହା ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ଆମେ ପ୍ରକୃତି ପ୍ରତି ନିଷ୍ଠୁର ହୋଇପଡିଛୁ ଏବଂ ଆମର ଅସୀମ ଲାଳସା ପୂରଣ ପାଇଁ ଆମେ ଜୈବ ବିବିଧତାକୁ କ୍ଷତି ପହଞ୍ଚାଇ ଚାଲିଛୁ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**

## ଏଇ ଭାରତରେ

ଝିଅମାନେ କାହାଠାରୁ କମ୍ ନୁହନ୍ତି, ଭାରତର ଝିଅ ସୁଚେତା ସତୀଶ ଏହା ପ୍ରମାଣିତ କରିଛନ୍ତି। ସୁଚେତା କେବଳ ଗୋଟିଏ କିମ୍ବା ଦୁଇଟି ନୁହେଁ ୧୪୦ ଭାଷାରେ ଗୀତ ଗାଇ ତାଙ୍କ ନାମରେ ଏକ ନିଆରା ରେକର୍ଡ ସୃଷ୍ଟି କରିଛନ୍ତି। ଆଜି ପର୍ଯ୍ୟନ୍ତ ବିଶ୍ୱରେ କେହି ଏହି ସଫଳତା ହାସଲ କରିବାକୁ ସକ୍ଷମ ହୋଇନାହାନ୍ତି। ଏହି କାରଣରୁ, ଗିନିଜ ବୁକ୍ ଅଫ ୱାର୍ଲ୍ଡ ରେକର୍ଡରେ ସୁଚେତାଙ୍କ ନାମ ମଧ୍ୟ ରେକର୍ଡ କରାଯାଇଛି। କେରଳର ବାସିନ୍ଦା ସୁଚେତା, ନଭେମ୍ବର ୨୪, ୨୦୨୩ରେ ଦୁବାଇରେ କନସର୍ଟ ଫର କ୍ଲାଇମେଟ୍‌ରେ ଅଂଶଗ୍ରହଣ କରିଥିଲେ। ସେଠାରେ ସେ ଏହି ଅନନ୍ୟ ପ୍ରତିଭା ପ୍ରଦର୍ଶନ କରିଥିଲେ। ଯେତେବେଳେ ଗିନିଜ ବୁକ ଅଫ ୱାର୍ଲ୍ଡ ରେକର୍ଡସ ତାଙ୍କର ଅନନ୍ୟ ପ୍ରତିଭାକୁ ପ୍ରଶଂସା କଲା, ସେ ନିଜେ ଇନଷ୍ଟାଗ୍ରାମରେ ଏହି ସୂଚନା ଶେୟାର କରିଥିଲେ। ସେ ଲେଖିଛନ୍ତି, ମୁଁ ୨୪ ନଭେମ୍ବର ୨୦୨୩ରେ କନସର୍ଟ ସମୟରେ ୯ ଘଣ୍ଟାରେ ୧୪୦ ଭାଷାରେ ଗୀତ ଗାଇ ଏକ ନୂତନ ଗିନିଜ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛି। ଜଳବାୟୁ ପରିବର୍ତ୍ତନ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ସେ ୧୪୦ଟି ଭାଷାରେ ଗୀତ ଗାଇ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୮ ଜାନୁଆରୀ ୧୯୭୫

- ଆନ୍ଧ୍ରପ୍ରଦେଶ ବିଧାନସଭାର ରାୟଦୁର୍ଗା ଓ କୋଇଲିକୁନ୍ତଳା ନିର୍ବାଚନମଣ୍ଡଳୀରେ ହୋଇଥିବା ଉପନିର୍ବାଚନରେ କଂଗ୍ରେସ ଦଳ ଉଭୟ ଆସନରୁ ବିଜୟୀ ଘୋଷିତ।
- ଭାରତ ମରିସସ୍‌କୁ ତା'ର ଦ୍ୱିତୀୟ ଯୋଜନା ପାଇଁ ୧୭୫ ନିୟୁତ ଟଙ୍କା ମଧ୍ୟରୁ ୧୦୦ ନିୟୁତ ଟଙ୍କା ଋଣ ଆକାରରେ ଦେବା ନେଇ ଘୋଷଣା।

## ଚିରନ୍ତନୀ

ସଂଗ୍ରାମ ନିଶା ପିଇ
ସର୍ବହରାର ସୈନିକ ଆଜି ମାଟିରୁ
ଉଠଇ ଜୀଇଁ
ଶୋଷକ ଭିତରେ ସରିଛି ଲଢ଼େଇ
ଆବର ରହିଛି ବାକି
ଶୋଷିତ ଉଠିଛି ଡାକି!
-(ଅଗଣିତ ଆଗୁଆନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିରୋଧୀବିହୀନ ଗଣତନ୍ତ୍ର

ମହାଶୟ,

ଦେଶପ୍ରେମୀମାନେ ଲହୁଲୁହ ଦେଇ ଦେଶକୁ ସ୍ୱାଧୀନ କଲେ ଓ ଦେଶକୁ ସାର୍ବଭୌମ ଗଣତନ୍ତ୍ରରେ ପରିଣତ କଲେ। ଲୋକେ ପ୍ରତ୍ୟକ୍ଷଭାବେ ସାଂସଦମାନଙ୍କୁ ନିର୍ବାଚିତ କରି ସଂସଦ ଭବନକୁ ପଠାଉଛନ୍ତି। ଦୀର୍ଘ ୭୫ବର୍ଷ ପରେ ଦେଶ ଆଜି ଏକଛତ୍ରବାଦୀ ଶାସନରେ ପରିଣତ ହୋଇଗଲାଣି। ସରକାର ଜାଣିବା ଉଚିତ ଯେ ପାର୍ଲାମେଣ୍ଟ କେବଳ ସରକାରୀ ଦଳର ନୁହେଁ, ଏଥିରେ ବିରୋଧୀ ଦଳ ସଦସ୍ୟଙ୍କର ବି ଅଧିକାର ଅଛି। ଲୋକେ ନିର୍ବାଚିତ କରି ପଠାଇଥିବା ସଦସ୍ୟମାନଙ୍କୁ ସରକାର କେଉଁ ଅଧିକାରରେ ସଂସଦରୁ ବହିଷ୍କାର କରିଛନ୍ତି। ତାଙ୍କୁ ଏ ଅଧିକାର ଦେଲା କିଏ ? ବିରୋଧୀ ଦଳବିହୀନ ଦେଶକୁ କଦାପି ଗଣତନ୍ତ୍ର ଦେଶ କୁହାଯାଇପାରିବ ନାହିଁ। ଏତେଦିନ ପରେ ଆଜି ଗଣତନ୍ତ୍ର ଲୋପପାଇ ଏକଛତ୍ରବାଦୀ ଦେଶରେ ପରିଣତ ହେବାକୁ ବସିଲାଣି। ସରକାରୀ ଦଳର ଅହଙ୍କାର ଏତେ ବଢ଼ିଯାଇଛି ଯେ ଆଜି ଏତେବଡ଼ ଗଣତାନ୍ତ୍ରିକ ଦେଶକୁ ଏକଛତ୍ରବାଦୀ ଦେଶରେ ପରିଣତ କଲେଣି।

**-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବୁଦ୍ଧିମତ୍ତା ବଢ଼ାଇବାର ନୂଆ ଉପାୟ



ବୁଦ୍ଧିମତ୍ତା ବଢ଼ାଇବାର ଏକ ସରଳ ଉପାୟ ହାତ ପାଆନ୍ତାରେ ରହିଛି। ଆପଣ ପ୍ରତିଦିନ ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆରେ ତଟକା ଫଳମୂଳ ଏବଂ ଏଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ଏହା ଶରୀରକୁ ସତେଜ ରଖିଥାଏ। ତା'ସହ ଏଥିରେ ଆଉ ଏକ କଥା ଲୁଚି ରହିଛି। ଯଦି ଜଣେ ବ୍ୟକ୍ତି ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ କିମ୍ବା ଏଥିରୁ ପ୍ରସ୍ତୁତ ଜୁସ୍ ପିଅନ୍ତି, ତେବେ ତାଙ୍କୁ ବୁଦ୍ଧିମତ୍ତା ପୂର୍ବାପେକ୍ଷା ପ୍ରଖର ହୋଇଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। ଏଭଳି ବିଷୟକୁ ନେଇ ୟୁନିଭର୍ସିଟି ଅଫ ଟୋକିଓର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ବ୍ରେକ୍‌ଫାଷ୍ଟରେ ନିୟମିତ ତଟକା ଫଳମୂଳ ଖାଇବାକୁ କିମ୍ବା ଏଥିରୁ ପ୍ରସ୍ତୁତ ଜୁସ୍ ପିଇବାକୁ ଦିଆଯାଇଥିଲା। ଅନ୍ୟପକ୍ଷରେ ସେମାନଙ୍କର ବୁଦ୍ଧିମତ୍ତା ଉପରେ ଏହାର କ'ଣ ପ୍ରଭାବ ପଡୁଛି ତାହାକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରାଯାଇଥିଲା। ଫଳସ୍ୱରୂପ ସେମାନଙ୍କ ମଧ୍ୟରୁ ଅନେକଙ୍କର ବୁଦ୍ଧିମତ୍ତାରେ ପ୍ରଖରତା ଦେଖିବାକୁ ମିଳିଥିଲା ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ପିଠି ଯନ୍ତ୍ରଣା ପାଇଁ ନୂଆ ଇଞ୍ଜେକଶନ



ସାଧାରଣତଃ ପିଠି ଯନ୍ତ୍ରଣାରୁ ଉପଶମ ପାଇବା ପାଇଁ ଆମେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇଥାଉ। ଏପରି କି କେତେକ ଘରୋଇ ଉପଚାର ଅନୁସରଣ କଲେ ଏଥିରୁ କେତେକାଂଶରେ ଆରାମ ଲାଗିଥାଏ। ହେଲେ ନିକଟରେ ଓହିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ନୂଆ ଇଞ୍ଜେକଶନ ପ୍ରସ୍ତୁତ କରିଛନ୍ତି। ଏହାକୁ ନେବା ପରେ ଜଣେ ପିଠି ଯନ୍ତ୍ରଣାରୁ ଅନେକାଂଶରେ ଉପଶମ ପାଇପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶେଷଭାବରେ ଏହାର କୌଣସି ପାର୍ଶ୍ୱପ୍ରତିକ୍ରିୟା ନାହିଁ ବୋଲି ସେମାନେ ସ୍ପଷ୍ଟ କରିଦେଇଛନ୍ତି। ଏପରି କି ଡାଇବେଟିସ୍ ସମସ୍ୟା ସହ ଜଡିତ ବ୍ୟକ୍ତି ପିଠି ଯନ୍ତ୍ରଣା ଲାଘବ ପାଇଁ ଏହି ଇଞ୍ଜେକଶନ ନେଇପାରିବେ। କେବଳ ସେତିକି ନୁହେଁ ଏହାଦ୍ୱାରା ରକ୍ତଚାପ ମଧ୍ୟ ଅସନ୍ତୁଳିତ ହେବ ନାହିଁ। ତେବେ ପରୀକ୍ଷାମୂଳକ ଭାବରେ ଏହି ଇଞ୍ଜେକଶନ ଠିକ୍ ଭାବରେ କାର୍ଯ୍ୟ କରୁଛି ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

# ଶୀତଦିନିଆ ସ୍ୱାସ୍ଥ୍ୟ ସମସ୍ୟା ଓ ପ୍ରତିକାର



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ଆମ ଦେଶ ଭାରତବର୍ଷରେ ପ୍ରତିବର୍ଷ ସାଧରଣତଃ ତିନିପ୍ରକାର ଜଳବାୟୁ ଆମେ ଅନୁଭବ କରିଥାଉ। ଖରାଦିନେ ଗ୍ରୀଷ୍ମର ପ୍ରକୋପ ହେତୁ ଅଂଶୁଘାତ, ବର୍ଷାଦିନେ ବର୍ଷାର ପ୍ରକୋପ ହେତୁ ଝାଡ଼ାବାନ୍ତି, ମ୍ୟାଲେରିଆ ଆଦିର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଶୀତ ଦିନେ ଥଣ୍ଡାର ପ୍ରକୋପ ଅଧିକ ହେତୁ ମନୁଷ୍ୟ ଶରୀରରେ ଥଣ୍ଡାଜନିତ ବିଭିନ୍ନ ରୋଗ ହେବାର ଆଶଙ୍କା ରହିଥାଏ। ଆମ ଦେଶରେ କାର୍ତ୍ତିକ ମାସରୁ ଶୀତର ପ୍ରକୋପ ଆରମ୍ଭ ହୋଇ, ସେପ୍ଟେମ୍ବର ୨୩ ତାରିଖ ପରେ ପରେ ପୃଥିବୀର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟଙ୍କଠାରୁ ଧୀରେ ଧୀରେ ଦୂରତା ବୃଦ୍ଧି ପାଏ। ଫଳରେ ଉତ୍ତର ଗୋଲାର୍ଦ୍ଧରେ ଉତ୍ତାପ ହ୍ରାସ ପାଇ ଶୀତର ପ୍ରକୋପ ବୃଦ୍ଧି ପାଇଥାଏ। ଏହାଦ୍ୱାରା ମନୁଷ୍ୟ ଶରୀରରେ କାଶ, ଛିଙ୍କ, ଶ୍ୱାସ, ରକ୍ତହୀନତା ଏବଂ କାଛୁ, କୁଣ୍ଡିଆ, ଯାଦୁ ଆଦି ବିଭିନ୍ନ ଚର୍ମ ରୋଗ ଦେଖାଯାଇଥାଏ।

ଭାରତୀୟ ପାରମ୍ପରିକ ଚିକିତ୍ସା ଶାସ୍ତ୍ରରେ ବିଭିନ୍ନ ଋତୁ ଅନୁଯାୟୀ ଆହାର ବିହାର ପାଳନ କରିବା ନିମନ୍ତେ ବର୍ଣ୍ଣନା କରାଯାଇଛି। ଯାହାକୁ ଋତୁଚର୍ଯ୍ୟା କୁହାଯାଏ। ଶୀତ ଋତୁରେ ନୂଆ ଚାଉଳ ଓ ଗହମରୁ ପ୍ରସ୍ତୁତ ଖାଦ୍ୟ ସହ ପ୍ରାତଃ ତୈଳ ମର୍ଦ୍ଦନ, ଉଷ୍ମ ଜଳରେ ସ୍ନାନ,ଗରମ ଖାଦ୍ୟ ଭୋଜନ ସହ ଉଷ୍ମ ଜଳ ପାନ ସ୍ୱାସ୍ଥ୍ୟ ହିତକାରକ ଅଟେ।

**ଚର୍ମ ରୋଗ :** ଜଳବାୟୁରେ ଭାସମାନ ଅବସ୍ଥାରେ ରହିଥିବା କେତେକ ଦୂଷିତ ପଦାର୍ଥ ଚର୍ମର ସ୍ପର୍ଶରେ ଆସି ବିଭିନ୍ନ ଚର୍ମରୋଗ ଦେଖାଦେଇଥାଏ। ଶୀତ ଦିନେ ସାଧାରଣତଃ ଦେହରୁ ସ୍ୱେଦ (ଝାଳ) ନିର୍ଗତ ହେଉ ନ ଥିବାରୁ ଦୂଷିତ ପଦାର୍ଥ ଲୋମକୂପ ସଂସ୍ପର୍ଶରେ ଆସି ଚର୍ମରୋଗ ସୃଷ୍ଟି ହେବାର ଅଧିକା ଆଶଙ୍କା ରହିଥାଏ। ଏହି ଋତୁରେ ସାଧାରଣତଃ ଥଣ୍ଡାର ଅଧିକ ପ୍ରକୋପ ହେତୁ କିଛି ବ୍ୟକ୍ତିବିଶେଷ କମ୍ ଗାଧୋଇବା ସହ ପରିଷ୍କାରପରିଚ୍ଛନ୍ନତାକୁ ଗୁରୁତ୍ୱ ଦେଇ ନ ଥାନ୍ତି, ଯଦ୍ୱାରା ଯାଦୁ, କାଛୁ,କୁଣ୍ଡିଆ, ଶୁଷ୍କ ଚର୍ମ, ପାଦ ଫାଟିବା, ଜିଭ ଧରିବା, ଓଠ ଫାଟିବା, ମୁହଁରେ ଦାଗ ଦେଖାଦେବା ଆଦି ବିଭିନ୍ନ ଚର୍ମ ରୋଗର ସମ୍ମୁଖୀନ ହୋଇଥାଆନ୍ତି। ଏହାର ମୁଖ୍ୟ କାରଣ ହେଲା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା। ଉକ୍ତ ଚର୍ମ ରୋଗର ପ୍ରତିରୋଧ ନିମନ୍ତେ ଶରୀରରେ ପ୍ରାକୃତିକ ଉପାୟରେ ଭିଟାମିନ-'ସି'ର ବୃଦ୍ଧି ପାଇଁ ଅଁଳା କୋଳି ଖାଇବା ସହ ଭିଟାମିନ 'ଡି' ବୃଦ୍ଧି ପାଇଁ ପ୍ରତିଦିନ ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟକିରଣରେ କିଛି ସମୟ ଠିଆ ହୁଅନ୍ତୁ। ଭଲ ଭାବେ ତେଲ ଏବଂ ସାବୁନ୍ ଲଗାଇ ଗାଧୋଇବା ଦରକାର। ଶୀତ ଦିନେ ବହୁତ ବ୍ୟକ୍ତିଙ୍କ ପାଦ, ଗୋଇଠି, ଆଙ୍ଗୁଠି, ଫାଟିଥାଏ। ଏଥିପାଇଁ ମୋଜା ପିନ୍ଧନ୍ତୁ। ଫଳରେ ପାଦରୁ ସ୍ୱେଦ ନିର୍ଗତ ହୋଇ, ପାଦରେ ଆର୍ଦ୍ରତା ସୃଷ୍ଟିହୋଇ ପାଦ ଫାଟିବା ଆଶଙ୍କା କମିଯିବ। ଏହା ସହ ରାତିରେ ଶୋଇବା ପୂର୍ବରୁ ଉଷୁମ ଜଳରେ କିଛି ଲୁଣ ପକାଇ ସେଥିରେ ପାଦକୁ କିଛି ସମୟ ବୁଡାଇ ରଖିବା ପରେ ଶୁଖିଲା କପଡ଼ାରେ ପାଦକୁ ଭଲଭାବେ ପୋଛି ଦିଅନ୍ତୁ। ନଡ଼ିଆ ତେଲକୁ ପତଳା ଆକାରରେ ଲଗାଇବା ଦ୍ୱାରା ପାଦ ଫଟାରୁ ଉପଶମ ମିଳିଥାଏ। ଓଠ ଫାଟିବାରୁ ଉପଶମ ନିମନ୍ତେ କିଛି ପରିମାଣ ମହୁ, ଚିନି ଓ ଆଲମଣ୍ଡ ତେଲକୁ ମିଶ୍ରଣ କରି ଓଠରେ ଲଗାଇଲେ ଓଠ ନରମ ହୋଇଥାଏ। ବିଟ୍ ରସକୁ ଓଠରେ ଲଗାଇଲେ ଓଠ ନରମ ଓ ସତେଜ ହୋଇଥାଏ। ଘିକୁଆଁରୀ ରସ ଓ ମହୁ ମିଶାଇ ଓଠରେ ଲଗାଇବା ଦ୍ୱାରା ଓଠ ଫାଟିବା କମିଥାଏ। ଏହାବ୍ୟତୀତ ଶୀତଦିନେ ଅଧିକ ପାଣି ପିଇବା ଉଚିତ, ଯଦ୍ୱାରା ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିଥାଏ।

> "ଶୀତଋତୁରେ ସାଧାରଣତଃ ଥଣ୍ଡାର ଅଧିକ ପ୍ରକୋପ ହେତୁ କିଛି ବ୍ୟକ୍ତିବିଶେଷ କମ୍ ଗାଧୋଇବା ସହ ପରିଷ୍କାରପରିଚ୍ଛନତାକୁ ଗୁରୁତ୍ୱ ଦେଇ ନ ଥାନ୍ତି , ଯଦ୍ୱାରା ଯାଦୁ, କାଛୁ, କୁଣ୍ଡିଆ, ଶୁଷ୍କ ଚର୍ମ, ପାଦ ଫାଟିବା, ଜିଭ ଧରିବା, ଓଠ ଫାଟିବା, ମୁହଁରେ ଦାଗ ଦେଖା ଦେବା ଆଦି ବିଭିନ୍ନ ଚର୍ମ ରୋଗର ସମ୍ମୁଖୀନ ହୋଇଥାଆନ୍ତି । ଏହାର ମୁଖ୍ୟ କାରଣ ହେଲା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା। ଉକ୍ତ ଚର୍ମ ରୋଗର ପ୍ରତିରୋଧ ନିମନ୍ତେ ଶରୀରରେ ପ୍ରାକୃତିକ ଉପାୟରେ ଭିଟାମିନ'ସି'ର ବୃଦ୍ଧି ପାଇଁ ଅଁଳା କୋଳି ଖାଇବା ସହ ଭିଟାମିନ 'ଡି' ବୃଦ୍ଧି ପାଇଁ ପ୍ରତିଦିନ ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟକିରଣରେ କିଛି ସମୟ ଠିଆ ହୁଅନ୍ତୁ। ଭଲ ଭାବରେ ତେଲ ଏବଂ ସାବୁନ୍ ଲଗାଇ ଗାଧୋଇବା ଦରକାର।"





**ଚର୍ମ ରୋଗ ପ୍ରତିରୋଧ ନିମନ୍ତେ ଆୟୁର୍ବେଦ ଔଷଧ:** ଶରୀରରେ ରକ୍ତ ପରିଷ୍କାର ନିମନ୍ତେ ସକାଳ ଓ ସନ୍ଧ୍ୟାରେ କ୍ଷୀର ସହ ତୋପଚିନି ରସାୟନ ୧୦ ଗ୍ରାମ ଲେଖାଏଁ ସେବନ କରିବା ଉଚିତ। ସାରିବାଦ୍ୟା ସବ, ସାରିବାଦ୍ୟା ରିଷ୍ଟ, ଖଦିରା ରିଷ୍ଟ ଆଦି ଯେକୌଣସି ଗୋଟିଏ ୧୦ ମିଲି ଲେଖାଏଁ ଖାଲି ପେଟରେ ସମପରିମାଣର ଜଳ ମିଶାଇ ସେବନ କରିବା ଦ୍ୱାରା ରକ୍ତ ପରିଷ୍କାର ହୋଇଥାଏ। ଶାଫି ସିରପ ୧୦ ମିଲି ଲେଖାଏଁ ଦିନକୁ ଦୁଇଥର ସେବନ କରିବା ଦ୍ୱାରା ରକ୍ତ ପରିଷ୍କାର ହୋଇଥାଏ।

**ଆଣ୍ଠୁଗଣ୍ଠି ସମସ୍ୟା :** ଶୀତଦିନେ ସାଧରଣତଃ ଗୋଡ଼ ହାତର ଖଞ୍ଜା, ଗଣ୍ଠି ବିନ୍ଧା ହୋଇଥାଏ। ଏହାର ପ୍ରତିକାର ଲାଗି ରାତିରେ ଶୋଇବା ବେଳେ ଶୀତ ହେତୁ ଜାକିଜୁକି ହୋଇ ଶୋଇବା ଉଚିତ ନୁହେଁ। ନିୟମିତ ପ୍ରାତଃ ଓ ସନ୍ଧ୍ୟା ଭ୍ରମଣ ସହ ଶାରୀରିକ ବ୍ୟାୟାମ, ସନ୍ତରଣ,ସାଇକେଲ ଚଳାଇବା ସହ ଯୋଗାସନ, ପ୍ରାଣାୟାମ ଆଦି କରିବା ଉଚିତ।

ଶୀତଦିନେ ଥଣ୍ଡା ବୃଦ୍ଧି ପାଇବା ସହ ବହୁ ବ୍ୟକ୍ତି ଜ୍ୱର,କାଶ,ଛିଙ୍କ, ନାକରୁ ପାଣି ନିର୍ଗତ ହେବା, ଗୋଡ ହାତ ଓ ମୁଣ୍ଡ ବ୍ୟଥା ଆଦି ସମସ୍ୟା ଦେଖାଦେଇଥାଏ। ଏହି ସଂକ୍ରମଣରୁ ଆମେ ଉପଶମ ପାଇବା ଲାଗି ଅଦା,ତୁଳସୀପତ୍ର, ଅଁଳା, ଘିକୁଆଁରୀ, ତେଜପତ୍ର, ଡାଲଚିନି, ଗୋଲମରିଚ, ପିପ୍ପଳି ଆଦିକୁ ଆବଶ୍ୟକ ପରିମାଣରେ ସିଝାଇ ସେବନ କରନ୍ତୁ। ଏହାଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଏହି ଋତୁରେ ସଂକ୍ରମଣ ରୋଗଠାରୁ ଦୂରେଇ ରହିବା ପାଇଁ ଦୈନନ୍ଦିନ ବିଭିନ୍ନ ପ୍ରକାର ସବୁଜ ତଥା ତଟକା ପନିପରିବା ଅଧିକ ପରିମାଣରେ ଖାଆନ୍ତୁ। ଖାଇବା ଗ୍ରୀନମଟର ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଅତି ଉପକାରୀ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ସହ ଭିଟାମିନ୍-ଏ, ବି, ସି, ଇ ଏବଂ କେ ବ୍ୟତୀତ ତନ୍ତୁଜାତୀୟ ପଦାର୍ଥ ପର୍ଯ୍ୟାପ୍ତ ମାତ୍ରାରେ ରହିଛି। ଏହା ମଧ୍ୟ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବାରେ ସହାୟକ ହେଇଥାଏ। ଶୀତଦିନେ ସାଧାରଣତଃ ଭୂତାଣୁଜନିତ ରୋଗ ବୃଦ୍ଧି ପାଇବାର ଆଶଙ୍କା ରହିଛି। ତେଣୁ ଅଧିକ ସତର୍କତା ଅବଲମ୍ବନ କରିବା ସହ ମାସ୍କ ପିନ୍ଧିବା ବ୍ୟତୀତ ଉଷୁମ ପାଣି ପିଅନ୍ତୁ। ଆମ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ମହୁ, ଗୁଡ଼,ଗାଇଘିଅ,ତୁଳସୀ, ହଳଦୀକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ଉଚିତ। ଏହାଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ମାତ୍ରା ବୃଦ୍ଧି ପାଇବା ସହ ଆମେ ନୀରୋଗ ଜୀବନଯାପନ କରିପାରିବା।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

## ବ୍ୟାୟାମ : କିଛି କଥା



ନିଜକୁ ସୁସ୍ଥ ତଥା ନୀରୋଗ ରଖିବାରେ ବ୍ୟାୟାମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜଣେ ବ୍ୟକ୍ତି ପ୍ରତିଦିନ ଏଥିପାଇଁ କିଛି ସମୟ ଦେଲେ ତାହା କେତେ ଉପକାରୀ ସାବ୍ୟସ୍ତ ହୋଇଥାଏ କହିବା ଅନାବଶ୍ୟକ। ତେବେ ଯଦି ଆପଣ ବ୍ୟାୟାମ କରୁଛନ୍ତି ତେବେ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ପ୍ରଥମ କଥା ହେଲା ଏହାପୂର୍ବରୁ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଷୟ ଭାବରେ ଆଲୋଚନା କରନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି- ବ୍ୟାୟାମ କରିବା ପୂର୍ବରୁ ନିଜର ଶାରୀରିକ ପରୀକ୍ଷା କରାଇ ନିଅନ୍ତୁ। ବିଶେଷଭାବରେ ସକାଳେ ବ୍ୟାୟାମ କଲେ ତାହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଯଦି ଆପଣ ସକାଳେ ବ୍ୟସ୍ତ ରହୁଛନ୍ତି ତା'ହେଲେ ସନ୍ଧ୍ୟା ସମୟକୁ ଚୟନ କରିପାରନ୍ତି। ବ୍ୟାୟାମ କରିବା ପୂର୍ବରୁ ନିଜକୁ ଏ ନେଇ ମାନସିକ ସ୍ତରରେ ପ୍ରସ୍ତୁତ ରଖନ୍ତୁ। ସବୁବେଳେ ଖାଲି ପେଟରେ ବ୍ୟାୟାମ କରନ୍ତୁ। ଯଦି ଏହି ସମୟରେ ହାଲିଆ ଲାଗୁଛି ତେବେ କିଛି ସମୟ ବିଶ୍ରାମ କରିବା ପରେ ବ୍ୟାୟାମ କରନ୍ତୁ। ପ୍ରତିଦିନ ଏହାପୂର୍ବରୁ ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ବ୍ୟାୟାମ କରନ୍ତୁ। ସବୁବେଳେ ନିର୍ମଳ ପରିବେଶରେ ବ୍ୟାୟାମ କଲେ ଭଲ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା-ବ୍ୟାୟାମ କରିବା ସମୟରେ ଏହାର ଯେପରି ପ୍ରତିକୂଳ ପ୍ରଭାବ ଶରୀର ଉପରେ ନ ପଡ଼େ ସେ ନେଇ ସତର୍କ ରୁହନ୍ତୁ।

## ଏଚ୍‌ଆଇଭି ଭୂତାଣୁ ଓ ଗ୍ଲାଇକୋପଲିମର



ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ଅନ୍ୟତମ ପ୍ରମୁଖ ରୋଗ ହେଲା ଏଡ୍‌ସ। ଏଚ୍‌ଆଇଭି ଭୂତାଣୁ ଯୋଗୁ ଏହି ରୋଗ ହୋଇଥାଏ। ତେବେ ଏଭଳି ଭାଇରସ ବା ଭୂତାଣକୁ ନିୟନ୍ତ୍ରଣରେ ରଖିବା ଲାଗି ଏକ ଇଞ୍ଜେକଶନ୍ ପ୍ରସ୍ତୁତ ହୋଇଛି। ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏଭଳି ନୂଆ ଉପାୟ ଖୋଜି ପାଇବାରେ ସକ୍ଷମ ହୋଇଛନ୍ତି। ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଦୀର୍ଘ ତିନି ବର୍ଷ ଗବେଷଣା କରି ଏଭଳି ସଫଳତା ଅର୍ଜନ କରିଛନ୍ତି। ଗବେଷଣା ସମୟରେ ସେମାନେ ସୁଗାର ମଲିକ୍ୟୁଲକୁ ଏକାଠି କରି 'ଗ୍ଲାଇକୋପଲିମର' ନାମକ ତତ୍ତ୍ୱ ପ୍ରସ୍ତୁତ କରିଥିଲେ। ଏହାକୁ ନେଇ ମଧ୍ୟ ସେମାନେ ଏକ ଇଞ୍ଜେକ୍‌ଶନ ତିଆରି କରିଛନ୍ତି। ବିଶେଷଭାବରେ ଏଚ୍‌ଆଇଭି ଭୂତାଣୁକୁ ଏହି ଇଞ୍ଜେକଶନ ପ୍ରତିରୋଧ କରିପାରିବ। କେବଳ ସେତିକି ନୁହେଁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ମଧ୍ୟ ଏହା କେତେକାଂଶରେ ସହାୟକ ହୋଇଥାଏ। ଖାସ୍ କଥା ହେଲା, ଏହି ଇଞ୍ଜେକଶନ ସୁସ୍ଥ କୋଷଗୁଡିକୁ ଏଚ୍‌ଆଇଭି ଭୂତାଣୁ ଦ୍ୱାରା ସଂକ୍ରମିତ ହେବାକୁ ଦେଇ ନ ଥାଏ।

## ସ୍ୱାସ୍ଥ୍ୟ ସୂଚନା

- ଦୈନନ୍ଦିନ ଖାଦ୍ୟ ତାଲିକାରେ ସଜନା ଶାଗ ସାମିଲ କରନ୍ତୁ। ଏହା ରକ୍ତରେ ଗ୍ଲୁକୋଜ୍ ଏବଂ ପରିସ୍ରାରେ ଶର୍କରା ଏବଂ ପ୍ରୋଟିନ୍‌ର ପରିମାଣକୁ ସନ୍ତୁଳିତ ରଖେ।
- ପ୍ରତିଦିନ କିଛି ପରିମାଣରେ ଦହି ଖାଆନ୍ତୁ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ। ଦହିରେ କ୍ୟାଲ୍‌ସିୟମ୍ ଥିବାରୁ ଏହା ହାଡ଼ ଓ ଆଣ୍ଠୁଗଣ୍ଠିକୁ ମଜଭୁତ କରିବାରେ ସାହାଯ୍ୟ କରେ।
- ଜଣେ ଆଜ୍‌ମା ରୋଗୀ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା ନିହାତି ଆବଶ୍ୟକ। କାଶଜନିତ ସମସ୍ୟାକୁ ଅନେକାଂଶରେ ଏହା ମଧ୍ୟ ଦୂର କରିଥାଏ। ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡିତ ତେବେ ନିୟମିତ ଉଷୁମ ପାଣି ପିଇଲେ ଏପରି ସମସ୍ୟା ଅନେକାଂଶରେ ସମାଧାନ ହୋଇଥାଏ। ଏହା ମଧ୍ୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ।
- ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଏହା ଆମଠାରେ ବ୍ଲଡ଼ ପ୍ରେସର, ହୃଦ୍‌ଜନିତ ସମସ୍ୟା ଭଳି ଅନେକ ମାରାତ୍ମକ ରୋଗ ସୃଷ୍ଟି କରିପାରେ। ତେଣୁ ଏହା ଠାରୁ ଦୂରେଇ ରୁହନ୍ତୁ।
- ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଇବାର ଘଣ୍ଟାଏ ପରେ କିମ୍ବା ଘଣ୍ଟାଏ ପୂର୍ବରୁ ପାଣି ପିଅନ୍ତୁ।
- ଶରୀରରେ ଯଦି କୋଲେଷ୍ଟରଲ୍ କିମ୍ବା ସୋଡ଼ିୟମ୍‌ର ପରିମାଣ କମିଯାଏ, ତେବେ ଆଖୁରସ ପିଇବା ଦ୍ୱାରା ଏହା ସନ୍ତୁଳିତ ଅବସ୍ଥାକୁ ଆସିଥାଏ।



# ଦୂରରୁ ଧରା ଦର୍ଶନ



ଡ. କମଳାକାନ୍ତ ଜେନା

ନୀଲ୍ ଆର୍ମଷ୍ଟ୍ରଙ୍ଗ୍ ୧୯୬୯ ମସିହାରେ ଚନ୍ଦ୍ର ଉପରେ ପାଦ ପକାଇଥିଲେ। ଚନ୍ଦ୍ରପୃଷ୍ଠରେ ଚାଲିଥିଲେ। କିନ୍ତୁ ଆମେ ପୃଥିବୀରେ ରହି ଯେମିତି ରୁପା ଭଳି ଚକ୍ ଚକ୍ କରୁଥିବା ଚନ୍ଦ୍ର ବା ଜହ୍ନକୁ ଦେଖି ଖୁସିହେଉ, ଆର୍ମଷ୍ଟ୍ରଙ୍ଗଙ୍କୁ ଜହ୍ନ ସେମିତି ଦିଶୁ ନ ଥିଲା। ସେ ଚନ୍ଦ୍ରପୃଷ୍ଠରେ କଳା କଳା ଧୂଳି ଦେଖୁଥିଲେ। ତାଙ୍କ ଚାରିପାଖରେ ଛୋଟବଡ଼ ପାହାଡ଼ ଓ ଖାଲ ଥିଲା। ଜହ୍ନର ଏଭଳି ରୂପକୁ ଜଣେ ମହାକାଶ ବିଜ୍ଞାନୀ ଭାବରେ ସେ ସିନା ଗ୍ରହଣ କରୁଥିଲେ, କିନ୍ତୁ ଆମେ ସେମିତିକା ପାହାଡ଼-ପର୍ବତ-ଖାଲ-ଢିପରେ ଭରିଥିବା ଜହ୍ନକୁ ଗ୍ରହଣ କରିପାରିବା ନାହିଁ। ଏବେ ଆମେ ବୁଝିପାରୁଛୁ, ଦୂର ପରବତ ସୁନ୍ଦର ବୋଲି କାହିଁକି କୁହାଯାଏ। ଚନ୍ଦ୍ର ହେଉଛି ଆମ ପୃଥିବୀର ଉପଗ୍ରହ, ଯାହାକୁ ଆମେ ଜହ୍ନମାମୁ କହୁ। ଏବେ ଆମେ ପୃଥିବୀ କଥା ଚିନ୍ତା କରିବା। ପୃଥିବୀ ଉପରେ ଆମେ ରହୁ। ସେ ଆମକୁ କୋଳରେ ଧରିରଖିଛି ବୋଲି ତାକୁ ଆମେ 'ଧରା' ବା 'ଧରିତ୍ରୀ' ବୋଲି କହୁ। ଏହାର ଗଛଲତା, ଜୀବଜନ୍ତୁ ଓ ପାଣିପବନ ଆମକୁ ଭଲ ଲାଗେ। କିନ୍ତୁ 'ଧରା' ବା ପୃଥିବୀଠାରୁ ଅନେକ ଦୂରରେ ରହି ପୃଥିବୀକୁ ଦେଖିଲେ, ତାହା କେମିତି ଦିଶିବ, ସେଇ ବିଷୟରେ ଏଠାରେ ଆଲୋଚନା କରିବା।

ଆମ ପୃଥିବୀ ମଧ୍ୟ କମଳାଲେମ୍ବୁ ପରି ଗୋଲ୍ ବୋଲି ଆମେ ବହିରେ ପଢ଼ିଛୁ। କିନ୍ତୁ ଆମେ କେବେ ନିଜ ଆଖିରେ ପୃଥିବୀର ଗୋଲ୍ ଆକାରକୁ ଦେଖିନାହୁଁ। କାହିଁକି ନା, ଆମର ଆକାରକୁ ଦେଖିଲେ ପୃଥିବୀର ଆକାର ଖୁବ୍ ବଡ଼। ତେଣୁ ତା' ଉପରେ ଛିଡ଼ା ହୋଇ ଆମେ ସମୁଦାୟ ପୃଥିବୀକୁ ଦେଖିବା ସମ୍ଭବ ନୁହେଁ। ପୃଥିବୀ ଉପରେ ଛିଡ଼ା ହୋଇ କେବଳ ପୃଥିବୀପୃଷ୍ଠର କିଛି ଅଂଶ ଦେଖିପାରିବା, ଯାହାକି ପୃଥିବୀର ପ୍ରକୃତ ଆକାର ତୁଳନାରେ କିଛି ନୁହଁ। ତେଣୁ ସେତିକି ଅଂଶରୁ ପୃଥିବୀର ପ୍ରକୃତ ବିଶାଳ ଆକାର ଜଣାପଡିବ ନାହିଁ। ବରଂ ପୃଥିବୀର ଅଧିକ ଅଞ୍ଚଳକୁ ଦେଖିବା ଲାଗି ଚେଷ୍ଟା କରିବା। ପୃଥିବୀର ପୃଷ୍ଠ ସମତଳ ନୁହେଁ। ଅର୍ଥାତ୍ ତାହା ସବୁଠି ସମାନ ଉଚ୍ଚତାରେ ନାହିଁ। ପୃଥିବୀ ପୃଷ୍ଠରେ କୋଉଠି ଉଚ୍ଚ ମାଳଭୂମି ରହିଛି ତ କୋଉଠି ହିମାଳୟ ଭଳି ବିଶାଳ ପର୍ବତ ଛିଡ଼ା ହୋଇଛି। ତେଣୁ ସବୁ ଜାଗାରୁ ସମାନ ପରିମାଣର ଅଞ୍ଚଳ ଦେଖିବା ସମ୍ଭବ ନୁହେଁ। ସମୁଦ୍ର କୂଳକୁ ପୃଥିବୀପୃଷ୍ଠର ପ୍ରକୃତ ସମତଳ ଅଞ୍ଚଳ ଭାବରେ ନିଆଯାଏ। ଆମେ ସମୁଦ୍ର କୂଳରେ ଛିଡ଼ା ହୋଇ ଚାରିଆଡ଼କୁ ଦେଖିଲେ ଅତି ବେଶିରେ ୪ କିଲୋମିଟର ଦୂରତା ପର୍ଯ୍ୟନ୍ତ ଦେଖିପାରିବୁ। ତା' ପରେ ପୃଥିବୀପୃଷ୍ଠ ତଳକୁ ମୋଡ଼ିଗଲା ପରି ଜଣାପଡ଼ିବ। ମନେ ହେବ ସତେଯେମିତି ସେଇଠି ପୃଥିବୀ ସରିଯାଇଛି। ତାହାକୁ ଦିଗ୍‌ବଳୟ (ହରାଇଜନ୍) କୁହାଯାଏ। ପୃଥିବୀ କମଳାଲେମ୍ବୁ ପରି ଗୋଲ୍ ହେଇଥିବାରୁ ଆମକୁ ଏମିତି ଦିଶେ। ଗୋଲ୍ ପୃଥିବୀର କେନ୍ଦ୍ରରୁ ଭୂପୃଷ୍ଠ ପର୍ଯ୍ୟନ୍ତ ୬,୪୦୦ କିଲୋମିଟର ହେବ। ଅର୍ଥାତ୍ ୧୨,୮୦୦ କିଲୋମିଟର ଓସାରର ଫାଙ୍କ ଭିତରେ ପୃଥିବୀ ଗଳିପାରିବ। ଗୋଲ୍ ପୃଥିବୀର ପୃଷ୍ଠତଳ କମଳାଲେମ୍ବୁର ପୃଷ୍ଠ ପରି ସବୁଠି ବଙ୍କେଇ ହୋଇ ରହିଛି। କିନ୍ତୁ ପୃଥିବୀର ଆକାର ଅତି ବିଶାଳ ହୋଇଥିବାରୁ ଆମେ ସେଇ ବଙ୍କା ଆକାରକୁ ଅନୁଭବ କରିପାରୁନାହିଁ। ଆମେ ବିଶାଳ ପୃଷ୍ଠର ମାତ୍ର କିଛି ଅଂଶ ଦେଖୁ ବୋଲି ତାହା ସମତଳ ଲାଗେ। ଫୁଟବଲ୍ ବା କମଳାଲେମ୍ବୁ ଉପରେ କ୍ଷୁଦ୍ର ପିମ୍ପୁଡ଼ି ଯେପରି ସହଜରେ ଚାଲିବୁଲି ପାରେ, ତଳକୁ ଟଳି ପଡ଼ିବାର ଭୟ ନଥାଏ, ଆମେ ସେମିତି ବିଶାଳ ପୃଥିବୀର ବଙ୍କା ପୃଷ୍ଠ ଉପରେ ସହଜରେ ଚଲାବୁଲା କରିପାରୁ। ପୃଥିବୀ ପୃଷ୍ଠର ବକ୍ରତାକୁ ଆଦୌ ଅନୁଭବ କରିହୁଏ ନାହିଁ।



ଆମ ଉଚ୍ଚତା ଦେଢ଼ ମିଟର ହେବ। ଜଣେ ଦେଢ଼ ମିଟର ଉଚ୍ଚତାର ମଣିଷ ୧୨,୮୦୦ କିଲୋମିଟର ଓସାର ପୃଥିବୀର ପୃଷ୍ଠରେ ଛିଡା ହେଇ ପୂରା ପୃଥିବୀକୁ ଦେଖିବା ସମ୍ଭବ ନୁହେଁ। ବରଂ ଆମେ ଭୂଇଁଠାରୁ ଟିକିଏ ଉପରକୁ ଉଠିଯାଇ ପୃଥିବୀକୁ ଅନେଇଲେ କିଛିଟା ଲାଭ ହେବ। ହଁ, ଆମେ ସମୁଦ୍ର କୂଳରେ ଭୂଇଁଠାରୁ ଅଧିକ ଅଧିକ ଉଚ୍ଚତାକୁ ଉଠିଲେ, ଦୂର ଦିଗବଳୟ ଆମଠାରୁ ଆହୁରି ଦୂରେଇ ଦୂରେଇ ଯିବ। ଏହାର ଅର୍ଥ ପୃଥିବୀ ପୃଷ୍ଠର ଅଧିକ ଅଂଶ ଦେଖିପାରିବା। ଆମେ ସମୁଦ୍ରକୂଳରେ ଭୂଇଁଠାରୁ ୬ ମିଟର ଉପରକୁ ଉଠିଗଲେ, ଆମଠାରୁ ପ୍ରାୟ ୧୦ କିଲୋମିଟର ଦୂରରେ ଦିଗ୍‌ବଳୟ ରହିବ। ସେହିପରି ୯୦ ମିଟର ଉଚ୍ଚତାରୁ ଆମେ ପୃଥିବୀପୃଷ୍ଠର ପ୍ରାୟ ୩୪ କିଲୋମିଟର ଦୂରତା ପର୍ଯ୍ୟନ୍ତ ଦେଖିପାରିବୁ। ଯଦି ୧୦୫୦ ମିଟର ଉଚ୍ଚର ଏକ ପାହାଡ଼ ଚୂଳରେ ଛିଡ଼ା ହେବୁ, ତେବେ ଆମକୁ ୧୩୦ କିଲୋମିଟର ପର୍ଯ୍ୟନ୍ତ ଭୂପୃଷ୍ଠ ଦେଖାଯିବ। ଆହୁରି ଉଚ୍ଚକୁ ଉଠିବା ପାଇଁ ଆମେ ଉଡ଼ାଜାହାଜର ସାହାଯ୍ୟ ନେବାକୁ ପଡ଼ିବ। ଯଦି ୪,୮୦୦ ମିଟର ଉଚ୍ଚତାରେ ଉଡୁଥିବା ଉଡ଼ାଜାହାଜରେ ବସିବା, ତା'ହେଲେ ଆମ ଚାରିପଟେ ୨୬୫ କିଲୋମିଟର ପର୍ଯ୍ୟନ୍ତ ଭୂପୃଷ୍ଠକୁ ଦେଖିପାରିବା। ତଥାପି ଆମେ ପୃଥିବୀକୁ ସଂପୂର୍ଣ୍ଣ ଦେଖିପାରିବା ନାହିଁ। ଆମକୁ ଆହୁରି ଉପରକୁ ଯିବାକୁ ପଡ଼ିବ। ଆମର ଉପଗ୍ରହ ଚନ୍ଦ୍ର ଆମଠାରୁ ୩,୮୪,୪୪୦ କି.ମି. ଉଚ୍ଚତାରେ ରହିଛି। ଚନ୍ଦ୍ରପୃଷ୍ଠରୁ ରହି ପୃଥିବୀକୁ ଦେଖିଲେ ପୃଥିବୀର ପ୍ରକୃତ ଆକୃତି ଜଣାପଡିବ। ଚନ୍ଦ୍ରପୃଷ୍ଠରୁ ଦେଖିଲେ ଆମକୁ ପୃଥିବୀ ଗୋଟିଏ ସୁନ୍ଦର ନୀଳ ଫୁଟବଲ୍ ପରି ଦିଶିବ। ସେତେବେଳେ ଆମେ ପୃଥିବୀ ଗୋଲ୍ ବୋଲି ନିଃସନ୍ଦେହରେ କହିପାରିବା। ଆହୁରି ମଧ୍ୟ କହିପାରିବା, ଆମ ପୃଥିବୀକୁ ପାଖରୁ ଦେଖିଲେ ଯେମିତି ସୁନ୍ଦର, ଦୂରରୁ ବି ସେମିତି ସୁନ୍ଦର।

-ବିଭାଗୀୟ ମୁଖ୍ୟ (ପଦାର୍ଥ ବିଜ୍ଞାନ ବିଭାଗ), ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୯୫୦୧୬୫୧

**ଦୁର୍ଗା ଚରଣ ପ୍ରଧାନ ବିଜେଡି ରାଜ୍ୟ ସମ୍ପାଦକ**

ଭୁବନେଶ୍ୱର,(ସୁନିତ୍ ମିଶ୍ର): ଅନୁଗୋଳ ଜିଲାର ଦୁର୍ଗା ଚରଣ ପ୍ରଧାନଙ୍କୁ ରବିବାର ବିଜେଡିର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ କାମ ଉପରେ ଖୁସି ହୋଇ ଦୁର୍ଗାଙ୍କୁ ଏହି ପଦବୀ ଦେଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ବିଜେଡି ପକ୍ଷରୁ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତରେ ଏକ ଚିଠି ଜାରି କରାଯାଇଛି।

# ଆସନ ବୁଝାମଣାକୁ ଅଜୟଙ୍କ ଗୁରୁତ୍ୱ



ରାଜ୍ୟ ଅତିଥିଭବନଠାରେ ଅନୁଷ୍ଠିତ ବୈଠକରେ ୧୭ ରାଜନୈତିକ ଦଳର ମୁଖ୍ୟଙ୍କ ସହ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର, ୭।୧(ସୁନିତ୍ ମିଶ୍ର)**

## ୧୭ ରାଜନୈତିକ ଦଳର ମୁଖ୍ୟଙ୍କ ସହ କଂଗ୍ରେସ ପ୍ରଭାରୀଙ୍କ ଆଲୋଚନା

ବିଜେଡି ଏବଂ ଭାଜପାକୁ ଛାଡ଼ିଦେଇ ରାଜ୍ୟରେ ଏକାଠି ହୋଇଥିବା କଂଗ୍ରେସ ସମେତ ୧୭ଟି ସମଭାବାପନ୍ନ ରାଜନୈତିକ ଦଳର ମୁଖ୍ୟମାନଙ୍କ ସହ କଂଗ୍ରେସର ନବନିଯୁକ୍ତ ପ୍ରଭାରୀ ଅଜୟ କୁମାର ଆଲୋଚନା କରିଛନ୍ତି। ରାଜ୍ୟ ଅତିଥି ଭବନଠାରେ ଶନିବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଜୟ କୁମାର ୧୭ ଦଳର ମୁଖ୍ୟମାନଙ୍କ ସହ ପ୍ରାୟ ଦେଢ଼ ଘଣ୍ଟା ଧରି ନିଜର ମତ ବିନିମୟ କରିଥିଲେ। ଆଗକୁ ହେବାକୁ ଥିବା ୨୦୨୪ ସାଧାରଣ ନିର୍ବାଚନରେ କିପରି ଏକାଠି ଲଢ଼ାଯିବ ସେନେଇ ଆଲୋଚନା କରିଥିଲେ। ମିଳିଥିବା ସୂଚନା ଅନୁସାରେ ଏହି ଅବସରରେ ଅଜୟ କୁମାର ସବୁ ରାଜନୈତିକ ଦଳର ମୁଖ୍ୟମାନଙ୍କୁ କହିଥିଲେ, ଯେଉଁଠି ଆପଣମାନଙ୍କ ଦଳ ସୁଦୃଢ଼ ଅଛି ଏବଂ କେଉଁ ବିଧାନସଭା କିମ୍ବା ଲୋକ ସଭା ଆସନରୁ ଯଦି ଲଢ଼ିବାକୁ ଚାହୁଁଛନ୍ତି, ତେବେ ସେ ସମ୍ପର୍କିତ ତାଲିକା ପ୍ରସ୍ତୁତ କରିଦିଅନ୍ତୁ। ଆଉ କେଉଁଠି କଂଗ୍ରେସ ଏବଂ ଆପଣମାନଙ୍କ ଦଳର ସ୍ଥିତି ଭଲ ଅଛି ବୋଲି ଭାବୁଛନ୍ତି ଆସନ୍ତା ବୈଠକରେ ସେନେଇ ସବିଶେଷ ଆଲୋଚନା ହେବ। ଏହାବାଦ୍ ଅନ୍ୟ ଦଳର ମୁଖ୍ୟମାନେ ନିଜ ନିଜର କିଛି ମତାମତ ରଖିଥିଲେ। ଆସନ ବୁଝାମଣା ନେଇ ପିସିସି ସଭାପତି, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଏବଂ ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କୁ ନେଇ ଏକ ୩ ଜଣିଆ କମିଟି ସର୍ବସମ୍ମତିକ୍ରମେ ଗଠନ କରାଗଲା। ଉକ୍ତ କମିଟି ଅନ୍ୟ ରାଜନୈତିକ ଦଳଗୁଡ଼ିକ ସହ ଏ ସମ୍ପର୍କରେ ଆଲୋଚନା କରିବେ। ଆସନ୍ତା ଜାନୁଆରୀ ୧୭ରୁ ୧୭ ରାଜନୈତିକ ଦଳର ସମସ୍ତ ନେତୃବୃନ୍ଦ ବସ୍ ଯାତ୍ରା ମାଧ୍ୟମରେ ରାଜ୍ୟର ପ୍ରତି ପଞ୍ଚାୟତ, ବ୍ଲକ ଏବଂ ଜିଲା ଗସ୍ତ କରି ମିଳିତ ସଭାସମିତି କରିବେ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ ହୋଇଛି। ଉଭୟ ବିଜେଡି ଓ ଭାଜପାର ଜନମାରଣ ନୀତି ଏବଂ ନିଷ୍ପତ୍ତିକୁ ଜନସାଧାରଣଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ଅଜୟ କୁମାର କହିଛନ୍ତି।

# ଆଶାୟୀ ପ୍ରାର୍ଥୀଙ୍କ ପୋଷ୍ଟର ଯୁଦ୍ଧ




ବିଜେଡି ବିଧାୟକ ଅଶୋକ କୁମାର ବଳ ଏବଂ ବିଜେଡି ନେତା ଆକାଶ ଦାସନାୟକଙ୍କ ପୋଷ୍ଟର।

**ଯାଜପୁରରୋଡ୍, ୭।୧(ପବିତ୍ର ରଞ୍ଜନ ମହାନ୍ତି)**

## କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀ

ଆଗକୁ ବିଧାନସଭା ନିର୍ବାଚନ। ଏହାକୁ ନେଇ ପ୍ରମୁଖ ରାଜନୈତିକ ଦଳର ଆଶାୟୀମାନଙ୍କ ମଧ୍ୟରେ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ପାଇଁ ପୋଷ୍ଟର ଯୁଦ୍ଧ ଦେଖିବାକୁ ମିଳୁଛି। କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀର ସହରଠୁ ଗାଁ ଯାଏ ବିଭିନ୍ନ ଛକରେ ବଡ଼ବଡ଼ ହୋର୍ଡିଂମାନ ଛାଇ ହୋଇଯାଇଛି। ବିଶେଷକରି ଶାସକ ବିଜେଡିର ବିଧାୟକ ଟିକେଟ ପାଇବା ପାଇଁ ହୋର୍ଡିଂ ମାଧ୍ୟମରେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ଏଥିରୁ ଭାଜପା ମଧ୍ୟ ବାଦ୍ ପଡ଼ିନାହିଁ। ଅନ୍ୟପଟେ ଏହି ଦୌଡ଼ରେ କଂଗ୍ରେସ ଦଳ ବହୁ ପଛରେ ପଡ଼ିଛି।

ଅନେକ ସ୍ଥାନରେ ଏହି ହୋର୍ଡିଂମରାକୁ ନେଇ ଦଳୀୟ ସମର୍ଥକମାନଙ୍କ ମଧ୍ୟରେ ହାତାହାତି ହେବାର ଦେଖାଯାଉଛି। ବିଜେଡି ବିଧାୟକ ଅଶୋକ କୁମାର ବଳ ଓ ପୂର୍ବତନ ବିଧାୟକ ଆକାଶ ଦାସନାୟକଙ୍କ ସମର୍ଥକମାନେ ହୋର୍ଡିଂ ମାରିବା କୋରେଇବାସୀଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ସେହିପରି ଭାଜପା ପକ୍ଷରୁ ବିଶ୍ୱଜିତ୍ ନାୟକ ଓ ଯୁବନେତା ଆଲେକଜାଣ୍ଡର ଦାସଙ୍କ ପୃଥକ୍ ଭାବେ କର୍ମୀ ସମ୍ମିଳନୀ ଓ ହୋର୍ଡିଂମରାକୁ ନେଇ ଦଳର ଅନ୍ତଃକନ୍ଦଳ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ତେବେ କୋରେଇ ତଥା ରାଜ୍ୟ କଂଗ୍ରେସର ନେତ୍ରୀ ବନ୍ଦିତା ପରିଡ଼ାଙ୍କ ହୋର୍ଡିଂ କାଁ ଭାଁ ଦେଖିବାକୁ ମିଳୁଛି। କାରଣ ତାଙ୍କର ବିଜେଡି ଓ ଭାଜପାର ପ୍ରମୁଖ ନେତାଙ୍କ ସହ ଯୋଗସୂତ୍ର ରଖିଥିବା ଚର୍ଚ୍ଚା ଜୋର ଧରିଛି। ଶୁଣିବାକୁ ମିଳୁଛି ବିଜେଡି କୁଆଡ଼େ ଏହି ଆସନରେ ମହିଳା କାର୍ଡ ଖେଳିପାରେ।

ସାଧାରଣରେ ଆଲୋଚନା ହେଉଛି ଯେଉଁ ଦଳ ଯୋଗ୍ୟତମ ପ୍ରାର୍ଥୀ ଚୟନ କରିବ କୋରେଇବାସୀ ସେହି ଦଳ ଉପରେ ଆସ୍ଥାପ୍ରକଟ କରିବେ।




ଭାଜପାର ଯୁବ ନେତା ଆଲେକଜାଣ୍ଡାର ଦାସଙ୍କ ପୋଷ୍ଟର।

# କଂଗ୍ରେସ ପ୍ରତୀକ ବ୍ୟବହାର କରୁନାହାନ୍ତି ବାପି

**ପାରାଦୀପ,୭।୧(ଶରତ ରାଉତ)**

ପାରାଦୀପ ମଧୁବନସ୍ଥିତ ପୌର କଲ୍ୟାଣ ମଣ୍ଡପରେ ରବିବାର ଆମ ପାରାଦୀପ ଆମ ପ୍ରଗତି (ଏପିଏପି) ପକ୍ଷରୁ ଇଂଲିଶ୍ ନବବର୍ଷ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର ପ୍ରତିଷ୍ଠାତା ବାପି ସର୍ଖେଲଙ୍କ ଉପସ୍ଥିତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ତଥା ଏପିଏପି ସଭାପତି କୈଳାସ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ପାରାଦୀପ ପୌରାଞ୍ଚଳର ସମସ୍ତ ୱାର୍ଡ ମୁରବୀ, ମହିଳା, ଛାତ୍ର, ଯୁବକମାନେ ଭାଗ ନେଇଥିଲେ। ଆଗକୁ ହେବାକୁ ଥିବା ସାଧାରଣ ନିର୍ବାଚନରେ ସମସ୍ତେ ବାପିଙ୍କ ନେତୃତ୍ୱ ପ୍ରତି ଅକୁଣ୍ଠ ସମର୍ଥନ କରିବାକୁ ମତ ପ୍ରକାଶ ପାଇଥିଲା। ଉକ୍ତ ବୈଠକରେ ପୌର ଉପାଧ୍ୟକ୍ଷା ଛବିଲତା ରାଉତଙ୍କ ସମେତ ଅନ୍ୟ ୮ ଜଣ କାଉନ୍‌ସିଲର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବାପି କଂଗ୍ରେସ ଦଳର ପ୍ରତୀକ ଆଉ ବ୍ୟବହାର କରୁନାହାନ୍ତି। ସେ ଅନ୍ୟ ଦଳରୁ ବିଧାୟକ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଆଲୋଚନା ହେଉଛି। ଜାନୁୟାରୀ ୧ରେ ଯୁବ କଂଗ୍ରେସ ପକ୍ଷରୁ ନବବର୍ଷ କାର୍ଯ୍ୟକ୍ରମରେ ସେ ଯୋଗଦେଇଥିଲେ। ମାତ୍ର ସପ୍ତାହ ମଧ୍ୟରେ ପୁଣି ଏପିଏପି ମାଧ୍ୟମରେ କାର୍ଯ୍ୟକ୍ରମ କରିବା ଦ୍ୱନ୍ଦ୍ୱାତ୍ମକ ପରିବେଶ ସୃଷ୍ଟି କରିଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରମୁଖ ସଂଗଠକ ସମୀର ବିଶ୍ୱାଳ, ଅନୁପ ସାହାଣୀ, ନପନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



# ଦଳ ବିରୋଧୀ କାର୍ଯ୍ୟ: ବିଜେଡିରୁ ୨ ନିଲମ୍ବିତ

**ମୋରଡ଼ା,୭।୧(ସ୍ମାରକ ମାଜୀ)**

ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜୁ ଜନତା ଦଳ (ବିଜେଡି)ରୁ ଦୁଇଜଣ ସଦସ୍ୟଙ୍କୁ ନିଲମ୍ବନ କରାଯାଇଛି। ଏ ନେଇ ମୟୂରଭଞ୍ଜ ଜିଲା ବିଜୁ ଜନତା ଦଳ ବିଧିବଦ୍ଧ ଭାବେ ପ୍ରେସ୍ ବିଜ୍ଞପ୍ତି ଜାରି କରିଛି। ନିଲମ୍ବିତ ସଦସ୍ୟ ଦୁଇ ଜଣ ହେଲେ ମୟୂରଭଞ୍ଜ-୧ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଅମୀର ଖାନ୍ ଏବଂ ବିଜୁ ଛାତ୍ର ଜନତା ଦଳ ମୟୂରଭଞ୍ଜ-୧ର ଉପସଭାପତି ହର୍ଷବର୍ଦ୍ଧନ ମୁଦୁଲି। ସୂଚନାଯୋଗ୍ୟ ଯେ, ଉକ୍ତ ଦୁଇଜଣ ମୋରଡ଼ା ନିର୍ବାଚନମଣ୍ଡଳୀର ଜଣେ ବିଜୁ ଜନତା ଦଳର ଆଗଧାଡ଼ିର ନେତା ତଥା ବିଧାନସଭା ଆସନ ପାଇଁ ଥିବା ଆଶାୟୀଙ୍କ ଦୃଢ଼ ସମର୍ଥକ। ତେବେ ଉକ୍ତ ଘଟଣା ଏବେ ଚା' ଖଟିରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ଆସନ୍ତା ସାଧାରଣ ନିର୍ବାଚନକୁ ନେଇ ଅନେକ ଆଶାୟୀ ଥିବା ବେଳେ ଜଣେ ବରିଷ୍ଠ ବିଜେଡି ନେତାଙ୍କ ସମର୍ଥକଙ୍କୁ ନିଲମ୍ବନ କରିବା ପଛରେ କାରଣ କ'ଣ ତାହା ସମସ୍ତଙ୍କୁ ଆଚମ୍ବିତ କରିଛି।


इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪
zocuttack@indianbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
{ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍}

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ ଆକ୍ଟ, ୨୦୦୨ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକରଣ ପାଇଁ **"ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗ କରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ **https://www.mstcecommerce.com**

| କ୍ର. ନଂ. | ଶାଖା/ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ବକେୟା ପରିମାଣ / ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **କଟକ ମଧୁପାଟଣା ଶାଖା /** ଋଣଗ୍ରହୀତାମାନେ: ୧) ମେସର୍ସ ସନ ସେଲ୍ସ କର୍ପୋରେସନ, ସ୍ୱତ୍ତ୍ୱାଧିକାରୀ.: ଅଲ୍ଲୀ ଅହେଦ, ୨) ଅଲ୍ଲୀ ଅହେଦ, ପିତା: ଅସଗର ଆହାଦ, ୩) ଶାଶ୍ୱତୀ ମିଶ୍ର, ସ୍ୱାମୀ: ଅଲ୍ଲି ଅହେଦ / ଗ୍ୟାରେଣ୍ଟିଦାତା: ଶାଶ୍ୱତୀ ମିଶ୍ର, ସ୍ୱାମୀ: ଅଲ୍ଲି ଅହେଦ, ସମସ୍ତଙ୍କ ଠିକଣା- ବକ୍ସିବାଟି ରୋଡ, ବିଶାଳ ଗାର୍ମେଣ୍ଟସ୍ ନିକଟ, କଟକ - ୭୫୩୦୦୧ / ବନ୍ଧକଦାତା: ଅଲ୍ଲୀ ଅହେଦ, ପିତା: ଅସଗର ଆହାଦ, ବକ୍ସିବାଟି ରୋଡ, ବିଶାଳ ଗାର୍ମେଣ୍ଟସ୍ ନିକଟ, କଟକ - ୭୫୩୦୦୧ | ଅଲ୍ଲୀ ଅହେଦ, ପିତା: ଅସଗର ଆହାଦଙ୍କ ନାମରେ ଥିବା ରେସିଡେନ୍ସିଆଲ ଆପାର୍ଟମେଣ୍ଟର ଫ୍ଲାଟ ନଂ.: ୩୧, ତଳ ମହଲା, "ସାର୍ଥକ ଟାୱାରସ୍", ମାଛୁଆ ବଜାର, ଜିଲ୍ଲା.: କଟକ, ପ୍ଲଟ ନଂ.: ୯/୮୦୭, ଖାତା ନଂ.: ୩୮/୨, ମୌଜା: କଟକ, ଫ୍ଲାଟର ବିଲ୍ଟ ଅପ୍ ଏରିଆ: ୮୫୦ ବର୍ଗଫୁଟ, ମୋଟ ଜମି ଏକର ୦.୨୪୦ ଡିସିମିଲିର ଆନୁପାତିକ ଅବିଭକ୍ତ ଅଂଶ ଏକର ୦.୦୦୩ ଡ଼ିସିମିଲି (୧୩୦.୬୮ ବର୍ଗଫୁଟ), ଏହାର ଚାରିପାର୍ଶ୍ୱରେ ଉତ୍ତର: ରିଙ୍ଗ୍ ରୋଡ, ଦକ୍ଷିଣ: ସୂର୍ଯ୍ୟ କିରଣ କମ୍ପ୍ଲେକ୍ସ, ପୂର୍ବ: ପର୍ଲ ଗାର୍ଡେନ, ପଶ୍ଚିମ: ଶ୍ରୀ ରାମକୃଷ୍ଣ ବିବେକାନନ୍ଦ ଆଶ୍ରମ, ସାମ୍ନା: କରିଡର, ଡାହାଣ: ଫ୍ଲାଟ ନଂ.: ୦୨୮, ପଛପଟ: ଖୋଲା ସ୍ଥାନ, ବାମ ପଟ: ଖୋଲା ସ୍ଥାନ | ୦୪.୦୫.୨୦୨୧ / ୨୦.୧୧.୨୦୨୧ / ୩୧.୧୨.୨୦୨୩ ସୁଦ୍ଧା ଟ.୧,୧୯,୬୩,୦୨୫/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରର୍ଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୩୨.୦୨ ଲକ୍ଷ / ଟ.୩.୨୦ ଲକ୍ଷ / ଟ.୦.୧୦ ଲକ୍ଷ |
| ୨. | **କଟକ ମଧୁପାଟଣା ଶାଖା /** ଋଣଗ୍ରହୀତା: ମେସର୍ସ କମଳା ଫିଲଗ୍ରୀ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦେବବ୍ରତ ସ୍ୱାଇଁ (ବନ୍ଧକଦାତା), ପିତା: ୰ ଦୁର ସ୍ୱାଇଁ / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ: ୧) ଶ୍ରୀମତୀ କମଳା ସ୍ୱାଇଁ, ସ୍ୱାମୀ: ୰ ଦୁର ସ୍ୱାଇଁ, ୨) ଶ୍ରୀ କିଶୋର କୁମାର ସ୍ୱାଇଁ, ପିତା: ୰ ଦୁର ସ୍ୱାଇଁ, ସମସ୍ତଙ୍କ ଠିକଣା ସା: ବଣିଆ ସାହି, ବକ୍ସି ବଜାର, ମଙ୍ଗଳାବାଗ, ଜିଲ୍ଲା: କଟକ, ପିନ୍ -୭୫୩୦୦୧, ୩) ଶ୍ରୀମତୀ କୁନି ପରିଡ଼ା, ପିତା: ୰ ଦୁର ସ୍ୱାଇଁ, ସା: ବାଳିଘାଟ, ବାଲୁଖଣ୍ଡ, ପୁରୀ ଷ୍ଟେସନ୍ ରୋଡ଼, ପୁରୀ - ୭୫୨୦୦୨ | ଶ୍ରୀ ଦେବବ୍ରତ ସ୍ୱାଇଁ, ଶ୍ରୀମତୀ କମଳା ସ୍ୱାଇଁ, ଶ୍ରୀ କିଶୋର କୁମାର ସ୍ୱାଇଁ ଏବଂ ଶ୍ରୀମତୀ କୁନି ପରିଡାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୮୪୮/୩୬୯୪, ଖାତା ନଂ.: ୧୧୦/୧୬୧, ମୌଜା: କଟକ ସହର ୟୁନିଟ୍-୧୮ ବକ୍ସି ବଜାର, ଥାନା: ମଙ୍ଗଳାବାଗ, ଜିଲ୍ଲା: କଟକ, କ୍ଷେତ୍ର: ଏକର୦.୦୧୦ ଡିସିମିଲି, ପ୍ରକାର: ଘରବାରୀ, ଏହାର ଚାରିପାର୍ଶ୍ୱରେ ଦକ୍ଷିଣ: ରିତା କର, ଉତ୍ତର: ରତ୍ନା ରାୟ, ପଶ୍ଚିମ: ରାସ୍ତା, ପୂର୍ବ: ରିତା କର | ୨୮.୧୨.୨୦୨୨ / ୧୮.୦୩.୨୦୨୩ / ୩୧.୧୨.୨୦୨୩ ସୁଦ୍ଧା ଟ.୬୭,୭୮,୭୦୯/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରର୍ଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୩୦.୧୪ ଲକ୍ଷ / ଟ.୩.୦୨ ଲକ୍ଷ / ଟ.୦.୧୦ ଲକ୍ଷ |
| ୩. | **କଟକ ମଧୁପାଟଣା ଶାଖା /** ଋଣଗ୍ରହୀତାମାନେ: ୧) ମେସର୍ସ ହେଲ୍‌ଥ ସଲ୍ୟୁସନ, ସ୍ୱତ୍ତ୍ୱାଧିକାରୀ: ରଶ୍ମି ରଞ୍ଜନ ଦାସ, ପିତା: ପଦ୍ମ ଚରଣ ଦାସ, ପ୍ଲଟ୍ ନଂ.: ୮୭୦, ମହାନଦୀ ବିହାର, କଟକ-୭୫୩୦୦୪, ୨) ରଶ୍ମି ରଞ୍ଜନ ଦାସ (ବନ୍ଧକଦାତା), ପିତା: ପଦ୍ମ ଚରଣ ଦାସ, ସା: ମହାନଦୀ ବିହାର, ପ୍ଲଟ୍ ନଂ.: ୭୨୯, ନୟାବଜାର, କଟକ-୭୫୩୦୦୪ | ରଶ୍ମି ରଞ୍ଜନ ଦାସଙ୍କ ନାମରେ ଥିବା ସମ୍ପତ୍ତି (ଖାଲିଥିବା ଜମି)ର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୮୭/୩୯୦୫ ଏବଂ ୧୮୮/୩୯୦୬, ଖାତା ନଂ.: ୨୪୭/୧୬୨୫, ମୌଜା: ଉତ୍ତମପୁର, ଥାନା: କଟକ ସଦର ନଂ.: ୩୭, ତହସିଲ: କଟକ, ଜିଲ୍ଲା: କଟକ, **ସମୁଦାୟ କ୍ଷେତ୍ର: ଏକର୦.୦୮୦ଡିସିମିଲି,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୮୭ ଏବଂ ୧୮୮ରେ ହୋଇଥିବା ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୮୭ ଏବଂ ୧୮୮ର ଅଂଶ, ପୂର୍ବ: ପ୍ଲଟ୍ ନଂ.: ୧୮୮, ପଶ୍ଚିମ: ପ୍ଲଟ୍ ନଂ.: ୧୮୭ | ୩୦.୦୫.୨୦୨୩ / ୦୭.୦୮.୨୦୨୩ / ୩୧.୧୨.୨୦୨୩ ସୁଦ୍ଧା ଟ.୪୦,୦୩,୪୮୬/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରର୍ଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୩୧.୩୬ ଲକ୍ଷ / ଟ.୩.୧୪ ଲକ୍ଷ / ଟ.୦.୧୦ ଲକ୍ଷ |
| ୪. | **ତିନିମୁହାଣୀ କେନ୍ଦ୍ରାପଡା ଶାଖା /** ଋଣଗ୍ରହୀତା: ୧) ମେସର୍ସ ପଲ୍ଲବ କୋଲ୍ଡ ହାଉସ୍ ଲଜିଷ୍ଟିକ୍ସ ପ୍ରା.ଲିଃ, ଠିକଣା: ପୋଲିସ୍ କଲୋନୀ, ନିଉ ତରୋଳ, ଅଲଟ୍ରା ଲେନ୍, ଜଗତପୁର, କଟକ, ଓଡିଶା - ୭୫୪୦୨୧, ୨) ଶ୍ରୀମତୀ ବ୍ୟୋମକେଶୀ ରାଉତରାୟ (ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା), ସ୍ୱାମୀ: ପ୍ରକାଶ କୁମାର ରାଉତରାୟ, ଠିକଣା: ପୋଲିସ୍ କଲୋନୀ, ନିଉ ତରୋଳ, ଅଲଟ୍ରା ଲେନ୍, ଜଗତପୁର, କଟକ, ଓଡିଶା - ୭୫୪୦୨୧, ୩) ଶ୍ରୀ ସନ୍ତୋଷ ରଞ୍ଜନ ନାୟକ (ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା), ପିତା: ନିରଞ୍ଜନ ନାୟକ, ସା: ଗୁଜରପୁର, ପୋ: ଭୈରପୁର, ଜଗତପୁର, ଜିଲ୍ଲା: କଟକ - ୭୫୪୨୦୦, ୪) ଶ୍ରୀ ନିଗମାଶିଷ ସାମଲ (ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା), ପିତା: ଜିତେନ୍ଦ୍ର କୁମାର ସାମଲ, ସା: କୁଳସାମନ୍ତରାପୁର, ପୋ: ସାମନ୍ତରାପୁର, ଭାୟା: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର - ୭୫୪୧୬୨, ୨) ଶ୍ରୀ ରବିନ୍ଦ୍ରନାଥ ସ୍ୱାଇଁ (ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା), ପିତା: ମୁରଲିଧର ସ୍ୱାଇଁ, ସା: କଟରପଡା, ପୋ: ପିଠାପୁର, ନିଶ୍ଚିନ୍ତକୋଇଲି, କଟକ - ୭୫୪୦୦୩, ୬) ମୃତକ ତାପସ କୁମାର ରାଉତରାୟ (ଗ୍ୟାରେଣ୍ଟିଦାତା/ବନ୍ଧକଦାତା), ଶ୍ରୀମତୀ ସଞ୍ଜୁକ୍ତା ପ୍ରଧାନ, ସ୍ୱାମୀ: ୰ତାପସ କୁମାର ରାଉତରାୟ, ଠିକଣା: ପୋଲିସ୍ କଲୋନୀ, ନିଉ ତରୋଳ, ଅଲଟ୍ରା ଲେନ୍, ଜଗତପୁର, କଟକ, ଓଡିଶା - ୭୫୪୦୨୧, ୭) ଶ୍ରୀ ନାରାୟଣ ଚନ୍ଦ୍ର ରାଉତ (ଗ୍ୟାରେଣ୍ଟିଦାତା/ବନ୍ଧକଦାତା), ଠିକଣା: ପୋଲିସ୍ କଲୋନୀ, ନିଉ ତରୋଳ, ଅଲଟ୍ରା ଲେନ୍, ଜଗତପୁର, କଟକ, ଓଡିଶା - ୭୫୪୦୨୧, ୮) ଶ୍ରୀ ପ୍ରକାଶ କୁମାର ରାଉତରାୟ (ଗ୍ୟାରେଣ୍ଟିଦାତା), ଠିକଣା: ପୋଲିସ୍ କଲୋନୀ, ନିଉ ତରୋଳ, ଅଲଟ୍ରା ଲେନ୍, ଜଗତପୁର, କଟକ, ଓଡିଶା - ୭୫୪୦୨୧ | ୧) ଘରବାରୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଗରଦପୁର, ପାଟକୁରା, କେନ୍ଦ୍ରାପଡା, ସମୁଦାୟ ପରିମିତ କ୍ଷେତ୍ର: ଏକର ୨.୧୬ ଡିସିମିଲି ରୁ ଶ୍ରୀମତୀ ବ୍ୟୋମକେଶୀ ରାଉତରାୟ, ସ୍ୱାମୀ: ପ୍ରକାଶ କୁମାର ରାଉତରାୟଙ୍କ ନାମରେ ଥିବା କ୍ଷେତ୍ର: ଏକର ୧.୭୩୦ଡିସିମିଲି ଏବଂ ଶ୍ରୀ ନିଗମାଶିଷ ସାମଲ, ପିତା: ଜିତେନ୍ଦ୍ର କୁମାର ସାମଲ ନାମରେ ଥିବା କ୍ଷେତ୍ର: ଏକର ୦.୪୩୦ ଡିସିମିଲି, ଯାହାର ଖାତା ନଂ.: ୧୦୫୯/୬୨୯, ପ୍ଲଟ୍ ନଂ.: ୪୦୫୩/୪୨୬୫, ଖାତା ନଂ.: ୧୦୫୯/୬୩୧, ପ୍ଲଟ୍ ନଂ.: ୪୦୪୮, ୪୦୪୯, ୪୦୫୧,୪୦୫୨, ଖାତା ନଂ.: ୧୦୫୯/୬୩୨, ପ୍ଲଟ୍ ନଂ.: ୪୦୪୨, ଖାତା ନଂ.:୧୦୫୯/୬୩୩, ପ୍ଲଟ୍ ନଂ.: ୪୦୫୩/୪୦୩୭, ଖାତା ନଂ.: ୧୦୫୯/୬୩୪, ପ୍ଲଟ୍ ନଂ.: ୪୦୫୫, ୪୦୫୩/୪୨୬୬, ଖାତା ନଂ.: ୧୦୫୯/୬୩୫, ପ୍ଲଟ୍ ନଂ.: ୪୦୫୪, ଖାତା ନଂ.: ୧୦୫୯/୬୩୦, ପ୍ଲଟ୍ ନଂ.: ୪୦୫୩/୪୦୪୪,୪୦୪୫,ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା (ଗଣ୍ଡରପୁର - ହଳଦିଆ), ଦକ୍ଷିଣ: ନିଜସ୍ୱ ମୁଖ୍ୟ ଗୃହ, ପୂର୍ବ: ନିଜସ୍ୱ ପ୍ଲଟ୍, ପଶ୍ଚିମ: କୃଷି ଜମି,<br>୨) ଶ୍ରୀ ରବିନ୍ଦ୍ର ସ୍ୱାଇଁ, ପିତା: ମୁରଲୀଧର ସ୍ୱାଇଁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: କଟରପଡା, ସାଲେପୁର (ବର୍ତ୍ତମାନ ନିଶ୍ଚିନ୍ତକୋଇଲି ତହସିଲ), ଜିଲ୍ଲା: କଟକ, ଖାତା ନଂ.: ୩୭୫, ପ୍ଲଟ୍ ନଂ.: ୮୦୮, ୮୧୦, ୮୧୧, ୮୧୩, ୮୮୫, ପରିମିତ କ୍ଷେତ୍ର: ଏକର୦.୩୧୭ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୮୮୩ ଏବଂ ୮୮୪, ଦକ୍ଷିଣ: ନିତ୍ୟାନନ୍ଦ ସ୍ୱାଇଁଙ୍କ ଗୃହ, ପୂର୍ବ: ପ୍ଲଟ୍ ନଂ.: ୮୮୬, ପଶ୍ଚିମ: ରାସ୍ତା ଏବଂ ପ୍ଲଟ୍ ନଂ.: ୫୪୦ | ୦୫.୦୭.୨୦୨୧ / ୨୧.୦୩.୨୦୨୨ ୩୧.୧୨.୨୦୨୩ ସୁଦ୍ଧା ଟ.୩,୭୩,୯୯,୫୧୩/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରର୍ଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | (୧) ଟ.୨୦୮.୯୨ ଲକ୍ଷ / ଟ.୨୦.୯୦ ଲକ୍ଷ / ଟ.୦.୫୦ ଲକ୍ଷ<br>(୨) ଟ.୩୫.୯୫ ଲକ୍ଷ / ଟ.୩.୬୦ ଲକ୍ଷ / ଟ.୦.୧୦ ଲକ୍ଷ |
| ୫. | **ହରିଅନ୍ତା ଶାଖା /** ଋଣଗ୍ରହୀତା: ମନସାର ଖାଁ, ପିତା: ଆକବର ଖାଁ, ସା: ସାଇଁଣ୍ଡୋ, /ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଆକବର ଖାଁ, ପିତା: ନବାବ ଖାଁ, ସମସ୍ତଙ୍କ ବାସସ୍ଥାନ ଠିକଣା: ସା: ସାଇଁଣ୍ଡୋ, ପୋ: ନରପଡା, ଥାନା: ଟାଙ୍ଗୀ, କଟକ - ୭୫୪୦୨୫ | ଆକବର ଖାଁ, ପିତା: ନବାବ ଖାଁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୩, ପ୍ଲଟ୍ ନଂ.: ୫୫୩, କ୍ଷେତ୍ର: ଏକର ୦.୨୪୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୫୫୪, କ୍ଷେତ୍ର: ଏକର ୦.୦୨ ଡିସିମିଲି, ପ୍ରକାର: ଘରବାରୀ, ମୌଜା: ସାଇଁଣ୍ଡୋ, ଥାନା: ଟାଙ୍ଗି, ତହସିଲ: ଟାଙ୍ଗି ଚୌଦ୍ୱାର, ଜିଲ୍ଲା: କଟକ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୫୫୫ ଏବଂ ୫୫୨, ଦକ୍ଷିଣ: ରାସ୍ତା ଏବଂ ପ୍ଲଟ୍ ନଂ.: ୫୪୬, ପୂର୍ବ: ପ୍ଲଟ୍ ନଂ.: ୫୫୦ ଏବଂ ୫୫୧, ପଶ୍ଚିମ: ରାସ୍ତା | ୨୪.୦୪.୨୦୨୩ / ୧୩.୦୭.୨୦୨୩ / ୩୧.୧୨.୨୦୨୩ ସୁଦ୍ଧା ଟ.୨୯,୦୫,୪୧୨/- ସହିତ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୪୦.୩୨ ଲକ୍ଷ / ଟ.୪.୦୪ଲକ୍ଷ / ଟ. ୦.୧୦ ଲକ୍ଷ |
| ୬. | **ଜେଲରୋଡ ଶାଖା, ଭଦ୍ରକ /** ଋଣଗ୍ରହୀତା: ମେସର୍ସ ଶ୍ରୀ ବିନାୟକ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଅମିୟ କୁମାର ସେନାପତି (ଋଣଗ୍ରହୀତା), ପିତା: ଗୌରାଙ୍ଗ ଚରଣ ସେନାପତି / ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀ ଗୌରାଙ୍ଗ ଚରଣ ସେନାପତି, ପିତା: ଫକିର ଚରଣ ସେନାପତି, ସମସ୍ତଙ୍କ ଠିକଣା: ସା: ଜଗନ୍ନାଥପୁର, ଫିସ୍ ମାର୍କେଟ୍ ନିକଟ, ଭଦ୍ରକ, ଓଡିଶା | ସମ୍ପତ୍ତି-୧) ଶ୍ରୀ ଗୌରାଙ୍ଗ ଚରଣ ସେନାପତି, ପିତା: ଫକିର ଚରଣ ସେନାପତିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ) ଖାତା ନଂ.: ୩୬୫, ପ୍ଲଟ୍ ନଂ.: ୩୬୧, କ୍ଷେତ୍ର: ଏକର.୦.୦୨୦ ଡିସିମିଲି, ମୌଜା: ମୂଷାଙ୍ଗ, ଖ) ଖାତା ନଂ.: ୯୯, ପ୍ଲଟ୍ ନଂ.: ୩୬୩, କ୍ଷେତ୍ର: ଏକର ୦.୦୫୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୩୬୪, କ୍ଷେତ୍ର: ଏକର୦.୦୬୦ ଡିସିମିଲି, ମୌଜା: ମୂଷାଙ୍ଗ, **ସମୁଦାୟ କ୍ଷେତ୍ର: ଏକର ୦.୧୩ ଡିସିମିଲି,** ପ୍ରକାର: ଘରବାରୀ, ଥାନା: ତିହିଡି, ଜିଲ୍ଲା: ଭଦ୍ରକ<br>ସମ୍ପତ୍ତି-୨) ଶ୍ରୀ ଗୌରାଙ୍ଗ ଚରଣ ସେନାପତି, ପିତା: ଫକିର ଚରଣ ସେନାପତିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୪୮, ପ୍ଲଟ୍ ନଂ.: ୧୯, ପରିମିତ କ୍ଷେତ୍ର: ଏକର୦.୦୬୦ଡିସିମିଲି ଏବଂ ପ୍ଲଟ୍ ନଂ.: ୨୦, ପରିମିତ କ୍ଷେତ୍ର: ଏକର୦.୦୮୦ଡିସିମିଲି, ମୌଜା: କୋହ୍ଲ, **ସମୁଦାୟ କ୍ଷେତ୍ର: ଏକର୦.୧୪ଡିସିମିଲି,** ପ୍ରକାର: ଘରବାରୀ, ଥାନା: ତିହିଡି, ଜିଲ୍ଲା: ଭଦ୍ରକ | ୧୩.୦୧.୨୦୨୩ / ୨୨.୦୩.୨୦୨୩ / ୩୧.୧୨.୨୦୨୩ ସୁଦ୍ଧା ଟ.୫୬,୫୮,୩୧୫/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରର୍ଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | (ସମ୍ପତ୍ତି-୧) ଟ.୨୪.୨୪ ଲକ୍ଷ / ଟ.୨.୪୩ ଲକ୍ଷ / ଟ.୦.୧୦ ଲକ୍ଷ<br>(ସମ୍ପତ୍ତି-୨) ଟ.୨୨.୩୧ ଲକ୍ଷ / ଟ.୨.୨୪ ଲକ୍ଷ / ଟ.୦.୧୦ ଲକ୍ଷ |
| ୭. | **ସହିଦ ପାର୍କ, ବାଲେଶ୍ୱର ଶାଖା /** ଋଣଗ୍ରହୀତା: ୧) ମେସର୍ସ ଅଭିପ୍ସା ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ରଞ୍ଜିତା ମିଶ୍ର, ଉଥୁଳି, ପୋ: ବାହାଲ, ବାଲେଶ୍ୱର - ୭୫୬୦୦୩, ୨) ରଞ୍ଜିତା ମିଶ୍ର, ସ୍ୱାମୀ: ଲକ୍ଷ୍ମଣ କୁମାର ମିଶ୍ର, ବାସସ୍ଥାନ ଠିକଣା: ଗ୍ରାମ: ବାଲିଆ ପାଳ, ଗୁଡୁଦା, ଗୁଡୁଦା ପାଟଣା, ବାଲେଶ୍ୱର - ୭୫୬୦୧୯ / ଗ୍ୟାରେଣ୍ଟିଦାତା/ବନ୍ଧକଦାତା:ଶୁଭସ୍ମିତା ମହାପାତ୍ର, ସ୍ୱାମୀ: ନିରାକାର ମହାପାତ୍ର, ଉଥୁଳି, ପୋ: ବାହାଲ, ବାଲେଶ୍ୱର - ୭୫୬୦୦୩ | ଶ୍ରୀମତୀ ଶୁଭସ୍ମିତା ମହାପାତ୍ର, ସ୍ୱାମୀ: ଶ୍ରୀ ନିରାକାର ମହାପାତ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଉଥୁଳି, ପ୍ଲଟ୍ ନଂ.: ୯୨୩, ପରିମିତ କ୍ଷେତ୍ର: ଏକର୦.୬୭ ଡିସିମିଲି ଏବଂ ପ୍ଲଟ୍ ନଂ.: ୯୨୩/୧୩୯୦, ପରିମିତ କ୍ଷେତ୍ର: ଏକର.୦.୮୦ ଡିସିମିଲି, ଉଭୟ ପ୍ଲଟ୍‌ର ଖାତା ନଂ.: ୩୩୫/୩୪୬, **ସମୁଦାୟ କ୍ଷେତ୍ର: ଏକର୧.୪୭୦ଡିସିମିଲି,** କିସମ: ଘରବାରୀ, ତହସିଲ: ରେମୁଣା, ଥାନା: ବାଲେଶ୍ୱର ସଦର, ଜିଲ୍ଲା: ବାଲେଶ୍ୱର, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ବିଘ୍ନେଶ୍ୱର ପଣ୍ଡା, ପୂର୍ବ: ବି.ଏମ୍ ପଣ୍ଡା ଏବଂ ପଶ୍ଚିମ:ଗଦାଧର ପଣ୍ଡା | ୦୭.୦୩.୨୦୨୩ / ୦୮.୦୫.୨୦୨୩ / ୩୧.୧୨.୨୦୨୩ ସୁଦ୍ଧା ଟ.୩୬,୦୭,୧୪୭/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରର୍ଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୯୫.୦୦ ଲକ୍ଷ / ଟ.୯.୫୦ ଲକ୍ଷ / ଟ.୦.୫୦ ଲକ୍ଷ |
| ୮. | **ରାଜକନିକା ଶାଖା /** ଋଣଗ୍ରହୀତାମାନେ: ୧) ମେସର୍ସ ବାବାମଣି ଇଲେକ୍ଟ୍ରୋନିକ୍ସ, ସ୍ୱତ୍ତ୍ୱାଧିକାରୀ: ଚିନ୍ମୟ ନନ୍ଦ ଦାସ, ପିତା: ନଟବର ଦାସ, ୨) ଚିନ୍ମୟ ନନ୍ଦ ଦାସ, ପିତା: ନଟବର ଦାସ / ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀ ନିଗମାନନ୍ଦ ଦାସ, ପିତା: ନଟବର ଦାସ, ସମସ୍ତଙ୍କ ଠିକଣା- ସା/ପୋ.: ଓଳାଭର, ଥାନା: ରାଜକନିକା, କେନ୍ଦ୍ରାପଡା, ଓଡ଼ିଶା, ପିନ୍-୭୫୪୨୨୭ | ଶ୍ରୀ ନିଗମାନନ୍ଦ ଦାସ, ପିତା: ନଟବର ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୧୯୭/୧୫୩୭, ଖାତା ନଂ.: ୩୮୯/୨୭୫, କ୍ଷେତ୍ର: ଏକର୦.୦୪ଡିସିମିଲି, ମୌଜା: ବଳରାମପୁର, ତହସିଲ: ରାଜକନିକା, ଏହାର ଚାରିପାର୍ଶ୍ୱରେ ପୂର୍ବ: ନିତ୍ୟାନନ୍ଦ ମହାପାତ୍ର, ଦକ୍ଷିଣ: ମହେଶ୍ୱର ମହଲା ଏବଂ ନିତ୍ୟାନନ୍ଦ ମହାପାତ୍ର, ଉତ୍ତର: ଗ୍ରାମ୍ୟ ରାସ୍ତା, ପଶ୍ଚିମ: ଘନଶ୍ୟାମ ମହଲା | ୨୮.୦୪.୨୦୨୩ / ୦୭.୦୮.୨୦୨୩ / ୩୧.୧୨.୨୦୨୩ ସୁଦ୍ଧା ଟ.୧୬,୨୭,୯୮୭/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରର୍ଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ/ ସାଙ୍କେତିକ | ଟ.୧୭.୨୪ ଲକ୍ଷ / ଟ.୧.୭୩ ଲକ୍ଷ / ଟ.୦.୧୦ ଲକ୍ଷ |

**ଇ-ନିଲାମ ତାରିଖ ଏବଂ ସମୟ: ୨୪.୦୧.୨୦୨୪ (ବୁଧବାର) ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା**

**ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୨୩.୦୧.୨୦୨୪ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)**

**ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୧୧.୦୧.୨୦୨୪ରିଖ ଠାରୁ ତା.୨୨.୦୧.୨୦୨୪ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ**

ନିୟମ ଓ ସର୍ତ୍ତାବଳୀ : ୧) ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍: **https://www.mstcecommerce.com/auctionhome/ibapi/index.jsp and https://ibapi.in** ଦେଖନ୍ତୁ। ସମ୍ଭାବ୍ୟ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ/ ଶାଖାରେ ଯୋଗାଯୋଗ କରିପାରିବେ। ୨) ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଉପର ଦର୍ଶିତ ତାରିଖରେ ଇ-ନିଲାମ ବିକ୍ରୟ ଅନୁଷ୍ଠିତ ହେବା ପାଇଁ ୧୫ ଦିନିଆ ନୋଟିସ୍ ଅଟେ। ୩) ସଫଳ ନିଲାମଧାରୀ ସମସ୍ତ ଖର୍ଚ୍ଚ ଯଥା- ଷ୍ଟାମ୍ପ ଡ୍ୟୁଟି, ବିକ୍ରୟ ସାର୍ଟିଫିକେଟ୍ ରେଜିଷ୍ଟ୍ରେସନ୍ ଯଦି ଥାଏ ତାହା ବହନ କରିବେ। ୪) କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟ କରାଯିବାକୁ ଥିବା ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ, ସମ୍ପତ୍ତି ଟିକସ, ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। ୫) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା ବାତିଲ କିମ୍ବା ବିକ୍ରୟ ସ୍ଥଗିତ/ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାରୀ ରହିଛି। ଦ୍ରଷ୍ଟବ୍ୟ ଏହିକି ଏହି ନୋଟିସ୍ ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ବ୍ୟାଙ୍କ ଦ୍ୱାରା କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଉନାହିଁ।

**ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।**

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ୍ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

**ସ୍ଥାନ: କଟକ, ତାରିଖ: ୦୬.୦୧.୨୦୨୪** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

## ସଂକ୍ଷେପରେ

### କେନ୍ଦୁଗଣ୍ଡି ବୋଝେଇ ଗାଡ଼ି ଜବତ, ଜଣେ ଗିରଫ

ଦେଓଗାଁ, ୭।୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବନ ବିଭାଗ ତୁଷୁରା-ଗୁଡଭେଲା ରାସ୍ତାର ତେଲନଦୀ ନିକଟରେ ରବିବାର ସକାଳେ ପାଟ୍ରୋଲିଂ ସମୟରେ ବନ କର୍ମଚାରୀ କେନ୍ଦୁଗଣ୍ଡି ବୋଝେଇ ୪୦୭ ନଂଓଆର ୨୩ ସି ୯୯୯୫କୁ ଜବତ କରିଛି। ଗାଡ଼ିରୁ ୧୯ଟି କେନ୍ଦୁଗଣ୍ଡି ଯାହାକି ୩୪ ସିଏଫଟି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ଏଥିରେ ସମ୍ବଲପୁର ସୁନାପାଲିର ଏମ.ଡି.ନାସିରୁଦ୍ଦିନଙ୍କୁ ଗିରଫ କରାଯାଇଛି। ଦେଓଗାଁ ରେଞ୍ଜର ଯୁଧିଷ୍ଠିର ଜାଲଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା।

### ୫-ଟି ଅଧ୍ୟକ୍ଷଙ୍କ କଣ୍ଟାବାଞ୍ଜି ଗସ୍ତ ନେଇ ପ୍ରସ୍ତୁତି

କଣ୍ଟାବାଞ୍ଜି, ୭।୧ (ଗୁରୁଦୟାଲ ହଂସ)

ଆସନ୍ତା ୧୧ ତାରିଖରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ କଣ୍ଟାବାଞ୍ଜି ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଜେଡି ମହିଳା ସଭାନେତ୍ରୀ ସସ୍ମିତା ଦଣ୍ଡସେନାଙ୍କ ସଭାପତିତ୍ୱରେ ୧୬ ୱାର୍ଡର ମହିଳା ଗୋଷ୍ଠୀ, ମିଶନ ଶକ୍ତି ମହିଳାଙ୍କ ସହ ବରିଷ୍ଠ ନେତା ଅଜୟ ଦାସ, ୫ନମ୍ବର ୱାର୍ଡ କାଉନସିଲର ଯାଜ୍ଞସେନି ନାଗ, ୭ନମ୍ବର କାଉନସିଲର ପିଙ୍କି ମହାନନ୍ଦ ଓ ଆଗଧାଡିର ବିଜେଡି କର୍ମୀ ଉପସ୍ଥିତ ଥିଲେ। ୫-ଟି ଅଧ୍ୟକ୍ଷଙ୍କ ଗସ୍ତ ନେଇ ଅନେକ ସଙ୍ଗଠନ ନିଜ ଦାବି ଉପସ୍ଥାପନ କରିବା ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବିପତ୍ରମାନ ପ୍ରସ୍ତୁତି କରୁଥିବା ଜଣାପଡିଛି।

### ଚୋରି ବାଇକ୍ ଜବତ, ୨ଗିରଫ

ଖପ୍ରାଖୋଲ, ୭।୧ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପୁଣ୍ୟକ୍ଷେତ୍ର ହରିଶଙ୍କର ମନ୍ଦିର ପରିସରରୁ ୨ମାସ ତଳେ ବାଇକ ଚୋରି ଘଟଣାରେ ସ୍ଥାନୀୟ ପୋଲିସ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତହସିଲ ଛତର(୨୬) ଓ ଗିରି ଶଗଡ଼ିଆ (୨୩)। ଚୋରି ବାଇକକୁ ପୋଲିସ ଜବତ କରିଛି। ସୂଚନା ଅନୁସାରେ ଗତ ନଭେମ୍ବର ୭ ତାରିଖ ବରଗଡ଼ ଜିଲା ପାଇକମାଳ ଥାନା ମାଡ଼ିଆଧିପା ଗାଁର ଇନ୍ଦ୍ରଦ୍ୟୁମ୍ନ ସାହୁ ନିଜ ପରିବାର ସହ ବାଇକରେ ହରିଶଙ୍କର ଆସିଥିଲେ। ମନ୍ଦିର ତଳେ ଷ୍ଟାଣ୍ଡରେ ହୋଣ୍ଡା ସାଇନ (ଓଡ଼ି ୧୭ ଭି ୮୯୭୩) ବାଇକ ରଖି ଝରଣାକୁ ଗାଧୋଇବାକୁ ଯାଇଥିଲେ। ସ୍ନାନ ସାରି ଫେରିଲା ବେଳେ ସେଠାରେ ଗାଡ଼ି ନ ଥିବା ଦେଖି ଖପ୍ରାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା( ୨୨୪/୨୩)ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ଚୋରି ବାଇକ ଦମାଇପାଲି ଗାଁର ଜଣଙ୍କ ଘରେ ଥିବା ଜାଣି ପୋଲିସ ଚଢ଼ାଉ କରିଥିଲା। ଚୋରିରେ ଗିରଫ ୨ଅଭିଯୁକ୍ତଙ୍କ ସହ ଜଣେ ନାବାଳକ ଥିବା ଜଣାପଡିଛି। ତାଙ୍କୁ ଅଟକ ରଖି ଅଧିକ ପଚରାଉଚରା କରାଯାଉଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

# ମଠଖାଇ ମହୋତ୍ସବ ଉଦ୍‌ଘାଟିତ



ଅତିଥିମାନେ ସମାଜସେବୀ ମଦନ ମୋହନ ରଥଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରୁଛନ୍ତି।



କୋଶଲୀ ନାଟକ ମଧୁବିଦ୍ୟାର ଏକ ଦୃଶ୍ୟ।

- ନାଟକ ମଧୁବିଦ୍ୟା ମଞ୍ଚସ୍ଥ
- ସମାଜସେବୀ ମଦନ ମୋହନ ରଥଙ୍କୁ ମଠଖାଇ ସମ୍ମାନ

ବଲାଙ୍ଗୀର,୭।୧ (ବୀରେନ୍ଦ୍ର କୁମାର ଝାଙ୍କର)

ସର୍ବଭାରତୀୟ ନାଟକ ସମାରୋହ ମଠଖାଇ ମହୋତ୍ସବ ରବିବାରଠାରୁ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆ ନୂଆ ରଙ୍ଗମଞ୍ଚରେ ଆରମ୍ଭ ହୋଇଛି। ଅଗ୍ରଣୀ ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ ଭୂମିକା ଏବଂ ମଠଖାଇ ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ମଠଖାଇ ମହୋତ୍ସବ-୨୪କୁ ଆୟୋଜକ କମିଟି ଅଧ୍ୟକ୍ଷ ତଥା ବିଧାୟକ ନରସିଂହ ମିଶ୍ର ଉଦ୍‌ଘାଟନ କରିଥିଲେ। ମଠଖାଇ ପାହାଡ ପାଦଦେଶରେ ଥିବା ମଠଖାଇ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଠଖାଇ ଜ୍ୟୋତିକୁ କୋଶଳ କଳାମଣ୍ଡଳ ପଡିଆ ରଙ୍ଗମଞ୍ଚକୁ ଆଣି ମହୋତ୍ସବ ଅଧ୍ୟକ୍ଷ ବିଧାୟକ ମିଶ୍ରଙ୍କୁ ଅର୍ପଣ ପରେ ଏହାକୁ ରଙ୍ଗମଞ୍ଚରେ ସ୍ଥାପନ କରାଯାଇଥିଲା। ପୂର୍ବାହ୍ନ ୧୧ଟାରୁ ଏକ ବାଇକ ଶୋଭାଯାତ୍ରା ସହର ପରିକ୍ରମା କରି କଳା ମଣ୍ଡଳରେ ପହଞ୍ଚିଥିଲା। ଏହି ଅବସରରେ ଦୁର୍ଗା ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା।

ସନ୍ଧ୍ୟାରେ ମଠଖାଇ ମହୋତ୍ସବ ଅଧ୍ୟକ୍ଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଓଡିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ କୁଳପତି ଡ. ଦତ୍ତେଶ୍ୱର ହୋତା, ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି, ଅତିଥି କଳାକାର ପୂର୍ଣ୍ଣଚନ୍ଦ୍ର ମିଶ୍ର ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ରାଜୀବ ଲୋଚନ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଅଧ୍ୟାପକ ଜିତେନ୍ଦ୍ର ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି କୁଳପତି ହୋତା ତାଙ୍କ ପିଲାଦିନର ବଲାଙ୍ଗୀର ସହର, ଅନ୍ନପୂର୍ଣ୍ଣା ଅପେରା ଦେଖା, ସ୍କୁଲପଢ଼ା, ଡାକ୍ତରୀ ପାଠ, ଡାକ୍ତରୀ ଜୀବନ ଭିତରେ ଜୀବନ କିଭଳି ନାଟକମୟ ଓ ଅନେକ ସମୟରେ କିଭଳି ସମ୍ବେଦନଶୀଳ ଅଭିନୟ କରିବାକୁ ହୁଏ କହିଥିଲେ। କୋଶଲୀ ଭାଷାର ମାଧୁର୍ଯ୍ୟ ଓ ଗାମ୍ଭୀର୍ଯ୍ୟ ସହ ଏହାର ବିକାଶ ଉପରେ କହିଥିଲେ।

ଉପଦେଷ୍ଟା ପ୍ରଫେସର ପତି ମଠଖାଇ କିଭଳି ବଲାଙ୍ଗୀର ଓ ଆଖପାଖ ଅଞ୍ଚଳରେ ସାଂସ୍କୃତିକ ଏବଂ ସାମାଜିକ ବିପ୍ଳବ ଆଣିବାରେ ସହାୟକ ହେଉଛି କହିଥିଲେ। ମଠଖାଇ ଜାତୀୟ ସ୍ତରରେ ବଲାଙ୍ଗୀରର ଗୌରବ ବଢ଼ାଇଛି ବୋଲି କହିଥିଲେ। ଅଧ୍ୟକ୍ଷ ମିଶ୍ର ତାଙ୍କ ବକ୍ତବ୍ୟରେ ନାଟକ ମାଧମରେ ସାମାଜିକ ସଚେତନତା ଓ ସଂସ୍କାର ଲକ୍ଷ୍ୟ ନେଇ ମଠଖାଇ ପରିକଳ୍ପନା କରାଯାଉଛି। ଚଳିତବର୍ଷ ଲୋକଙ୍କ ଦାବି ମୁତାବକ ସମସ୍ତ ନାଟକ କୋଶଲୀ ଭାଷାରେ କରାଯାଉଛି। ଆଗାମୀ ଦିନରେ ଲୋକେ ଯଦି ପୁଣି ଥରେ ନୂଆ ପ୍ରସ୍ତାବ ଦେବେ ବା ପୂର୍ବଭଳି ବିଭିନ୍ନ ପ୍ରାଦେଶିକ ଭାଷାର ନାଟକ ଦେଖିବାକୁ ଚାହିଁବେ ସେନେଇ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅତିଥିମାନେ ସମାଜସେବୀ ମଦନ ମୋହନ ରଥଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ମଞ୍ଚକୁ ଦିବଙ୍ଗତ ନାଟ୍ୟକାର ନବୀନ ମହାନ୍ତିଙ୍କ ସ୍ମୃତିରେ ସମର୍ପିତ କରାଯାଇଥିଲା। ଅତିଥିମାନେ ଦିବଙ୍ଗତ ନାଟ୍ୟକାର ମହାନ୍ତିଙ୍କ ପରିବାରକୁ ସମର୍ପଣ ପତ୍ର ଦେବା ସହ ମଞ୍ଚରେ ସମ୍ମାନୀତ କରିଥିଲେ। ନାଟ୍ୟକାର ସନାତନ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

ଏହାପରେ ବିଶିଷ୍ଟ ନାଟ୍ୟକାର ଡ କେଶରଞ୍ଜନ ପଧାନଙ୍କ ରଚିତ ଏବଂ ରବିରଞ୍ଜନ ପଧାନଙ୍କ ନିର୍ଦ୍ଦେଶିତ ନାଟକ ମଧୁବିଦ୍ୟା ମଞ୍ଚସ୍ଥ ହୋଇଥିଲା। ଉପନିଷଦ୍‌ର ଏକ କଥାବସ୍ତୁ ଆଧାରିତ ନାଟକ ମଧୁବିଦ୍ୟା ଜରିଆରେ ଶିକ୍ଷାର ଏକଚାଟିଆ ପେଟେଣ୍ଟ କିଭଳି ଘାତକ ସାବ୍ୟସ୍ତ ହୋଇଥାଏ ଏହି ବାର୍ତ୍ତା ଦେଇଥିଲେ। ପ୍ରଗତିଶୀଳ ସମାଜ ଗଠନ, ସକ୍ରିୟ ନାଗରିକ ଏବଂ ସମତୁଲ ବିକାଶ ସହ ନ୍ୟାୟୋଚିତ ଜୀବନ ଯାତ୍ରା ସକାଶେ ବିଦ୍ୟା ବା ଶିକ୍ଷାର ସାର୍ବଜନୀନକରଣ କିଭଳି ଜରୁରୀ ଏହି ନାଟକରେ ତାହା ପ୍ରଦର୍ଶିତ ହୋଇଥିଲା। ନାଟକରେ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବିମୋହତ କରିଥିଲା। ନାଟକ ପ୍ରାରମ୍ଭରୁ ଭୁବନେଶ୍ୱର ନାଟ୍ୟସୁଧା ଅନୁଷ୍ଠାନ ପକ୍ଷରୁ ସୁନ୍ଦର ନୃତ୍ୟ ପରିବେଷଣ କରାଯାଇଥିଲା।

## କୋର୍ଟରେ ସରକାର ପକ୍ଷ ରଖିବା ପରେ ପରବର୍ତ୍ତୀ ପଦକ୍ଷେପ

**ଟିଟିଲାଗଡ଼ ଜିଲା ଦାବି ପ୍ରସଙ୍ଗ**

- ଖବରଦାତା ସମ୍ମିଳନୀରେ ସୂଚନା ଦେଲା କ୍ରିୟାନୁଷ୍ଠାନ କମିଟି

ଟିଟିଲାଗଡ଼, ୭।୧ (ଶରତ ମିଶ୍ର)

ଦୀର୍ଘ ୩୧ବର୍ଷ ଧରି ଜାରି ରହିଥିବା ଟିଟିଲାଗଡ ଜିଲା ଦାବି ଆନ୍ଦୋଳନରେ ନୂଆ ମୋଡ ଆସିଛି। କ୍ରିୟାନୁଷ୍ଠାନ କମିଟି ଆବାହକ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ, ଯୁଗ୍ମ ଆବାହକ ଆଇନଜୀବୀ ମହେଶ ମହାନ୍ତି ଏନେଇ ରବିବାର ସ୍ଥାନୀୟ ବାର ସଭାଗୃହରେ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଛନ୍ତି। ଗତ ୩୦ତାରିଖରେ ଜିଲା ଦାବି ନେଇ ନିମନ୍ତ୍ରଣ ପାଇ ମନ୍ତ୍ରୀ ଟୁକୁନି ସାହୁଙ୍କ ନେତୃତ୍ୱରେ କ୍ରିୟାନୁଷ୍ଠାନ କମିଟିର ୨୫ ଜଣିଆ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ନବୀନ ନିବାସରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଏହି ସାକ୍ଷାତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ସେତେବେଳ କୁହାଯାଇଥିଲା। ତେବେ ନିର୍ବାଚନରେ ଜିଣିବା ନେଇ କୌଣସି ଅଞ୍ଚଳକୁ ଜିଲା ଘୋଷଣା କରିବା ନେଇ ସରକାରଙ୍କ ପ୍ରୟାସ ନେଇ ରାଜ୍ୟ ଉଚ୍ଚ ନ୍ୟାୟାଳୟ ରହିତାଦେଶ ସହ ସ୍ପଷ୍ଟୀକରଣ ଲୋଡିଛନ୍ତି। ମାମଲା ଉଚ୍ଚ ନ୍ୟାୟାଳୟରେ ଥିବାରୁ ଆସନ୍ତା ତାରିଖରେ ସରକାର ନିଜ ପକ୍ଷ ରଖିବା ପର୍ଯ୍ୟନ୍ତ ଆମେ ପ୍ରତୀକ୍ଷା କରିଛୁ। ଏହା ପରେ ଆନ୍ଦୋଳନର ରୂପରେଖ ସ୍ପଷ୍ଟ ହେବ ବୋଲି ଖବରଦାତା ସମ୍ମିଳନୀରେ ଆବାହକ ସାହୁ କହିଛନ୍ତି। ତେବେ ଜିଲା କ୍ରିୟାନୁଷ୍ଠାନ କମିଟିର ସରକାରଙ୍କ ଉପରେ ଭରସା ରହିଛି। ତେଣୁ ଉଚ୍ଚ ନ୍ୟାୟାଳୟରେ ପକ୍ଷଭୁକ୍ତ ହେବେ ନାହିଁ ବୋଲି କ୍ରିୟାନୁଷ୍ଠାନ କମିଟି ସ୍ପଷ୍ଟ କରିଛି। ତେବେ ଟିଟିଲାଗଡ ଅଞ୍ଚଳର ଜନତାଙ୍କ ପ୍ରତି କୌଣସି ପକ୍ଷପାତିତା ଅନୁମେୟ ହେଲେ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବା ପାଇଁ ମଧ ଆମେ ପ୍ରସ୍ତୁତ ବୋଲି କ୍ରିୟାନୁଷ୍ଠାନ କମିଟି ଯୁଗ୍ମ ଆବାହକ ଆଇନଜୀବୀ ମହାନ୍ତି କହିଛନ୍ତି।

# ବିଧାୟକ ନରସିଂହ ମିଶ୍ରଙ୍କ ନାଁରେ ଏସ୍‌ପିଙ୍କୁ ଫେରାଦ



ବିଜେଡି ନେତ୍ରୀମାନେ ବଲାଙ୍ଗୀର ଆଡିଶନାଲ ଏସ୍‌ପିଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ସଭାରେ ମହିଳାଙ୍କୁ ଅପମାନ ଅଭିଯୋଗ ଆଣିଲେ ବିଜେଡି ନେତ୍ରୀ**

ବଲାଙ୍ଗୀର,୭।୧ (ବୀରେନ୍ଦ୍ର କୁମାର ଝାଙ୍କର)

ମହିଳାମାନଙ୍କ ବିରୋଧରେ ଅପମାନ ସୂଚକ ମନ୍ତବ୍ୟ ଦେଇଥିବା ଅଭିଯୋଗ କରି ବଲାଙ୍ଗୀର ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ନାମରେ ସ୍ଥାନୀୟ ବିଜେଡିର କେତେଜଣ ମହିଳା ନେତ୍ରୀ ରବିବାର ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଦତ୍ତ ଅଭିଯୋଗ ପତ୍ରର ନକଲ ରାଜ୍ୟ ଏବଂ ଜାତୀୟ ମହିଳା କମିଶନଙ୍କୁ ମଧ ପଠାଇଥିବା ସେମାନେ ଉଲ୍ଲେଖ କରିଛନ୍ତି। ବଲାଙ୍ଗୀର ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ସଦର ବ୍ଲକ୍ ଅଧ୍ୟକ୍ଷା ସରିତା ବାଗ, ପୌର ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ମ୍ୟୁନିସିପାଲିଟିର କେତେଜଣ ବିଜେଡି କାଉନସିଲର ଓ ପୂର୍ବତନ କାଉନସିଲର ରବିବାର ଅପରାହ୍ନରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ କରିଥିଲେ। ପରେ ଏସ୍‌ପି ଅଫିସ ଯାଇ ଏସ୍‌ପି ଋଷିକେଶ ଖିଲାରୀଙ୍କ ଅନୁପସ୍ଥିତରେ ଆଡିଶନାଲ ଏସ୍‌ପି ସୁରେଶ ନାଏକ ଦାବିପତ୍ର ଗ୍ରହଣ କରିଥିଲେ।

ପ୍ରଦତ୍ତ ଦାବିପତ୍ରରେ ମହିଳାମାନେ ଦର୍ଶାଇଛନ୍ତି ଯେ, ଗତ ୩ ତାରିଖରେ ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ସଭାରେ ୩୦ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦାନ କରିଥିଲେ। ସେହି ସଭାରେ ଯୋଗଦେଇଥିବା ବଲାଙ୍ଗୀର ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ମହିଳାମାନଙ୍କୁ ଭଡାରେ (ଭଡାଟିଆ) ଅଣାଯାଇଛି ବୋଲି କହିଥିବା ଅଭିଯୋଗ କରିଛନ୍ତି। ବିଧାୟକଙ୍କ ଏଭଳି ମନ୍ତବ୍ୟ ମହିଳାମାନଙ୍କ ପ୍ରତି ଅପମାନସୂଚକ ଓ ଏଥିରେ ମହିଳାଙ୍କ ସମ୍ମାନହାନୀ ହୋଇଛି ବୋଲି ଉଲ୍ଲେଖ କରିଛନ୍ତି। ପୂର୍ବରୁ ମଧ ବିଧାୟକଙ୍କ ଉପସ୍ଥିତିରେ ତାଙ୍କ ଲୋକେ ଜଣେ ମହିଳା କାଉନସିଲରଙ୍କୁ ଆକ୍ରମଣ କରିଥିବା ଉଲ୍ଲେଖ କରିଛନ୍ତି। ଏଦିଗରେ ବିହିତ ପଦକ୍ଷେପ ନେବାକୁ ସେମାନେ ଏସ୍‌ପିଙ୍କଠାରେ ଅଭିଯୋଗ କରିଛନ୍ତି। ଏହି ଘଟଣା ଉପରେ କିନ୍ତୁ ବିଧାୟକ ନରସିଂହ ମିଶ୍ରଙ୍କ ପ୍ରତିକ୍ରିୟା ମିଳିନାହିଁ।

## ଦିଲ୍ଲୀରେ ଚମକିଲେ କଳାହାଣ୍ଡିର ବୋହୂ

ଭବାନୀପାଟଣା,୭।୧ (ଉତ୍ତମ କୁମାର ଦାଶ)



ରାଇଜିଙ୍ଗ ଷ୍ଟାର ବିଜେତା ପି. ଲକ୍ଷ୍ମୀ।

ନୂଆଦିଲ୍ଲୀରେ ଦିକେ ପ୍ରେଜେଣ୍ଟସ ଦ୍ୱାରା ଆୟୋଜିତ ହୋଇଥିବା ପ୍ରାଇଡ୍ ଅଫ ଇଣ୍ଡିଆ ପ୍ରତିଯୋଗିତାରେ ଭବାନୀପାଟଣା ସହରର ପି.ଲକ୍ଷ୍ମୀ ରାଇଜିଂ ଷ୍ଟାର ବିଜେତା ହୋଇ କଳାହାଣ୍ଡି ପାଇଁ ଗୌରବ ଆଣିଛନ୍ତି। ୧୯୮୪ରେ ଭବାନୀପାଟଣା ମନ୍ଦାର ବଗିଚା ପଡ଼ାରେ ଜନ୍ମ ହୋଇଥିଲେ। ପରେ ଭବାନୀପାଟଣା ଦର୍ପଣ ସାଗର ପଡ଼ାର ପି. ଗୌରୀ ଶଙ୍କର ଆଚାରୀଙ୍କ ସହ ତାଙ୍କର ବାହାଘର ହେଇଥିଲା। ଛୋଟବେଳୁ ଏକ ଅଭିନେତ୍ରୀ ହେବାର ଇଚ୍ଛା ଥିଲେ ବି କମ ବୟସରେ ବିବାହ ହେଇଥିବାରୁ ତାଙ୍କ ସ୍ୱପ୍ନ ପୂରଣ କରି ପାରି ନ ଥିଲେ। ବର୍ତ୍ତମାନ ସ୍ୱାମୀ ଓ ନିଜ ଦୁଇ ପୁଅ ଝିଅଙ୍କଠୁ ପ୍ରେରଣା ପାଇ ସେ ପୁଣିଥରେ ୟୁଟ୍ୟୁବରେ ଲକ୍ଷ୍ମୀ କିଚେନ ନାମରେ ଏକ ଚ୍ୟାନେଲ ଖୋଲି ନିଜ ରୋଷେଇ ଭିଡିଓ ତିଆରି କରି ଅପଲୋଡ୍ କରିଥିଲେ । ପରେ ଇନଷ୍ଟାଗ୍ରାମରେ ବିଭିନ୍ନ ପ୍ରକାର ରିଲ ତିଆରି କରି ଅପଲୋଡ କରିଥିଲେ। ସେଠାରୁ ସେ ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆବେଦନ କରିଥିଲେ ଓ ଚୟନ ମଧ ହେଇଥିଲେ। ପରେ ଦିଲ୍ଲୀ ଯାଇ ପ୍ରତିଯୋଗିତାରେ ଭାଗ ନେଇଥିଲେ ଓ ବିଜେତା ହେଇଥିଲେ।

## ଗୌରୀଶଙ୍କର କ୍ରିକେଟ: ସେମିରେ ରାୟଗଡ଼ା

ଟିଟିଲାଗଡ଼, ୭।୧ (ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ବିନେକେଲାଠାରେ ଗୌରୀଶଙ୍କର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସଂଯୁକ୍ତା ନାଏକ, ସମାଜସେବୀ ପ୍ରମୋଦ ପ୍ରଧାନ, ସରପଞ୍ଚ ଯାଜ୍ଞସେନୀ ସାହୁ, ଆନନ୍ଦ କେଡିଆ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏକ ମ୍ୟାଚରେ ଭବାନୀପାଟଣାକୁ ହରାଇ ରାୟଗଡା ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଭବାନୀପାଟଣା ୨୦ଓଭରରେ ୬୪ରନ କରିଥିଲା। ଜବାବରେ ରାୟଗଡା ୨ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା।

## ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ପାଳିତ

ଟିଟିଲାଗଡ, ୭।୧ (ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ନିକଟ ଦେଶିଲସ୍ଥିତ ସତ୍‌ସଙ୍ଗ ବିହାରରେ ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହାମହୋତ୍ସବ ରବିବାର ପାଳିତ ହୋଇଯାଇଛି। ସକାଳୁ ବେଦ ମାଙ୍ଗଳିକ, ଉଷା କୀର୍ତ୍ତନ, ପ୍ରାତଃ ବିନତି, ସଙ୍ଗୀତାଞ୍ଜଳି ପରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଅନୁକୂଳଚନ୍ଦ୍ରଙ୍କୁ ଏକ ରଥରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଦେସିଲ ସତ୍‌ସଙ୍ଗ ବିହାରରେ ପହଞ୍ଚିଥିଲା। ଏହାପରେ ବିଶେଷ ସତ୍‌ସଙ୍ଗ ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସତ୍‌ସଙ୍ଗ ବିହାର ଅଧ୍ୟକ୍ଷ ପ୍ରଦୀପ ଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଧର୍ମ ସଭାରେ ଭୁବନେଶ୍ୱରରୁ ଆସିଥିବା ସହପ୍ରତି ରିତ୍ୱିକ ଡ ବିଜୟ ପରିଡା ମୁଖ୍ୟବକ୍ତାଭାବେ ଯୋଗଦେଇ ଅନୁକୂଳ ଚନ୍ଦ୍ରଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ସଫଳ ସମାପନରେ ଟିଟିଲାଗଡ ସତ୍‌ସଙ୍ଗ ବିହାରର ଭାଗିରଥି ରାଉତରାୟ, ଶିବ ପ୍ରସାଦ ପରିଡା, ପ୍ରମୋଦ ପାଲ, ଚପାଧାରି କୁମ୍ଭାର, ଋଷି ସାହୁ, ବିଦ୍ୟାଧର ସ୍ୱାଇଁ, ବୁଲୁ ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ।

# ଫୁଟବଲ ଖେଳକୁ ପୁନଃ ଲୋକପ୍ରିୟ କରିବାକୁ ଗୁରୁତ୍ୱ

**ଏକାଠି ହେଲେ ପ୍ରାକ୍ତନ ବର୍ଷୀୟାନ କ୍ରୀଡ଼ାବିତ**

ଟିଟିଲାଗଡ଼, ୭।୧ (ଶରତ ମିଶ୍ର)

ଏକଦା ରାଜ୍ୟ ତଥା ଜାତୀୟ ସ୍ତରରେ ଫୁଟବଲ ଖେଳକୁ ନେଇ ଟିଟିଲାଗଡ ସହରର ଏକ ସ୍ୱତନ୍ତ୍ର ପରିଚୟ ରହିଥିଲା। ନିଜ ଉଚ୍ଚକୋଟିର ପ୍ରଦର୍ଶନ ତଥା ଟିଟିଲାଗଡଠାରେ ଜାତୀୟସ୍ତର ଫୁଟବଲ ପ୍ରତିଯୋଗିତା ଆୟୋଜନ କରିଥିବା ବର୍ଷିଆନ ଖେଳାଳିମାନଙ୍କ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଫୁଟବଲ ଖେଳାଳି ସଦାନନ୍ଦ ନାୟକ, ହରିଶଙ୍କର ଥପା, ଧନପତି ଚନ୍ଦନ, ଜଗା ବେହେରା, ପୁରୋହିତ ମାଝୀ, ରଘୁ ମନହିରା, ରବି ବାଗ, ସନ୍ତୋଷ ମେହେର, କୃଷ୍ଣଚନ୍ଦ୍ର ପୁଟେଲ, ଗୁଣ ନାୟକ, ଦକ୍ଷରାଜ ଦଲାଇ, କୈଳାସ ବଗର୍ତ୍ତି, ନୟନ ନାୟକ, ଏସ.କେ. ରଫିକ, ପରମେଶ୍ୱର ପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଟିଟିଲାଗଡ ଅଞ୍ଚଳରେ ଫୁଟବଲ ଖେଳ ପୂର୍ବଭଳି କିଭଳି ଲୋକପ୍ରିୟ ହେବ, ଜାତୀୟସ୍ତରର ମ୍ୟାଚ ଆୟୋଜନ କଥା ଉଠିଥିଲା। ଏନେଇ ଏକ ଫୁଟବଲ ଏକାଡେମୀ ପ୍ରତିଷ୍ଠା, ଷ୍ଟାଡିୟମର ଆବଶ୍ୟକତା ନେଇ ଆଲୋଚନା ହୋଇଥିଲା। ସରକାରୀ ସ୍ତରରେ କ୍ରୀଡାକୁ ପ୍ରୋତ୍ସାହନ ନେଇ ଅନେକ ଯୋଜନା ରହିଥିବା ବେଳେ ପୂର୍ବ ଭଳି ଟିଟିଲାଗଡ ଫୁଟବଲ ଖେଳରେ ନିଜର ଗୌରବ ଫେରିପାଇବ ବୋଲି ବର୍ଷିଆନ କ୍ରୀଡାବିତମାନେ ଆଶା ପ୍ରକଟ କରିଛନ୍ତି। ଏନେଇ ପୂର୍ବତନ ଖେଳାଳିମାନେ ଏକ ଦୀର୍ଘସୂତ୍ରୀ ଯୋଜନା ଆରମ୍ଭ କରିବାକୁ ଯାଉଥିବା ବୈଠକ ପରେ ସୂଚନା ଦିଆଯାଇଛି।



ବୈଠକରେ ଉପସ୍ଥିତ ପ୍ରାକ୍ତନ ଫୁଟବଲ ଖେଳାଳିମାନେ।

**ସଲତରପାଲି ଶୁଭଶ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ**

# ସ୍ୱାବଲମ୍ବୀ କରିଛି ହସ୍ତଶିଳ୍ପ

ଲୋଇସିଂହା,୭।୧ (ସୁଶାନ୍ତ ବାରିକ)

ହସ୍ତଶିଳ୍ପ ମାଧ୍ୟମରେ ସ୍ୱାବଲମ୍ବୀ ହୋଇଛନ୍ତି ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଲତରପାଲି ଗ୍ରାମର ଶୁଭଶ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ। କପଡା, ଭେଲଭେଟରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ବ୍ୟାଗ, ଚାନ୍ଦୁଆ ବିକ୍ରି କରି ବାର୍ଷିକ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ସାଜିଛନ୍ତି ପ୍ରେରଣାର ଉତ୍ସ।

୨୦୧୭ ମସିହାରେ ଗ୍ରାମର ୨୦ଜଣ ଯୁବତୀ ଓ ମହିଳାଙ୍କୁ ନେଇ ଶୁଭଶ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଥିଲା। ରୀନା ପୁଟା ସଂଘ ସଭାନେତ୍ରୀ, ସଞ୍ଜୁଲତା ଦଣ୍ଡସେନା ସମ୍ପାଦିକା ଅଛନ୍ତି। ଉକ୍ତ ସଂଘ ପ୍ରଥମେ ଲୋଇସିଂହା ଏସ୍‌ବିଆଇ ଶାଖାରୁ ଦେଢ ଲକ୍ଷ ଟଙ୍କା ଋଣ ନେଇଥିଲେ। ପରେ ଋଣ ଟଙ୍କ ପରିଶୋଧ କରି ସଂଘକୁ ବନ୍ଦ କରି ଦେଇଥିଲେ । ବ୍ଲକ ମିଶନ ଶକ୍ତି ବିଭାଗ ପୁନଃ ଚାଲୁ ପାଇଁ ସଂଘ ସଦସ୍ୟାଙ୍କୁ ପରାମର୍ଶ ଦେଇଥିଲା। ମିଶନ ଶକ୍ତି ଆହ୍ୱାନ କ୍ରମେ ସଂଘ ପୁଣି କାର୍ଯ୍ୟକ୍ଷମ ହୋଇଥିଲା। ବ୍ୟାଙ୍କରୁ ପୁଣି ୨ ଲକ୍ଷ ଟଙ୍କା ଋଣ ମଞ୍ଜୁର ହେଲା। ହସ୍ତଶିଳ୍ପ ପାଇଁ ମିଶନ ଶକ୍ତି ପକ୍ଷରୁ ତାଲିମର ବ୍ୟବସ୍ଥା କରାଗଲା । ଖୋର୍ଦ୍ଧା ଏବଂ ବାଲେଶ୍ୱରୁ ୨ଜଣ ପ୍ରଶିକ୍ଷିକା ସଲତରପାଲି ଆସି ୬ ମାସ ପର୍ଯ୍ୟନ୍ତ ହସ୍ତଶିଳ୍ପ ଉପରେ ତାଲିମ ପ୍ରଦାନ କଲେ। ସଂଘ ସଦସ୍ୟାମାନେ ବିଭିନ୍ନ ପ୍ରକାରର ବ୍ୟାଗ, ଚାନ୍ଦୁଆ ଆଦି ସାମଗ୍ରୀ ପ୍ରସ୍ତୁତି ତାଲିମ ନେଲେ । ତାଲିମ ସମ୍ପୂର୍ଣ୍ଣ ହେବା ପରେ ଏସ୍‌ଏଚ୍‌ଜି ସଦସ୍ୟାମାନେ ପୁରୀ ପିପିଲିରୁ ଝୁମକି, ଉନ, ଫର୍ମ, ଜିନ୍ସ, ଭେଲଭେଟ ଓ କଟନ କପଡା ଆଦି କଞ୍ଚାମାଲ କ୍ରୟ କରିଥିଲେ। ୬ଟି ସିଲେଇ ମେଶିନରେ ଚାନ୍ଦୁଆ, ଭ୍ୟାନିଟି ବ୍ୟାଗ, ପାଣି ବୋତଲ କଭର ଆଦି ପ୍ରସ୍ତୁତି କଲେ। ଏହାପରଠାରୁ ସେମାନେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ନିୟମିତଭାବେ ଏହି ସବୁ ସାମଗ୍ରୀ ପ୍ରସ୍ତୁତ କରିବାରେ ଲାଗିଛନ୍ତି। ବଲାଙ୍ଗୀର ଲୋକଉତ୍ସବ ସହ ସମ୍ବଲପୁର, ଢେଙ୍କାନାଳ, ଭୁବନେଶ୍ୱର ଆଦି ସ୍ଥାନରେ ହେଉଥିବା ପଲ୍ଲିଶ୍ରୀ ମେଳାରେ ଷ୍ଟଲ ପକାଇ ସେମାନେ ପ୍ରସ୍ତୁତ ସାମଗ୍ରୀ ବିକ୍ରି କରୁଛନ୍ତି। ସ୍କୁଲ କଲେଜ ଯାଇ ଭ୍ୟାନିଟି ବ୍ୟାଗ ଓ ପାଣି ବୋତଲ କଭର ବିକ୍ରି କରୁଛନ୍ତି। କଳାକୃତି ଥିବା ଝୁମକି ଲଗା ଚାନ୍ଦୁଆ ଓ ଭ୍ୟାନିଟିର ବିଶେଷ ଆଦର ରହିଥିବା ସଙ୍ଗଠନର ସଦସ୍ୟାମାନେ କହିଛନ୍ତି। ଗୋଟିଏ ଚାନ୍ଦୁଆ ୩ ଶହରୁ ୫ଶହ ଓ ଭ୍ୟାନିଟି ବ୍ୟାଗ ଦର ୫୦ରୁ ଆରମ୍ଭ କରି ୩ ଶହ ଟଙ୍କା ପର୍ଯ୍ୟନ୍ତ ରହିଥିବା ସିଆରପି ତଥା ସଂଘ ସଦସ୍ୟା କୁଞ୍ଜଲତା ଭୋଇ ଓ ଯାଜ୍ଞସିନୀ ଭୋଇ କହିଛନ୍ତି। ଇତିମଧ୍ୟରେ ୨ ଲକ୍ଷ ଋଣ ଟଙ୍କା ପରିଶୋଧ କରି ତୃତୀୟ ପର୍ଯ୍ୟାୟରେ ୩ ଲକ୍ଷ ଟଙ୍କା ବ୍ୟାରୁ ଋଣ ଅଣାଯାଇଥିବା ସେମାନେ କହିଛନ୍ତି।




ଏସ୍‌ଏଚ୍‌ଜି ସଦସ୍ୟାମାନେ ପ୍ରସ୍ତୁତ କରିଥିବା ସାମଗ୍ରୀ।

## ସଂକ୍ଷେପରେ

### ତୃତୀୟ ବାଉଁଶୁଣୀ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି

ବାଉଁଶୁଣୀ,୭।୧(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ତୃତୀୟ ବାଉଁଶୁଣୀ ଲୋକ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବାଉଁଶୁଣୀ ସାଂସ୍କୃତିକ ପରିଷଦର ସଭାପତି ଉମାଶଙ୍କର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ଫେବୃଆରୀ ୫ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୫ ଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଏହାଛଡା ମୀନାବଜାର ଓ ପଲ୍ଲୀଶ୍ରୀ ମେଳା ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଆବାହକ ଦଶରଥ ମେହେର, ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ, ସୀତାକାନ୍ତ ସିଂ, ଚକ୍ରଧର ମେହେର, ସୁନିଲ ବାରିକ, ଗଣେଶ ମେହେର,ହୃଦୟ ରଞ୍ଜନ ଖମାରୀ, କୁନା ରଥ,ସୁଜିତ ମେହେର, ମକର ମହାରଣା, ବିକେଶ ଅଗ୍ରୱାଲ, କୃଷ୍ଣଚନ୍ଦ୍ର ମିଶ୍ର, ସୁଶାନ୍ତ ସୁସ୍ତ, ତ୍ରିପୁରାରୀ ପ୍ରଧାନ, ରିପନ ତ୍ରିପାଠୀ, ବିକାଶ ମେହେରଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ।

# ସଚେତନ ହେଲେ ହ୍ରାସ ପାଇବ ଦୁର୍ଘଟଣା

ସୋନପୁର,୭।୧(ମୃତ୍ୟୁଞ୍ଜୟ ଶତପଥୀ)



ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ।

### ସୁବର୍ଣ୍ଣପୁରରେ ସଡକ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ଜାନୁୟାରୀ ୧ ତାରିଖଠାରୁ ଆରମ୍ଭ ହୋଇଥିବା ସଡକ ସୁରକ୍ଷା ସପ୍ତାହ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏହି କ୍ରମରେ ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଲୋକେ ସଚେତନ ହେଲେ ଦୁର୍ଘଟଣା ହ୍ରାସ ପାଇବ ବୋଲି କହିଥିଲେ। ଜିଲାପାଳ କହିଥିଲେ ମଣିଷ ଜୀବନ ବହୁ ମୂଲ୍ୟବାନ। କିନ୍ତୁ ସାମାନ୍ୟ ଅସାବଧାନତା କାରଣରୁ ଦୁର୍ଘଟଣା ଘଟୁଛି। ଅସମୟରେ ଅନେକ ଲୋକଙ୍କ ଜୀବନ ଯାଉଛି। ଏଥିପାଇଁ ସଡକ ସୁରକ୍ଷା ସମ୍ବନ୍ଧୀୟ ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ସଡକ ସୁରକ୍ଷା ପରିବାର ରକ୍ଷା ବୋଲି କହିଥିଲେ। ମଦ୍ୟପାନ କରି ଗାଡି ନ ଚଳାଇବା, ଗାଡି ଚାଳନା ସମୟରେ ମୋବାଇଲ ଫୋନ ବ୍ୟବହାର ନ କରିବା, ବାଇକ ଆରୋହୀ ହେଲମେଟ୍ ପରିଧାନ କରିବା, ଦ୍ରୁତ ଗତିରେ ଗାଡି ନ ଚଳାଇବା, କାର ଡ୍ରାଇଭିଂ ଓ ବସିବା ସମୟରେ ସିଟ୍ ବେଲ୍ଟ ପରିଧାନ କରିବା ପାଇଁ ଅତିଥିମାନେ ଜନସାଧାରଣ ଓ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏମଭିଆଇ ବିଶ୍ୱ ରଞ୍ଜନ ସାହୁ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଜିଲାରେ ଯେଉଁ କାର୍ଯ୍ୟକ୍ରମ କରାଯାଇଛି ସେ ସମ୍ପର୍କରେ ସୂଚନା ଦେବା ସହ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ଅବସରରେ ସୋଲାସିୟମ ଫଣ୍ଡ ଓ ଗୁଡ ସମରିଟାନ ପଲିସି ସମ୍ପର୍କରେ ସଚେତନ କରା ଯାଇଥିଲା। ସଡକ ସୁରକ୍ଷା ସପ୍ତାହ ପାଳନ ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ଚିତ୍ରାଙ୍କନ, ସ୍ଲୋଗାନ ପ୍ରତିଯୋଗିତାର କୃତି ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଜିଲାପାଳ ରାୟ ୧୭ ଜଣ ସ୍ୱେଚ୍ଛାସେବୀଙ୍କୁ ଗୁଡ୍ ସମରିଟାନ୍ ସମ୍ମାନ ପ୍ରଦାନ କରିଥିଲେ। କୋସଲ ହାଇସ୍କୁଲର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

# ଆଜିଠାରୁ ହୀରାକୁଦ ଜଳଭଣ୍ଡାରରେ ପକ୍ଷୀ ଗଣନା

ସମ୍ବଲପୁର,୭।୧(ପ୍ରମୋଦ ବହିଦାର)

- ଅକ୍ଟୋବରରୁ ଆରମ୍ଭ ହୋଇଛି ବିଦେଶୀ ପକ୍ଷୀଙ୍କ ସମାଗମ
- ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ପକ୍ଷୀ ଗଣନା

ପ୍ରତିବର୍ଷ ଭଳି ଚଳିତବର୍ଷ ହୀରାକୁଦ ଜଳଭଣ୍ଡାରରେ ବିଦେଶୀ ପକ୍ଷୀଙ୍କ ସାମଗମ ଆରମ୍ଭ ହୋଇଯାଇଛି। ତେଣୁ ସମ୍ବଲପୁର ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଏଠାରେ ପକ୍ଷୀଙ୍କ ଗଣନା ପାଇଁ ନିଷ୍ପତ୍ତି ହୋଇଛି। ସୋମବାର ୮ ତାରିଖ ପ୍ରାତଃରୁ ପକ୍ଷୀ ଗଣନା ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ସମ୍ବଲପୁର ବନ୍ୟପ୍ରାଣୀ ବିଭାଗ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାଶ। ସେ କହିଲେ ଯେ, ଗତ ୨୦୨୩ ଅକ୍ଟୋବରରୁ ହୀରାକୁଦ ଜଳଭଣ୍ଡାରକୁ ବିଦେଶୀ ପକ୍ଷୀଙ୍କ ସମାଗମ ଆରମ୍ଭ ହୋଇସାରିଛି। ପକ୍ଷୀଗୁଡ଼ିକ ଏଠାରେ ମାର୍ଚ୍ଚ ପର୍ଯ୍ୟନ୍ତ ରହି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରନ୍ତି। ଏଥିରେ ସାଇବେରିଆ, କାସ୍ପିଆନ ହ୍ରଦ, ବୈକାଲ ହ୍ରଦ, ମଙ୍ଗୋଲିଆ ତଥା ମଧ୍ୟପ୍ରାଚ୍ୟ ଏସିଆ ଓ ହିମାଳୟ ଅଞ୍ଚଳରୁ ବହୁ ସଂଖ୍ୟାରେ ପକ୍ଷୀ ରହିଥାଆନ୍ତି। ତେବେ ଗଣନା ପରେ ସେମାନଙ୍କ ପ୍ରଜାତିକୁ ଚିହ୍ନଟ କରାଯାଇ ପାରିବ ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ପକ୍ଷୀ ଗଣନା ପ୍ରତ୍ୟହ ସକାଳ ୬ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଜାରି ରହିବ। ହୀରାକୁଦ ଜଳଭଣ୍ଡାର ଝାରସୁଗୁଡ଼ା ଓ ବରଗଡ଼ ଜିଲା ତଥା ଛତିଶଗଡ଼ ସୀମା ସଂଲଗ୍ନ ପ୍ରାୟ ୫ ଶହ ବର୍ଗ କିଲୋମିଟର ଅଞ୍ଚଳ ସହିତ ପାୱାର କେନାଲରେ ପକ୍ଷୀଗଣନା କରାଯିବ। ପକ୍ଷୀ ଗଣନା ପାଇଁ ଧାର୍ଯ୍ୟ ସମଗ୍ର ଅଞ୍ଚଳକୁ ୧୦ରୁ ୬୦ ବର୍ଗ କିଲୋମିଟର ବିଶିଷ୍ଟ ୨୧ଟି ପୃଥକ ସେକ୍ଟରରେ ଭାଗ କରାଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ୩୩ ଜଣ ପକ୍ଷୀ ବିଶେଷଜ୍ଞଙ୍କ ସହିତ ମୋଟ୍ ୭୮ଜଣ ବନ ବିଭାଗ କର୍ମଚାରୀ ଅଂଶଗ୍ରହଣ କରିବେ। ସ୍ଥାନ ବିଶେଷରେ ଆବଶ୍ୟକ ହେଲେ ପକ୍ଷୀ ଗଣନା ତଥା ପକ୍ଷୀଙ୍କ ନୀଡ଼ ଠାବ କରିବାରେ ସ୍ଥାନୀୟ ଅଭିଜ୍ଞ ମତ୍ସ୍ୟଜୀବୀଙ୍କ ମଧ୍ୟ ସହାୟତା ଲୋଡ଼ାଯିବ। ତେବେ ଏଥିପାଇଁ ନିୟୋଜିତ ଗଣନାକାରୀଙ୍କୁ ୩୨ଟି ଦଳରେ ବିଭକ୍ତ କରାଯାଇ ଗଣନାରେ ବ୍ୟବହାର ପାଇଁ ୩୨ଟି ବୋଟ୍ ସହ ପକ୍ଷୀ ଗଣନା କିଟ୍, ଜୀବନ ରକ୍ଷାକାରୀ ଜ୍ୟାକେଟ୍ ଆଦି ବିଭିନ୍ନ ଆବଶ୍ୟକ ଉପକରଣ ଉପଲବ୍ଧ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଏଥିପାଇଁ ଏଠାରେ ଆସି ପହଞ୍ଚିଥିବା ପକ୍ଷୀ ଗଣନାକାରୀଙ୍କୁ ରବିବାର ସମ୍ବଲପୁର ପ୍ରାଣୀ ଉଦ୍ୟାନରେ ତାଲିମ ଦିଆଯାଇଛି। ଜଳଭଣ୍ଡାର ମଧ୍ୟକୁ ମତ୍ସ୍ୟଜୀବୀ ଓ ପର୍ଯ୍ୟଟକଙ୍କ ପ୍ରବେଶକୁ ବାରଣ କରାଯାଇଛି। ତେବେ ଆସନ୍ତା ୧୦ରେ ପକ୍ଷୀ ଗଣନା ଶେଷ ହେବ ଓ ୧୧ ବା ୧୨ ତାରିଖରେ ପକ୍ଷୀ ଗଣନା ସମ୍ପର୍କିତ ଅନ୍ତିମ ତଥ୍ୟ ପ୍ରଦାନ କରାଯିବ ବୋଲି ଦାଶ କହିଛନ୍ତି।

### ମକର ସଂକ୍ରାନ୍ତି ପାଳନ ନେଇ ପ୍ରସ୍ତୁତି ବୈଠକ

ଖୁଣ୍ଟିଗୋରା,୭।୧(ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତର ବନ୍ଧଗୋରା ଧବଳେଶ୍ୱର ବାବାଙ୍କ ମନ୍ଦିର ଠାରେ ମକର ସଂକ୍ରାନ୍ତି ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଗତ ଶନିବାର ଦିନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମକର ସଂକ୍ରାନ୍ତି କମିଟିର ସଭାପତି ଗଙ୍ଗାଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଭକ୍ତ ସାହୁ, ପୂଜକ ରାଜାରାମ ଶତପଥୀ, ମନ୍ଦିର ପୂଜକ ମୋଚିରାମ ପୂଝାରୀ ଓ ଅନ୍ୟ ସଦସ୍ୟମାନେ ଯୋଗଦେଇ ମକର ପର୍ବ ଯେପରି ଶାନ୍ତିଶୃଙ୍ଖଳା ସହ ପାଳନ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ମନ୍ଦିର ପରିସରରେ ନାମ ସଂକୀର୍ତ୍ତନ ହେବା ସହ ମକର ସଂକ୍ରାନ୍ତିକୁ ଅଧିକ ଆର୍କଷଣୀୟ କରିବାକୁ ମୀନାବଜାର ପଡିଛି।

# କଳା, ସଂସ୍କୃତି ସୁବର୍ଣ୍ଣପୁର ମାଟିର ପରିଚୟ


ରାୟଗଡାର କଳାକାରମାନେ ଢେମସା ନୃତ୍ୟ ପରିବେଷଣ କରୁଛନ୍ତି।

ସୋନପୁର,୭।୧(ମୃତ୍ୟୁଞ୍ଜୟ ଶତପଥୀ)

### ସୁବର୍ଣ୍ଣ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ସୁବର୍ଣ୍ଣପୁର ସହରର ରାମେଶ୍ୱର ଷ୍ଟାଡିୟମରେ ଚାଲିଥିବା ସୁବର୍ଣ୍ଣ ଲୋକ ମହୋତ୍ସବ, ଜିଲା ଉନ୍ନୟନ ପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳା ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସଭାରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ତାମସୀ ତାମସ୍ୱିତା ନାୟକ, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ, ବିନିକା ବ୍ଲକ ଅଧ୍ୟକ୍ଷା ଦୀପ୍ତିରେଖା ନନ୍ଦ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର ଓ ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ ମଞ୍ଚାସୀନ ଥିଲେ। ମନ୍ଦିର ମାଳିନୀ ସୁବର୍ଣ୍ଣପୁର ଜିଲାରେ କଳା ସଂସ୍କୃତି ଅତି ମହାନ। ଏହି ମାଟିରେ ରହିଛି ବିଶ୍ୱ ବନ୍ଦିତ ସନ୍ଥ କବି ଭୀମଭୋଇଙ୍କ ପବିତ୍ର ସମାଧି ପୀଠ। ଜଗତର ନାଥ ଜଗନ୍ନାଥ ୧୪୪ ବର୍ଷ ଧରି ନିଜକୁ ଆତ୍ମଗୋପାନ କରିଥିବାରୁ ଏହି ମାଟି ଧନ୍ୟ ହୋଇଛି। ବହୁ ସୁଯୋଗ୍ୟ ସନ୍ତାନଙ୍କୁ ଏହି ମାଟି ଜନ୍ମ ଦେଇଛି । ସେହିପରି ପାଟ ଶାଢୀ ପ୍ରସ୍ତୁତିରେ ଜିଲାର ବୁଣାକାରଙ୍କ ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ରହିଥିବା ଅତିଥିମାନେ କହିଥିଲେ।

ଷ୍ଟାଡିୟମର ଫକୀର ପଟ୍ଟନାୟକ ମୁକ୍ତମଞ୍ଚରେ ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟାରେ କଳାକାରମାନେ ଲୋକନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ନୃତ୍ୟ ଓ ବାଦ୍ୟର ମହାସଙ୍ଗମରେ ପ୍ରକମ୍ପିତ ହୋଇ ଉଠିଥିଲା ମଞ୍ଚ। କଳାହାଣ୍ଡିର ଘୁମୁରା ନୃତ୍ୟରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟାର କାର୍ଯ୍ୟକ୍ରମ। ପରେ ସୋନପୁର ବ୍ଲକ କଳା ସଂସ୍କୃତି ସଂଗଠନର ଦଣ୍ଡନୃତ୍ୟ, ରାୟଗଡାର ଢେମସା ନୃତ୍ୟ, ଆସାମର ବିହୁ ନୃତ୍ୟ, ମହାରାଷ୍ଟ୍ରର ଲାବନି ନୃତ୍ୟ, ସମ୍ବଲପୁର ପଡିଆବାହାଲ ସ୍ୱୟମ ସାଂସ୍କୃତିକ ଅନୁଷ୍ଠାନର ସମ୍ବଲପୁରୀ ନୃତ୍ୟ, ପଞ୍ଚମ ବଲାଙ୍ଗୀର ଅନୁଷ୍ଠାନର ବାଲ୍ୟ ବିବାହ ନିରାକରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଓ କଳାହାଣ୍ଡିର ବଜାଶାଲ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ନୃତ୍ୟର ଛନ୍ଦରସରେ ଝୁମିଥିଲେ ଦର୍ଶକ। ଅବିନାଶ ହୋତା ମଞ୍ଚ ସଂଯୋଜନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଚୌଧୁରୀ ବିଭାର, ଅମୃତାଂଶୁ ପଣ୍ଡା, ଦେବାଶିଷ ପଟ୍ଟନାୟକ ଓ ରୁବି ବେହେରା ମଞ୍ଚ ପରିଚାଳନା କରିଥିଲେ। ମହୋତ୍ସବ ଅବସରରେ ଖୋଲିଥିବା ଷ୍ଟଲରେ ବେଶ ଭିଡ ଜମିଥିଲା।

### ବାର୍ଷିକ କ୍ରୀଡ଼ା ଉତ୍ସବ

ବୌଦ୍ଧ,୭।୧(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଲୁଣୀବାହାଲ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟର ଖେଳପଡିଆଠାରେ ଗତ ଶନିବାର ଦିନ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଲୁଣୀବାହାଲସ୍ଥିତ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମଶାଲ ଶୋଭାଯାତ୍ରା ବାହାରି ଖେଳପଡିଆରେ ପହଞ୍ଚିଥିଲା। ମଶାଲ ପହଞ୍ଚିବା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତୃପ୍ତିରଞ୍ଜନ ଦାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଲବ କୁମାର ପ୍ରଧାନ ଯୋଗ ଦେଇଥିଲେ । ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଉଚ୍ଚ ଡିଆଁ, ଲମ୍ବଡିଆଁ, ଦୌଡ, ଖୋ ଖୋ ଆଦି ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡା ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଲୁଣିବାହାଲ ସରପଞ୍ଚ ଚନ୍ଦ୍ରମା ପ୍ରଧାନ ଯୋଗ ଦେଇଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମୃତ୍ୟୁଞ୍ଜୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ବିଜୟାନନ୍ଦ ସାହୁ, ଶିକ୍ଷକ ତ୍ରିଲୋଚନ ସାହୁ, ଜୟଦେବ ରଥ, ମନମୋହନ ପ୍ରଧାନ, ମାଗୁଣୀ ପ୍ରଧାନ, ସୁଶ୍ରୀ ସେବତୀ ଭାରତୀ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ପ୍ରୟାସ ସଂଗଠନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



ସଂଗଠନର କର୍ମକର୍ତ୍ତାମାନେ।

ଡୁଙ୍ଗୁରିପାଲି, ୭।୧(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିର ପ୍ରୟାସ ସଂଗଠନ ତରଫରୁ ଡୁଙ୍ଗୁରିପାଲି ଡାକ୍ତରଖାନା ଏବଂ ମା' ଓ ଶିଶୁ ବିଭାଗ ପରିସରରେ ରବିବାର ସଫେଇ କାର୍ଯ୍ୟକ୍ରମ କରାଯାଇଛି । ସଂଗଠନର ସଦସ୍ୟ ମାନେ ହସ୍ପିଟାଲର ଚାରି ପାଖରେ ଜମି ରହିଥିବା ଅଳିଆ, ଆବର୍ଜନା ସଫା କରି ଜନସାଧାରଣଙ୍କୁ ସଫା ରଖିବା ପାଇଁ ସଚେତନ କରିଥିଲେ । ଆଗାମୀ ଦିନରେ ସଫେଇ ଓ ସମାଜସେବା ଜାରି ରହିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏଭଳି କାର୍ଯ୍ୟକୁ ଅଞ୍ଚଳର ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରୟାସର ରାଜ୍ୟ ସଭାପତି ଗୁଣନିଧି ସାହୁ, ଯୋଗ ଶିକ୍ଷକ ଉମାକାନ୍ତ ଆର୍ଯ୍ୟ, ଶୁଭମ ପାଢୀ, ପ୍ରଫୁଲ୍ଲ ବାରିକ, ଜୟମିନୀ ସାହୁ, ଅନି ବାରିକ, ଅମିତାଭ ଗୁରୁ, ସରୋଜ ପଧାନ, ଆରାଧା ସାହୁ, ରାକେଶ ରାଣା,ରିଙ୍କି ଠେଲା , ପରେଶ ଭୁଏ, ମିନା ମରପାଚୀ, ଧିରଜ ଦୀପ, ଲକ୍ଷ୍ମୀ ବାଗ ,ନିର୍ମଳ ନାଏକ, ଲିଜା ଭୋଇ, ସମ୍ପିତ ବଞ୍ଜୋର,ସସ୍ମିତ କୁମ୍ଭାର,ସନ୍ତୋଷ ବାଗ, ପିଙ୍କି ଠେଲା ପ୍ରମୁଖ ସଫେଇ କାର୍ଯ୍ୟରେ ସାମିଲ ଥିଲେ।

### ୫ ଦିନରେ ୮୧ ଲକ୍ଷ ଟଙ୍କାର ବ୍ୟବସାୟ

#### ଶେଷ ହେଲା ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା

ବୌଦ୍ଧ,୭।୧(ଅଜିତ କୁମାର ବାରିକ)

ବୌଦ୍ଧ କଚେରୀ ପଡିଆଠାରେ ଗତ ୨ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୫ ଦିନ ଧରି ଅନୁଷ୍ଠିତ ହୋଇଥିବା ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ବୟନିକା ହସ୍ତତନ୍ତ ପ୍ରଦର୍ଶନୀ ଶନିବାର ଦିନ ଶେଷ ହୋଇଛି । ଏହି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାରେ ୮୧ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ବେଳେ ବୟନିକା ପ୍ରଦର୍ଶନୀରେ ୧୨ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡିଛି। ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ବୟନିକା ହସ୍ତତନ୍ତ ପ୍ରଦର୍ଶନୀରେ ସମୁଦାୟ ୨୨୦ଟି ଷ୍ଟଲ ଖୋଲାଯାଇଥିବା ବେଳେ ଏଥିରେ ରାଜ୍ୟର ୨୭ଟି ଜିଲାରୁ ୯୭ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଆସି ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ବ୍ୟବସାୟ କରିଥିଲେ। ବୟନିକାର ୬୦ଟି ଷ୍ଟଲ ଖୋଲା ଯାଇଥିବା ବେଳେ ୪୦ଟି ଷ୍ଟଲରେ ବିଭିନ୍ନ ସରକାରୀ ବିଭାଗର କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା । ସେହିପରି ମହୋତ୍ସବରେ ୨୦ ଖାଦ୍ୟ ଷ୍ଟଲ ଖୋଲାଯାଇଥିଲା। ପଲ୍ଲିଶ୍ରୀ ମେଳାରେ ବ୍ୟବସାୟ ଭଲ ହୋଇଥିବା ବେଳେ ବୟନିକାରେ ସେତେଟା ଭଲ ବ୍ୟବସାୟ ହୋଇ ନ ଥିବା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି। ବୟନିକା ପ୍ରଦର୍ଶନୀରେ ରାଜ୍ୟ ବାହାର ଜାମ୍ମୁ ଓ କଶ୍ମୀର, ହରିଆନା, ରାଜସ୍ଥାନ, ଉତ୍ତରପ୍ରଦେଶର ବ୍ୟବସାୟୀମାନେ ଆସି ସେମାନଙ୍କ ପସରା ଖୋଲିଥିଲେ। ରାଜ୍ୟର ବୌଦ୍ଧ, ନୟାଗଡ, କନ୍ଧମାଳ, ଯାଜପୁର, ସମ୍ବଲପୁର ଆଦି ଜିଲାର ବ୍ୟବସାୟୀମାନେ ସାମିଲ ଥିଲେ । ଏବେ ବି ବୟନିକା ହସ୍ତତନ୍ତ ପ୍ରଦର୍ଶନୀ ଚାଲୁ ରହିଛି ।

# କୁଦେଇପଡ଼ାରେ ସାଂସ୍କୃତିକ କାର୍ଯ୍ୟକ୍ରମ



ନୂତନବର୍ଷ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ।

ଡୁଙ୍ଗୁରିପାଲି,୭।୧(ଦୀନବନ୍ଧୁ ସୁନା )

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି କୁଦେଇପଡ଼ାଠାରେ ଶନିବାର ରାତିରେ ନୂତନ ବର୍ଷ ଉପଲକ୍ଷେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମା' ସମଲେଶ୍ୱରୀ ଯୁବକ ସଂଘର ସଭାପତି ଯଦୁମଣି କୁଦେଇଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା । ସଭାରେ ପବିତ୍ର ମୋହନ ପାଣ୍ଡିଆ ମୁଖ୍ୟଅତିଥି ,ସମ୍ମାନିତ ଅତିଥି ଭାବେ ଦୀନବନ୍ଧୁ ସୁନା, ମହାଦେବ ଗଡତିଆ, ସମାଜସେବୀ ଜୈମିନୀ ସାହୁ, ଯୋଗ ଶିକ୍ଷକ ପ୍ରଫୁଲ୍ଲ ବାରିକ, କୋଶଲ ସେନାର ରମଣୀ ଦନ୍ତା,ସରୋଜ ପଧାନ ଯୋଗ ଦେଇଥିଲେ । ପ୍ରଥମେ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ଜଳନ କରା ଯିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ମଞ୍ଚ କଳାକାର ଭକ୍ତ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ନୂତନ ବର୍ଷରେ ସମସ୍ତଙ୍କ ମଧ୍ୟରେ ଉତ୍ତମ ଭାଇଚାରା ରଖିବା, ଶାନ୍ତିର ବାର୍ତ୍ତା ଦେବା, କଳା ,ସଂସ୍କୃତି ବଞ୍ଚାଇ ରଖିବା ପାଇଁ ସମସ୍ତେ ପ୍ରୟାସ କରିବାକୁ ଅତିଥିମାନେ ମତ ରଖିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସମ୍ବଲପୁରୀ କଳାକାର ସଙ୍ଗୀତା, ଭୁବନ, ରାଜୁ ନନ୍ଦ ଓ ମାନସ ରଞ୍ଜନ ସାହୁଙ୍କ ଗୀତରେ ମଞ୍ଚ ଦୁଲୁକି ଉଠିଥିଲା । କଳାକାରମାନଙ୍କ ନୃତ୍ୟ, ଗୀତ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା । ସଂଘର ପି. କୁଦେଇ, ରାଜମୋହନ ବୁଡ଼େକ, ଶୁଭ୍ରାଂଶୁ, ରିକୁ, ଚିଣ୍ଟୁ, ଅଜିତ, କାଲୁ, ମଣ୍ଟୁ, ମିତେଶ, ହିମାଂଶୁ, ସ୍ୱାଗତ, ଶଙ୍କର୍ଷଣ, ତେଜରାଜ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସଂଘର ସମ୍ପାଦକ ସୋମ୍ୟରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

### ୧୭ ତମ ରାଜ୍ୟସ୍ତରୀୟ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ

# କେ.ଜି.କ୍ରିଷ୍ଣା ମ୍ୟାନ ଅଫ ଦି ମ୍ୟାଚ

ଅମରପାଲି,୭।୧(ପୀତାମ୍ବର ସାହୁ)


ସୋନପୁରର କେ.ଜି. କ୍ରିଷ୍ଣାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

#### ଏସଡିସିଏ ସୋନପୁର ଫାଇନାଲରେ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ପଞ୍ଚାୟତର ବିକଳପୁର ଗ୍ରାମରେ ହେଉଥିବା ୧୭ତମ ରାଜ୍ୟସ୍ତରୀୟ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ର ରବିବାର ମ୍ୟାଚ ଏସଡିସିଏ ସୋନପୁର ଓ ବ୍ଲାକ କ୍ୟାପ ଅନୁଗୋଳ ମଧ୍ୟରେ ହୋଇଥିଲା। ଏଥିରେ ବ୍ଲାକ କ୍ୟାପ ଅନୁଗୋଳକୁ ହରାଇ ଏସଡିସିଏ ସୋନପୁର ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି।

ରବିବାର ମ୍ୟାଚ ତିନୋଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ଅନୁଗୋଳ ଦଳ ପ୍ରଥମେ ବ୍ୟାଟିଂ କରି ୧୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୯୨ ରନ କରିଥିଲା। ଦଳର ଚନ୍ଦନ ସାହୁ ୩୧ ରନ ଓ ଜଗନ ବେହେରା ୨୪ ରନ କରିଥିଲେ। ସୋନପୁରର କେଜି କ୍ରିଷ୍ଣା ୩ଟି ଏବଂ ବିକି ନାଗ ଓ ଉମାଶଙ୍କର ହୋତା ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସୋନପୁର ଦଳ ୧୩.୪ ଓଭରରେ ୪ ଉଇକେଟ ହରାଇ ୯୩ ରନ କରିଥିଲା। ଦଳର ରାକେଶ ସାହୁ ୩୨ ରନ, ଅଭିଲାଷ ନାୟକ ୨୦, ଉମାଶଙ୍କର ହୋତା ୧୭ ଓ ବରୁଣ ଦାସ ୧୩ ରନ କରିଥିଲେ।

ବିପକ୍ଷ ଅନୁଗୋଳର ଦୁଷ୍ମନ୍ତ ଦାସ ୨ଟି ଏବଂ ବଳରାମ ବେହେରା ଓ ଜଗଦୀଶ ରକି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ଅନୁଗୋଳ ଦଳ ନିର୍ଦ୍ଧାରିତ ୮ ଓଭରରେ ୩ ଉଇକେଟ ହରାଇ ୮୭ ରନ କରିଥିଲା। ଦଳର ବିନାୟକ ମହାନ୍ତି ୨୭ ବଲରୁ ୫୧ ରନ ଓ ବଳରାମ ବେହେରା ୧୨ ରନ କରିଥିବା ବେଳେ ସୋନପୁରର କେଜି କ୍ରିଷ୍ଣା ୨ଟି ଓ ରାକେଶ ସାହୁ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ସୋନପୁର ଦଳ ୭ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ୮୮ରନ କରିଥିଲା। ଦଳର ଅଭିଲାଷ ନାୟକ ୩୬ ଓ ଶଙ୍କର ସେଠୀ ୩୧ ରନ କରିଥିଲେ। ଅନୁଗୋଳର ବଳରାମ ବେହେରା ଓ ଦୁଷ୍ମନ୍ତ ଦାସ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ଏସଡିସିଏ ସୋନପୁର ଦଳ ମ୍ୟାଚ ଜିଣି ଫାଇନାଲରେ ପ୍ରବେଶ କରିଛି। ଟୁର୍ନାମେଣ୍ଟ ପରିଚାଳନା କମିଟି ର ସଭାପତି ରାମ ପ୍ରସାଦ କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ହିଲୁଙ୍ଗ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ମହେନ୍ଦ୍ର ମହାଲିକ, ସୁବର୍ଣ୍ଣପୁର ଜିଲା କଂଗ୍ରେସ ଉପସଭାପତି ପ୍ରଦୀପ କୁମାର ସେଠୀ, ସାମାଜିକ କର୍ମୀ ଧରଣୀଧର ପାଢ଼ୀ, ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ, କ୍ରୀଡାବିତ ସୁଶିଲ ପ୍ରଧାନ, ବିଶ୍ୱଜିତ ପାଢ଼ୀ ଅତିଥି ଭାବେ ଯୋଗଦେଇ ଏସଡିସିଏ ସୋନପୁରର କେ.ଜି.କ୍ରିଷ୍ଣାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଚୂଡ଼ାମଣି ପାଢ଼ୀ ଓ ଶ୍ୟାମ ସୁନ୍ଦର ପଣ୍ଡା ପରିଚାଳନା କରିଥିଲେ । ଚନ୍ଦ୍ର ଶେଖର ପ୍ରଧାନ ସ୍କୋରର ,ପରକ୍ଷିତ କର୍ଣ୍ଣ ଅନ୍‌ଲାଇନ ସ୍କୋରିଂ , ବି. ଏସ.ରାଓ ଏବଂ ଦେବେନ୍ଦ୍ର ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ। ସୋମବାର ଟୁର୍ନାମେଣ୍ଟର ଫାଇନାଲ ଏସଡିସିଏ ସୋନପୁର ଓ ବୌଦ୍ଧ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜାଣିବାକୁ ମିଳିଛି ।

## ବିଶ୍ୱକର୍ମା ଯୋଜନା ସଚେତନତା ଉପରେ ପ୍ରସ୍ତୁତି ବୈଠକ

ବଡ଼ଗାଁ,୭।୧(ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ବ୍ଲକରେ ହିତାଧିକାରୀମାନେ କିପରି ବିଶ୍ୱକର୍ମା ଯୋଜନାର ଲାଭ ପାଇପାରିବେ ସେନେଇ ଭାଜପା ପକ୍ଷରୁ ରବିବାର ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ, ରାଜ୍ୟ ଆଦିବାସୀ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ଭୋଇ, ବ୍ଲକ ମଣ୍ଡଳ ସଭାପତି ବାବୁଲି କରସେଲ୍, ପିଣ୍ଟୁ ହୋତା, ବସନ୍ତ ଡନସନା,ତାପସ ସିଂ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

# ଭାଗବତ କଥା ଚରିତ୍ର ନିର୍ମାଣରେ ସହାୟକ ହୋଇଥାଏ

ରାଉରକେଲା,୭।୧(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ଗୋପବନ୍ଧୁ ପାଠାଗାର ଓ ରାଉରକେଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ମିଳିତ ଆନୁକୂଲ୍ୟରେ ଶ୍ରୀମଦ୍ ଭାଗବତ ଓ ଆଜିର ପ୍ରସଙ୍ଗିକତାକୁ ନେଇ ଏକ ପ୍ରବଚନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀମଦ ଭାଗବତ କଥାବସ୍ତୁ ଚରିତ୍ର ନିର୍ମାଣରେ ସହାୟକ ହୋଇଥାଏ। ତେଣୁ ଭାଗବତରେ ବର୍ଣ୍ଣିତ କଥାବସ୍ତୁ ଚରିତ୍ରକୁ ବୈଜ୍ଞାନିକ ପଦ୍ଧତିରେ ବିଶ୍ଳେଷଣ କଲେ ସମାଜକୁ ଅଧିକ ପ୍ରଭାବିତ କରିପାରିବ ବୋଲି ସ୍ୱାମୀ ଅଦ୍ୱୈତାନନ୍ଦଜୀ ମହାରାଜ ପ୍ରକାଶ କରିଥିଲେ। ଇଞ୍ଜିନିୟର ନବଘନ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ରାଜୀବ ପାଣି ପରିଚୟ ପ୍ରଦାନ କରିଥିଲେ। ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ମହେନ୍ଦ୍ର କୁମାର ପଟ୍ଟନାୟକ, ଅଭୟ ପ୍ରଧାନ, ଅଜୟ ମିଶ୍ର, ପ୍ରତାପ କୁମାର ମହାନ୍ତି, ରବିନାରାୟଣ ସିଂ, ପ୍ରଭାତୀ ଗୋସ୍ୱାମୀ, ଅଶୋକ ଶୁକ୍ଳା, ଦେବରାଜ ଗୌଡ, କିଶୋରୀ ମୋହନ କର, ରମାକାନ୍ତ ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ। ସଂଘର ସାଧାରଣ ସମ୍ପାଦକ ପ୍ରଫେସର ଶଙ୍କର ପ୍ରସାଦ ଗୋସ୍ୱାମୀ ମଞ୍ଚ ପରିଚାଳନା ଏବଂ ପାଠାଗାର ସାଧାରଣ ସମ୍ପାଦକ ହରିହର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଓଡ଼ିଶା ଲେଖିକା ସଂସଦର ସାହିତ୍ୟ ସମାରୋହ



ଅତିଥିମାନେ ମୁଖପତ୍ରକୁ ଉନ୍ମୋଚନ କରୁଛନ୍ତି।

ରାଉରକେଲା,୭।୧(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ମ୍ୟୁଜିକ ସର୍କଲ ପରିସରରେ ସୁନ୍ଦରଗଡ ଶାଖା ଓଡିଶା ଲେଖିକା ସଂସଦର ସାହିତ୍ୟ ସମାରୋହ ଡାକ୍ତର ଗୀତାଞ୍ଜଳି ପତ୍ରୀଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶିକା ଡକ୍ଟର ମନସ୍ୱିନୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡକ୍ଟର କିଶୋରୀ ଦାଶ, ରଶ୍ମିବାଳା ରାଉତରାୟ, ତପସ୍ୱିନୀ ବହିଦାର ଉପସ୍ଥିତ ରହି ଆଲୋଚ୍ୟ ବିଷୟ ନାରୀର ସାମାଜିକ ଦାୟିତ୍ୱବୋଧ ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସଦସ୍ୟା ମଞ୍ଜୁଳା ରଥ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ରାଜକୁମାରୀ ଦେବୀଙ୍କୁ ରାଧାରାଣୀ ସାହୁ ସ୍ମୃତି ସମ୍ମାନ ଓ ସଙ୍ଗଠିକା ନୀନାରାଣୀ ଜେନାଙ୍କୁ ଇନ୍ଦୁମତି ଦାଶ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉଭୟଙ୍କୁ ଅପର୍ଣ୍ଣା ସାହୁ ଓ ଡକ୍ଟର କିଶୋରୀ ଦାଶ ସେମାନଙ୍କ ଦିବଂଗତ ମାତାଙ୍କ ନାମରେ ଏହି ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦିକା ସ୍ନେହଲତା ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ଅନୁଷ୍ଠାନର ମୁଖପତ୍ର 'ପୂର୍ଣ୍ୟତୋୟା ଓ ସ୍ନେହଲତା ନାୟକଙ୍କ ଲିଖିତ ଚୋରାବାଲି ଓ ଅନ୍ୟାନ୍ୟ ଗଳ୍ପକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। କବି ଜ୍ୟୋତ୍ସ୍ନା ନାୟକ ଚୋରାବାଲି ଓ ଅନ୍ୟାନ୍ୟ ଗଳ୍ପକୁ ସମୀକ୍ଷା କରିଥିଲେ। ଉତ୍ସବ ଆରମ୍ଭରେ ରାଜକୁମାରୀ ଦେବୀ ଓ ସାଥୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମୋନାଲିସା ମିଶ୍ରଙ୍କ ସଭାପତିତ୍ୱ ଓ ସ୍ନେହଲତା ପଟ୍ଟନାୟକ ତଥା ଅପର୍ଣ୍ଣା ସାହୁଙ୍କ ସଂଯୋଜନାରେ ନାରୀ ଅସ୍ମିତା ଧର୍ମୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହିରେ ବହୁ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଉତ୍ସବ ପରିଚାଳନାରେ ସୁକାନ୍ତି ନାଏକ, ଚକ୍ରଧର ରଣା, ସୁରମା ମିଶ୍ର, କୁଞ୍ଜ ବିହାରୀ ରାଉତ, ସସ୍ମିତା ପ୍ରଧାନ, କଳ୍ପନା ସାହୁ, ଜୟଶ୍ରୀ ବିଶ୍ୱାଳ, ସୁନିଲ ମହାନ୍ତି, ବିଜୟ ସାହୁ, ବବିତା ମହାପାତ୍ର, ଅଳକା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ସରକାରୀ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ

ସୁନ୍ଦରଗଡ,୭।୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ଶନିବାର ସ୍ଥାନୀୟ ସରକାରୀ ମହାବିଦ୍ୟାଳୟଠାରେ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁ ସଭାପତିତ୍ୱ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ଆମ ଜୀବନ କେତେ ମୂଲ୍ୟବାନ ଏବଂ ଏହି ମୂଲ୍ୟବାନ ଜୀବନକୁ ସୁନ୍ଦର କରିବା ପାଇଁ ବର୍ତ୍ତମାନ ସମୟରେ ସଡକ ସୁରକ୍ଷା କେତେ ଜରୁରୀ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିଭାବ ସୁନ୍ଦରଗଡ ଆଞ୍ଚଳିକ ପରିବହନ ଆଧିକାରୀ ସୁକାନ୍ତ କୁମାର ଦାଶ ଯୋଗଦେଇ ସଡକ ସୁରକ୍ଷା ପାଳନର ଉଦ୍ଦେଶ୍ୟ ଏବଂ ଦୁର୍ଘଟଣାର କାରଣ ନିରାକରଣ ଓ ସଚେତନତା ସୃଷ୍ଟି କରିବା ସମ୍ପର୍କରେ ବୁଝାଇ ଥିଲେ। ଦୁର୍ଘଟଣା ସମ୍ମୁଖୀନ ହେଉଥିବା ଲୋକଙ୍କ ପାଇଁ ରହିଥିବା ସରକାରୀ ପୁରସ୍କାର ରାଶି ସମ୍ପର୍କରେ ସୂଚନା ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଆଲୋକ କୁମାର ନାଏକ, ମୋଟରଯାନ ନିରୀକ୍ଷକ ଦଲନୀ ସା, ସେକ୍ସନ ଅଫିସର ପ୍ରଦୀପ କୁମାର ବହିଦାରଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ,କର୍ମଚାରୀ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ସଡ଼କ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

# ଦିଲୀପ ରାଉରକେଲା ମାଟିର ପରିଚୟ



ଦିଲୀପ ରାୟଙ୍କ ଜନ୍ମଦିନରେ ପ୍ରଦୀପ ପ୍ରଜ୍ୱଳନ କରାଯାଉଛି।

ରାଉରକେଲା,୭।୧(ଦିନେଶ ମିଶ୍ର)

ସେକ୍ଟର-୧୫ ସ୍ଥିତ ରାମମନ୍ଦିର ପ୍ରାଙ୍ଗଣରେ ରାଧାକୃଷ୍ଣ ମନ୍ଦିର ସେବା ସମିତି ଓ ରାଧାରାଣୀ ସଙ୍କୀର୍ତ୍ତନ ମଣ୍ଡଳୀ ମିଳିତ ଆନୁକୂଲ୍ୟରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲୀପ ରାୟଙ୍କ ୭୧ତମ ଜନ୍ମଦିବସ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଏହି ଅବସରରେ ରାମ ମନ୍ଦିରର ମୁଖ୍ୟ ପୂଜକ ଗୁରୁଚରଣ ନନ୍ଦଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କରାଯାଇଥିଲା। ସଙ୍କୀର୍ତ୍ତନ ମଣ୍ଡଳୀ ସଭାପତି ଜୟନ୍ତୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ହରିହର ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଉରକେଲା ମାଟିର ପରିଚୟ ହେଉଛନ୍ତି ଦିଲୀପ ରାୟ। ରାଉରକେଲା ପ୍ରତି ତାଙ୍କ ଅବଦାନ ଅତୁଳନୀୟ ବୋଲି ମୁଖ୍ୟଅତିଥି ରାଉତରାୟ ମତପ୍ରକାଶ କରିଥିଲେ। ରଘୁନାଥପାଲି ଅଞ୍ଚଳର ସାମାଜିକ କର୍ମୀ ସନ୍ତୋଷ କୁମାର ତନ୍ତୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ କର୍ମୀ ୭୧ଟି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ଅତିଥିମାନେ ଜନ୍ମଦିନ କେକ୍ କାଟିଥିଲେ। କାର୍ଯ୍ୟକ୍ରମରେ ରେଖା କୋଠାରୀ, ବିଷ୍ଣୁପ୍ରିୟା ନାୟକ, ସରସ୍ୱତୀ ବେହେରା, ସରିତା ନାୟକ, ସୌଦାମିନୀ ସାହୁ, ଭଗବତୀ ସାହୁ, ପୁଷ୍ପଲତା ଦାସ, ମାମା ବେହେରା, ଶ୍ରୀରାମ ସୁମିତ୍ରା, ବାସନ୍ତୀ ଜେନା, ସୁନିତା ମାଝୀ, ଅରୁଣ ଜୟପଟରିଆ, ମେହନ୍ତ ପରିଆଲଇ, କବିତା ବିନ୍ଦାଣୀ, ରେଖା ବଡାଇକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସୁଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶାଶହେ କୁଲତା ସମାଜର ବାର୍ଷିକ ବନ୍ଧୁମିଳନ



ବନ୍ଧୁମିଳନରେ ସାମିଲ ହୋଇଥିବା ମହିଳା ଓ ପୁରୁଷ।

ସୁନ୍ଦରଗଡ,୭।୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସହର ଶାଖା ବିଶାଶହେ କୁଲତା ସମାଜ ତରଫରୁ ବାର୍ଷିକ ବନ୍ଧୁ ମିଳନ ସ୍ଥାନୀୟ କାଇଁତରା(ଭସ୍ମା) ଇବ୍ ନଦୀ କୂଳରେ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ଓ ପୁରୁଷ ଏହି ବନ୍ଧୁ ମିଳନରେ ସାମିଲ ହୋଇ କୁଲତା ସମାଜର ଇଷ୍ଟ ଦେବୀ ମା'ରଣଚଣ୍ଡୀଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ସମାଜର ଏକତା ତଥା ଉନ୍ନତି ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଉପଲକ୍ଷେ ଗୋବର୍ଦ୍ଧନ ସାଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ସଭାରେ ଅଧାପକ ସୌରୀ ନାରାୟଣ ପ୍ରଧାନ ବାର୍ଷିକ ବିବରଣୀ ପଠନ, ଅଧାପକ ପ୍ରଶାନ୍ତ ଭୋଇ ଅତିଥି ପରିଚୟ ପ୍ରଦାନ ଏବଂ କୁନୁ ବିଶ୍ୱାଳ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ବିରଜା ସାଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ସମାଜର ପ୍ରମୁଖ ବ୍ୟକ୍ତି ଯଥା ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନ, ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟର ଆରାଧନ ଭୋଇ, ନବୀନ ବିଶ୍ୱାଳ, ଅଧାପକ ଯୁବରାଜ ସାହୁ, ଅଧାପକ ବ୍ରଜେଶ ସାହୁ, ଆତ୍ମାରାମ ବାରିକ, ସରୋଜ ସାହୁ, କୁମୁଦ ପ୍ରଧାନ, ଶିବରାଜ ପ୍ରଧାନ, ଚୈତନ୍ୟ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିଶୁଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କୃତ କରାଯାଇଥିଲା। ମହିଳାଙ୍କ ମଧ୍ୟରେ ରାମଚଣ୍ଡୀ କୁଇଜ କରାଯାଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅମିତ ଖମାରି, ତାରଣୀ ବିଶ୍ୱାଳ, ଅଶ୍ୱିନୀ ପଧାନ, ସରୋଜ ସାହୁ, ତୀର୍ଥାବସୀ ପାତ୍ର, ଅକ୍ଷୟ ଭୋଇ, ଜିତେନ୍ ପ୍ରଧାନ, ପୁରୁ ପ୍ରଧାନ, ପଞ୍ଚାନନ ପ୍ରଧାନ ପ୍ରମୁଖ ସହାୟତା କରିଥିଲେ। ଶେଷରେ ଅମାତ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନୁକୂଳ ଚନ୍ଦ୍ରଙ୍କ ଜନ୍ମବାର୍ଷିକୀ

ବନ୍ଧମୁଣ୍ଡା,୭।୧(ସୁବ୍ରତ ଦେ)

ବନ୍ଧମୁଣ୍ଡା ସ୍ଥିତ ରେଳବାଇ ଇନଷ୍ଟିଚ୍ୟୁଟ ଠାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜନ୍ମ ବାର୍ଷିକୀ ଉତ୍ସବ ରବିବାର ପାଳିତ ହୋଇଯାଇଛି। ସ୍ଥାନୀୟ ସତ୍‌ସଙ୍ଗ କେନ୍ଦ୍ର କମିଟି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ଶୋଭାଯାତ୍ରା ବାହାରି ବନ୍ଧମୁଣ୍ଡାର ବିଭିନ୍ନ ସେକ୍ଟର ପରିକ୍ରମା କରିଥିଲା। ଏହି ଅବସରରେ ବନ୍ଧମୁଣ୍ଡା,ବିଶ୍ରା,ଭାଲୁଲତା, ଜରାଇକେଲା ସମେତ ଜିଲାର ଅନ୍ୟାନ୍ୟ ସ୍ଥାନରୁ ଆସିଥିବା ଭକ୍ତମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଆୟୋଜକ କମିଟି ସଦସ୍ୟଙ୍କ ସମେତ ସମସ୍ତ ଗୁରୁ ଭଉଣୀ ଭାଇମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।



ଅନୁକୂଳ ଚନ୍ଦ୍ରଙ୍କ ଜନ୍ମବାର୍ଷିକୀ ଉତ୍ସବରେ ବାହାରିଥିବା ଶୋଭାଯାତ୍ରା।

# ଶିବ ହେଉଛନ୍ତି ବିଶ୍ୱର କଲ୍ୟାଣକାରୀ

## ଶିବଗୁରୁ ମହୋତ୍ସବ ପାଳିତ

ରାଉରକେଲା,୭।୧(ଦିନେଶ ମିଶ୍ର)

ସେକ୍ଟର-୧୩ ସ୍ଥିତ ଦୁର୍ଗାପୂଜା ମେଳଣ ପଡିଆରେ ଶିବଶିଷ୍ୟ ପରିବାର ପକ୍ଷରୁ ଶିବଗୁରୁ ମହୋତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଶିବଶିଷ୍ୟ ଅନୁନିତା ଆନନ୍ଦ ଓ ଡକ୍ଟର ଅମିତ କୁମାର ପ୍ରବଚକ ଭାବେ ଯୋଗ ଦେଇଥିଲେ। ଶିବ ହେଉଛନ୍ତି ବିଶ୍ୱର କଲ୍ୟାଣକାରୀ। ତେଣୁ ସମାଜରେ ଶାନ୍ତି, ପ୍ରେମ ଓ ପବିତ୍ରତାକୁ ବଜାୟ ରଖିବାକୁ ହେଲେ ଶିବଗୁରୁଙ୍କ ଚରଣରେ ନିଜକୁ ସମର୍ପଣ କରି ଜୀବନକୁ ଅତିବାହିତ କରିବାକୁ ପ୍ରବଚକମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ 'ଆଓ ଚାଲେ ଶିବକେ ଓର' ଆଧ୍ୟାତ୍ମିକ ପ୍ରସଙ୍ଗକୁ ନେଇ ଆଲୋଚନା କରାଯାଇଥିଲା। ଏଥିସହ ଉତ୍ସବରେ ବହୁ ଶିବ ଶ୍ରଦ୍ଧାଳୁ ଆଧ୍ୟାତ୍ମିକ ଚେତନା ଶକ୍ତିକୁ ନେଇ ବିଭିନ୍ନ ପ୍ରଶ୍ନ ପ୍ରବଚକଙ୍କୁ ପଚାରି ବୁଝିଥିଲେ। ପରେ ଶିବଶିଷ୍ୟଙ୍କ ଦ୍ୱାରା ହିନ୍ଦୀ, ସମ୍ବଲପୁରୀ, ଭୋଜପୁରୀ ଆଦି ଭାଷାରେ ଭଜନ ଓ ଜଣାଣ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ବିହାର, ଝାଡ଼ଖଣ୍ଡ ଓ ଓଡ଼ିଶାରୁ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଶିବଶିଷ୍ୟ ଉପସ୍ଥିତ ରହି ଶିବ ମହୋତ୍ସବର ମହିମା ଓ ଏହାର ଆଧ୍ୟାମିକ ରହସ୍ୟ ଶ୍ରବଣ କରିଥିଲେ। ଗୁଡିଆ ମଣ୍ଡଲ, ଲାଲୁ ମଣ୍ଡଲ, ରାଣୀ ମହାନ୍ତ, ସୀତାମଣି ଶାନ୍ତି, ସେବତୀ ମହନ୍ତ, ଶେଖର ମହନ୍ତ, ଅଜୟ ବେହେରାଙ୍କ ସମେତ ବୈଶ୍ୱିକ ଶିବଶିଷ୍ୟ ପରିବାରର କର୍ମକର୍ତ୍ତା ସହଯୋଗ କରିଥିଲେ।



ମହୋତ୍ସବରେ ଉପସ୍ଥିତ ଶ୍ରଦ୍ଧାଳୁ।

# ସେଞ୍ଚୁରୀ କପ୍ କ୍ରିକେଟ: ଡବ୍ଲ୍ୟୁଆଇସି ବିଜୟୀ



ଉଦ୍‌ଘାଟନୀ ମ୍ୟାଚ୍‌ରେ ଉପସ୍ଥିତ ଅତିଥିବୃନ୍ଦ।

ରାଉରକେଲା,୭।୧(ଦିନେଶ ମିଶ୍ର)

ସେକ୍ଟର-୧୭ ସ୍ଥିତ ଟାଟା ପଡିଆରେ ସେଞ୍ଚୁରୀ କ୍ଲବ ପକ୍ଷରୁ ଆୟୋଜିତ ୨୯ତମ ସେଞ୍ଚୁରୀ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ବୀରମିତ୍ରପୁର ଗଣେଶ ମେଟାଲିକ ଓ ସେକ୍ଟର-୧୬ ଡବ୍ଲ୍ୟୁଆଇସି ମଧ୍ୟରେ ଖେଳାଯାଇଥିଲା। ଏଥିରେ ବୀରମିତ୍ରପୁର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ହରାଇ ୧୬୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସବା ସର୍ବାଧିକ ୨୦ ବଲ ଖେଳି ୨୨ ରନ କରିଥିଲେ। ଏହି ରନ୍ ଲକ୍ଷ୍ୟକୁ ନେଇ ଡବ୍ଲ୍ୟୁଆଇସି ଦଳ ୯ ଉଇକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସଂଗ୍ରାମ ଦାସ ୨୨ ବଲ ଖେଳି ସର୍ବାଧିକ ୨୮ ରନ ସଂଗ୍ରହ କରିଥିଲା। ଡବ୍ଲ୍ୟୁଆଇସିର ଧରଣୀଧର ନାୟକ ୨୫ ରନ ସହ ୩ ଉଇକେଟ ନେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଡକ୍ଟର ଅବଦୁଲ ବାରିକ ଓ ଅଜୟନାଥ ଚୌଧୁରି ଅମ୍ପାୟାର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚ୍‌କୁ ଛେଣ୍ଡ ସିଆଇଟିଇର ପ୍ରତିଷ୍ଠାତା ମେହମୁଦ୍ ଆଲାମ ଅତିଥି ଭାବେ ଯୋଗ ଦେଇଥିଲେ। ଦିଶା ସଂସ୍ଥାର ସଦସ୍ୟ ଅବଦୁଲ କଲାମ ଆଜାଦ୍, ଜିଲା କିନ୍ନର ସଂଘ ସଭାପତି ଜୟା ତ୍ରିପାଠୀ, ଅମୃତ ନିଲମ, ରାହୁଲ ରୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ରାଉରକେଲାର ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଚାମ୍ପିୟନ ଦଳକୁ ୨୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ସେଞ୍ଚୁରୀ କ୍ଲବର ସାଧାରଣ ସମ୍ପାଦକ ନବାବ ଅଖତର, ଉପସଭାପତି ଚାନ୍ଦ ହୁସେନ, ସିକନ୍ଦର ଆଲାମ, ସମିମ୍ ଏହମ୍ମଦ, ଇମ୍ରାନଅଲ୍ଲୀ ଖାନ, ଲତିଫ ଖାନ, ରିଜୱାନ ଅଲ୍ଲୀ, ରୋନକ ଅଲ୍ଲୀ, ବାବର ଅଲ୍ଲୀ ଖାନ, ସାକିର ଏହମ୍ମଦ, ଇମ୍ରାନ ଖାନ, ଶେଖ ଆଜମ୍ମଦ, ରୋନକ ଅଲ୍ଲୀ ପ୍ରମୁଖ ସହଯୋଗ କରିଥିଲେ।

## ଝାରସୁଗୁଡ଼ା ଜିଲାରେ ବିଦ୍ୟୁତ୍ କଟକଣା

### ଧୁଲୁଣ୍ଡା ଗ୍ରୀଡ଼-ସବଷ୍ଟେସନରେ କଣ୍ଡକ୍ଟର ଅପଗ୍ରେଡେସନ କାର୍ଯ୍ୟ

ସମ୍ବଲପୁର,୭।୧(ବି.ଶଙ୍କର)

ଟିପିଡବ୍ଲ୍ୟୁଓଡିଏଲ ଗ୍ରାହକମାନଙ୍କୁ ନିରଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା ଲକ୍ଷ୍ୟ ନେଇ ବିବିଧ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହି କ୍ରମରେ କମ୍ପାନୀ ଝାରସୁଗୁଡା ଜିଲାର ଧୁଲୁଣ୍ଡା ଗ୍ରୀଡ଼-ସବଷ୍ଟେସନରେ ୩୩ କେଭି କଣ୍ଡକ୍ଟର ଅପଗ୍ରେଡେସନ କାର୍ଯ୍ୟ କରିବାକୁ ଜାନୁଆରୀ ୮ ସୋମବାର ଦିନ ସ୍ଥିର କରିଛି। ତେଣୁ ଝାରସୁଗୁଡ଼ା ଜିଲା ଅନ୍ତର୍ଗତ ଗୋବିନ୍ଦପୁର, ଝାରୁପଡ଼ା, ଧୁଲୁଣ୍ଡା ମେଗାଲିଫ୍ଟ ପ୍ରଭୃତି ଅଞ୍ଚଳରେ ଉକ୍ତ ଦିନ ସକାଳ ୯ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏହି ନିୟମିତ ରକ୍ଷଣାବେକ୍ଷଣ କାର୍ଯ୍ୟ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଅତ୍ୟନ୍ତ ଜରୁରୀ। ତେଣୁ ଏହି ସାମୟିକ ବ୍ୟାହତ ପାଇଁ ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରିଛନ୍ତି। ସେହିପରି ଗ୍ରାହକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛନ୍ତି ବୋଲି ରବିବାର ପ୍ରେସ ବିବୃତିରେ କମ୍ପାନୀ ପକ୍ଷରୁ ସୂଚିତ କରାଯାଇଛି।

# ଜଗନ୍ନାଥ ଅର୍ପଣ ରଥକୁ ସବୁଠି ସ୍ୱାଗତ



ବାଲିଶଙ୍କରାରେ ଜଗନ୍ନାଥ ଅର୍ପଣ ରଥକୁ ସ୍ୱାଗତ କରାଯାଉଛି।

ସୁନ୍ଦରଗଡ, ବାଲିଶଙ୍କରା ୭।୧ (ଜୟ ନାରାୟଣ ମେଣ୍ଡୁଲି/ ହୃଦାନନ୍ଦ ବାରିକ)

ସୁନ୍ଦରଗଡ ଜିଲା ସଦର ବ୍ଲକ କିରେଇ ପଞ୍ଚାୟତରେ ରବିବାର ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ବିଭିନ୍ନ ଗ୍ରାମର ଗ୍ରାମବାସୀ ରଥକୁ ପୂଜାର୍ଚ୍ଚନା ଏବଂ ସଂକୀର୍ତ୍ତନ କରି ସ୍ୱାଗତ କରିଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜକ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ ଏବଂ ସଦର ବ୍ଲକ କ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ କିରେଇ ପଞ୍ଚାୟତରେ ଅର୍ପଣ ରଥକୁ ସ୍ୱାଗତ କରିଥିଲେ। ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମସ୍ତଙ୍କ ଘରୁ ମୁଠେ ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରାଯାଇଥିଲା। ସେହିପରି ବାଲିଶଙ୍କରା ରାମ ଜାନକୀ ଜଗନ୍ନାଥ ମନ୍ଦିରଠାରୁ ଜଗନ୍ନାଥ ରଥ ଗଡିଛି। ବ୍ଲକ ଅଧକ୍ଷା କୁଞ୍ଜଲତା ଭିତ୍ରିଆ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ, ଜୟରାମ ପଧାନ ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ୧୯ଟି ପଞ୍ଚାୟତର ପ୍ରତ୍ୟେକ ଘରୁ ଗୁଆ ଓ ଚାଉଳ ସଂଗ୍ରହ କରାଯାଇ ଶ୍ରୀମନ୍ଦିରକୁ ପଠାଯିବ। ସୁଗ୍ରୀବ ବାଘଙ୍କ ନେତୃତ୍ୱରେ ସଂକୀର୍ତ୍ତନ୍ୟ ମଣ୍ଡଳୀ ମହାପ୍ରଭୁଙ୍କ ମହିମା ଗାନ କରି ଗ୍ରାମ ପରିକ୍ରମା କରିଥିଲେ।

# ଆଜିଠାରୁ ହୀରାକୁଦ ଜଳଭଣ୍ଡାରରେ ପକ୍ଷୀ ଗଣନା

ସମ୍ବଲପୁର,୭ା୧ (ପ୍ରମୋଦ ବହିଦାର)

ପ୍ରତିବର୍ଷ ଭଳି ଚଳିତବର୍ଷ ହୀରାକୁଦ ଜଳଭଣ୍ଡାରରେ ବିଦେଶୀ ପକ୍ଷୀଙ୍କ ସମାଗମ ଆରମ୍ଭ ହୋଇଯାଇଛି। ତେଣୁ ସମ୍ବଲପୁର ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଏଠାରେ ପକ୍ଷୀଙ୍କ ଗଣନା ପାଇଁ ନିଷ୍ପତ୍ତି ହୋଇଛି। ସୋମବାର ୮ ତାରିଖ ପ୍ରାତଃରୁ ପକ୍ଷୀ ଗଣନା ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ସମ୍ବଲପୁର ବନ୍ୟପ୍ରାଣୀ ବିଭାଗ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାଶ। ସେ କହିଲେ ଯେ, ଗତ ୨୦୨୩ ଅକ୍ଟୋବରରୁ ହୀରାକୁଦ ଜଳଭଣ୍ଡାରକୁ ବିଦେଶୀ ପକ୍ଷୀଙ୍କ ସମାଗମ ଆରମ୍ଭ ହୋଇସାରିଛି। ପକ୍ଷୀଗୁଡ଼ିକ ଏଠାରେ ମାର୍ଚ୍ଚ ପର୍ଯ୍ୟନ୍ତ ରହି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରନ୍ତି। ଏଥିରେ ସାଇବେରିଆ, କାସ୍ପିଆନ ହ୍ରଦ, ବୈକାଲ ହ୍ରଦ, ମଙ୍ଗୋଲିଆ ତଥା ମଧ୍ୟପ୍ରାଚ୍ୟ ଏସିଆ ଓ ହିମାଳୟ ଅଞ୍ଚଳରୁ ବହୁ ସଂଖ୍ୟାରେ ପକ୍ଷୀ ରହିଥାଆନ୍ତି। ତେବେ ଗଣନା ପରେ ସେମାନଙ୍କ ପ୍ରଜାତିକୁ ଚିହ୍ନଟ କରାଯାଇ ପାରିବ ବୋଲି ସେ କହିଛନ୍ତି।



ପକ୍ଷୀ ଗଣନାରେ ନିୟୋଜିତ ବିଶେଷଜ୍ଞ।


ହୀରାକୁଦରେ ବିଦେଶୀ ପକ୍ଷୀ ସମାଗମ।

- ଅକ୍ଟୋବରରୁ ଆରମ୍ଭ ହୋଇଛି ବିଦେଶୀ ପକ୍ଷୀଙ୍କ ସମାଗମ
- ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ପକ୍ଷୀ ଗଣନା

ସେ ଆହୁରି କହିଛନ୍ତି ଯେ, ପକ୍ଷୀ ଗଣନା ପ୍ରତ୍ୟହ ସକାଳ ୬ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଜାରି ରହିବ। ହୀରାକୁଦ ଜଳଭଣ୍ଡାର ଝାରସୁଗୁଡ଼ା ଓ ବରଗଡ଼ ଜିଲା ତଥା ଛତିଶଗଡ଼ ସୀମା ସଂଲଗ୍ନ ପ୍ରାୟ ୫ ଶହ ବର୍ଗ କିଲୋମିଟର ଅଞ୍ଚଳ ସହିତ ପାୱାର କେନାଲରେ ପକ୍ଷୀଗଣନା କରାଯିବ। ପକ୍ଷୀ ଗଣନା ପାଇଁ ଧାର୍ଯ୍ୟ ସମଗ୍ର ଅଞ୍ଚଳକୁ ୧୦ରୁ ୬୦ ବର୍ଗ କିଲୋମିଟର ବିଶିଷ୍ଟ ୨୧ଟି ପୃଥକ ସେକ୍ଟରରେ ଭାଗ କରାଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ୩୩ ଜଣ ପକ୍ଷୀ ବିଶେଷଜ୍ଞଙ୍କ ସହିତ ମୋଟ୍ ୭୮ଜଣ ବନ ବିଭାଗ କର୍ମଚାରୀ ଅଂଶଗ୍ରହଣ କରିବେ। ସ୍ଥାନ ବିଶେଷରେ ଆବଶ୍ୟକ ହେଲେ ପକ୍ଷୀ ଗଣନା ତଥା ପକ୍ଷୀଙ୍କ ନୀଡ଼ ଠାବ କରିବାରେ ସ୍ଥାନୀୟ ଅଭିଜ୍ଞ ମତ୍ସ୍ୟଜୀବୀଙ୍କ ମଧ୍ୟ ସହାୟତା ଲୋଡ଼ାଯିବ। ତେବେ ଏଥିପାଇଁ ନିୟୋଜିତ ଗଣନାକାରୀଙ୍କୁ ୩୨ଟି ଦଳରେ ବିଭକ୍ତ କରାଯାଇ ଗଣନାରେ ବ୍ୟବହାର ପାଇଁ ୩୨ଟି ବୋଟ୍ ସହ ପକ୍ଷୀ ଗଣନା କିଟ୍, ଜୀବନ ରକ୍ଷାକାରୀ ଜ୍ୟାକେଟ୍ ଆଦି ବିଭିନ୍ନ ଆବଶ୍ୟକ ଉପକରଣ ଉପଲବ୍ଧ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଏଥିପାଇଁ ଏଠାରେ ଆସି ପହଞ୍ଚିଥିବା ପକ୍ଷୀ ଗଣନାକାରୀଙ୍କୁ ରବିବାର ସମ୍ବଲପୁର ପ୍ରାଣୀ ଉଦ୍ୟାନରେ ତାଲିମ ଦିଆଯାଇଛି। ଜଳଭଣ୍ଡାର ମଧ୍ୟକୁ ମତ୍ସ୍ୟଜୀବୀ ଓ ପର୍ଯ୍ୟଟକଙ୍କ ପ୍ରବେଶକୁ ବାରଣ କରାଯାଇଛି। ତେବେ ଆସନ୍ତା ୧୦ରେ ପକ୍ଷୀ ଗଣନା ଶେଷ ହେବ ଓ ୧୧ ବା ୧୨ ତାରିଖରେ ପକ୍ଷୀ ଗଣନା ସମ୍ପର୍କିତ ଅନ୍ତିମ ତଥ୍ୟ ପ୍ରଦାନ କରାଯିବ ବୋଲି ଦାଶ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦୨୧ରେ ହୋଇଥିବା ଗଣନା ଅନୁସାରେ ହୀରାକୁଦ ଜଳଭଣ୍ଡାରରେ ମୋଟ୍ ୯୮ପ୍ରଜାତିର ୧ ଲକ୍ଷ ୨୪ ହଜାର ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିଲା। ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୨ଲକ୍ଷ ୮ ହଜାରରେ ପହଞ୍ଚିଥିଲା। ଏଥିରେ ୧୦୪ ପ୍ରଜାତିର ବିଦେଶୀ ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିଲା। ସେହିଭଳି ଗତ ୨୦୨୩ ଗଣନା ଅନୁସାରେ ବିଦେଶୀ ପକ୍ଷୀଙ୍କ ସଂଖ୍ୟା ୩ ଲକ୍ଷ ଟପି ଯାଇଥିଲା। ଏହି ବର୍ଷ ଏଠାରେ ୧୦୮ ପ୍ରଜାତିର ୩ ଲକ୍ଷ ୧୬ ହଜାରରେ ପହଞ୍ଚିଥିଲା।

## ସଂକ୍ଷେପରେ

### ସମ୍ବଲପୁରରେ ଦିବ୍ୟ ମିଳନ ଉତ୍ସବ

**ଧର୍ମ ଭିନ୍ନ ହେଲେ ମଧ ମୋକ୍ଷର ମାର୍ଗ ଏକ**

ସମ୍ବଲପୁର,୭ା୧ (ବି.ଶଙ୍କର)

ଦିବ୍ୟ ଦର୍ଶନ ସଂଘ ସମ୍ବଲପୁର ଶାଖା ପକ୍ଷରୁ ୧୬ତମ ଦିବ୍ୟ ମିଳନ ଉତ୍ସବ ରବିବାର ସାଢ଼େ ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ କୁଞ୍ଜେଲପଡା ସ୍ଥିତ ଜଗନ୍ନାଥ ମନ୍ଦିରଠାରେ ପାଳିତ ହୋଇଯାଇଛି । ସଂଘର ସଭାପତି ଗୋପୀନାଥ ଷଡ଼ଙ୍ଗୀଙ୍କ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଗୁରୁଦେବ ସିଂହଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ମୋକ୍ଷର ମାର୍ଗ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ଜନ୍ମେଜୟ ବାବୁ, ଶଙ୍କର୍ଷଣ ଆଚାର୍ଯ୍ୟ ଓ ବିଭୂତି ଭୂଷଣ ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ଧର୍ମରେ ମୋକ୍ଷର ମାର୍ଗ ଭିନ୍ନଭିନ୍ନ ହେଲେ ମଧ୍ୟ ଲକ୍ଷ୍ୟ। ତେଣୁ ଯେ କୌଣସି ଧର୍ମର ବ୍ୟକ୍ତି ବିଶେଷ ମୋକ୍ଷ ପ୍ରାପ୍ତି ସକାଶେ କାର୍ଯ୍ୟ କରିବା ଜରୁରୀ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଶେଷରେ ସବିତା ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

### ସରସ୍ୱତୀ ଶିଶୁ ମନ୍ଦିର ଶିକ୍ଷାର୍ଥୀଙ୍କ ବନଵିହାର କାର୍ଯ୍ୟକ୍ରମ

ଜମନକିରା,୭ା୧ (ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ମୁଣ୍ଡେନପାଲିରେ ଥିବା ସରସ୍ୱତୀ ଶିଶୁ ମନ୍ଦିରର ରବିବାର ବନଵିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହଲଦିବାହାଲ ନିକଟସ୍ଥ ନିର୍ମାଣାଧୀନ ମହାଲକ୍ଷ୍ମୀ ମା'ଙ୍କ ପୀଠସ୍ଥଳରେ ଏହା ଆୟୋଜନ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ମହାଲକ୍ଷ୍ମୀ ମନ୍ଦିର ପୁରୋଧା ବାବା ଧର୍ମ ଦାଶ, ଡା: ରାଜାରାମ ଷଡଙ୍ଗୀ, ଆଡଭୋକେଟ ସୁବ୍ରତ ପ୍ରଧାନ, ନାରୀ ସଙ୍ଗଠିକା ବିନି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷା ସହିତ ନିଜର ଧର୍ମ, ସଂସ୍କୃତି ସହିତ ପିଲାଟି ଦିନରୁ ସଚେତନ ଓ ଜ୍ଞାନ ଆହରଣ କଲେ ଏକ ସୁସଙ୍ଗଠିତ ପରିବାର ଗଠନରେ ନିଜେ ସାମିଲ ହୋଇ ଦେଶ ମାତୃକାର ସେବାରେ ନିଜ ଯୋଗଦାନକୁ କେହି ଅଟକାଇ ପାରିବେନି ବୋଲି କହିଥିଲେ। ବିଦ୍ୟାଳୟ ସଭାପତି ସରୋଜ ନାଥ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଜ୍ୟୋତିର୍ମୟୀ ବାଗ ଉପସ୍ଥିତ ଥିଲେ। ସମ୍ପାଦକ ରଞ୍ଜନ ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାର୍ଥୀମାନେ ବିଭିନ୍ନ ସ୍ଥାନ ବୁଲି ପରିଦର୍ଶନ କରିବା ପରେ ନିଜର କଳା ପରିବେଷଣ କରିଥିଲେ। ବିଦ୍ୟାଳୟର ଗୁରୁଜୀ ଓ ଗୁରୁମା ମଧ ସକ୍ରିୟ ଭାଗନେଇ ନୃତ୍ୟ ଗୀତ ଆସରରେ ସାମିଲ ହୋଇଥିଲେ।

# ସୁସ୍ଥ ସମାଜ ଗଠନ ପାଇଁ ଆହ୍ୱାନ

ସମ୍ବଲପୁର, ୭ା୧ (ଭବାନୀ ଶଙ୍କର ଭୋଇ)

କୁଲତା ସମାଜ ସମ୍ବଲପୁରର ୨୬ତମ ବାର୍ଷିକ ବନ୍ଧୁମିଳନ ରବିବାର ସ୍ଥାନୀୟ ଦାନୀପାଲିସ୍ଥିତ ରାମଚଣ୍ଡୀ ସେବାସଦନଠାରେ ଅନୁଷ୍ଠିତ ହୋଇଥିଲା। କୁଲତା ସମାଜ ସମ୍ବଲପୁରର ସଭାନେତ୍ରୀ ଯଶୋବନ୍ତି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସମ୍ବଲପୁର ଅବସରପ୍ରାପ୍ତ ସେଲଟେକ୍ସ କମିଶନର ତେଜରାଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ସୁନିଲ ସାହୁ, ଓବିସି ମଞ୍ଚ ରାଜ୍ୟ ସଭାପତି ଶଙ୍କର କୁମାର ପାତ୍ର, କଳାମାଟି ସରପଞ୍ଚ ଡ଼.ସୁଷମା ସାହୁ, ପୂର୍ବତନ କାଉନସିଲର ସୂର୍ଯ୍ୟ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ସଫଳ ବ୍ୟବସାୟୀ ଚିନ୍ମୟ ଭୋଇ ଏବଂ ଆଦର୍ଶ ଚାଷୀ ଲଳିତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରକାରୀ ଚାକିରୀରୁ ଅବସର ପରେ ବିଷମୁକ୍ତ ଖାଦ୍ୟ ଓ ନିରୋଗ ଶରୀର ପାଇଁ ନିସ୍ୱାର୍ଥପର କାର୍ଯ୍ୟ କରୁଥିବା କର୍ଣ୍ଣେଲ ନରେଶ ଚନ୍ଦ୍ର ଗୁପ୍ତାଙ୍କୁ ଚିତ୍ରାହରି ସମ୍ମାନ -୨୦୨୪ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ସମାଜରେ କ୍ୟାନସର ଯୋଗୁ ହଜାର ହଜାର ଲୋକଙ୍କ ଜୀବନ ଯାଉଥିବା ବେଳେ ଜୈବିକ ଚାଷକୁ ପ୍ରୋତ୍ସାହନ ଦେବା ଜରୁରୀ ବୋଲି ଗୁପ୍ତା କହିଥିଲେ। ପ୍ରଦୀପ ସାହୁଙ୍କ ସଂଯୋଜନାରେ ସମାଜର ଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନଙ୍କ ବୌଦ୍ଧିକ ଶିକ୍ଷାର ବିକାଶ ନିମନ୍ତେ ସାଧାରଣ ଜ୍ଞାନ ଓ ତର୍କ ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା ମହିଳା ଏବଂ ଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଦଶମ ଶ୍ରେଣୀରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ଥିବା ସମାଜର ୯୬ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବସବାସ କରୁଥିବା ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ପରିବାର ସମାଗମ ହୋଇଥିଲା। ସମାଜର ସାଧାରଣ ସମ୍ପାଦକ ଦେବତ୍ତମ ପ୍ରଧାନ ସମ୍ପାଦକୀୟ ବିବରଣୀ ପଠନ ଓ କୋଷାଧକ୍ଷ ଅଭିରାମ ଖମାରି ଆର୍ଥିକ ବିବରଣୀ ଉପସ୍ଥାପନ କରିଥିଲେ। ଉତ୍ସବ ପ୍ରାରମ୍ଭରେ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ରୀତି ନୀତି ଅନୁସାରେ ପୂଜକ ବାସୁଦେବ ଭୋଇ, ଦେବୀପ୍ରସାଦ ଭୋଇ, ନିର୍ମଳ ପ୍ରଧାନ, ସୁଦାମ ପ୍ରଧାନଙ୍କ ଦ୍ୱାରା ପୂଜା ପାଠ କରାଯାଇଥିଲା। ବରିଷ୍ଠ ସଦସ୍ୟ ହାରାଧନ ପ୍ରଧାନ, ଜଟା ଭୂଷଣ ସାହୁ, ମୁରଲୀ ପ୍ରଧାନ, ବାସନ୍ତୀ ବିଶ୍ୱାଳ, ସୁପ୍ରଭା ପ୍ରଧାନ, ହୃଷିକେଶ ବଢ଼େଇ, ନାରଦ ପାତ୍ର, ଛେଲିଆ ପ୍ରଧାନ, ଦୟାନିଧି ବିଶ୍ୱାଳ, ଦେବଦତ୍ତ ସାହୁ, କ୍ଷୀରୋଦ ପ୍ରଧାନ, ରଞ୍ଜନ ପାତ୍ର, ଅକ୍ଷୟ ପ୍ରଧାନ, ପ୍ରେମାନନ୍ଦ ସାହୁ, ରବି ନାରାୟଣ ପ୍ରଧାନ, ରଞ୍ଜିତ ପ୍ରଧାନ, ଭବାନୀ ଶଙ୍କର ପ୍ରଧାନ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ସଭା ପ୍ରାରମ୍ଭରେ କାଶୀରାମ ପ୍ରଧାନ ଏବଂ କପିଳେନ୍ଦ୍ର ସାହୁଙ୍କ ସଂଯୋଜନାରେ ଅନନ୍ୟା ସା, ଧରିତ୍ରୀ ସାହୁ, ମୌସୁମୀ ପ୍ରଧାନ, ରିତୁ ପ୍ରଧାନ ଏବଂ ସାଥିଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା।


କୁଲତା ସମାଜର ବନ୍ଧୁ ମିଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

**କୁଲତା ସମାଜର ୨୬ ତମ ବାର୍ଷିକ ବନ୍ଧୁ ମିଳନ**

# ବହିଷ୍କୃତ ବିଜେଡି ନେତାଙ୍କ ଘରେ ଭାଜପା ନେତା

ସମ୍ବଲପୁର,୭ା୧ (ଭବାନୀ ଶଙ୍କର ଭୋଇ)

ଶୁକ୍ରବାର ଦଳରୁ ବହିଷ୍କୃତ ହୋଇଥିବା ବିଜେଡିର ପୂର୍ବତନ ଜିଲା ସଭାପତି ଡ.ପ୍ରମୋଦ ରଥଙ୍କ ଘରେ ରବିବାର ସନ୍ଧ୍ୟାରେ କେତେଜଣ ଭାଜପା ନେତା ପହଞ୍ଚି ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ବିଶ୍ୱହିନ୍ଦୁ ପରିଷଦର ଓଡ଼ିଶା ପଶ୍ଚିମପ୍ରାନ୍ତ ସଭାପତି ଡ. ରାଜକୁମାର ବଡପଣ୍ଡାଙ୍କ ନେତୃତ୍ୱରେ ଡ. ପୁରୁଷୋତ୍ତମ ଅଗ୍ରୱାଲ ଏବଂ ବରିଷ୍ଠ ଭାଜପା ନେତା ଦାମୋଦର କର ତାଙ୍କ ଘରକୁ ପହଞ୍ଚି ଅଯୋଧ୍ୟା ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ନିମନ୍ତ୍ରଣପତ୍ର ସହ ଅକ୍ଷତ ଚାଉଳ ଦେଇଥିଲେ। ତେବେ ଏହି ବାହାନାରେ ସମ୍ବଲପୁରର ରାଜନୈତିକ ସ୍ଥିତି ଉପରେ ମଧ ବେଶ କିଛି ସମୟ ଆଲୋଚନା ହୋଇଥିବା ଜଣାପଡିଛି। ଡ. ପ୍ରମୋଦ ରଥ ହାଇକୋର୍ଟ ବେଞ୍ଚ ବାବଦରେ ଖବରଦାତା ସମ୍ମିଳନୀ କରୁଥିବା ସମୟରେ ତାଙ୍କୁ ବିଜେଡିରୁ ବହିଷ୍କୃତ କରାଯାଇଥିଲା। ଏହାପରେ ରେଢାଖୋଲ, ସମ୍ବଲପୁର ଏବଂ କୁଚିଣ୍ଡା ଅଞ୍ଚଳର ବହୁ ବିଜେଡି କର୍ମକର୍ତ୍ତା ତାଙ୍କ ପାଖକୁ ଆସି ଭବିଷ୍ୟତ ପଦକ୍ଷେପ ଉପରେ ଆଲୋଚନା କରୁଥିବାବେଳେ ହଠାତ ଭାଜପା ନେତା ତାଙ୍କ ଘରକୁ ପହଞ୍ଚିବା ରାଜନୈତିକ ମହଲରେ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ତେବେ ଏ ସମ୍ପର୍କରେ ଡ. ପ୍ରମୋଦ ରଥଙ୍କୁ ପଚାରିବାକୁ ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା ଏବଂ ସମସ୍ତଙ୍କ ସହ ମୋର ବ୍ୟକ୍ତିଗତ ସମ୍ପର୍କ ଆଗରୁ ରହିଛି। ତେଣୁ ଏଥିସହ ରାଜନୈତିକ ସମ୍ପର୍କ ନାହିଁ ବୋଲି କହିଛନ୍ତି। ତେବେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ସହ ସାରା ଦେଶର ଆସ୍ଥା ଏବଂ ବିଶ୍ୱାସ ଜଡିତ ରହିଥିବାରୁ ମୋତେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ନିମନ୍ତ୍ରଣ ମିଳିବା ନେଇ ସମସ୍ତଙ୍କୁ ଧନ୍ୟବାଦ ଦେଇଛି। ରଥଙ୍କ ବହିଷ୍କାର ଘଟଣା ପରେ ସମ୍ବଲପୁରରେ ରାଜନୈତିକ ଚର୍ଚ୍ଚା ଜୋର ଧରିଥିବା ବେଳେ ଡ. ପ୍ରମୋଦ ରଥ ଭାଜପାରେ ଯୋଗ ଦେବେକି ବୋଲି ଆଲୋଚନା ହେଉଛି।


ଡ. ପ୍ରମୋଦ ରଥଙ୍କ ଘରେ ବିଶ୍ୱହିନ୍ଦୁ ପରିଷଦ ଏବଂ ଭାଜପା ନେତା।

**ଜିଏମ୍‌ୟୁ ଜାତୀୟ ସେବା ଯୋଜନା**

# ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ



ଜିଏମ୍‌ୟୁ ଜାତୀୟ ସେବା ଯୋଜନା ପକ୍ଷରୁ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଚାଲିଛି।

ସମ୍ବଲପୁର,୭ା୧ (ପ୍ରମୋଦ ବହିଦାର)

ସମଗ୍ର ରାଜ୍ୟର ସମ୍ବଲପୁର ଜିଲା ସର୍ବାଧିକ ଦୁର୍ଘଟଣା ପ୍ରବଣ ଅଞ୍ଚଳର ସ୍ଥାନ ନେବାକୁ ଯାଉଛି। ତେଣୁ ସଡ଼କ ଦୁର୍ଘଟଣାରେ ଅଙ୍କୁଶ ଲଗାଇଯାଇ ସମ୍ବଲପୁରକୁ ସଡ଼କ ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁହାର ଅଞ୍ଚଳରେ ପରିବର୍ତ୍ତନ ଲକ୍ଷ୍ୟରେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା, ସମ୍ବଲପୁର ଆଞ୍ଚଳିକ ପରିବହନ ବିଭାଗ ଓ ଟ୍ରାଫିକ ପୋଲିସର ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସପ୍ତାହ-୨୦୧୪ ଉଦ୍‌ଯାନୀ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ଶହେରୁ ଅଧିକ ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ସାଧାରଣ ଜନତା ହାତରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତାର ପ୍ଲାକାର୍ଡ଼ ଧରି ଜିଏମ୍‌ୟୁ ମୁଖ୍ୟ ଫାଟକରୁ ଏକ ସଚେତନତା ପଦଯାତ୍ରାରେ ବାହାରି ଲକ୍ଷ୍ମୀଟକିଜ୍ ଛକରେ ପହଞ୍ଚିଥିଲେ। ଏଠାରେ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଜିଏମ୍‌ୟୁ ଜାତୀୟ ସେବା ଯୋଜନାର ସଂଯୋଜକ ଡ. ଅତୁଲ କୁମାର ପ୍ରଧାନ ସଡ଼କ ସୁରକ୍ଷା ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରି ସଡ଼କ ଦୁର୍ଘଟଣାର ଭୟାବହତା ଉପରେ ଆଲୋକପାତ କରିଥିଲେ। ଏହାସହ ଏହାକୁ ରୋକିବା ଦିଗରେ ଆବଶ୍ୟକ ସତର୍କତା ଅବଲମ୍ବନ ନେଇ ଲୋକଙ୍କୁ ସଚେତନ କରିଥିଲେ। ଏହିବାଟ ଦେଇ ହେଲମେଟ୍ ପିନ୍ଧି ଯାତାୟତ କରୁଥିବା ବାଇକ୍ ଚାଳକମାନଙ୍କୁ ରୋକି ସେମାନଙ୍କୁ ଗୋଟିଏ ଲେଖାଏଁ ନାଲି ଗୋଲାପ ଫୁଲ୍ ପ୍ରଦାନ ପୂର୍ବକ ଅଭିନନ୍ଦନ ଜଣାଇବା ସହ ଏଦିଗରେ ସେମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ହେଲମେଟ୍ ପିନ୍ଧି ନ ଥିବା ବାଇକ୍ ଚାଳକଙ୍କୁ ନିୟମ ମାନିବାକୁ ପ୍ରବର୍ତ୍ତାଇ ଉପସ୍ଥିତ ସ୍ୱେଚ୍ଛାସେବୀମାନେ ସଡ଼କ ଦୁର୍ଘଟଣାର ଭୟାବହତା ସମ୍ପର୍କର ଅବଗତ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ଏଠାରେ ପରିବହନ ବିଭାଗ ପକ୍ଷରୁ ଏକ ଭ୍ରାମ୍ୟମାଣ ଭିଡିଓ ଗ୍ୟାଲେରୀ ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା ଭିତ୍ତିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଟ୍ରାଫିକ୍ ଅଧିକାରୀ ନରେନ୍ଦ୍ର କୁମାର ଷଡ଼ଙ୍ଗୀ ବାଇକ୍ ଚାଳକଙ୍କୁ ହେଲମେଟ୍ ବ୍ୟବହାର ସହ ଟ୍ରାଫିକ୍ ନିୟମ ମାନିବା ପାଇଁ ପ୍ରବର୍ତ୍ତାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା ଅଧିକାରୀ ଡ. ନୀନା ଦାଶ, ଡ. ମୀନକେତନ ବାଗ, ବିଶ୍ୱବିଦ୍ୟାଳୟର ଡ. ଅଲେଖ କୁମାର ସୁତାର, ଡ. ବିଭୁକଲ୍ୟାଣ ମହାନ୍ତି, ଡ. ପ୍ରଶାନ୍ତ କୁମର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜିଡି କଲେଜରେ ସଡ଼କ ସୁରକ୍ଷା ସପ୍ତାହ

କୁଚିଣ୍ଡା,୭ା୧ (ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ଯୁବ ରେଡକ୍ରସ ଓ ଏନ୍ଏସ୍ଏସ୍ ୟୁନିଟର ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ଅଧକ୍ଷ ଦୟାସାଗର ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଡକ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଟ୍ରାଫିକ ଇନ୍ସପେକ୍ଟର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଡକ ସୁରକ୍ଷା ସପ୍ତାହ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ର କଲେଜ ସମ୍ମୁଖ ଦେଇ ଯାଇଥିବା ରାଜ୍ୟ ରାଜପଥ ପାର୍ଶ୍ୱରେ ମାନବ ଶୃଙ୍ଖଳ କରି ସଡ଼କ ସୁରକ୍ଷା ଉପରେ ଲୋକଙ୍କୁ ସଚେତନ କରିଥିଲେ। ଏଥିସହ ସଡ଼କ ସୁରକ୍ଷା ନେଇ ବିଭିନ୍ନ ସ୍ଲୋଗାନ ସହ ପ୍ରଚାରପତ୍ର ବଣ୍ଟନ କରିଥିଲେ। ହେଲମେଣ୍ଟ ଓ ସିଟବେଲ୍ଟ ବିନା ଗାଡ଼ି ଚଳାଉଥିବା ବ୍ୟକ୍ତିମାନଙ୍କୁ ସଚେତନ କରିବା ସହିତ ଗୋଲାପ ଫୁଲ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ ଉପଦେଷ୍ଟା ହରେଶ କୁମାର ସାହୁ, ଏନ୍ଏସ୍ଏସ୍ ଅଧିକାରୀ ବିନୋଦ ବିହାରୀ ପୃଷେଠ, ଅଧାପକ ମଳୟ ବୁଡା, ମନୋଜ ପଟେଲ ପ୍ରମୁଖ କାର୍ଯ୍ୟକ୍ରମରେ ପରିଚାଳନାରେ ସହଯୋଗ କରିଥିଲେ।

# ଫୁଟ୍‌ବଲ ପ୍ରତିଯୋଗିତା: ଡେଙ୍ଗିମଚା ଚାମ୍ପିୟନ

ସମ୍ବଲପୁର,୭ା୧ (ବି.ଶଙ୍କର)

ସମ୍ବଲପୁର ଜିଲା ଜୁଜୁମୁରା ବ୍ଲକର ଡାକଡେରା ଖେଳପଡିଆରେ ଦୁଇଦିନିଆ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ହତ୍ପିୟାବାହାଲି ଆଦିବାସୀ କ୍ଲବ ଆୟୋଜିତ ପ୍ରତିଯୋଗିତାରେ ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ମୋଟ ୧୬ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଡେଙ୍ଗିମଚା ଓ ଶିତଲେନପାଲି ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ସଂଘର୍ଷପୂର୍ଣ୍ଣ ଥିଲା। ଶେଷରେ ଡେଙ୍ଗିମଚା ଦଳ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଯୁବ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ହିରାଲାଲ ବେହେରା ଯୋଗଦେଇ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜୟନ୍ତପୁର ପଞ୍ଚାୟତର ସରପଞ୍ଚ ଆରତୀ ତାଣ୍ଡିଆ, ନାଏବ ସରପଞ୍ଚ ଲଳିତ ପ୍ରଧାନ, ପୂର୍ବତନ ସରପଞ୍ଚ ଗଣେଶ ତାଣ୍ଡିଆ ଯୋଗଦେଇ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାକୁ ରେଫରି ବିଜୟ ଓରାମ, ରାଜାରାମ ଓରାମ, ପରେଶ ମିଞ୍ଜ, ବୃଷଭାନୁ ମହନ୍ତ ପରିଚାଳନା କରିଥିଲେ। ଆୟୋଜକ କ୍ଲବର ବିଜୁ ଓରାମ, ଭଗବାନ ଓରାମ, ରମାକାନ୍ତ ଓରାମ, ରୋହିତ ଓରାମ, ରାଜିବ ଓରାମଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା।


ହତ୍ପିୟାବାହାଲ ଫୁଟବଲ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳିମାନେ ।

## ସଂକ୍ଷେପରେ

### ଅବସରପ୍ରାପ୍ତ ଶିକ୍ଷକ ସଂଘ ଗଠିତ

ପଦ୍ମପୁର,୭।୧(ପ୍ରଦୀପ୍ତ ଦାଶ)

ପଦ୍ମପୁର ଶିକ୍ଷକ ଭବନଠାରେ ରାଜବୋଡାସମ୍ବର ଅବସରପ୍ରାପ୍ତ ଶିକ୍ଷକମାନଙ୍କ ଏକ ବୈଠକ ଅବସରପ୍ରାପ୍ତ ଶିକ୍ଷକ ସନାତନ ଭୋଇଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତାରାଚନ୍ଦ ସାହୁ, ସତ୍ୟ କୁମାର ତୁରିଆ ଓ ପୃଥ୍ୱୀରାଜ ସାହୁ ଅବସର ପରବର୍ତ୍ତୀ ଜୀବନରେ ସଂଘର ଆବଶ୍ୟକତା ବିଷୟରେ ମତବ୍ୟକ୍ତ କରିଥିଲେ। ସନ୍ତୋଷ କୁମାର ପୁରୋହିତଙ୍କ ପ୍ରସ୍ତାବ କ୍ରମେ ଏକ ସଂଘ ଗଠନ କରାଯାଇଥିଲା। ଏଥିରେ ସନାତନ ଭୋଇ ସଭାପତି, ଘନଶ୍ୟାମ ପୁଞ୍ଜି ଉପସଭାପତି, ସଦାନନ୍ଦ ପୁରୋହିତ ସମ୍ପାଦକ ଓ ବିଦ୍ୟାଧର ସାହା କୋଷାଧକ୍ଷ ଭାବେ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ କମିଟି ପାଇଁ ତାରାଚନ୍ଦ ସାହୁ, ସତ୍ୟକୁମାର ତୁରିଆ, ରୋହିତ ପ୍ରଧାନ, ବ୍ୟାସଦେବ ପଣ୍ଡା ଓ ଜିତେନ୍ଦ୍ର କୁମାର ଦାଶ ମନୋନୀତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡୋଲାମଣି ପଟେଲ, ଗୁଲାମ ରସୁଲ, ଅନନ୍ତ ଦେବତା, ନରହରି ଧରଉଆ, ପଦ୍ମନାଭ ଦାଶ, ଗିରିଶ ଚନ୍ଦ୍ର ସାହୁ, ଲଳିତ ତ୍ରିପାଠୀ, ଗୌରହରି ଦାଶ, ସୂର୍ଯ୍ୟ ପ୍ରସାଦ ହୋତା ପ୍ରମୁଖ ଶିକ୍ଷକ ଉପସ୍ଥିତ ଥିଲେ।

# ‘ମାତୃଭୂମି, ମାତୃଭାଷା ପ୍ରତି ସମ୍ମାନ ରଖ’

ବରଗଡ଼,,୭।୧(ପ୍ରେମାନନ୍ଦ ଖମାରୀ)

ଯେଉଁ ସମାଜ ମାଆ, ମାତୃଭୂମି ଓ ମାତୃଭାଷାକୁ ସମ୍ମାନ ଦେଇ ଜାଣେ ନାହିଁ, ସେହି ଜାତି କିମ୍ବା ସେ ସମାଜ କେବେ ଉନ୍ନତି କରିପାରେ ନାହିଁ । ତେଣୁ ମାଆ, ମାତୃଭୂମି ଓ ମାତୃଭାଷା ପ୍ରତି ସମସ୍ତଙ୍କ ସମ୍ମାନବୋଧ ରହିବା ଉଚିତ ବୋଲି ଗୋବିନ୍ଦପୁର ସ୍କୁଲ ଶତବାର୍ଷିକୀ ସମାରୋହର ରବିବାର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ବକ୍ତାମାନେ ମତପ୍ରକାଶ କରିଛନ୍ତି।

ଶତ ବାର୍ଷିକୀ କମିଟି ସଭାପତି ପ୍ରଫୁଲ୍ଲ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ନାରୀଶିକ୍ଷାର ବିକାଶରେ ମାତୃଶକ୍ତିର ବିକାଶ ସମ୍ଭବ ଏବଂ ଗାଁ ବିକଶିତ ହେଲେ ରାଜ୍ୟ ଓ ଦେଶ ବିକଶିତ ହେବ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ମାଆ, ମାତୃଭୂମି ଓ ମାତୃଭାଷାର ଉନ୍ନତିରେ ଆମ ଜାତି ଓ ସମାଜର ଉନ୍ନତି ହୋଇଥାଏ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ଗୋବିନ୍ଦପୁର ଗ୍ରାମର ସାମଗ୍ରିକ ବିକାଶ କଥା ଉଲ୍ଲେଖ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମିଶନ ଶକ୍ତି ଓ ମା’ମାନଙ୍କର ଶିକ୍ଷା ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ଉଚିତ ବୋଲି କହିଥିଲେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କ ତରଫରୁ ଶତବାର୍ଷିକୀ କମିଟି ଅଧ୍ୟକ୍ଷ ତଥା ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ଓ ସମ୍ପାଦକ ନିତ୍ୟାନନ୍ଦ ନାଏକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

ସେହିପରି ଡ. ରବି ନାରାୟଣ ସାହୁଙ୍କ ସମ୍ପାଦନାରେ ସ୍ମରଣିକା ‘ଜ୍ଞାନଜ୍ୟୋତି’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଳୟ ବାରିକ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ନବୀନ ସାବତ, ରଶ୍ମିରେଖା ସାହୁ, ଗୀତାଞ୍ଜଳି ପଣ୍ଡା, ବିଭୂତି ମହାପାତ୍ର, ସନାତନ ଖମାରୀ, ଟିକେଶ୍ୱରୀ ହୋତା, ଅନୁରାଧା ସ୍ୱାଇଁ, ଅହଲ୍ୟା ପ୍ରଧାନ, ରଜନୀ କାନ୍ତି ଭୋଇ, ଅଂଶୁପ୍ରଭା ଭୋଇ ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ଦୁଃଖିଶ୍ୟାମ ତ୍ରିପାଠୀଙ୍କ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଶ୍ରୀବତ୍ସ ପ୍ରଧାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ନିତ୍ୟାନନ୍ଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।



ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

## ଯମୁନା କାନ୍ଧୁଣୀ ବାଳିକା ହାଇସ୍କୁଲରେ ସୃଜନୀ ମେଳା

ପାଇକମାଳ, ୭।୧(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ଯମୁନା କାନ୍ଧୁଣୀ ବାଳିକା ଉଚ୍ଚବିଦ୍ୟାଳୟରେ ସୃଜନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଛାତ୍ରୀମାନଙ୍କ ଦ୍ୱାରା ୮୮ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା ଏବଂ କୃତୀ ଛାତ୍ରୀଙ୍କ ସମେତ ସମସ୍ତ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଘାଟନୀ ଉତ୍ସବରେ ବିଇଓ ଚୂଡ଼ାମଣି ବାରିକ ମୁଖ୍ୟଅତିଥି, ଅଧ୍ୟାପିକା ରଞ୍ଜିତା ମହାନ୍ତି ମୁଖ୍ୟ ବକ୍ତା, ମୋହିନୀ ଦଳପତି, ସମିତି ସଭ୍ୟା ନିରୁପମା ନାଗ, ସଂସ୍କୃତ ଶିକ୍ଷକ ଲିଙ୍ଗରାଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଭକ୍ତଚରଣ ସାହୁ ଓ ଖଗେଶ୍ୱର ଦ୍ୱାରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସେବକ ସେଠ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଅନିମା ରାଉତ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସଙ୍ଗୀତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଲସଦା ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ ପାଳିତ

ପାଇକମାଳ, ୭।୧(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ପଲସଦା ଉଚ୍ଚବିଦ୍ୟାଳୟରେ କ୍ରୀଡ଼ା ଓ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଯତୀନ୍ଦ୍ର ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ମହେନ୍ଦ୍ର ସିଂ ବରିହା ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ତିନିଦିନ ଧରି ଚାଲିଥିବା କ୍ରୀଡ଼ାରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ଲାଷ୍ଟିକ ଅସୁର, ବାଲ୍ୟ ବିବାହ ଓ ଫଟା କପାଳ ନାଟକ ପରିବେଷିତ ହୋଇଥିଲା। ଖେଳ ଶିକ୍ଷୟିତ୍ରୀ ଶିବାନୀ କର୍ନାଲ, ପଦ୍ମିନୀ ସାହୁ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଜୟ ପ୍ରକାଶ ଡନସନା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଟେକରାଜ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଇକମାଳ ହାଇସ୍କୁଲରେ ମିଶନ-୧୦୦ ଶିବିର





କାର୍ଯ୍ୟକ୍ରମରେ ଉପସ୍ଥିତ ସାଧନ କର୍ମୀ ଓ ଛାତ୍ରୀଛାତ୍ର।

ପାଇକମାଳ, ୭।୧(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚବିଦ୍ୟାଳୟରେ ୨୬ଟି ହାଇସ୍କୁଲର ସାଇନିଂ ଷ୍ଟାରମାନଙ୍କ ପ୍ରଶିକ୍ଷଣ ଶିବିର ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଗଣିତ ଓ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତରେ କିଭଳି ୧୦୦ରୁ ୧୦୦ ମାର୍କ ରଖିପାରିବେ ସେ ନେଇ ୨୭ଜଣ ସାଧନ କର୍ମୀ ୧୧୫ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ଅବସରପ୍ରାପ୍ତ ବିଇଓ ତ୍ରିବିକ୍ରମ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପାଇକମାଳ ବିଇଓ ଚୂଡ଼ାମଣି ବାରିକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗଣିତ ଓ ବିଜ୍ଞାନ ବିଷୟରେ ୧୦୦ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ୧୦୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ପାଇଁ ହୃଦାନନ୍ଦ ବାରିକ ଘୋଷଣା କରିଥିଲେ। ରଜତ କୁମାର ସାହୁ, ଲଳିତ କୁମାର ବିଶ୍ୱାଳ, ଆନନ୍ଦିନୀ ସେଠ୍, ସୁଦାମ ପାଣ୍ଡେ, ଅନୀତା ପାଣିଗ୍ରାହୀ, ସଙ୍ଗୀତା ସାହୁ, ଉଷା ଦାସ ପ୍ରମୁଖ ସହଯୋଗ କରିଥିଲେ। ତ୍ରିଲୋଚନ ନାଏକ ଶିବିର ପରିଚାଳନା କରିଥିଲେ।

## ୪ ଜୁଆଡି କୋର୍ଟ ଚାଲାଣ

କୁଆଁରମୁଣ୍ଡା,୭।୧(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ଚାଇନା ଟାଉନରେ ରବିବାର ପୂର୍ବାହ୍ନରେ ଜୁଆଖେଳ ଚାଲିଥିବା ଖବର ପାଇ ଆଇଆଇସି ଆଶିଷ ଜେନା ଚଢ଼ାଉ କରିଥିଲେ। ଏହି ସମୟରେ ଜୁଆଡିମାନେ ଛତ୍ରଭଙ୍ଗ ଦେଇଥିବା ବେଳେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସଫିଉଲ୍ ହସଂ(୪୮), ଜାଭେଡ ଖାନ(୪୦), ମନିସ ଆଲମ୍(୩୮) ଓ ସମିମ୍ ସାହା(୪୭)। ଉକ୍ତ ୪ ଅଭିଯୁକ୍ତ ବୀରମିତ୍ରପୁର ପୌରାଞ୍ଚଳ ବାସିନ୍ଦା ବୋଲି ଆଇଆଇସି ଜେନା ସୂଚନା ଦେଇଛନ୍ତି। ଏହା ସହ ଘଟଣା ସ୍ଥଳରୁ ପୋଲିସ ୨୩୫୦ ଟଙ୍କା ସହ ୧୦୮ଟି ତାସ ପଟି ଇତ୍ୟାଦି ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## କୋଲାବିରା ବିଜେଡି ବ୍ଲକ ଯୁବ ଉପସଭାପତିଙ୍କ ଇସ୍ତଫା

କୋଲାବିରା,୭।୧(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକର ବିଜୁ ଜନତା ଦଳ (ବିଜେଡି) ଯୁବ ଉପ-ସଭାପତି ପୋଖରାସାହ୍ଲେ ଗ୍ରାମର ସଞ୍ଜିତ ସାହୁ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ବ୍ଲକ ଯୁବ ସଭାପତି ପ୍ରବୀଣ ସାହୁଙ୍କୁ ପ୍ରଦାନ କରିଛନ୍ତି। ପ୍ରବୀଣ ଇସ୍ତଫାପତ୍ର ଗ୍ରହଣ କରିବା ପରେ ଜିଲା ସଭାପତିଙ୍କୁ ଅବଗତ କରାଇବା ସହ ତାଙ୍କ ନିକଟକୁ ପଠାଇଛନ୍ତି। ତେବେ ନିଜ ପଦରୁ ଇସ୍ତଫା ଦେଇଥିବା ସଞ୍ଜିତ ଯେ କେବଳ ଯୁବ ଉପସଭାପତି ପଦରୁ ଇସ୍ତଫା ଦେଇଛନ୍ତି ନା ପ୍ରାଥମିକ ସଦସ୍ୟତା ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି ତାହା ସ୍ପଷ୍ଟ ହୋଇପାରିନାହିଁ।

# ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଚାଉଳ ବଣ୍ଟନ

ବଡ଼ଗାଁ,୭।୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁରେ ରବିବାର ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଚାଉଳ ବଣ୍ଟନ ଆରମ୍ଭ କରାଯାଇଛି। ପୂର୍ବାହ୍ନରେ ବ୍ରହ୍ମାନନ୍ଦ ପାଣିଗ୍ରାହୀ, ସିତାରାମ ଖିଚିଡି, ଟୁନୁ ପାଣିଗ୍ରାହୀ, ଲୁଲୁ ପାଣିଗ୍ରାହୀ, ରାହୁଲ ସା, ଚନ୍ଦନ ପୃଷେଟ, ଜିତ ପୃଷେଟ, ସତ୍ୟମ୍ ରାଉତ, ଚନ୍ଦନ ମିଶିର ପ୍ରମୁଖ ଯୁବକ ଶଙ୍ଖ ଘଣ୍ଟ ବଜାଇ ବନ୍ଦଢିପାପଡା ଓ ବଡ଼ଗାଁ ବସ୍ତିରେ ଘରକୁ ଘର ଯାଇ ଅକ୍ଷତ ଚାଉଳ, ନିମନ୍ତ୍ରଣ ଓ ଫଟୋ ବଣ୍ଟନ କରିଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ରାମଲାଲାଙ୍କ ମନ୍ଦିର ପ୍ରତିଷ୍ଠା ଦିନ ବଡ଼ଗାଁ ଦେବ ମଣ୍ଡପଠାରେ ହନୁମାନ ଚାଳିଶା ପାଠ, ସଂକୀର୍ତ୍ତନ, ଭଜନ କାର୍ଯ୍ୟକ୍ରମ କରାଯିବ।



ବନ୍ଦଢିପାପଡାରେ ଅକ୍ଷତ ଚାଉଳ ଓ ନିମନ୍ତ୍ରଣପତ୍ର ବଣ୍ଟନ କରାଯାଉଛି।

# ବୌଦ୍ଧ ବିହାରରୁ ଗଡ଼ିଲା ପରିକ୍ରମା ରଥ

ଗାଇସିଲେଟ,୭।୧(ବେଦପ୍ରକାଶ କଲେତ)

ଶ୍ରୀମନ୍ଦିର ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ରବିବାର ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗନିଆଁପାଲି ମୁଚଲିନ୍ଦ ବୌଦ୍ଧ ବିହାରରୁ ପରିକ୍ରମା ଅର୍ପଣ ରଥ ପରିକ୍ରମା ଆରମ୍ଭ କରିଛି। ମୁଚଲିନ୍ଦ ବୌଦ୍ଧ ବିହାରରେ ଗାଇସିଲେଟ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ସ୍ତ୍ରୀ କନକ ଦେବୀ ଏବଂ ସ୍ଥାନୀୟ ସରପଞ୍ଚ ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ରଥକୁ ସ୍ୱାଗତ କରିଥିଲେ। ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବୁରୋମୁଣ୍ଡା ମହିଳା ସଂକୀର୍ତ୍ତନ ପାର୍ଟି, ଗନିଆଁପାଲି ଗ୍ରାମର କୀର୍ତ୍ତନ ଦଳ ଭଜନ, ସଂକୀର୍ତ୍ତନ ପରିବେଷଣ କରିଥିଲେ। ନୋଡ଼ାଲ ଅଫିସର ପାଣ୍ଡବ ନନ୍ଦ, ଡିଲେଶ୍ୱର ସାହୁ, ଗ୍ରାମ ରୋଜଗାର ସେବକ ଚିନ୍ମୟ ମିଶ୍ର, ଆଶିଷ ଦେବତା, ପ୍ରବୀଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ଗନିଆଁପାଲି ମୁଚଲିନ୍ଦ ବିହାରରେ ଶ୍ରୀଜଗନ୍ନାଥ ରଥ ପରିକ୍ରମାକୁ ସ୍ୱାଗତ କରାଯାଉଛି ।

## କାର୍‌ଗିଲ୍ ଶହୀଦ ସ୍ମୋର୍ଟିଂ କ୍ରିକେଟ: ଭେଉଁରିଆ ଚାମ୍ପିୟନ

ପଦ୍ମପୁର,୭।୧(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ବଡକୁଆଁରୀରେ ୨୪ତମ କାରଗିଲ ଶହୀଦ ସ୍ମୋର୍ଟିଂ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ ଛତିଶଗଡ ଓ ଓଡିଶାର ୨୪ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଭେଉଁରିଆ ଓ ଜଗଦଲପୁର ମଧ୍ୟରେ ଅନୁଠେିତ ହୋଇଥିଲା। ଏଥିରେ ଭେଉଁରିଆ ଚାମ୍ପିୟନ ହୋଇଥିଲା। ତୁଳାରାମ ପଟେଲ, ଭୂଷଣ ପଟେଲ ଖେଳ ପରିଚାଳନା, ସ୍କୋରିଂ ସଞ୍ଜୀବ ମହାନନ୍ଦ, ରମାକାନ୍ତ ପଟେଲ ଏବଂ ଦୁଃଖନାଶନ ପଟେଲ, ସୁଶୀଲ ଦୀପ ଧାରା ବିବରଣୀ ପ୍ରଦାନ କରିଥିଲେ। ବିଜେଡି ରାଜ୍ୟ ସମ୍ପାଦକ ରାଜୁ ଘିବେଲା ମୁଖ୍ୟଅତିଥି, ବିଜେଡି ଛାତ୍ର ସଭାପତି ଅମିତ ଘିବେଲା, ହରେକୃଷ୍ଣ ପଟେଲ, ତରଣୀ ପଟେଲ, ତୁରମଳ ଅଗ୍ରୱାଲ, ପୀତାମ୍ବର ବରିହା, ବସନ୍ତ ପଟେଲ, ବିରେନ୍ଦ୍ର ପଟେଲ, ସୁନୀଲ ପଟେଲ, ଅକ୍ଷୟ ଲୁଇ, ସୁକାନ୍ତ ନନ୍ଦ, ଅମୀୟ ପୋଢ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଚାମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ଏନ୍‌ଏସ୍‌ଏସ୍ ପକ୍ଷରୁ ସାକ୍ଷରତା କାର୍ଯ୍ୟକ୍ରମ

ପଦ୍ମପୁର,୭।୧(ପ୍ରଦୀପ୍ତ ଦାଶ)

ଜମଲା ଡିଗ୍ରୀ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ ପକ୍ଷରୁ ଢୋଲବନ୍ଧ ଠାରେ ଚାଲିଥିବା ଶୀତକାଳୀନ ଶିବିରରେ ସାକ୍ଷରତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ ଶୋଭାଯାତ୍ରାରେ ଜନସଚେତନତା ସହ ସଭା ଆୟୋଜନ ହୋଇଥିଲା। ଛାତ୍ରୀଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷାର ବିକାଶ ଓ ଜୀବନରେ ଶିକ୍ଷାର ଭୂମିକା ବିଷୟରେ ଅଧ୍ୟାପକ ଅଞ୍ଜନ ସାଗର, ଅଧ୍ୟାପକ ପୌଲସ୍ତ୍ୟ ସାହା ଦିଗ୍‌ଦର୍ଶନ ଦେଇଥିଲେ। ସଚେତନତା ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ୱାଧୀନ ଚନ୍ଦ୍ର ପଧାନ ସଭାପତିତ୍ୱ କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗାମ ଅଫିସର ଆଶିଷ କୁମାର ଭୋଇ ଓ ସୁରେଖା ଭୁଏ କାର୍ଯ୍ୟକ୍ରମର ତତ୍ତ୍ୱାବଧାରକ ଥିଲେ। ଅଧ୍ୟାପକ ଆଶିଷ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୩୭୨ ତା:୩୧।୧୨।୨୦୨୩

**ବିଜ୍ଞାପନ**

No. CAD-3586: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଡୁମୁଡୁମା, ପ୍ରଥମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଡି.ଡି.ଏଲ୍-୨୦୧ (DDL-201)ଟିକୁ ଶ୍ରୀମତୀ ଗୁଡୁ ମହାନ୍ତି, ସ୍ୱାମୀ: ଶ୍ରୀ ହୃଷୀକେଶ ମହାନ୍ତି, ସା: ଫକିରସାହି, ପୋ: ସୁହାଗପୁର, ଥାନା: କାକଟପୁର, ଜିଲ୍ଲା: ପୁରୀଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଗୁଡୁ ମହାନ୍ତି ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ରଶ୍ମିତା ପଟ୍ଟନାୟକ, ସ୍ୱାମୀ: ଶ୍ରୀ ମନୋଜ କୁମାର ପ୍ରଧାନ, ସା: ନାରାୟଣ ମନ୍ଦିର ସାହି, ଭଞ୍ଜନଗର, ପୋ/ଥା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଘରର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା’ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0592/2324

**OFFICE OF THE PANCHAYAT SAMITI, ANGUL**
(E-mail-ori-bangul@nic.in) Ph. 06764-230579
No. 52 Dt. 04.01.2024

**QUOTATION CALL NOTICE**

No. I-577:- Quotation in sealed covers are invited from eligible and interested agencies for printing of 84326 nos of Booklets (1 Booklet contains 4 sheets of A-4 size Paper containing 16 coloured Photos and description) for documentation in respect of 34 G.P.s of Angul Block. Further for Block Level, 300 nos of Coloured Booklet containing 100 Pages (Cover Page-300 GSM, Inner Page- 130 GSM) in Odia Language will be printed.

The interested agencies can visit the District website of Angul District www.angul.nic.in to access the Detail Quotation Call Notice. The last date of receive of Quotation is Dt. 16.01.2024 before 5.30 PM through Registered Post/ Speed Post only.

Sd./- Block Development Officer, Angul
OIPR-19073/11/0001/2324

ODISHA SKILL DEVELOPMENT AUTHORITY | Skilled in ODISHA | National Career Service

**ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା, ବାଲେଶ୍ୱର**

ତାରିଖ:- ୧୩.୦୧.୨୦୨୪, ଦିବା ୯ ଘଟିକାରୁ ୨ ଘଟିକା, ସ୍ଥାନ: ରିଜର୍ଭ ପୋଲିସ ଲାଇନ ପଡ଼ିଆ, ବାଲେଶ୍ୱର

No. KK-364:- ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ, ବାଲେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆସନ୍ତାତା ୧୩.୦୧.୨୦୨୪ରିଖ (ଶନିବାର) ଦିବା ୯ ଘଟିକାଠାରୁ ୨ ଘଟିକା ପର୍ଯ୍ୟନ୍ତ ରିଜର୍ଭ ପୋଲିସ ଲାଇନ ପଡ଼ିଆ, ବାଲେଶ୍ୱରଠାରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ଏହି ନିଯୁକ୍ତି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ବେସରକାରୀ / ଘରୋଇ ଅନୁଷ୍ଠାନ / ଶିଳ୍ପାନୁଷ୍ଠାନ / ନିଯୁକ୍ତିଦାତା ଯୋଗଦେଇ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ଚୟନକରି ସିଧାସଳଖ ନିଯୁକ୍ତି ପ୍ରଦାନ କରିବେ । ସରକାରଙ୍କ ସ୍ୱୀକୃତିପ୍ରାପ୍ତ ତାଲିମ ପ୍ରଦାନକାରୀ ସଂସ୍ଥା ମଧ୍ୟ ଯୋଗଦେଇ ଦେୟମୁକ୍ତ ତାଲିମ ପାଇଁ ଚୟନ କରିବେ ଓ ତାଲିମ ପରେ ନିଯୁକ୍ତି ପ୍ରଦାନ କରିବେ । ୧୮ରୁ ୩୫ ବର୍ଷ ମଧ୍ୟରେ ଥିବା ପଞ୍ଚମ ପାସ୍‌ଠାରୁ ଊର୍ଦ୍ଧ୍ୱ, ମାଟ୍ରିକ୍, ଯୁକ୍ତ ୨, ସ୍ନାତକ, ଆଇ.ଟି.ଆଇ./ଡିପ୍ଲୋମା ପାସ୍ କରିଥିବା ପ୍ରାର୍ଥୀ/ପ୍ରାର୍ଥିନୀମାନେ ନିଯୁକ୍ତି ମେଳାରେ ଭାଗ ନେଇପାରିବେ । ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ପାସପୋର୍ଟ ଫଟୋ, ଆଧାରକାର୍ଡ, ଜାତିଗତ ପ୍ରମାଣପତ୍ର ଯଦି ଥାଏ ସହିତ ବାଲେଶ୍ୱର ଜିଲ୍ଲାର ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ବହୁଳ ସଂଖ୍ୟାରେ ଯୋଗଦେଇ ଉକ୍ତ ନିଯୁକ୍ତି ମେଳାରେ ନିଯୁକ୍ତିର ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଅଛି ।

ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ, ବାଲେଶ୍ୱର
ଜିଲ୍ଲାପାଳ, ବାଲେଶ୍ୱର
OIPR-44021/11/0001/2324

GOVT. OF ODISHA No. MM-406

**OFFICE OF THE DIVISIONAL FOREST OFFICER, ANGUL DIVISION, ANGUL**

e-Procurement Notice, Angul Forest Division
Bid Identification No. 09 of 2023-24
e-mail ID: dfoangul@gmail.com

| | | | |
|---|---|---|---|
| 1. | Number of Works | : | 04 Nos. of SMC Works |
| 2. | Approximate Estimated Cost | : | 12.49 Lakhs to 35.21 Lakhs |
| 3. | Period of Completion | : | 45 (Forty Five) Calendar Days |
| 4. | Date & time of availability of bid document in the portal | : | Dt.08.01.2024 at 11.00 A.M. to 19.01.2024 |
| 5. | Last date/time for receipt of bid in the portal | : | Dt.19.01.2024 upto 5.00 P.M. |
| 6. | Date of Opening Bid | : | Dt.20.01.2024 at 11.00 A.M. |
| 7. | Name and address of the Office Inviting Bid | : | Divisional Forest Officer, Angul Division, Angul |

8. The bidders have to participate in ONLINE bidding only.
Further details can be seen from the e-procurement portal https://tendersodisha.gov.in.

Sd./- Divisional Forest Officer
Angul Division, Angul
OIPR-08027/11/0020/2324

**OFFICE OF THE EXECUTIVE ENGINEER BHUBANESWAR (R&B) DIVISION NO. II, BHUBANESWAR**
eerb2_bbsr@yahoo.com

INVITATIONS FOR BIDS THROUGH e-Procurement
Bid Identification No. C.C. (R&B) - 02
e-Procurement Notice No. 62 of 2023-24

No. B-1557: The Executive Engineer, Bhubaneswar (R&B) Division No.-II, Bhubaneswar on behalf of the Governor of Odisha invites percentage rate bids for four Number works to be received in online bidding. Single & Double cover system as detailed in https://tendersorissa.gov.in. The details of bid documents will be available in the above website from 08.01.2024 to 5.00 P.M. of 16.01.2024. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 17.01.2024 in the Office of the Executive Engineer, Bhubaneswar (R&B) Division No.-II, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum/Corrigendum, if required, will be available only in the website.

Sd./- Executive Engineer
BBSR (R&B) Division No. II, BBSR
OIPR-34088/11/0038/2324

**Government of Odisha “e” Procurement Notice**
Bid Identification No.: Online-AGL-25 of 2023-2024

No. O-2113:-

| | | | |
|---|---|---|---|
| 1. | Name of the Work | : | Building Work |
| 2. | Estimated Cost | : | Rs.1.26 Lakhs to 5.04 Lakhs |
| 3. | Period of Completion | : | 06 (Six) Calendar Months |
| 4. | Date & time of availability of bid document in the portal | : | From 09.01.2024 to 16.01.2024 upto 5.00 P.M. |
| 5. | Last Date/time for receipt of bids in the portal | : | 16.01.2024 upto 5.00 P.M. |
| 6. | Name & Address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website www.tendersorissa.gov.in
Sd./- Executive Engineer, R.W. Division, Angul
OIPR-25096/11/0026/2324

**OFFICE OF THE SUPERINTENDING ENGINEER, RWS & S DIVISION, BARGARH**
Email :- eerwss_bgh@nic.in, Ph (O):-06646 233220, FAX :- 06646 234626
No. 5597 / Dt. 30.12.2023

GOVERNMENT OF ODISHA “e” PROCUREMENT NOTICE
**Bid Identification No 14 of 2023-24**

**No. O-2112:-** The Superintending Engineer, RWS&S Division, Bargarh on behalf of the Governor of Odisha invites tenders from the reputed licensed Electrical contractors, having valid H.T. License with experience in similar nature of works to be eventually drawn up in P1 Contract Form for the work as per terms and condition noted below.

1. Name of the work:- **External Electrification to the Pump House in different Rural piped water supply schemes under Jharbandh and Paikmal Block.**
2. Approx. Estimated cost :- **Varies from Rs 9.04** to **14.85** lakhs
3. Date and time of availability of documents in the portal :- **Dt 10.01.2024** to **Dt. 24.01.2024** up to **5.00** P.M.
4. Last date/time for receipt of bids in the portal :- Dt **24.01.2024** up to **5.00** P.M
5. Date & time of Opening of Tender :- Dt **25.01.2024** at **11.00** A.M.
6. Name and address of the Officer Inviting Bid :- Superintending Engineer, RWS&S Division, Bargarh, District :- Bargarh

Further details can be seen from the e-procurement portal “http://tendersorissa.gov.in”.
The authority reserves the right to reject any or all the tenders without assigning any reason thereof.

OIPR-25157/11/0016/2324 Sd./- Superintending Engineer, RWS&S Division, Bargarh

**ସଂକ୍ଷେପରେ**

## ଅବସରପ୍ରାପ୍ତ ଶିକ୍ଷକ ସଂଘ ଗଠିତ

ପଦ୍ମପୁର,୭।୧(ପ୍ରଦୀପ୍ତ ଦାଶ)

ପଦ୍ମପୁର ଶିକ୍ଷକ ଭବନଠାରେ ରାଜବୋଡାସମ୍ବର ଅବସରପ୍ରାପ୍ତ ଶିକ୍ଷକମାନଙ୍କ ଏକ ବୈଠକ ଅବସରପ୍ରାପ୍ତ ଶିକ୍ଷକ ସନାତନ ଭୋଇଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତାରାଚନ୍ଦ ସାହୁ, ସତ୍ୟ କୁମାର ତୁରିଆ ଓ ପୃଥ୍ୱୀରାଜ ସାହୁ ଅବସର ପରବର୍ତ୍ତୀ ଜୀବନରେ ସଂଘର ଆବଶ୍ୟକତା ବିଷୟରେ ମତବ୍ୟକ୍ତ କରିଥିଲେ। ସନ୍ତୋଷ କୁମାର ପୁରୋହିତଙ୍କ ପ୍ରସ୍ତାବ କ୍ରମେ ଏକ ସଂଘ ଗଠନ କରାଯାଇଥିଲା। ଏଥିରେ ସନାତନ ଭୋଇ ସଭାପତି, ଘନଶ୍ୟାମ ପୁଞ୍ଜି ଉପସଭାପତି, ସଦାନନ୍ଦ ପୁରୋହିତ ସମ୍ପାଦକ ଓ ବିଦ୍ୟାଧର ସାହା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ କମିଟି ପାଇଁ ତାରାଚନ୍ଦ ସାହୁ, ସତ୍ୟକୁମାର ତୁରିଆ, ରୋହିତ ପ୍ରଧାନ, ବ୍ୟାସଦେବ ପଣ୍ଡା ଓ ଜିତେନ୍ଦ୍ର କୁମାର ଦାଶ ମନୋନୀତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡୋଲାମଣି ପଟେଲ, ଗୁଲାମ ରସୁଲ, ଅନନ୍ତ ଦେବତା, ନରହରି ଧରଉଆ, ପଦ୍ମନାଭ ଦାଶ, ଗିରିଶ ଚନ୍ଦ୍ର ସାହୁ, ଲଳିତ ତ୍ରିପାଠୀ, ଗୌରହରି ଦାଶ, ସୂର୍ଯ୍ୟ ପ୍ରସାଦ ହୋତା ପ୍ରମୁଖ ଶିକ୍ଷକ ଉପସ୍ଥିତ ଥିଲେ।

# 'ମାତୃଭୂମି, ମାତୃଭାଷା ପ୍ରତି ସମ୍ମାନ ରଖ'

ବରଗଡ଼, ୭।୧(ପ୍ରେମାନନ୍ଦ ଖମାରୀ)

ଯେଉଁ ସମାଜ ମାଆ, ମାତୃଭୂମି ଓ ମାତୃଭାଷାକୁ ସମ୍ମାନ ଦେଇ ଜାଣେ ନାହିଁ, ସେହି ଜାତି କିମ୍ବା ସେ ସମାଜ କେବେ ଉନ୍ନତି କରିପାରେ ନାହିଁ । ତେଣୁ ମାଆ, ମାତୃଭୂମି ଓ ମାତୃଭାଷା ପ୍ରତି ସମସ୍ତଙ୍କ ସମ୍ମାନବୋଧ ରହିବା ଉଚିତ ବୋଲି ଗୋବିନ୍ଦପୁର ସ୍କୁଲ ଶତବାର୍ଷିକୀ ସମାରୋହର ରବିବାର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ବକ୍ତାମାନେ ମତପ୍ରକାଶ କରିଛନ୍ତି।

ଶତ ବାର୍ଷିକୀ କମିଟି ସଭାପତି ପ୍ରଫୁଲ୍ଲ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ନାରୀଶିକ୍ଷାର ବିକାଶରେ ମାତୃଶକ୍ତିର ବିକାଶ ସମ୍ଭବ ଏବଂ ଗାଁ ବିକଶିତ ହେଲେ ରାଜ୍ୟ ଓ ଦେଶ ବିକଶିତ ହେବ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ମାଆ, ମାତୃଭୂମି ଓ ମାତୃଭାଷାର ଉନ୍ନତିରେ ଆମ ଜାତି ଓ ସମାଜର ଉନ୍ନତି ହୋଇଥାଏ ବୋଲି



ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ଗୋବିନ୍ଦପୁର ଗ୍ରାମର ସାମଗ୍ରିକ ବିକାଶ କଥା ଉଲ୍ଲେଖ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମିଶନ ଶକ୍ତି ଓ ମା'ମାନଙ୍କର ଶିକ୍ଷା ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ଉଚିତ ବୋଲି କହିଥିଲେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କ ତରଫରୁ ଶତବାର୍ଷିକୀ କମିଟି ଅଧ୍ୟକ୍ଷ ତଥା ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ଓ ସମ୍ପାଦକ ନିତ୍ୟାନନ୍ଦ ନାଏକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

ସେହିପରି ଡ. ରବି ନାରାୟଣ ସାହୁଙ୍କ ସମ୍ପାଦନାରେ ସ୍ମରଣିକା 'ଜ୍ଞାନଜ୍ୟୋତି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଳୟ ବାରିକ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ନବୀନ ସାବତ, ରଶ୍ମିରେଖା ସାହୁ, ଗୀତାଞ୍ଜଳି ପଣ୍ଡା, ବିଭୂତି ମହାପାତ୍ର, ସନାତନ ଖମାରୀ, ଟିକେଶ୍ୱରୀ ହୋତା, ଅନୁରାଧା ସ୍ୱାଇଁ, ଅହଲ୍ୟା ପ୍ରଧାନ, ରଜନୀ କାନ୍ତି ଭୋଇ, ଅଂଶୁପ୍ରଭା ଭୋଇ ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ଦୁଃଖିଶ୍ୟାମ ତ୍ରିପାଠୀଙ୍କ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଶ୍ରୀବସ୍ତ ପ୍ରଧାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ନିତ୍ୟାନନ୍ଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯମୁନା କାନ୍ଧୁଣୀ ବାଳିକା ହାଇସ୍କୁଲରେ ସୃଜନୀ ମେଳା

ପାଇକମାଲ, ୭।୧(ବଡ ଶତପଥୀ)

ବରଗଡ ଜିଲା ପାଇକମାଲ ବ୍ଲକ ଯମୁନା କାନ୍ଧୁଣୀ ବାଳିକା ଉଚ୍ଚବିଦ୍ୟାଳୟରେ ସୃଜନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଛାତ୍ରୀମାନଙ୍କ ଦ୍ୱାରା ୮୮ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା ଏବଂ କୃତୀ ଛାତ୍ରୀଙ୍କ ସମେତ ସମସ୍ତ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଘାଟନୀ ଉତ୍ସବରେ ବିଇଓ ଚୂଡ଼ାମଣି ବାରିକ ମୁଖ୍ୟଅତିଥି, ଅଧ୍ୟାପିକା ରଞ୍ଜିତା ମହାନ୍ତି ମୁଖ୍ୟ ବକ୍ତା, ମୋହିନୀ ଦଳପତି, ସମିତି ସଭ୍ୟା ନିରୁପମା ନାଗ, ସଂସ୍କୃତ ଶିକ୍ଷକ ଲିଙ୍ଗରାଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଭକ୍ତଚରଣ ସାହୁ ଓ ଖଗେଶ୍ୱର ଦ୍ୱାରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସେବକ ସେଠ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ଅନିମା ରାଉତ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସଙ୍ଗୀତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଲସଦା ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ ପାଳିତ

ପାଇକମାଲ, ୭।୧(ବଡ ଶତପଥୀ)

ବରଗଡ ଜିଲା ପାଇକମାଲ ବ୍ଲକ ଅନ୍ତର୍ଗତ ପଲସଦା ଉଚ୍ଚବିଦ୍ୟାଳୟରେ କ୍ରୀଡ଼ା ଓ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଯତୀନ୍ଦ୍ର ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ମହେନ୍ଦ୍ର ସିଂ ବରିହା ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ତିନିଦିନ ଧରି ଚାଲିଥିବା କ୍ରୀଡ଼ାରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ଲାଷ୍ଟିକ ଅସୁର, ବାଲ୍ୟ ବିବାହ ଓ ଫଟା କପାଳ ନାଟକ ପରିବେଷିତ ହୋଇଥିଲା। ଖେଳ ଶିକ୍ଷୟିତ୍ରୀ ଶିବାନୀ କର୍ନାଲ, ପଦ୍ମିନୀ ସାହୁ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଜୟ ପ୍ରକାଶ ଡନସନା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଟେକରାଜ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟରେ ମହକ ଉତ୍ସବ

ସମ୍ବଲପୁର,୭।୧(ବି.ଶଙ୍କର)

ସମ୍ବଲପୁର ଜିଲା ଖିଣ୍ଡାସ୍ଥିତ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟଠାରେ ଦ୍ୱିଦିବସୀୟ ମହକ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରୀମାନଙ୍କ ଦ୍ୱାରା ବିଜ୍ଞାନ ପ୍ରଦର୍ଶନୀ, ଚିତ୍ରକଳା ପ୍ରଦର୍ଶନୀ, ହସ୍ତକଳା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ସେହିପରି ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ପ୍ରଦର୍ଶନୀ ମଣ୍ଡପକୁ ଖିଣ୍ଡା ସରପଞ୍ଚ ସନ୍ଧ୍ୟାରାଣୀ ପ୍ରଧାନ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ଶିକ୍ଷକ ପ୍ରମୋଦ କୁମାର ପଟେଲ ଓ ପ୍ରଶାନ୍ତ ପାଟ୍ଟଯୋଷୀ ଏବଂ ଚିତ୍ରକର ସଞ୍ଜୟ କୁମାର ସାହୁ ପ୍ରଦର୍ଶନୀରେ ବିଚାରକ ଥିଲେ। କଳା ପ୍ରଦର୍ଶନୀରେ ଲପଙ୍ଗା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ନାଏକ, ରେଙ୍ଗାଲି ଏବିଓ ମହେନ୍ଦ୍ର ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣୀ ସଭାରେ ଏନ୍‌ଏଲସି



ଖିଣ୍ଡାସ୍ଥିତ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ମହକ କାର୍ଯ୍ୟକ୍ରମକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି ।

ଇଡି ବିଭାଗର ଫ୍ରାଙ୍କଲିନ ଜୟକୁମାର, ଜିଏମ ମାଇନ୍ସ ଅଜୟ ଭଗତ, ମୋ ସ୍କୁଲ ସଭାପତି ପ୍ରଣୟ କୁମାର ଶତପଥି, ପୂର୍ବତନ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ। ଖିଣ୍ଡା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ଗୌରିଦାସ ପଧାନ ପୌରୋହିତ୍ୟ କରିଥିଲେ। ପୁରାତନ ଛାତ୍ର ଅକ୍ଷୟ କୁମାର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ମହକ ଆୟୋଜନରେ ଖିଣ୍ଡା ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଖିଣ୍ଡା, ଦନ୍ତାମୁରା, ବୁଧିଆ ପାଲି, ତଲାବୀରା, ମାତୁଲୁ କ୍ୟାମ୍ପ, ଠେଲକୋଲୋଇ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ୪ ଜୁଆଡି କୋର୍ଟ ଚାଲାଣ

କୁଆଁରମୁଣ୍ଡା,୭।୧(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ଚାଇନା ଟାଉନରେ ରବିବାର ପୂର୍ବାହ୍ନରେ ଜୁଆଖେଳ ଚାଲିଥିବା ଖବର ପାଇ ଆଇଆଇସି ଆଶିଷ ଜେନା ଚଢ଼ାଉ କରିଥିଲେ। ଏହି ସମୟରେ ଜୁଆଡିମାନେ ଛତ୍ରଭଙ୍ଗ ଦେଇଥିବା ବେଳେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସଫିଉଲ୍ ହସଂ(୪୮), ଜାଭେଦ ଖାନ(୪୦), ମନିସ ଆଲମ୍(୩୮) ଓ ସମିମ୍ ସାହା(୪୭)। ଉକ୍ତ ୪ ଅଭିଯୁକ୍ତ ବୀରମିତ୍ରପୁର ପୌରାଞ୍ଚଳ ବାସିନ୍ଦା ବୋଲି ଆଇଆଇସି ଜେନା ସୂଚନା ଦେଇଛନ୍ତି। ଏହା ସହ ଘଟଣା ସ୍ଥଳରୁ ପୋଲିସ ୨୩୫୦ ଟଙ୍କା ସହ ୧୦୮ଟି ତାସ ପଟି ଇତ୍ୟାଦି ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଚାଉଳ ବଣ୍ଟନ

ବଡ଼ଗାଁ,୭।୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁରେ ରବିବାର ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଚାଉଳ ବଣ୍ଟନ ଆରମ୍ଭ କରାଯାଇଛି। ପୂର୍ବାହ୍ନରେ ବ୍ରହ୍ମାନନ୍ଦ ପାଣିଗ୍ରାହୀ, ସିତାରାମ ଖିଚିଡ଼ି, ଟୁନୁ ପାଣିଗ୍ରାହୀ, ଲୁଲୁ ପାଣିଗ୍ରାହୀ, ରାହୁଲ ସା, ଚନ୍ଦନ ପୃଷେଟ, ଜିତ ପୃଷେଟ, ସତ୍ୟମ୍



ବନ୍ଦଡିପାପଡାରେ ଅକ୍ଷତ ଚାଉଳ ଓ ନିମନ୍ତ୍ରଣପତ୍ର ବଣ୍ଟନ କରାଯାଉଛି।

ରାଉତ, ଚନ୍ଦନ ମିଶିର ପ୍ରମୁଖ ଯୁବକ ଶଙ୍ଖ ଘଣ୍ଟ ବଜାଇ ବନ୍ଦଡିପାପଡା ଓ ବଡ଼ଗାଁ ବସ୍ତିରେ ଘରକୁ ଘର ଯାଇ ଅକ୍ଷତ ଚାଉଳ, ନିମନ୍ତ୍ରଣ ଓ ଫଟୋ ବଣ୍ଟନ କରିଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ରାମଲାଲାଙ୍କ ମନ୍ଦିର ପ୍ରତିଷ୍ଠା ଦିନ ବଡ଼ଗାଁ ଦେବ ମଣ୍ଡପଠାରେ ହନୁମାନ ଚାଳିଶା ପାଠ, ସଂକୀର୍ତ୍ତନ, ଭଜନ କାର୍ଯ୍ୟକ୍ରମ କରାଯିବ।

## ବୌଦ୍ଧ ବିହାରରୁ ଗଡ଼ିଲା ପରିକ୍ରମା ରଥ

ଗାଇସିଲେଟ,୭।୧(ବେଦପ୍ରକାଶ କଲେତ)

ଶ୍ରୀମନ୍ଦିର ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ରବିବାର ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗନିଆଁପାଲି ମୁଚଳିନ୍ଦ ବୌଦ୍ଧ ବିହାରରୁ ପରିକ୍ରମା ଅର୍ପଣ ରଥ ପରିକ୍ରମା ଆରମ୍ଭ କରିଛି। ମୁଚଳିନ୍ଦ ବୌଦ୍ଧ ବିହାରରେ ଗାଇସିଲେଟ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ସ୍ତ୍ରୀ କନକ ଦେବୀ ଏବଂ ସ୍ଥାନୀୟ ସରପଞ୍ଚ ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ରଥକୁ ସ୍ୱାଗତ କରିଥିଲେ। ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବୁରୋମୁଣ୍ଡା ମହିଳା ସଂକୀର୍ତ୍ତନ ପାର୍ଟି, ଗନିଆଁପାଲି ଗ୍ରାମର କୀର୍ତ୍ତନ ଦଳ ଭଜନ, ସଂକୀର୍ତ୍ତନ ପରିବେଷଣ କରିଥିଲେ। ନୋଡ଼ାଲ ଅଫିସର ପାଣ୍ଡବ ନନ୍ଦ, ଡିଲେଶ୍ୱର ସାହୁ, ଗ୍ରାମ ରୋଜଗାର ସେବକ ଚିନ୍ମୟ ମିଶ୍ର, ଆଶିଷ ଦେବତା, ପ୍ରବୀଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ଗନିଆଁପାଲି ମୁଚଳିନ୍ଦ ବିହାରରେ ଶ୍ରୀଜଗନ୍ନାଥ ରଥ ପରିକ୍ରମାକୁ ସ୍ୱାଗତ କରାଯାଉଛି ।

## କୋଲାବିରା ବିଜେଡି ବ୍ଲକ ଯୁବ ଉପସଭାପତିଙ୍କ ଇସ୍ତଫା

କୋଲାବିରା,୭।୧(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକର ବିଜୁ ଜନତା ଦଳ (ବିଜେଡି) ଯୁବ ଉପ-ସଭାପତି ପୋଖରାସାହ୍ଲେ ଗ୍ରାମର ସଞ୍ଜିତ ସାହୁ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ବ୍ଲକ ଯୁବ ସଭାପତି ପ୍ରବୀଣ ସାହୁଙ୍କୁ ପ୍ରଦାନ କରିଛନ୍ତି। ପ୍ରବୀଣ ଇସ୍ତଫାପତ୍ର ଗ୍ରହଣ କରିବା ପରେ ଜିଲା ସଭାପତିଙ୍କୁ ଅବଗତ କରାଇବା ସହ ତାଙ୍କ ନିକଟକୁ ପଠାଇଛନ୍ତି। ତେବେ ନିଜ ପଦରୁ ଇସ୍ତଫା ଦେଇଥିବା ସଞ୍ଜିତ ଯେ କେବଳ ଯୁବ ଉପସଭାପତି ପଦରୁ ଇସ୍ତଫା ଦେଇଛନ୍ତି ନା ପ୍ରାଥମିକ ସଦସ୍ୟତା ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି ତାହା ସ୍ପଷ୍ଟ ହୋଇପାରିନାହିଁ।

## କାର୍‌ଗିଲ୍ ଶହୀଦ ସ୍ମୋର୍ଟିଂ କ୍ରିକେଟ: ଭେଉଁରିଆ ଚାମ୍ପିୟନ

ପଦ୍ମପୁର,୭।୧(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ବଡକୁଞ୍ଜାରୀରେ ୨୪ତମ କାରଗିଲ ଶହୀଦ ସ୍ମୋର୍ଟିଂ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ ଛତିଶଗଡ ଓ ଓଡିଶାର ୨୪ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଭେଉଁରିଆ ଓ ଜଗଦଲପୁର ମଧ୍ୟରେ ଅନୁଠିତ ହୋଇଥିଲା। ଏଥିରେ ଭେଉଁରିଆ ଚାମ୍ପିୟନ ହୋଇଥିଲା। ଡୁଲାରାମ ପଟେଲ, ଭୂଷଣ ପଟେଲ ଖେଳ ପରିଚାଳନା, ସ୍କୋରିଂ ସଞ୍ଜୀବ ମହାନନ୍ଦ, ରମାକାନ୍ତ ପଟେଲ ଏବଂ ଦୁଃଖନାଶନ ପଟେଲ, ସୁଶୀଲ ଦୀପ ଧାରା ବିବରଣୀ ପ୍ରଦାନ କରିଥିଲେ। ବିଜେଡି ରାଜ୍ୟ ସମ୍ପାଦକ ରାଜୁ ଘିବେଲା ମୁଖ୍ୟଅତିଥି, ବିଜେଡି ଛାତ୍ର ସଭାପତି ଅମିତ ଘିବେଲା, ହରେକୃଷ୍ଣ ପଟେଲ, ତରଣୀ ପଟେଲ, ଡୁରମଳ ଅଗ୍ରୱାଲ, ପୀତାମ୍ବର ବରିହା, ବସନ୍ତ ପଟେଲ, ବିରେନ୍ଦ୍ର ପଟେଲ, ସୁନୀଲ ପଟେଲ, ଅକ୍ଷୟ ଲୁଇ, ସୁକାନ୍ତ ନନ୍ଦ, ଅମୀୟ ପୋଢ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଚାମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ଏନ୍‌ଏସ୍‌ଏସ୍ ପକ୍ଷରୁ ସାକ୍ଷରତା କାର୍ଯ୍ୟକ୍ରମ

ପଦ୍ମପୁର,୭।୧(ପ୍ରଦୀପ୍ତ ଦାଶ)

ଜମଲା ଡିଗ୍ରୀ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ ପକ୍ଷରୁ ଢୋଲବନ୍ଧ ଠାରେ ଚାଲିଥିବା ଶୀତକାଳୀନ ଶିବିରରେ ସାକ୍ଷରତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ ଶୋଭାଯାତ୍ରାରେ ଜନସଚେତନତା ସହ ସଭା ଆୟୋଜନ ହୋଇଥିଲା। ଛାତ୍ରୀଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷାର ବିକାଶ ଓ ଜୀବନରେ ଶିକ୍ଷାର ଭୂମିକା ବିଷୟରେ ଅଧ୍ୟାପକ ଅଞ୍ଜନ ସାଗର, ଅଧ୍ୟାପକ ପୌଲସ୍ତ୍ୟ ସାହା ଦିଗ୍‌ଦର୍ଶନ ଦେଇଥିଲେ। ସଚେତନତା ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ୱାଧୀନ ଚନ୍ଦ୍ର ପଧାନ ସଭାପତିତ୍ୱ କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗାମ ଅଫିସର ଆଶିଷ କୁମାର ଭୋଇ ଓ ସୁରେଖା ଭୁଏ କାର୍ଯ୍ୟକ୍ରମର ତତ୍ତ୍ୱାବଧାରକ ଥିଲେ। ଅଧ୍ୟାପକ ଆଶିଷ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୩୭୨ — **ବିଜ୍ଞାପନ** — ତା:୩୧।୧୨।୨୦୨୩

No. CAD-3586: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ତୁମୁଡୁମା, ପ୍ରଥମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଡି.ଡି.ଏଲ୍-୨୦୧ (DDL-201)ଟିକୁ ଶ୍ରୀମତୀ ଗୁଡୁ ମହାନ୍ତି, ସ୍ୱାମୀ: ଶ୍ରୀ ହୃଷୀକେଶ ମହାନ୍ତି, ସା: ଫକିରସାହି, ପୋ: ସୁହାଗପୁର, ଥାନା: କାକଟପୁର, ଜିଲ୍ଲା: ପୁରୀଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଗୁଡୁ ମହାନ୍ତି ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ରଶ୍ମିତା ପଟ୍ଟନାୟକ, ସ୍ୱାମୀ: ଶ୍ରୀ ମନୋଜ କୁମାର ପ୍ରଧାନ, ସା: ନାରାୟଣ ମନ୍ଦିର ସାହି, ଭଞ୍ଜନଗର, ପୋ/ଥା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଘରର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0592/2324



**OFFICE OF THE PANCHAYAT SAMITI, ANGUL**
(E-mail-ori-bangul@nic.in) Ph. 06764-230579
No. 52 Dt. 04.01.2024

**QUOTATION CALL NOTICE**

No. i-577:- Quotation in sealed covers are invited from eligible and interested agencies for printing of **84326** nos of Booklets (1 Booklet contains 4 sheets of A-4 size Paper containing 16 coloured Photos and description) for documentation in respect of 34 G.P.s of Angul Block. Further for Block Level, 300 nos of Coloured Booklet containing 100 Pages (Cover Page-300 GSM, Inner Page- 130 GSM) in Odia Language will be printed.

The interested agencies can visit the District website of Angul District www.angul.nic.in to access the Detail Quotation Call Notice. The last date of receive of Quotation is Dt. 16.01.2024 before 5.30 PM through Registered Post/ Speed Post only.

Sd./- Block Development Officer, Angul
OIPR-19073/11/0001/2324



ODISHA SKILL DEVELOPMENT AUTHORITY — Skilled in ODISHA — National Career Service

**ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା, ବାଲେଶ୍ୱର**

ତାରିଖ:- ୧୩.୦୧.୨୦୨୪, ଦିବା ୯ ଘଣ୍ଟିକାରୁ ୨ ଘଣ୍ଟିକା, ସ୍ଥାନ: ରିଜର୍ଭ ପୋଲିସ ଲାଇନ ପଡ଼ିଆ, ବାଲେଶ୍ୱର

No. KK-364:- ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ, ବାଲେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆସନ୍ତାତା ୧୩.୦୧.୨୦୨୪ରିଖ (ଶନିବାର) ଦିବା ୯ ଘଣ୍ଟିକାଠାରୁ ୨ ଘଣ୍ଟିକା ପର୍ଯ୍ୟନ୍ତ ରିଜର୍ଭ ପୋଲିସ ଲାଇନ ପଡ଼ିଆ, ବାଲେଶ୍ୱରଠାରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ଏହି ନିଯୁକ୍ତି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ବେସରକାରୀ / ଘରୋଇ ଅନୁଷ୍ଠାନ / ଶିଳ୍ପାନୁଷ୍ଠାନ / ନିଯୁକ୍ତିଦାତା ଯୋଗଦେଇ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ଚୟନକରି ସିଧାସଳଖ ନିଯୁକ୍ତି ପ୍ରଦାନ କରିବେ । ସରକାରଙ୍କ ସ୍ୱୀକୃତିପ୍ରାପ୍ତ ତାଲିମ ପ୍ରଦାନକାରୀ ସଂସ୍ଥା ମଧ୍ୟ ଯୋଗଦେଇ ଦେୟମୁକ୍ତ ତାଲିମ ପାଇଁ ଚୟନ କରିବେ ଓ ତାଲିମ ପରେ ନିଯୁକ୍ତି ପ୍ରଦାନ କରିବେ । ୧୮ରୁ ୩୫ ବର୍ଷ ମଧ୍ୟରେ ଥିବା ପଞ୍ଚମ ପାସ୍‌ଠାରୁ ଉର୍ଦ୍ଧ୍ୱ, ମାଟ୍ରିକ୍, ଯୁକ୍ତ ୨, ସ୍ନାତକ, ଆଇ.ଟି.ଆଇ./ଡିପ୍ଲୋମା ପାସ୍ କରିଥିବା ପ୍ରାର୍ଥୀ/ପ୍ରାର୍ଥିନୀମାନେ ନିଯୁକ୍ତି ମେଳାରେ ଭାଗ ନେଇପାରିବେ । ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ପାସପୋର୍ଟ ଫଟୋ, ଆଧାରକାର୍ଡ, ଜାତିଗତ ପ୍ରମାଣପତ୍ର ଯଦି ଥାଏ ସହିତ ବାଲେଶ୍ୱର ଜିଲ୍ଲାର ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ବହୁଳ ସଂଖ୍ୟାରେ ଯୋଗଦେଇ ଉକ୍ତ ନିଯୁକ୍ତି ମେଳାରେ ନିଯୁକ୍ତିର ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଅଛି ।

ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ, ବାଲେଶ୍ୱର — ଜିଲ୍ଲାପାଳ, ବାଲେଶ୍ୱର
OIPR-44021/11/0001/2324



GOVT. OF ODISHA — No. MM-406

**OFFICE OF THE DIVISIONAL FOREST OFFICER, ANGUL DIVISION, ANGUL**
e-Procurement Notice, Angul Forest Division
Bid Identification No. 09 of 2023-24
e-mail ID: dfoangul@gmail.com

1. Number of Works : 04 Nos. of SMC Works
2. Approximate Estimated Cost : 12.49 Lakhs to 35.21 Lakhs
3. Period of Completion : 45 (Forty Five) Calendar Days
4. Date & time of availability of bid document in the portal : Dt.08.01.2024 at 11.00 A.M. to 19.01.2024
5. Last date/time for receipt of bid in the portal : Dt.19.01.2024 upto 5.00 P.M.
6. Date of Opening Bid : Dt.20.01.2024 at 11.00 A.M.
7. Name and address of the Office Inviting Bid : Divisional Forest Officer, Angul Division, Angul
8. The bidders have to participate in ONLINE bidding only.

Further details can be seen from the e-procurement portal https:/tendersodisha.gov.in.

Sd./- Divisional Forest Officer
Angul Division, Angul
OIPR-08027/11/0020/2324



**OFFICE OF THE EXECUTIVE ENGINEER BHUBANESWAR (R&B) DIVISION NO. II, BHUBANESWAR**
eerb2_bbsr@yahoo.com
INVITATIONS FOR BIDS THROUGH e-Procurement
Bid Identification No. C.C. (R&B) - 02
e-Procurement Notice No. 62 of 2023-24

No. B-1557: The Executive Engineer, Bhubaneswar (R&B) Division No.-II, Bhubaneswar on behalf of the Governor of Odisha invites percentage rate bids for four Number works to be received in online bidding. Single & Double cover system as detailed in **https://tendersorissa.gov.in**. The details of bid documents will be available in the above website from 08.01.2024 to 5.00 P.M. of 16.01.2024. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 17.01.2024 in the Office of the Executive Engineer, Bhubaneswar (R&B) Division No.-II, Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum/Corrigendum, if required, will be available only in the website.

Sd./- Executive Engineer
BBSR (R&B) Division No. II, BBSR
OIPR-34088/11/0038/2324



**Government of Odisha "e" Procurement Notice**
Bid Identification No.: Online-AGL-25 of 2023-2024

No. O-2113:-

| | | | |
|---|---|---|---|
| 1. | Name of the Work | : | Building Work |
| 2. | Estimated Cost | : | Rs.1.26 Lakhs to 5.04 Lakhs |
| 3. | Period of Completion | : | 06 (Six) Calendar Months |
| 4. | Date & time of availability of bid document in the portal | : | From 09.01.2024 to 16.01.2024 upto 5.00 P.M. |
| 5. | Last Date/time for receipt of bids in the portal | : | 16.01.2024 upto 5.00 P.M. |
| 6. | Name & Address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website www.tendersorissa.gov.in

Sd./- Executive Engineer, R.W. Division, Angul
OIPR-25096/11/0026/2324



**OFFICE OF THE SUPERINTENDING ENGINEER, RWS & S DIVISION, BARGARH**
Email :- eerwss_bgh@nic.in, Ph (O):-06646 233220, FAX :- 06646 234626
No. 5597 / Dt. 30.12.2023
GOVERNMENT OF ODISHA "e" PROCUREMENT NOTICE
**Bid Identification No 14 of 2023-24**

No. O-2112:- The Superintending Engineer, RWS&S Division, Bargarh on behalf of the Governor of Odisha invites tenders from the reputed licensed Electrical contractors, having valid H.T. License with experience in similar nature of works to be eventually drawn up in P1 Contract Form for the work as per terms and condition noted below.

1. Name of the work:- **External Electrification to the Pump House in different Rural piped water supply schemes under Jharbandh and Paikmal Block.**
2. Approx. Estimated cost :- **Varies from Rs 9.04** to **14.85** lakhs
3. Date and time of availability of documents in the portal :- **Dt 10.01.2024** to **Dt. 24.01.2024** up to **5.00** P.M.
4. Last date/time for receipt of bids in the portal :- Dt **24.01.2024** up to **5.00** P.M
5. Date & time of Opening of Tender :- Dt **25.01.2024** at **11.00** A.M.
6. Name and address of the Officer Inviting Bid :- Superintending Engineer, RWS&S Division, Bargarh, District :- Bargarh

Further details can be seen from the e-procurement portal "http://tendersorissa.gov.in".
The authority reserves the right to reject any or all the tenders without assigning any reason thereof.

OIPR-25157/11/0016/2324 Sd./- Superintending Engineer, RWS&S Division, Bargarh

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................

ପାପାଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ଜନ୍ମଦିନ ଶୁଭେଚ୍ଛା**

**ସିଦ୍ଧି (ପାପାଲି)**
ଦେଉଳିସାହି,ବାଗଲପୁର, କଟକ
ପ୍ରଥମ ବାର୍ଷିକ ଜନ୍ମୋତ୍ସବରେ ଅନେକ ଅନେକ ଶୁଭାଶୀର୍ବାଦ। ଜଗତରନାଥ ଜଗନ୍ନାଥ ତୋତେ କୋଟି ପରମାୟୁ ଦିଅନ୍ତୁ।
ଶୁଭେଚ୍ଛା ସହ: ପରିବାରବର୍ଗ।
ଧ-୨୨୦୪

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କୁଆଁରମୁଣ୍ଡା,୭।୧(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ଜଲଙ୍ଗବିରା ପଞ୍ଚାୟତ ଡୁରିଟୋଲାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ରବିବାର ପୋଲିସ ଜବତ କରିଛି। ମୃତକ ହେଲେ ସୁଗଡ ସମାଦ(୩୫)। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ। ଏନେଇ ପୋଲିସ ତଦନ୍ତ ଚଳାଇଛି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Admission Open**
Post Diploma in C.S.S.D TECHNIQUES (Hospital Sterilization Technology)
Eligibility : +3 Science | Duration : 1 Year
Advance Diploma in OPERATION THEATRE TECHNOLOGY (OT Techniques)
Eligibility : +2 (Any Stream) | Duration : 2 Years
RMTI, PALASUNI, RASULGARH BHUBANESWAR-25
Ph: 93382 12123

Hurry up... Hurry up... Hurry up...
**B.Ed**
Only @89,000/-
IMMEDIATELY CONTACT
B.Ed COUNSELLING CENTER BHUBANESWAR
7606962458
8908210843
9124391142
8908210443

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ‘ଜଣେ କଳାକାର ସବୁ ରିସ୍କ ନେବା ଦରକାର’


ଅଭିନେତ୍ରୀ ସୁପ୍ରିୟା ନାୟକ

ଓଲିଉଡ୍‌ରେ ଏବେ ଦର୍ଶକଙ୍କ ପ୍ରିୟ ଅଭିନେତ୍ରୀ ହେଉଛନ୍ତି ସୁପ୍ରିୟା ନାୟକ। ଭିନ୍ନ ଭିନ୍ନ ଚରିତ୍ରରେ ଦମ୍‌ଦାର ଅଭିନୟ ତାଙ୍କ ସିନେମା କ୍ୟାରିୟରକୁ ଆହୁରି ମଜଭୁତ୍ କରିଛି। ଜଗତ୍‌ସିଂହପୁରରେ ଜନ୍ମିତ ସୁପ୍ରିୟା ୨୦୧୭ରେ ‘ଲଭ୍ ପାଇଁ କୁଛ୍ ବି କରେଗା’ ଚଳଚ୍ଚିତ୍ରରୁ ଓଲିଉଡ୍‌ରେ ପାଦ ଥାପିଥିଲେ। ପରେ ପରେ ବିଜୁବାବୁ, ଆସ୍ତିକ ନାସ୍ତିକ, ପୁଷ୍କରା, ଡଟ୍‌ପେନ୍ ଚଳଚ୍ଚିତ୍ର ସହ ‘କେମିତି କହିବି କହ’ ଧାରାବାହିକ ଓ ‘ବାରଙ୍ଗ ୧୯୯୯’ ୱେବ୍ ସିରିଜରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ପାଇଛନ୍ତି। ତେବେ ୨୦୨୩ର ‘ପୁଷ୍କରା’ ଚଳଚ୍ଚିତ୍ରରେ ସୁପ୍ରିୟାଙ୍କ ମନଛୁଆଁ ଅଭିନୟକୁ ‘ଡଟ୍‌ପେନ୍’ ଫିଲ୍ମର ଆଇଟମ୍ ସଙ୍ଗ ‘ପୂନେଇଁ ଜହ୍ନ...’ରେ ସେ ଦର୍ଶକଙ୍କ ଭିଡ଼ରେ ବେଶ୍ ଚର୍ଚ୍ଚାରେ ଥିଲେ। ବର୍ଷ ଶେଷ ବେଳକୁ ତାଙ୍କ ସିରିଜ ସଫଳତାର ଆଉ ଏକ ଶିଡ଼ି ଛୁଇଁପାରିଥିଲା। ସୁପ୍ରିୟାଙ୍କ ସହ ଏଥରର ‘ଧରିତ୍ରୀ ଆଳାପ’।

ସାକ୍ଷାତ୍/ଫଟୋ: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର

**ଧରିତ୍ରୀ ଆଳାପ**

**ଆପଣଙ୍କର ଅନେକଗୁଡ଼ିଏ ହିଟ୍ ଫିଲ୍ମ, ୱେବ୍ ସିରିଜ ରିଲିଜ୍ ହୋଇଛି। ଦର୍ଶକଙ୍କ ଭଲ ପାଇବା କିଭଳି ମିଳିଛି?**
-ଗତବର୍ଷ ମୋତେ ଲୋକଙ୍କ ଭଲପାଇବା ବହୁତ ମିଳିଛି। ମୋର ସବୁ କାମକୁ ଦର୍ଶକ ପସନ୍ଦ କରିଛନ୍ତି। ସେମାନଙ୍କଠାରୁ ବହୁତ କିଛି ଶିଖିଛି। ଚେଷ୍ଟା କରୁଛି ଆଗକୁ ଆହୁରି କିଭଳି ଭଲ ପ୍ରୋଜେକ୍ଟ ସିଲେକ୍ଟ କରି କାମ କରିବି।

**ୱେବ୍ ସିରିଜ୍ ‘ବାରଙ୍ଗ ୧୯୯୯’ରେ ଆପଣ ଏକ ଭିନ୍ନ ଚରିତ୍ରରେ ଦର୍ଶକଙ୍କ ସାମ୍ନାକୁ ଆସିଛନ୍ତି। ସେ ବିଷୟରେ କ’ଣ କହିବେ?**
- ‘ବାରଙ୍ଗ ୧୯୯୯’ର ସେହି ଚରିତ୍ର ମେଣ୍ଟାଲି ମୋ ପାଇଁ ଟ୍ରେନିଙ୍ଗ ଥିଲା। ଏଭଳି ଏକ ଚରିତ୍ର କରିବା ଅସହଜ ଥିଲା। ଗୋଟିଏ ଝିଅ ସହ ଏଭଳି ଅଘଟଣ ଘଟୁଛି, ସେ ଏକା ଲଢ଼େଇ କରୁଛି, ଆଉ ତା’ ପଛରେ ମଧ୍ୟ କେହି ନାହାନ୍ତି। ପୂରା ବ୍ୟବସ୍ଥା ବି ତା’ ବିରୋଧରେ। ଯେଉଁମାନେ ତା’ ସହିତ ଦୁର୍ଘଟଣା ଘଟାଇଛନ୍ତି ସେମାନଙ୍କ ସହ ଲଢ଼ିବା ସହିତ ମୁଖ୍ୟମନ୍ତ୍ରୀଙ୍କ ସହ ଲଢ଼େଇ କରିବା...ଏସବୁ ପରେ ବି ମାନସିକ କିମ୍ବା ଶାରୀରିକ ସ୍ତରରେ ଦୁର୍ବଳ ନ ହୋଇ ଆଗକୁ ବଢ଼ିବା ନିହାତି ଚ୍ୟାଲେଞ୍ଜପୂର୍ଣ୍ଣ। ଆରମ୍ଭରୁ ଶେଷ ଯାଏ ଏମିତି କିଛି ସିନ୍ ନ ଥିଲା, ଯାହାକୁ ମୁଁ ସହଜ ମନେକରିବି। ତେଣୁ ମୋ ପାଇଁ ଏହି ଚରିତ୍ର ପୂରା ଚ୍ୟାଲେଞ୍ଜିଂ ଥିଲା।

**‘ପୁଷ୍କରା’ ଚଳଚ୍ଚିତ୍ରରେ ପ୍ରେମିକାରୁ ବିଧବା ମହିଳା ଚରିତ୍ରରେ ଦର୍ଶକ ଆପଣଙ୍କୁ ପାଇଥିଲେ। ଚଳଚ୍ଚିତ୍ରର ଅନୁଭୂତି କିପରି ଥିଲା?**
-ଭଲପାଇବାରେ ପଡ଼ିବା, ଆଉ ଭଲ ପାଇବା ନ ମିଳିବା ମଧ୍ୟ ସାଧାରଣ କଥା। ଏଭଳି କଥା ସମସ୍ତଙ୍କ ଜୀବନରେ ଘଟିଥିବ। ବାସ୍ତବ ଜୀବନର ସେହି କଥାକୁ ନେଇ ମୁଁ ଚରିତ୍ରରେ ଦେଖାଇବାକୁ ଚେଷ୍ଟା କରିଥିଲି। ବିଧବା ଚରିତ୍ରରେ ଅଭିନୟ କରିବା ମୋ ପାଇଁ ପ୍ରଥମ ଥିଲା। କାହାଣୀଟି ଯେଉଁ ପୁସ୍ତକ (ନାଦବିନ୍ଦୁ)ରୁ ନିଆଯାଇଛି, ତାକୁ ମୁଁ ଭଲ ଭାବରେ ପଢ଼ିଥିଲି। ଏହି ଚରିତ୍ର ପାଇଁ ସେ ବହିଟି ମୋତେ ବହୁତ ସାହାଯ୍ୟ କରିଛି। ସେ ଚରିତ୍ର ବିଷୟରେ ବହିଟିରେ ବହୁତ ଭଲ ଭାବରେ ବଖାଣିକି ଲେଖାଯାଇଛି। ଦର୍ଶକଙ୍କୁ ସବୁବେଳେ ଭଲ ବିଷୟବସ୍ତୁ ଦେବାର ଇଚ୍ଛା ହିଁ ମୋତେ ସାହାଯ୍ୟ କରିଥିଲା ଏହି ଚରିତ୍ର ସମ୍ଭାଳିବାକୁ। ଭଲ ଅଭିନୟରେ ହିଁ ଦର୍ଶକ ପ୍ରତିକ୍ରିୟା ପ୍ରକାଶ କରିଥାନ୍ତି।

**ଏଯାବତ୍ କେଉଁ ଫିଲ୍ମ ବା ସିରିଜ୍‌ରେ ନିଜର ବେଷ୍ଟ ଦେଇପାରିଛନ୍ତି ବୋଲି ଭାବୁଛନ୍ତି?**
-‘ବାରଙ୍ଗ ୧୯୯୯’ରେ ମୁଁ ମୋର ୧୦୦ ପ୍ରତିଶତ ଦେଇପାରିଛି ବୋଲି ଭାବୁଛି। ସେହିଭଳି ‘ପୁଷ୍କରା’ ମୋ କ୍ୟାରିୟରର ଟର୍ନିଂ ପଏଣ୍ଟ ଥିଲା। ଏହି ଫିଲ୍ମ ଦେଖିବା ପରେ ଅନେକ ଦର୍ଶକ କହିଛନ୍ତି, ଆପଣ କାହିଁକି ବିଧବା ଚରିତ୍ର କରୁଥିଲେ, ଆମେ ଆପଣଙ୍କୁ ଦେଖିପାରୁନୁ। କେତେଜଣ ଦର୍ଶକ ବି ମୋତେ ଧରି କାନ୍ଦିଛନ୍ତି। ଫିଲ୍ମ ଦେଖି ଯଦି ଏଭଳି କିଛି ପ୍ରତିକ୍ରିୟା ଆସୁଛି, ତା’ହେଲେ ଭାବୁଛି ମୁଁ କିଛି ଭଲ କାମ କରିପାରିଛି।

**ପୂନେଇଁ ଜହ୍ନ ଆଇଟମ୍ ସଙ୍ଗକୁ ନେଇ ଆପଣ ବହୁତ ଚର୍ଚ୍ଚାକୁ ଆସିଥିଲେ। ଦର୍ଶକଙ୍କ ପ୍ରତିକ୍ରିୟାକୁ କିଭଳି ଗ୍ରହଣ କରୁଛନ୍ତି?**
-କେବଳ ଯେ ଭଲ ପାଉଥିବା ଚରିତ୍ରଗୁଡ଼ିକ ମୁଁ କରିବି ସେମିତି ତ ହୋଇପାରିବ ନାହିଁ। ଜଣେ କଳାକାର ଭାବେ ବିଭିନ୍ନ ଚରିତ୍ରରେ ଅଭିନୟ କରିବା ଦରକାର। ମୋତେ ବି ନିଜକୁ ଜାଣିବାକୁ ପଡ଼ିବ, ମୁଁ କେଉଁ ଚରିତ୍ରକୁ ବେଶି ଭଲ ଭାବେ କରିପାରୁଛି। ଜଣେ କଳାକାର ସବୁ ରିସ୍କ ନେବା ଦରକାର।

**କିଛି ସ୍ମରଣୀୟ ଦର୍ଶକୀୟ ଅନୁଭୂତି?**
- ‘କେମିତି କହିବି କହ’ ଧାରାବାହିକରେ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କ ସହ ଲିଡ୍ ଭୂମିକାରେ ଅଭିନୟ କରିଥିଲି। ଏକ ସିନ୍‌ରେ ମୋ ଦେହ ଖରାପ ହୋଇଥିଲା। ଜଣେ ମାଉସୀ ମୋତେ ଏତେ ଭଲ ପାଇଯାଇଥିଲେ ଯେ, ସେ ଭାବିଲେ ମୋ ଦେହ ସତରେ ଖରାପ ହୋଇଯାଇଛି। ସେ ମନ୍ଦିରରେ ଯାଇ ଦୀପ ଜାଳି ମୋ ପାଇଁ କାନ୍ଦୁଥିଲେ। ତାଙ୍କ ପୁଅ ମୋତେ ବାରମ୍ବାର କଲ୍ କରୁଥାନ୍ତି। ଅଜଣା ନମ୍ବର ଭାବି ମୁଁ ବହୁତ ପରେ ଫୋନ ଉଠାଇଲି। ଆଉ ଏସବୁ ବିଷୟରେ ଜାଣିବା ପରେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ମାଉସୀଙ୍କ ସହ ଫୋନ୍‌ରେ କଥା ହେଲି, ଆଉ ଜଣାଇଲି ମୁଁ ଠିକ୍ ଅଛି ବୋଲି।

**ପ୍ରିୟ କଳାକାର?**
- ସିଦ୍ଧାନ୍ତ ମହାପାତ୍ର।

**ପ୍ରିୟ ଖାଦ୍ୟ?**
- ମଟନ ବିରିୟାନୀ।

**କେଉଁ ଆଉଟ୍‌ଫିଟ୍ ପିନ୍ଧିବାକୁ ବେଶି ଭଲ ପାଆନ୍ତି?**
-ଶାଢ଼ି।

**୨୦୨୪ ଯୋଜନା?**
-କ’ଣ ଆଉ ଭଲ କରିପାରିବି। ଯାହା ତ୍ରୁଟି ରହିଯାଇଛି, ତାହାକୁ ସୁଧାରିବି।

## ଆଜିଠୁ ଯୁକ୍ତ୨ ପିଲାଙ୍କୁ ରେଗୁଲାର ଏନ୍‌ଇଇଟି, ଜେଇଇ କୋଚିଂ

**ଭୁବନେଶ୍ୱର, ୭।୧(ଅସମାପିକା ସାହୁ):** ରାଜ୍ୟର ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ଦକ୍ଷତା ବୃଦ୍ଧି ପାଇଁ ସୋମବାରଠାରୁ ରେଗୁଲାର ଏନ୍‌ଇଇଟି ଏବଂ ଜେଇଇ ଆଶାୟୀଙ୍କୁ ଅନ୍‌ଲାଇନ୍ କୋଚିଂ ଦିଆଯିବ। ଏନ୍‌ଇଇଟି ସକାଳ ସାଢ଼େ ୮ଟାରୁ ୧୦ଟା ଓ ଜେଇଇ କୋଚିଂ ଅପରାହ୍ନ ୨ଟାରୁ ସାଢ଼େ ୩ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭର୍ଚୁଆଲ ମୋଡ୍‌ରେ ଦିଆଯିବ। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। କେଉଁଦିନ କେଉଁ ବିଷୟର କ୍ଲାସ୍ ହେବ ସେ ନେଇ ଚିଠିରେ ଉଲ୍ଲେଖ କରାଯାଇଛି। ପୂର୍ବରୁ ଅର୍ଥାତ୍ ଗତ ୪ ରୁ ୬ତାରିଖ ପର୍ଯ୍ୟନ୍ତ ୱାର୍ମିଂ ଅପ୍ କ୍ଲାସ୍ ହୋଇଥିଲା।

## ନୂଆ ଉପାୟରେ ଓଡ଼ିଶା ସୀମାନ୍ତରେ ଆନ୍ଧ୍ରର ଅନୁପ୍ରବେଶ

### ଅଣ୍ଡରଗୁଡ଼ାରେ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପଣ


ପ୍ରକଳ୍ପ ପାଇଁ ଲୋକାର୍ପଣ ଉତ୍ସବ।

**ନନ୍ଦପୁର, ୭।୧ (ଶଙ୍କର ପୂଜାରୀ)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସୀମାନ୍ତ ପାଙ୍ଗଲୁଙ୍ଗ ପଞ୍ଚାୟତରେ ଆନ୍ଧ୍ରପ୍ରଦେଶ ଅନୁପ୍ରବେଶ ଲାଗି ନୂଆ ଉପାୟ ଆପଣାଇଛି। ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜରିଆରେ ଆନ୍ଧ୍ର ଓଡ଼ିଶା ସୀମାନ୍ତରେ ଅନୁପ୍ରବେଶ ଲାଗି ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ରବିବାର ପାଡେରୁସ୍ଥିତ ସାଇ ଚାରିଟେବୁଲ ସଂସ୍ଥା ପକ୍ଷରୁ ଅଣ୍ଡରଗୁଡ଼ା ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇ ଲୋକାର୍ପଣ ହୋଇଛି। ସପ୍ତାହ ଧରି ଅନୁଷ୍ଠାନର କର୍ମକର୍ତ୍ତା ଗ୍ରାମରେ ଡେରା ପକାଇ ଲୋକଙ୍କୁ ଆକୃଷ୍ଟ କରି ଏଭଳି କାର୍ଯ୍ୟ କରୁଥିଲେ ମଧ୍ୟ ପାଙ୍ଗଲୁଙ୍ଗ ପଞ୍ଚାୟତ, ନନ୍ଦପୁର ବ୍ଲକ କିମ୍ବା ଜିଲା ପ୍ରଶାସନ ପାଖରେ କିଛି ଖବର ନ ଥିଲା। ଅଣ୍ଡରଗୁଡ଼ା ଗ୍ରାମର ସଦର ମଣ୍ଡପକୁ ବ୍ୟବହାର କରି ଆନ୍ଧ୍ର ୩ଟି ପାଣି ଟାଙ୍କି ସ୍ଥାପନ କରିଛି। ଗ୍ରାମର ଉପର ମୁଣ୍ଡରେ ଥିବା ପାହାଡ଼ର ଝରଣା ପାଣିକୁ ପାଇପ୍ ଯୋଗେ ଆଣି ଟାଙ୍କିରେ ସଂଯୋଗ କରି ଗ୍ରାମର ୨୮୦ ପରିବାରକୁ ପାନୀୟ ଜଳ ସଂଯୋଗ ପ୍ରଦାନ କରାଯାଇଛି। ରବିବାର ଏହାକୁ ଏକ ଉତ୍ସବରେ ଲୋକାର୍ପଣ କରାଯାଇଛି। ତେବେ ଏନେଇ ସ୍ଥାନୀୟ ସରପଞ୍ଚ, ବ୍ଲକ ପ୍ରଶାସନ କିମ୍ବା ଜିଲା ପ୍ରଶାସନ ପଡ଼ୋଶୀ ଆନ୍ଧ୍ରର ଏଭଳି କାର୍ଯ୍ୟ ସମ୍ପର୍କରେ କିଛି ସୂଚନା ପାଇ ପାରିନାହାନ୍ତି। ଏଥିପାଇଁ ବିଭିନ୍ନ ପ୍ରଚାର ପତ୍ର ଗତ ସପ୍ତାହରେ ଅଞ୍ଚଳରେ ବଣ୍ଟା ଯାଇଛି। ଏହା ପ୍ରଶାସନ ଜାଣି ନ ପାରିବା ଚିନ୍ତାର ବିଷୟ ହୋଇଛି। ଗ୍ରାମରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପାନୀୟ ଜଳର ବିଭିନ୍ନ ଉତ୍ସ ଥିବା ବେଳେ ଆନ୍ଧ୍ରର ଏଭଳି କାର୍ଯ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏନେଇ ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କୁ ପଚାରିବାରୁ ସେ କହିଲେ, ଘଟଣା ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯିବ। ଜିଲା ପ୍ରଶାସନ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

**Classified Everyday**
0674-2580101, 2549949

**REAL ESTATE**
**SALE**

ପାତ୍ରପଡ଼ା NHରୁ 400 mtr. ବ୍ରହ୍ମକୁମାରୀ ଆଶ୍ରମକୁ ଲାଗି 30ft. Road, Eelctric, Water ଥାଇ Sqft. 2600/- ରେ ପ୍ଲଟ୍ କିଣନ୍ତୁ। 7788888879, 8249034529. D-75291

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2190

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Healthcare

Newly open SPA positively health benefits with expert therapist. 9938843929. D-75184

Mesmerizing, energetic body, mind qualitative relaxing massage experienced therapists. 7325907905. D-67127

**Asribada Panchakarma herbal SPA, Kesharimall, Bhubaneswar. Contact: 8926173473.** D-75091

Spa Kerala body Massage best Therapist @699/- Bhubaneswar. Kajal- 9337672475. D-2130

**AFFIDAVIT**

I Fazle Imdad, S/o- Sayed Firoj, R/o- Balipatna, Bhubaneswar has changed my father's name from Sayed Firoz to Sayed Firoj for all future purposes. D-75094

**LEGAL NOTICE**

IN THE HONOURABLE COURT OF THE PRINCIPAL JUNIOR CIVIL JUDGE AT SRIKAKULAM (A.P).
O.S. 457/2021.
Between :-
Pattapagalu Venkatesh. ......Plaintiff
And:-
Prabodh Kumar Jena, S/o not known, Hindu, aged 52, Business, R/o at Plot No. 11, Geetanjali Flour Mill, Shriram Nagar Street, Ruchi Spice factory, Madhupatna, CUTTACK-753010, Odisha state. ....Defendant.
NOTICE
Please take notice that the above case O.S. 457/2021 stands posted on 29.01.2024 for your appearance before the Court, therefore as per Orders of Honourable court you are hereby directed to appear before the Court on 29.01.2024 at 10.30.A.M either in person or through an Advocate, failing which the matter will be decided in your absence.
(By the Order of Court)
Baratam Harinarayana, Nadella Bhargava, Advocates, Srikakulam (A.P) D-2205

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**ଏଅନନ୍ତ କୁମାର ଲାହିରୀ**
NC GETTA RESIDENCY
ଜନ୍ମ: ୨୧।୦୪।୧୯୩୪
ସ୍ୱର୍ଗାରୋହଣ: ୩୦।୧୨।୨୦୨୩
ଆପଣଙ୍କୁ ଆମ୍ଭେମାନେ ବହୁତ ମନେ ପକାଉଛୁ। ଆପଣ ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ମହାପ୍ରଭୁଙ୍କ ପାଦରେ ଚିରଶାନ୍ତି ଲାଭ କରୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।
MOB- 7978618588
ଧ-୨୧୯୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**ଏ ଡାକ୍ତର ଅଖିଳାନନ୍ଦ ମିଶ୍ର**
ଅପର୍ଣ୍ଣା ନିବାସ, ଷ୍ଟେଟ ବ୍ୟାଙ୍କ ଗଳି
ନିଳାଦ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ- ୧୫.୦୪.୧୯୪୯
ତିରୋଧାନ- ୨୮.୧୨.୨୦୨୩
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ମୋକ୍ଷପ୍ରାପ୍ତି ନିମନ୍ତେ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ପ୍ରାର୍ଥନା।
-ଶୋକସନ୍ତପ୍ତ-
ଭାଇ-ପ୍ରେମାନନ୍ଦ, ଜ୍ଞାନାନନ୍ଦ, ଭାଉଜ-ବିନୋଦିନୀ, ରମା, ସ୍ତ୍ରୀ-ଲକ୍ଷ୍ମୀ, ପୁତ୍ର-ଚିନ୍ତୁ, ପୁତ୍ରବଧୂ-ବୁନି, ଝିଅ-ରୁନି, ଜ୍ୱାଇଁ-ବାପି, ପୁତୁରା-ରୁନୁ, ବୁଲୁ ଓ ଜୁଲୁ, ଝିଆରୀ-ବଡ଼ବୁଢ଼ୀ, ସାନବୁଢ଼ୀ, ଜଲି ଓ ନାତି ନାତୁଣୀ
ଧ-୭୫୦୯୫

## ସୁବର୍ଣ୍ଣରେଖାରେ ବୁଡ଼ି ତୀର୍ଥଯାତ୍ରୀଙ୍କ ମୃତ୍ୟୁ

**ରୂପସା,୭।୧(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ରାଜଘାଟ ନିକଟରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀରେ ବୁଡ଼ି ରବିବାର ଜଣେ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ଗ୍ରାମର ଅଜିତ୍ ଭୋଳ। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୪) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

ଯାଜପୁର ଜିଲା ଜହ୍ନା ଅଞ୍ଚଳରୁ ୭୦ରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ମହାବୀର ନାମକ ବସ୍ ଯୋଗେ କୋଲକାତାର ବିଭିନ୍ନ ମନ୍ଦିର ଓ ପର୍ଯ୍ୟଟନସ୍ଥଳୀରୁ ତୀର୍ଥ ସାରି ଘରକୁ ଫେରୁଥିଲେ। ରାଜଘାଟ ବାରୁଣୀ ପଡ଼ିଆଠାରେ ବସ୍‌ର ରହଣି ହୋଇଥିଲା। ନିକଟରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀରେ ତୀର୍ଥଯାତ୍ରୀମାନେ ସ୍ନାନ କରିଥିଲେ। ତେବେ ଅସାବଧାନତାବଶତଃ ଅଜିତ୍ ନଦୀରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦିଲୀପଙ୍କ ମୃତଦେହ ଅପେକ୍ଷାରେ ମା’

### ହାଇଟେକ୍ ହସ୍ପିଟାଲରେ ବିସ୍ଫୋରଣ ଘଟଣା

**ଭୁବନେଶ୍ୱର,୭।୧(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ହାଇଟେକ୍ ହସ୍ପିଟାଲ ଏସି କମ୍ପ୍ରେସରରେ ଗ୍ୟାସ୍ ଭର୍ତ୍ତିବେଳେ ବିସ୍ଫୋରଣ ଘଟଣାକୁ ରବିବାର ୧୦ଦିନ ପୂରିଛି। ଇତିମଧ୍ୟରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ମୃତଦେହ ଚିହ୍ନଟରେ ତ୍ରୁଟି ଯୋଗୁ ଜଣେ ମୃତକ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ବଅଙ୍ଗ ଗ୍ରାମର ଦିଲୀପ ସାମନ୍ତରାୟଙ୍କ ସ୍ତ୍ରୀ ଆତ୍ମହତ୍ୟା କରିଛନ୍ତି। ଏହି ଦୁଃଖଦ ଘଟଣାକୁ ନେଇ ସବୁଠି ଚର୍ଚ୍ଚା ଲାଗି ରହିଛି। ତେବେ ତୃତୀୟ ମୃତକ ଦିଲୀପ ବୋଲି ପରିବାର ଲୋକେ ଚିହ୍ନିଥିଲେ ମଧ୍ୟ ମୃତଦେହ ହସ୍ତାନ୍ତର କରାଯାଉନାହିଁ। ମୃତଦେହ ଚିହ୍ନଟରେ ପ୍ରଥମେ ଭୁଲ୍ ହୋଇଥିବାରୁ ତୃତୀୟ ମୃତଦେହର ହସ୍ତାନ୍ତର ପ୍ରକ୍ରିୟା ଆଇନ ଅନୁଯାୟୀ କରାଯିବ। ଡିଏନ୍‌ଏ ଟେଷ୍ଟରୁ ମୃତକଙ୍କ ପରିଚୟ ସ୍ପଷ୍ଟ ନ ହେବା ଯାଏ, ଉକ୍ତ ମୃତଦେହକୁ ହସ୍ତାନ୍ତର କରାଯିବ ନାହିଁ ବୋଲି ପୋଲିସ କହୁଛି। ହେଲେ ଦିଲୀପଙ୍କ ପରିବାର ଲୋକେ ଏହାକୁ ମାନିବାକୁ ପ୍ରସ୍ତୁତ ନାହାନ୍ତି। ଏଭଳିସ୍ଥିତିରେ ପୁଅ ଦିଲୀପଙ୍କ ମୃତଦେହ ନେଇ ଅନ୍ତିମ ସତ୍କାର କରିବାକୁ ଅପେକ୍ଷା କରିଛନ୍ତି ମା’ ଅହଲ୍ୟା। ଭୁବନେଶ୍ୱର ଏମ୍‌ସ ପରିସରରେ ରବିବାର ଏହାକୁ ନେଇ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏମ୍‌ସ ମୃତଦେହ ବ୍ୟବଚ୍ଛେଦ ଗୃହ ସାମ୍ନାରେ ମା’ ଅହଲ୍ୟା ଜଗି ବସିଥିଲେ। ମଝିରେ ମଝିରେ କାନ୍ଦି କାନ୍ଦି ଚେତାଶୂନ୍ୟ ହୋଇଯାଉଥିଲେ। ବାହୁନି କାନ୍ଦି କହୁଥିଲେ, ପୁଅ ମଲା, ବୋହୂ ବି ମଲା, ମୁଁ ବି ମରିବି। ଜ୍ୟୋତିରଞ୍ଜନଙ୍କ ପରିବାର ଲୋକ କହିଲେ, ଆମର କିଛି ଦାବି ନାହିଁ। ତୃତୀୟ ମୃତକ ତମରି ପୁଅ। ଏହି ମୃତଦେହକୁ ନେଇ ତମେ ଘରକୁ ଯାଅ। ହେଲେ ଏମାନେ ମୋ ପୁଅର ମୃତଦେହକୁ କାହିଁକି ଛାଡୁନାହାନ୍ତି ବୋଲି ଅହଲ୍ୟା ନିରାଶାରେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଦିଲୀପ କୁହାଯାଉଥିବା ତୃତୀୟ ମୃତଦେହର ରବିବାର ବ୍ୟବଚ୍ଛେଦ କରାଯାଇଛି। ଏଥିସହ ଡିଏନ୍‌ଏ ଟେଷ୍ଟ ଲାଗି ମୃତଦେହ ସମେତ ଦିଲୀପଙ୍କ ମା’ ଏବଂ ଜ୍ୟୋତିରଞ୍ଜନଙ୍କ ମା’ବାପାଙ୍କଠାରୁ ନମୁନା ସଂଗ୍ରହ କରାଯାଇ ଦିଲ୍ଲୀ ପଠାଯାଇଛି। ଡିଏନ୍‌ଏ ରିପୋର୍ଟ ଆସିବାକୁ ୭ ଦିନ ଲାଗିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

**ସରକାରଙ୍କ ପକ୍ଷରୁ ତଦନ୍ତ ହେଉଛି: ହାଇଟେକ୍ ସିଇଓ**

ମୃତଦେହ ଚିହ୍ନଟ ବିଭ୍ରାଟରେ ଜ୍ୟୋତିରଞ୍ଜନ ଓ ଦିଲୀପଙ୍କ ପରିବାର ଲୋକ ହାଇଟେକ୍ ହସ୍ପିଟାଲ ଓ ପୋଲିସକୁ ଦୋଷ ଦେଇ ଆସୁଛନ୍ତି। ଏଭଳିସ୍ଥିତିରେ ରବିବାର ହସ୍ପିଟାଲର ସିଇଓ ସ୍ମିତା ପାଢ଼ୀ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଘଟଣାର ତଦନ୍ତ କରାଯାଉଛି। ବିସ୍ଫୋରଣ କିଭଳି ହେଲା, ଏଥିପାଇଁ ଦାୟୀ କିଏ, ମୃତକଙ୍କ ଚିକିତ୍ସା ଠିକ୍ ଭାବେ ହୋଇଛି କି ନାହିଁ, ଏସବୁ ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।
















# ନୂଆ ରୂପରେ ମଠ ସଂସ୍କୃତି

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିସରରେ ଥିବା ମଠଗୁଡିକର ଉନ୍ନାତୀକରଣ ତଥା ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ କରାଯାଉଛି। ମଠଗୁଡିକରେ ଉତ୍କଳୀୟ କଳା, ସ୍ଥାପତ୍ୟ ଦେଖିବାକୁ ମିଳୁଛି। ଶ୍ରୀମନ୍ଦିର ସହ ଶ୍ରୀକ୍ଷେତ୍ରର ମଠ ମନ୍ଦିରଗୁଡ଼ିକର ସମ୍ପର୍କ ବହୁ ପ୍ରାଚୀନ। ଶ୍ରୀମନ୍ଦିର ରୀତିନୀତି ସହ ମଠ ମନ୍ଦିରଗୁଡ଼ିକର ସମ୍ପର୍କ ରହିଛି। ତେଣୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଅନେକ ମଠ ରହିଥିଲା। ତେବେ ପରିକ୍ରମା ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ସମୟରେ ମଠଗୁଡ଼ିକର ବିଜେସ୍ଥଳ ଏବଂ ମହନ୍ତଙ୍କ ଗୃହକୁ ଛାଡ଼ି ସମସ୍ତ ଅଂଶକୁ ଉଚ୍ଛେଦ କରାଯାଇଥିଲା। ପରବର୍ତ୍ତୀ କାଳରେ ସରକାରଙ୍କ ପକ୍ଷରୁ ମଠଗୁଡିକର ଉନ୍ନତି କରଣ କାର୍ଯ୍ୟ କରାଯାଉଛି। ଶ୍ରୀମନ୍ଦିର ଚାରିପାଖରେ ଥିବା ପ୍ରାୟ ୧୯ରୁ ଉର୍ଦ୍ଧ୍ୱ ମଠଗୁଡ଼ିକର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଉଛି। ଓବିସିସି ଓ ଟାଟା ପ୍ରୋଜେକ୍ଟ ପକ୍ଷରୁ ନିର୍ମାଣ କାର୍ଯ୍ୟ କରାଯାଉଛି। ମଠଗୁଡିକରେ ଉତ୍କଳୀୟ କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଉପରେ ଆଧାରିତ ଡିଜାଇନ ଅନୁସାରେ କାର୍ଯ୍ୟ କରାଯାଉଛି। ମଠଗୁଡିକରେ ଖଣ୍ଡୋଲାଇଟ୍ ପଥର ଲଗାଯାଉଛି। ମଠର ଦ୍ୱାରଗୁଡ଼ିକରେ ସିଂହଙ୍କ ସୁନ୍ଦର ପ୍ରତିମୂର୍ତ୍ତି ନିର୍ମାଣ କରାଯାଉଛି। ସମସ୍ତ ମଠଗୁଡ଼ିକୁ ଗୋଟିଏ ରଙ୍ଗରେ ରଙ୍ଗ କରାଯାଉଛି। ସେହିପରି ମଠଗୁଡ଼ିକର ପ୍ରବେଶ ପଥଗୁଡିକୁ ବର୍ମାଟିକ୍ କାଠରେ ନିର୍ମାଣ କରାଯାଉଛି। ଯାହା ମଠର ସୋନ୍ଦର୍ଯ୍ୟକୁ ବୃଦ୍ଧି କରୁଛି। ଶ୍ରୀମନ୍ଦିର ନିକଟରେ ଥିବା ଛାଥି ମଠ, ବଡ଼ ଛତା ମଠ, ମଙ୍ଗୁ ମଠ, ବଡ ଆଖଡ଼ା ମଠ, ନଙ୍ଗୁଳି ମଠ, ଉତ୍ତର ପାର୍ଶ୍ୱ ମଠ, ତୋରାଣୀ ଛତ୍ର ମଠ, ରେବେଶା ମଠ, ଦକ୍ଷିଣ ପାର୍ଶ୍ୱ ମଠ, ପଞ୍ଜାବୀ ମଠ, ଏମାର ମଠ ଆଦି ସହ ଅନ୍ୟାନ୍ୟ ମଠଗୁଡ଼ିକର ଉନ୍ନତୀକରଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ମଠଗୁଡିକର ସୋନ୍ଦର୍ଯ୍ୟ ଦେଖି ଭକ୍ତ ତଥା ଶ୍ରଦ୍ଧାଳୁ ବେଶ୍ ଖୁସି ପ୍ରକଟ କରିଛନ୍ତି।



## ପରିକ୍ରମା ପ୍ରକଳ୍ପ ଅବିଶ୍ୱସନୀୟ

ଧର୍ମଶାଳା ବିଧାୟକ ତଥା ବିଜେଡି ନେତା ପ୍ରଣବ ବଳବନ୍ତରାୟ ରବିବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିବାବେଳେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ଦେଖି ବେଶ୍ ଖୁସି ବ୍ୟକ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଭକ୍ତମାନଙ୍କ ପାଇଁ କରାଯାଉଥିବା ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି। ପରିକ୍ରମା ପ୍ରକଳ୍ପକୁ ନେଇ ରାଜ୍ୟ ବାସୀଙ୍କ ଉତ୍କଣ୍ଠା ରହିଛି। ଯେଉଁମାନେ ପୁରୀ ଆସିବେ ସେମାନେ ବିଶ୍ୱାସ କରି ପାରିବେନି ଏପରି କାର୍ଯ୍ୟ ହୋଇପାରେ ବୋଲି। ପୂର୍ବ ଅପେକ୍ଷା ବର୍ତ୍ତମାନ ଭକ୍ତମାନଙ୍କ ପାଇଁ ବହୁତ କିଛି ସୁବିଧା ହୋଇଛି। ପୂର୍ବରୁ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଠିଆ ହେଇ ରହୁଥିଲେ। ଏବେ ଭକ୍ତମାନଙ୍କ ପାଇଁ ଏସି ଶେଡ ନିର୍ମାଣ କରାଯାଇଛି ଯେଉଁଠାରେ ଭକ୍ତ ମାନେ ବସି ପାରିବେ ଓ ଯେଉଁ ଆଶା ନେଇ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଛନ୍ତି ସେମାନେ ସେହି ଆଶା ଅନୁଯାୟୀ ଦର୍ଶନ କରିପାରିବେ ବୋଲି ବିଧାୟକ ବଳବନ୍ତରାୟ କହିଛନ୍ତି।

## ‘ଶ୍ରୀଦାଣ୍ଡ’ ଯୁଗାନ୍ତକାରୀ ପଦକ୍ଷେପ

ଶ୍ରୀମନ୍ଦିର-ଶ୍ରୀକ୍ଷେତ୍ର-ଶ୍ରୀଜଗନ୍ନାଥ ପରେ ପୁରୀରେ ଯୋଡ଼ି ହେବ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଶ୍ରୀଦାଣ୍ଡ। ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଏଣିକି ସହାୟ ହେବ ଏହି ବିକଳ୍ପ ରାସ୍ତା। ଶ୍ରୀସେତୁରେ ଆସି ଜଗନ୍ନାଥ ବଲ୍ଲଭରେ ଗାଡ଼ି ପାର୍କିଂ କରି ଭକ୍ତ ଏକ ମୁହାଁ ହୋଇ ପହଞ୍ଚିବେ ଶ୍ରୀମନ୍ଦିରରେ। ବଡ଼ଦାଣ୍ଡର ବିକଳ୍ପ ରାସ୍ତା ଭାବେ ଶ୍ରୀଦାଣ୍ଡ ନିର୍ମିତ ହେଉଛି। ଭିଡ଼ ନିୟନ୍ତ୍ରଣ ପାଇଁ ଜଗନ୍ନାଥ ବଲ୍ଲଭ-ତୁଡ଼ଙ୍ଗ ସାହି-ଦାଣ୍ଡିମାଳ ସାହି ଦେଇ ୪୦ ଫୁଟିଆ ରାସ୍ତା ନିର୍ମିତ କରାଯାଉଛି। ୭୫୦ ମିଟରର ଚାରି ଥାକିଆ ରାସ୍ତାରେ ଯାତାୟାତ ଲାଗି ବ୍ୟାଟେରି ଚାଳିତ ଅଟୋର ବନ୍ଦୋବସ୍ତ ରହିବ। ଅର୍ଥାତ ଭକ୍ତ ନିଜ ଗାଡ଼ି ପାର୍କିଂ ପରେ ବ୍ୟାଟେରିଚାଳିତ ଅଟୋରେ ଅଭ୍ୟର୍ଥନା କେନ୍ଦ୍ର ପର୍ଯ୍ୟନ୍ତ ଯାଇ ସେଠାରୁ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯିବେ। ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପିତ ଐତିହ୍ୟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଭିଡ଼ ନିୟନ୍ତ୍ରଣରେ ଯୁଗାନ୍ତକାରୀ ପଦକ୍ଷେପ ହେବ। ଭକ୍ତ ଓ ଭଗବାନଙ୍କ ମିଳନରେ ଶର୍ଟକର୍ଟ ସେତୁ ସାଜିବ ଶ୍ରୀଦାଣ୍ଡ।



# ବିକାଶର ବାଟ ଫିଟାଇବ ବିମାନବନ୍ଦର

ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର। ମହାପ୍ରଭୁଙ୍କ ସାନ୍ନିଧ ଲାଭ ପାଇଁ କାହିଁ କେତେଦୂରରୁ ଚାଲି ଆସୁଛନ୍ତି ଶ୍ରଦ୍ଧାଳୁ। ବର୍ଷକୁ ବର୍ଷ ଆଗନ୍ତୁକଙ୍କ ସଂଖ୍ୟାରେ ମାତ୍ରାଧିକ ବୃଦ୍ଧି ପାଉଛି, ଯାହାକି ଉଭୟ ରାଜ୍ୟ ସରକାର ଓ ପୁରୀବାସୀଙ୍କ ପାଇଁ ବଡ଼ ଉପଲବ୍ଧି ସାଜିଛି। ତେବେ ଏହି ଉପଲବ୍ଧିକୁ ଆୟୁଧ କରି ଦୂର ଦୃଷ୍ଟିସମ୍ପନ୍ନ ଓ ନବଚିନ୍ତକ ଭାବେ ପରିଚୟ ସୃଷ୍ଟି କରିଥିବା ଆମର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀରେ ଏକ ଅନ୍ତର୍ଜାତୀୟ ବିମାନବନ୍ଦରର ଆବଶ୍ୟକତା ରହିଥିବା ଅନୁଭବ କରିପାରିଥିଲେ। ଏଥିପାଇଁ ପୁରୀରେ ଏକ ଅନ୍ତର୍ଜାତୀୟ ଗ୍ରୀନ୍ ଫିଲ୍ଡ ବିମାନବନ୍ଦର ନିର୍ମାଣ କରିବାକୁ ୨୦୨୧ରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ପତ୍ର ଲେଖିଥିଲେ। ଉକ୍ତ ଚିଠିରେ ସେ ଦର୍ଶାଇଥିଲେ ଯେ, ଶ୍ରୀଜଗନ୍ନାଥ ଧାମ ହିନ୍ଦୁମାନଙ୍କ ଚାରିଧାମ ମଧ୍ୟରୁ ଅନ୍ୟତମ। ବିଶ୍ୱର କୋଣ ଅନୁକୋଣରୁ ଭକ୍ତ ଏଠାକୁ ଆସିଥାନ୍ତି। ୟୁନେସ୍କୋ ପକ୍ଷରୁ ବିଶ୍ୱ ଐତିହ୍ୟ ମାନ୍ୟତାପ୍ରାପ୍ତ କୋଣାର୍କ ସୂର୍ଯ୍ୟମନ୍ଦିର ପୁରୀଠାରୁ ମାତ୍ର ୩୫ କି.ମି. ଦୂର। ସେହିପରି ନିକଟରେ ଥିବା ରାମଚଣ୍ଡୀ-ଚନ୍ଦ୍ରଭାଗା ବେଳାଭୂମି ମଧ୍ୟ ଦେଶବିଦେଶର ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ। ଦେଶର ସର୍ବବୃହତ୍ କ୍ଷାର ଜଳଯୁକ୍ତ ହ୍ରଦ ଚିଲିକା ଓ ଅନ୍ୟତମ ପରିବେଶ ପର୍ଯ୍ୟଟନସ୍ଥଳୀ ଭିତରକନିକା ଜାତୀୟ ଉଦ୍ୟାନ ପୁରୀର ଦୁଇ ପାର୍ଶ୍ୱରେ ରହିଛି। ରାଜ୍ୟର ୪୮୦ କିମି ଦୀର୍ଘ ସମୁଦ୍ର ତଟରେ ପ୍ରସ୍ତାବିତ ଅନେକ ସାମୁଦ୍ରିକ ବନ୍ଦର ଅର୍ଥନୈତିକ ଦୃଷ୍ଟିରୁ ଅନେକ ଗୁରୁତ୍ୱ ରଖୁଛି। ଏହା ବ୍ୟତୀତ ପ୍ରସ୍ତାବିତ ଉପକୂଳ ରାଜପଥ ନିର୍ମାଣ ପରେ ପାରାଦୀପ ବନ୍ଦର ଓ ପ୍ରସ୍ତାବିତ ଅସ୍ତରଙ୍ଗ ବନ୍ଦର ମଧ୍ୟ ଶ୍ରୀକ୍ଷେତ୍ର ସହ ସଡ଼କ ପଥରେ ଯୋଡ଼ି ହୋଇଯିବ। ତେଣୁ ଏହି ବିମାନବନ୍ଦର କେବଳ ଆଧ୍ୟାତ୍ମିକ ଦୃଷ୍ଟିରୁ ନୁହେଁ ବରଂ ଅର୍ଥନୈତିକ ଓ ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ମଧ୍ୟ ଅପାର ସମ୍ଭାବନା ସୃଷ୍ଟ କରିବ। ତେଣୁ ଶ୍ରୀକ୍ଷେତ୍ରରେ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ପ୍ରଧାନମନ୍ତ୍ରୀଙ୍କୁ ଦର୍ଶାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ଯୁକ୍ତି ଓ ପୁରୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ରାଜ୍ୟ ଦ୍ୱାରା ଚିହ୍ନଟ ହୋଇଥିବା ସିପସରୁବାଲିଠାରେ ଗ୍ରୀନ୍ ଫିଲ୍ଡ ବିମାନବନ୍ଦର ସ୍ଥାପନ ପାଇଁ ଅନୁମତି ଦେଇ ସାରିଛନ୍ତି। କେବଳ ବିଧିବଦ୍ଧ ମଞ୍ଜୁରୀ ବାକି ରହିଛି। ଏହା ପୂର୍ବରୁ ରାଜ୍ୟ ସରକାର ବିମାନବନ୍ଦର ଡିପିଆର୍ ପୈଠ କରିବାର ପ୍ରାବଧାନ ଜାରି ରଖିଛନ୍ତି। ଅନ୍ୟପଟେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରିତ ବେଗରେ କରାଯାଇଛି। ୧୧୬୪ ଏକର ଜମି ମଧ୍ୟରେ ରହିଥିବା ୬୮ଏକର ଜଙ୍ଗଲ ଜମିର ବ୍ୟବହାର ପାଇଁ ଆବଶ୍ୟକ ଅନୁମତି ମିଳିଛି। ସମ୍ଭବତଃ ଆସନ୍ତା ମାର୍ଚ୍ଚ ୨୦୨୪ ବେଳକୁ ଏହି ବିମାନବନ୍ଦର ନିର୍ମାଣ କାମ ଆରମ୍ଭ ହୋଇ ଖୁବ୍ କମ୍ ଦିନ ମଧ୍ୟରେ ଶେଷ ହେବ ବୋଲି ଆଶା ରହିଛି। ଏହି ବିମାନବନ୍ଦର ନିର୍ମାଣ ପରେ ଦେଶ ତଥା ରାଜ୍ୟର ପର୍ଯ୍ୟଟନ ଶିଳ୍ପ ବହୁମାତ୍ରାରେ ଆଗକୁ ବଢ଼ିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।



# ସଜେଇ ହେଉଛି ଶ୍ରୀ ସେତୁ

ବ ି ଶ ୍ ମାନଚିତ୍ରରେ ପୁରୀକୁ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ଜଗନ୍ନାଥଙ୍କ ପରମଭକ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଣ କରିଛନ୍ତି। ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜରିଆରେ ବିଭିନ୍ନ ପ୍ରକଳ୍ପ କାମ ଆଗେଇ ନେଉଛନ୍ତି। ଏହି କ୍ରମରେ ଶ୍ରୀକ୍ଷେତ୍ରର ପ୍ରବେଶ ପଥରେ ଉପୁଜୁଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ନିର୍ମାଣ ହେଉଛି ‘ଶ୍ରୀସେତୁ’। ଏହା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସଂଯୋଗର ସେତୁ କହିଲେ ଅତ୍ୟୁକ୍ତି ହେବ ନାହିଁ। ଭକ୍ତମାନେ ଯେପରି ସୁଗମ ଭାବରେ ଆସି ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ଶ୍ରୀ ସେତୁ ନିର୍ମାଣ କରାଯାଉଛି। ତେବେ ଶ୍ରୀ ସେତୁର ନିର୍ମାଣ କାର୍ଯ୍ୟ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀସେତୁ ହେଉଛି ରାଜ୍ୟର ପ୍ରଥମ ଟ୍ରମ୍ପେଡ ବ୍ରିଜ୍। ଏହି ଶ୍ରୀ ସେତୁ ମଙ୍ଗଳାହାଟ ବାଇପାସ୍ ଠାରୁ ଶ୍ରୀଜଗନ୍ନାଥ ବଲ୍ଲଭ ପର୍ଯ୍ୟନ୍ତ ନିର୍ମାଣ କରାଯାଇଛି। ଯାହାଫଳରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀ କ୍ଷେତ୍ରକୁ ଆସୁଥିବା ଭକ୍ତମାନେ ସୁବିଧାରେ ଏହି ବ୍ରିଜ୍ ଦେଇ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ବ୍ରିଜ୍ ପାଇଁ ସମୁଦାୟ ୩୭ ଏକର ୯୮୪ ଡିସିମାଲ ଜମି ଅଧିଗ୍ରହଣ କରାଯାଇଛି। ଯେଉଁଥିରେ ୪ ଗୋଟି ମୌଜାର ଜମି ରହିଛି। ୨୦୨୦ ଡିସେମ୍ବରରେ ସେତୁର ନିର୍ମାଣ କାମ ଆରମ୍ଭ ହୋଇଥିଲା। ଅବଢ଼ା ଯୋଜନାରେ ୧୬୧.୪୩ କୋଟି ଟଙ୍କା ବ୍ୟୟରେ ତିଆରି ହୋଇଛି। ବ୍ରିଜ୍‌ର ଲମ୍ବ ୨ କି.ମି. ୩୦୦ ମିଟର ରହିଛି। ୫୪ଟି ସ୍ତମ୍ଭ ଉପରେ ବ୍ରିଜ୍ ନିର୍ମାଣ କରାଯାଇଛି। ଏହି ବ୍ରିଜ୍ ନିର୍ମାଣ ଦ୍ୱାରା ପୁରୀ ସହରରେ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟା ସମାଧାନ ହୋଇପାରିବ। ତେବେ ଶ୍ରୀ ସେତୁ ଦେଇ ପ୍ରବେଶ କରୁଥିବା ଭକ୍ତମାନଙ୍କୁ ସ୍ୱାଗତ କରିବା ନିମନ୍ତେ ବ୍ରିଜ୍ ଉପରେ ଏକ ବିଶାଳ ତୋରଣ ନିର୍ମାଣ କରାଯାଉଛି। ତେବେ ଆସନ୍ତା ୧୨ତାରିଖରେ ତୋରଣର କାର୍ଯ୍ୟ ଶେଷ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ବ୍ରିଜ୍‌କୁ ଆକର୍ଷଣ କରିବା ପାଇଁ ବ୍ରିଜ ଉପରେ ଆକର୍ଷଣୀୟ ମୂର୍ତ୍ତିକୁ ରଖାଯାଇଛି। ସେହିପରି ଅନେକ ଗଛ ମଧ୍ୟ ଲଗାଯାଇଛି, ଯାହା ଭକ୍ତଙ୍କୁ ବେଶ ଆକର୍ଷିତ କରୁଛି। ଭୁବନେଶ୍ୱର ଏବଂ ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ଯାତ୍ରୀମାନେ ଏହି ବ୍ରିଜ୍ ଦେଇ ଶ୍ରୀ ଜଗନ୍ନାଥ ବଲ୍ଲଭ ମଠ ପାର୍କିଂ ଆସିପାରିବେ। ସେଠାରୁ ବ୍ୟାଟେରି ଚାଳିତ ଗାଡ଼ିରେ ଶ୍ରୀମନ୍ଦିର ନିକଟକୁ ଆସି ମହାପ୍ରଭୁଙ୍କ ଦର୍ଶନ କରି ପାରିବେ। ଯାହଫଳରେ ବଡ ଦାଣ୍ଡରେ ଦେଖାଯାଉଥିବା ଟ୍ରାଫିକ ସମସ୍ୟା ପ୍ରାୟତଃ କମି ପାରିବ। ଶ୍ରୀମନ୍ଦିର ଐତିହ୍ୟ କରିଡର୍ ଭଳି ଶ୍ରୀ ସେତୁ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ପୁନର୍ବାସ ଓ ଥଇଥାନ ପ୍ୟାକେଜ୍ ଘୋଷଣା କରିଥିଲେ। ପ୍ୟାକେଜ୍ ଅନୁସାରେ ଶ୍ରୀ ସେତୁ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା କୃଷି ଶ୍ରମିକମାନଙ୍କୁ ଦୈନିକ ୩୧୫ଟଙ୍କା ମଜୁରି ହିସାବରେ ସର୍ବନିମ୍ନ ୨ଶହ ଦିନର ୬୩ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିଭଳି ପ୍ରଭାବିତ କ୍ଷୁଦ୍ର ଦୋକାନୀ, କାରିଗର, ବ୍ୟବସାୟୀଙ୍କୁ ୨୫ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସରକାରୀ ଜମି, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ଓ ମଠ ଜାଗାରେ ବେଆଇନ ଭାବେ ଗୃହନିର୍ମାଣ କରି ବସବାସ କରିଆସୁଥିବା ପରିବାରଙ୍କୁ ବି ଓଡ଼ିଶା ପୁନର୍ବାସ ଓ ଥଇଥାନ ନୀତି-୨୦୦୬ର ଅନୁଚ୍ଛେଦ ୯(ବି) ଅନୁଯାୟୀ ଘର ନିର୍ମାଣ ବାବଦକୁ ୩ ଲକ୍ଷ ୨୩ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ସମସ୍ତ ବର୍ଗର ବିସ୍ଥାପିତଙ୍କୁ ଥଇଥାନ କରିଥିବାରୁ ବିସ୍ଥାପିତମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପୁରୀ ସହରକୁ ନୂଆ କରି ଗଢ଼ିତୋଳିବାରେ ଉଭୟଙ୍କ ଯୋଗଦାନ ଅତୁଳନୀୟ ବୋଲି ସ୍ଥାନୀୟ ବାସିନ୍ଦା ମତ ଦେଇଛନ୍ତି।





**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ଉତ୍ସବମୁଖର ହୋଇଉଠୁଛି ସାରା ରାଜ୍ୟ। ରାଜ୍ୟବାସୀଙ୍କୁ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଜୟଜଗନ୍ନାଥ ଅର୍ପଣ ରଥ ପରିକ୍ରମା। ଏହି କ୍ରମରେ ଶନିବାର ବିଭିନ୍ନ ସ୍ଥାନରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରାଯାଉଛି। ରଥ ବୁଲିବା ସମୟରେ ଲୋକମାନେ ଚାଉଳ ଓ ଗୁଆ ପ୍ରଦାନ କରି ପୂଜାର୍ଚ୍ଚନା କରୁଛନ୍ତି।**

# ଜୟ ଜଗନ୍ନାଥ ଧ୍ୱନିରେ କମ୍ପୁଛି

ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ସାରା ରାଜ୍ୟରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରୁଛି। ପ୍ରତ୍ୟେକ ଘରୁ ଚାଉଳ ଓ ଗୁଆ ସଂଗ୍ରହ କରାଯାଉଛି। ଦ୍ୱିତୀୟ ଦିନରେ ରବିବାର ଏହି ରଥକୁ ପୁରୀ ଜିଲାର ବିଭିନ୍ନ ସ୍ଥାନରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ପୁରୀ ସଦର ବ୍ଲକର ବାଲିପୁଟ ଓ ରାଇଗୋରଡା ପଞ୍ଚାୟତ, ବ୍ରହ୍ମଗିରି ବ୍ଲକର ଆମ୍ବପଡ଼ା, ଡିମିରିସେଣ, ବେଣ୍ଟପୁର, କୁସୁବେଣ୍ଟି, କାଣ୍ଡଗୋଡ଼ା, କହଳପଦା, କପିଳେଶ୍ୱରପୁର, ବାଲିକେରା ଓ ପଛିପାଳ ପଞ୍ଚାୟତ, ନିମାପଡ଼ା ବ୍ଲକର ଭୋଗସଳଦା ପଞ୍ଚାୟତ, ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅର୍ପଣ ରଥ ପହଞ୍ଚିବା ପରେ ହୁଳହୁଳି, ଶଙ୍ଖ ଧ୍ୱନି, ସଂକୀର୍ତ୍ତନ, ଘଣ୍ଟ ଆଦି ବାଦ୍ୟ ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତି ସ୍ୱାଗତ କରିଥିଲେ। ପ୍ରତି ଘରୁ ମା'ମାନେ ଶ୍ରଦ୍ଧା ଓ ଆବେଗର ସହ ଅରୁଆ ଚାଉଳ ଏବଂ ଗୁଆ ଅର୍ପଣ କରିଥିଲେ। ଶନିବାର କାକଟପୁରର ମା'ମଙ୍ଗଳାଙ୍କ ମନ୍ଦିର ସମ୍ମୁଖରେ ଏହି ରଥ ପୂଜାର୍ଚ୍ଚନା କରାଯାଇ ଅନୁକୂଳ କରାଯିବା ପରେ ରବିବାର ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଥିବା ସୂଚନା ମିଳିଛି।




ବାଲିମେଳା

# ଭକ୍ତିମୟ ପରିବେଶରେ ଗଡ଼ିଲା ରଥ

ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକରେ ରବିବାର ଜଗନ୍ନାଥ ଅର୍ପଣ ରଥ ଗଡ଼ିଛି। ପ୍ରତ୍ୟେକଙ୍କ ଘରୁ ପ୍ରଭୁଙ୍କୁ ସମର୍ପଣ ଓ ସଂକଳ୍ପର ଅସ୍ମିତାର ପ୍ରତୀକ ଅକ୍ଷତ (ଅରୁଆ ଚାଉଳ) ଓ ଗୁଆ ସଂଗ୍ରହ କରାଯାଇଛି। ଏହି ରଥକୁ ପ୍ରତି ସ୍ଥାନରେ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା ମିଳିଥିଲା। ରଥ ବୁଲିଥିବା ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହେବା ସହ ହରିବୋଲ, ହୁଳହୁଳି, ସଂକୀର୍ତ୍ତନ, ଶଙ୍ଖଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା। ସେହିପରି ରଥଟିରୁ ସଂଗୃହୀତ ହୋଇଥିବା ଚାଉଳ ଓ ଗୁଆକୁ ପଞ୍ଚାୟତସ୍ତରରେ ଚିହ୍ନଟ ହୋଇଥିବା ଏକ ଦେବାଳୟ ପରିସରରେ ରଖାଯିବା ପରେ ପଞ୍ଚାୟତସ୍ତରରେ ସଂଗୃହୀତ ଚାଉଳ ଓ ଗୁଆକୁ ବ୍ଲକକୁ ଅଣାଯାଇ ବ୍ଲକସ୍ତରରେ ଠିକ୍ କରାଯାଇ ଥିବା ମନ୍ଦିରରେ ରଖାଯିବ। ୧୭ ତାରିଖରେ ପୁରୀରେ ଉଦ୍‌ଘାଟିତ ହେବାକୁ ଥିବା ଜଗନ୍ନାଥ ମନ୍ଦିରର ପରିକ୍ରମାକୁ ପଠାଯିବ। ପୁରୀରେ ଉଦ୍‌ଘାଟିତ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା କାର୍ଯ୍ୟକ୍ରମକୁ ଯେଉଁମାନେ ନ ଯାଇପାରିବେ ସେହି ଭକ୍ତମାନଙ୍କ ଉଦ୍ଦେଶ୍ୟରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସଦର ବ୍ଲକ ଅଧୀନ ଶ୍ରୀରାମପୁର ଗ୍ରାମସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ମୁଖ୍ୟ ଅତିଥି ଭାବେ ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଏହି ରଥର ଶୁଭାରମ୍ଭ କରିଥିଲେ।



# ଗୁଆ, ଚାଉଳ ଅର୍ପଣ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାରେ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରି ପ୍ରତ୍ୟେକ ଘରୁ ଗୁଆ, ଅରୁଆ ଚାଉଳ ସଂଗ୍ରହ କରିଛି। ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ମୁଦୁଲିପଲ୍ଲୀ ପଞ୍ଚାୟତରୁ ଅର୍ପଣ ରଥ ଶୁଭାରମ୍ଭ ହୋଇଛି। ବିଡିଓ ଶଶିଭୂଷଣ ମହାପାତ୍ର ରଥକୁ ପୂଜାର୍ଚ୍ଚନା କରିଥିଲେ। ସେହିପରି ଆସିକା ବ୍ଲକରେ ଅର୍ପଣ ରଥ ପରିକ୍ରମା କରିଛି। ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକ, ବିଡିଓ ଫକୀରଚରଣ ପରିଡ଼ା, ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ନିର୍ବାହୀ ଅଧିକାରୀ ଲୋକନାଥ ବେଜ ପ୍ରମୁଖ ଉପସ୍ଥିତ ଥିଲେ। ଗଜପତି ଜିଲା ଚାନ୍ଦିପୁଟସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିକଟରୁ ଅର୍ପଣ ରଥ ପରିକ୍ରମାରେ ବାହାରିଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଷୀୟ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଏହି ରଥ ପରିକ୍ରମା କରୁଛି। ସେହିପରି ଫୁଲବାଣୀ ବ୍ଲକରେ ଅର୍ପଣ ରଥ ପରିକ୍ରମା କରି ଗୁଆ ଚାଉଳ ସଂଗ୍ରହ କରିଛି। ଦୁଡିପାଜୁ ପଞ୍ଚାୟତର ସାର୍ତାଗୁଡା, ବୁଡାଦାନି, ପୁଣ୍ଡାଲି, ପାରିଗାଁ ଆଦି ଅଞ୍ଚଳ ବୁଲିଥିଲା। ବିଡିଓ ପ୍ରତୀକ ସାହୁ ଅର୍ପଣ ରଥ ଶୁଭାରମ୍ଭ କରିଥିଲେ। ରାଇକିଆରେ ବିଡିଓ ସୀମାଞ୍ଚଳ ମଣ୍ଡଳ ଏହି ରଥର ଶୁଭାରମ୍ଭ କରିଛନ୍ତି।





# ଅର୍ପଣ ରଥକୁ ଭବ୍ୟ ସ୍ୱାଗତ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଆସନ୍ତା ୧୭ ତାରିଖରେ ହେବାକୁ ଥିବା ବେଳେ ରବିବାର ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଅର୍ପଣ ରଥ ପରିକ୍ରମା କରିବା ସହିତ ପ୍ରତ୍ୟେକ ଘରୁ ଗୁଆ ଓ ଚାଉଳ ସଂଗ୍ରହ କରାଯାଇଛି। ଖୋର୍ଦ୍ଧା ଗୋଡ଼ି ପୋଖରୀଠାରୁ ଟ୍ରାଫିକ ଛକ, ସମବାୟ ଛକ ଦେଇ ପଲା ହନୁମାନ ମନ୍ଦିର ପର୍ଯ୍ୟନ୍ତ ଏହି ରଥ ପରିକ୍ରମା କରିଥିଲା। ସେହିପରି ରବିବାର ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଅର୍ପଣ ରଥ ଶୁଭାରମ୍ଭ ହୋଇଯାଇଛି। ଏହି ରଥ ୧ନମ୍ବର ୱାର୍ଡର ସୁବାସ ମାର୍ଗରୁ ପରିକ୍ରମା ଆରମ୍ଭ କରିଥିବା ବେଳେ ଜଗନ୍ନାଥପ୍ରେମୀ ଭବ୍ୟ ସ୍ୱାଗତ ଜଣାଇଥିଲେ। ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, କନିଷ୍ଠ ଯନ୍ତ୍ରୀ ବିମଳ ମିଶ୍ର, କାଉନସିଲର ଅଭିମନ୍ୟୁ ସ୍ୱାଇଁ ଏଥିରେ ସାମିଲ ହୋଇଥିଲେ। ସେହିପରି ଟାଙ୍ଗୀ ବ୍ଲକ ଅଞ୍ଚଳରେ ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇଯାଇଛି। ଏହି ରଥ ରବିବାର ବ୍ଲକ ଅନ୍ତର୍ଗତ ୩ଟି ପଞ୍ଚାୟତ ପରିକ୍ରମା କରିଛି। ନିରାକାରପୁର ପଞ୍ଚାୟତରୁ ଏହି ରଥ ଶୁଭାରମ୍ଭ ହୋଇଥିବା ବେଳେ ସରପଞ୍ଚ କାଦମ୍ବିନୀ ବେହେରା, ଯୁବ ନେତା ଶୁଭମ ଦାଶ, ବିପିନ ଜୟସିଂହ, ସଞ୍ଜୀବ ପାଇକରାୟ, ସୁବାସ ଚନ୍ଦ୍ର ଚମ୍ପତି, ଗୋପାଳ ଚରଣ ବେହେରା, ବିକ୍ରମ ପାହାଡ଼ସିଂହ ପ୍ରମୁଖ ଯୋଗଦେଇଥିଲେ।

# ସମ୍ବଲପୁରରେ ଅର୍ପଣ ରଥ

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ କନଖିଣ୍ଡା ଗ୍ରାମପଞ୍ଚାୟତର ଦେବେଇପାଲିରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିଷୟରେ ସଚେତନତା ସୃଷ୍ଟି ପାଇଁ ଅର୍ପଣ ରଥର ରବିବାର ଶୁଭାରମ୍ଭ କରାଯାଇଛି। ଗାଁର ମହିଳାମାନେ ମୁରୁଜ ପକାଇ ଅର୍ପଣ ରଥକୁ ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି ସହ ପୂଜାର୍ଚ୍ଚନା କରି ସ୍ୱାଗତ କରିଥିଲେ। ଏହି ଉତ୍ସବରେ ଧନକଉଡ଼ା ବିଡିଓ ଜୟନ୍ତ ସାହୁ, କନଖିଣ୍ଡା ସରପଞ୍ଚ କନକ ସାହୁ, ସମିତିସଭ୍ୟ ସବିତା ପଧାନ, ଜିଲା ପରିଷଦ ସୁନୀଲ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଅର୍ପଣ ରଥକୁ ସ୍ୱାଗତ କରିଥିଲେ। ଦେବେଇପାଲି ଗାଁର କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ନଗରକୀର୍ତ୍ତନ କରାଯାଇ ରଥକୁ ଗାଁ ପରିକ୍ରମା କରାଯାଇଥିଲା। ଗାଁର ପ୍ରତି ଘରୁ ଅକ୍ଷତ ଅରୁଆ ଚାଉଳ ଏବଂ ଗୁଆ ସଂଗ୍ରହ କରାଯାଇ ଶ୍ରୀମନ୍ଦିର ପଠାଇବା ପାଇଁ ଅର୍ପଣ ରଥକୁ ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିଷୟରେ ଅର୍ପଣ ରଥରେ ଫଟୋ ଜରିଆରେ ତଥ୍ୟ ପ୍ରଦାନ କରାଯାଇଛି। ଦେବେଇପାଲି ଗ୍ରାମ ପରିକ୍ରମା ପରେ ଅର୍ପଣ ରଥକୁ ବିଦାୟ ଦିଆଯିବା ପରେ ବିଶିପାଲି ଗାଁରେ ପହଞ୍ଚିଥିଲା। ସେହିପରି ଜମନକିରା ବ୍ଲକରେ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ ବିଭିନ୍ନ ଅଞ୍ଚଳ ଭ୍ରମଣ କରି ଗୁଆ, ଚାଉଳ ସଂଗ୍ରହ କରାଯାଇଛି। ବ୍ଲକ ଅନ୍ତର୍ଗତ ୨୧ ପଞ୍ଚାୟତ ପରିକ୍ରମା କରି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇ ଆସନ୍ତା ୧୭ରେ ପୁରୀରେ ହେବାକୁଥିବା ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ସମୟରେ ପ୍ରଦାନ କରାଯିବାକୁ ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟକ୍ରମରେ ଜମନକିରା ବିଡିଓ ରିନା ନାଏକ, ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ, ବ୍ଲକ ଉପାଧ୍ୟକ୍ଷ ରୋହିତ ଭୋଇ ଥିଲେ।




# ପୂଜାର୍ଚ୍ଚନା ପରେ ଗୁଆ, ଅରୁଆ ଚାଉଳ ସଂଗ୍ରହ

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ବାର୍ତ୍ତା ପହଞ୍ଚାଇବା ସହ ଲୋକଙ୍କୁ ଏହି ପୁଣ୍ୟ କାର୍ଯ୍ୟରେ ସାମିଲ କରିବା ଉଦ୍ଦେଶ୍ୟରେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିଦେଇପୁର ପଞ୍ଚାୟତରେ ରବିବାର ଜୟ ଜଗନ୍ନାଥ ଅର୍ପଣ ରଥ ଶୁଭାରମ୍ଭ ହୋଇଛି। ପଞ୍ଚାୟତର ଗଦେଇବିନ୍ଧା ଗ୍ରାମରୁ ଭକ୍ତିମୟ ପରିବେଶରେ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯାଇଛି। ଗ୍ରାମର ଆରାଧ୍ୟ ଦେବତା ସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ପ୍ରଥମେ ଏହି ରଥକୁ ଭବ୍ୟ ସ୍ୱାଗତ ସହ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଘର ଘର ବୁଲି ଗୁଆ ଓ ଅରୁଆ ଚାଉଳ ସଂଗ୍ରହ ଆରମ୍ଭ ହୋଇଥିଲା। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ସରପଞ୍ଚ ମାନିନୀ ଜେନା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ତଥା ନୋଡାଲ ଅଫିସର କାର୍ତ୍ତିକ ସ୍ୱାଇଁ, ଜିଆର୍‌ଏସ୍ ସମର କୁମାର ମାହୁନ୍ତ, ୱାର୍ଡମେମ୍ବର କୈଳାସ ଚନ୍ଦ୍ର ମାହୁନ୍ତ, ସାମାଜିକ କର୍ମୀ ରଙ୍ଗାଧର ଜେନା, ଗୌରାଙ୍ଗ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଏଥିରେ ସାମିଲ ଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି ରଥ ବ୍ଲକର ପ୍ରତି ପଞ୍ଚାୟତ ପରିକ୍ରମା କରିବ ବୋଲି ବିଡିଓ ସଞ୍ଜୀବ କୁମାର ସାହୁ କହିଛନ୍ତି।




ଯୋଡ଼ା


ଭୁବନେଶ୍ୱର

# ଟି୨୦ ଦଳରେ ରୋହିତ, କୋହଲି

ନୂଆଦିଲ୍ଲୀ,୭।୧

ଆଫଗାନିସ୍ତାନ ବିପକ୍ଷ ଟି୨୦ ସିରିଜ୍ ପାଇଁ ରବିବାର ଭାରତୀୟ ଦଳ ଘୋଷଣା ହୋଇଛି। ହାର୍ଦ୍ଦିକ ପାଣ୍ଡ୍ୟା ଓ ସୂର୍ଯ୍ୟକୁମାର ଯାଦବଙ୍କ ପରି ଖେଳାଳି ଆହତ ହୋଇ ଏହି ସିରିଜରୁ ବାଦ ପଡିଥିଲେ ହେଁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି।

**ଆଫଗାନିସ୍ତାନ ସିରିଜ୍ ପାଇଁ ଦଳ ଘୋଷଣା**

ଦୀର୍ଘ ୧୪ ମାସ ପରେ ଉଭୟ ଖେଳାଳି ଟି୨୦ ଦଳକୁ ଫେରିଛନ୍ତି। ୨୦୨୨ ନଭେମ୍ବରରେ ଉଭୟ ଖେଳାଳି ଶେଷ ଥର ପାଇଁ ଏକ ଟି୨୦ ମ୍ୟାଚ୍ ଖେଳିଥିଲେ। ଟି୨୦ ବିଶ୍ୱକପରେ ଇଂଲଣ୍ଡ ବିପକ୍ଷରେ ପରାଜୟ ପରେ ଏହି ଦୁଇ ଖେଳାଳି ପ୍ରଥମ ଥର ପାଇଁ ଦଳକୁ ଫେରିଛନ୍ତି। ଜୁନ୍ ମାସରେ ଟି୨୦ ବିଶ୍ୱକପ ପୂର୍ବରୁ ଏହା ଭାରତର ଅନ୍ତିମ ଅନ୍ତର୍ଜାତୀୟ ସିରିଜ୍ ହୋଇଥିବା ବେଳେ ଉଭୟ ଖେଳାଳି ଏଥିପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏହି ଦୁଇ ଖେଳାଳିଙ୍କ ଉଇକେଟ କିପର ବ୍ୟାଟର ସଞ୍ଜୁ ସାମସନ ମଧ୍ୟ ଟି୨୦ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶ୍ରେୟସ ଆୟରଙ୍କୁ ଏହି ସିରିଜ ପାଇଁ ବିଶ୍ରାମ ଦିଆଯାଇଥିବା ବେଳେ ଲୋକେଶ ରାହୁଲ ମଧ୍ୟ ବାଦ ପଡିଛନ୍ତି। ବୋଲିଂ ଅଲରାଉଣ୍ଡର ଭାବରେ ଶିବମ ଦୁବେ, ଅକ୍ଷର ପଟେଲ ଓ ୱାଶିଂଟନ୍ ସୁନ୍ଦର ଦଳରେ ରହିଛନ୍ତି। ସ୍ପିନର ଭାବେ ରବି ବିଷ୍ଣୋଇ ଓ କୁଲଦୀପ ଯାଦବ ରହିଥିବା ବେଳେ ଆଭେଶ୍ ଖାନ, ମୁକେଶ କୁମାର ଓ ଅର୍ଶଦୀପ ସିଂଙ୍କ ପେସ୍ ତ୍ରିମୂର୍ତ୍ତିଙ୍କୁ ଆକ୍ରମଣରେ ଦେଖିବାକୁ ମିଳିବ। **ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଶୁବମନ ଗିଲ୍, ବିରାଟ କୋହଲି, ତିଳକ ବର୍ମା, ରିଙ୍କୁ ସିଂ, ଜିତେଶ ଶର୍ମା (ଉଇକେଟ କିପର), ସଞ୍ଜୁ ସାମସନ (ଉଇକେଟ କିପର), ଶିବମ ଦୁବେ, ୱାଶିଂଟନ୍ ସୁନ୍ଦର, ଅକ୍ଷର ପଟେଲ, ରବି ବିଷ୍ଣୋଇ, କୁଲଦୀପ ଯାଦବ, ଅର୍ଶଦୀପ ସିଂ, ଆଭେଶ୍ ଖାନ୍, ମୁକେଶ କୁମାର।



ବିରାଟ କୋହଲି ଓ ରୋହିତ ଶର୍ମା।

## ଡାକାର ରାଲି: ରସ୍ ବ୍ରାଞ୍ଚ ଷ୍ଟେଜ୍-୧ ଶୀର୍ଷରେ

**ଅଲ୍ ହିନାକିୟା, ୭।୧ (ପି.ଟି.):** ଆଇକନିକ ମୋଟର ସ୍ପୋର୍ଟ୍ସ ଇଭେଣ୍ଟ ଡାକାରା ରାଲିରେ ହିରୋ ମୋଟୋସ୍ପୋର୍ଟ୍ସ ଟିମ୍‌ର ଆରମ୍ଭ ଉତ୍ସାହଜନକ କରିଛି। ଏହାର ରାଇଡର ରସ୍ ବ୍ରାଞ୍ଚ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୩ଜଣ ହିରୋ ରାଇଡର ଫିନିଶ ଲାଇନ୍ ଅତିକ୍ରମ କରିବାରେ ସଫଳ ହୋଇଛନ୍ତି। ବାଇକ୍ କାଟେଗୋରୀରେ ଭାଗ ନେଇଥିବା ୧୩୬ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ବ୍ରାଞ୍ଚ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଷ୍ଟେଜ୍-୧ରେ ବ୍ରାଞ୍ଚଙ୍କୁ ୧୨ ମିନିଟ୍ ଫାଇଦା ମିଳିଛି। ହିରୋ ଦଳର ଜୋକ୍ୱିମ ରୋଡ୍ରିଗୁଏଜ୍ ଦୁର୍ଘଟଣାର ସମ୍ମୁଖୀନ ହୋଇ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ରାଲି ଜିପି କ୍ଲାସ୍ ପ୍ରତିଯୋଗିତାରେ ଭାଗ ନେଇଥିବା ଜୋଆନ ବାରେଡା ଓ ସେବାଷ୍ଟିଆନ ବୁହଲର ଶୀଘ୍ର ଦୁର୍ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କ ଟିମ୍‌ମେଟ୍‌ର ଯତ୍ନ ନେଇଥିଲେ। ରୋଡ୍ରିଗୁଏଜଙ୍କୁ ହେଲିକପ୍ଟର ଯୋଗେ ହସ୍ପିଟାଲ ନିଆଯିବା ପର୍ଯ୍ୟନ୍ତ ସେମାନେ ଅଟକି ରହିଥିଲେ। ବ୍ରାଞ୍ଚଙ୍କ ସାଥୀ ପ୍ରତିଯୋଗୀ ତୋଶ୍ଟା ସ୍କାରିନା ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

# ଓଡ଼ିଶା ୧୮୦ ରନରେ ଅଲ୍‌ଆଉଟ୍



ଓଡ଼ିଶା ଏବଂ ସୌରାଷ୍ଟ୍ର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ବରଗଡ,୭।୧
(ପ୍ରେମାନନ୍ଦ ଖମାରୀ)

**ସି.କେ ନାଇଡୁ ଟ୍ରଫି**

ବରଗଡ଼ କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡରେ ରବିବାର ଓଡ଼ିଶା ଓ ସୌରାଷ୍ଟ୍ର ମଧ୍ୟରେ ୨୩ ବର୍ଷରୁ କମ୍ ବୟସ ବର୍ଗର ସି. କେ. ନାଇଡୁ ଟ୍ରଫି ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ସୌରାଷ୍ଟ୍ର ଦଳର ଅଧିନାୟକ ଜୟ ଗୋହିଲ ଟସ୍ ଜିଣି ଓଡ଼ିଶା ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। ସୌରାଷ୍ଟ୍ର ଦଳର ଫାଷ୍ଟ ବୋଲରଙ୍କ ଘାତକ ବୋଲିଂ ଯୋଗୁ ଓଡ଼ିଶା ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ହୋଇଥିଲା। ଓଡ଼ିଶା ଦଳ ମଧ୍ୟାହ୍ନଭୋଜନ ବିରତି ସୁଦ୍ଧା ୬ଉଇକେଟ ବିନିମୟରେ ମାତ୍ର ୫୪ ରନ କରିଥିଲା। ତେବେ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ୍ ଓମ୍. ଟି. ମୁଣ୍ଡେ ଓ ୮ନମ୍ବର ବ୍ୟାଟ୍ସମ୍ୟାନ ସାୱନ ପାହାରିଆଙ୍କ ମଧ୍ୟରେ ମହତ୍ୱପୂର୍ଣ୍ଣ ପାର୍ଟନରଶିପ୍ ଯୋଗୁ ଦଳର ସ୍ଥିତିରେ ସୁଧାର ଆସିଥିଲା। ଉଭୟେ ଅର୍ଦ୍ଧଶତକ ହାସଲ କରିଥିଲେ। ମୁଣ୍ଡେ ୧୯୭ ବଲ ଖେଳି ୫ ଚୌକା ସହ ୫୯ ରନ କରି ଆଉଟ୍ ହୋଇଥିଲେ। ପାହାରିଆ ୧୫୦ବଲ ଖେଳି ୧୪ଚୌକା, ୧ ଛକା ସହ ୮୧ ରନ କରି ଅପରାଜିତ ରହିଥିଲେ। ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କରେ ପହଞ୍ଚି ପାରି ନ ଥିଲେ। ସୌରାଷ୍ଟ୍ର ଦଳ ପକ୍ଷରୁ ଧର୍ମାଦିତ୍ୟ ସିଂ ଗୋହିଲ୍ ୪୮ ରନ ଦେଇ ୫ ଉଇକେଟ ନେଇଥିଲେ। ସେହିପରି ନିଲ ପାଣ୍ଡ୍ୟା ୪୦ ରନ ବିନିମୟରେ ୩ ଏବଂ ପବନ ପାର୍ମାର ୩୫ରନ ବିନିମୟରେ ୨ ଉଇକେଟ ନେଇଥିଲେ। ଜବାବରେ ରବିବାର ଖେଳ ଶେଷ ସୁଦ୍ଧା ସୌରାଷ୍ଟ୍ର ଦଳ କୌଣସି ଉଇକେଟ ନ ହରାଇ ୩୮ ରନ କରିଛି। ଏହି ମ୍ୟାଚ୍ ପାଇଁ ବିସିସିଆଇ ପକ୍ଷରୁ ବାଲକ୍ରୀଷ୍ଣା ମିସକୁଇନ ମ୍ୟାଚ୍ ରେଫରି, ଦୀପକ ଡିଏଲ ଓ ବିକାଶ ଭଟ୍ଟ ଅମ୍ପାୟର ରହିଛନ୍ତି। ସେହିପରି ତାପସ ନାୟକ ସିନିୟର୍ ଭିଡିଓ ଆନାଲିଷ୍ଟ ଏବଂ ସାୱନ ପାଢ଼ୀ ଜୁନିୟର ଭିଡିଓ ଆନାଲିଷ୍ଟ ଅଛନ୍ତି। ସି.ଡି. ସୁନୀଲ ଅନ୍‌ଲାଇନ୍ ସ୍କୋରର ଏବଂ ବୀରବର ନାୟକ ମାନୁଆଲ ସ୍କୋରର ଅଛନ୍ତି। ଉଦ୍‌ଘାଟନୀ ଉତ୍ସବରେ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଡି. ବିବେକ ଓ ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରିକେଟ ଆସୋସିଏଶନର ପୂର୍ବତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ, ଉପସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ଗୁରୁଦତ୍ତ ଦାଶ, ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା, ଗିରିଜା ପ୍ରସାଦ ନାଥ, ପ୍ରଦୀପ ନନ୍ଦ, ଚନ୍ଦ୍ରଶେଖର ପ୍ରଧାନ, ପ୍ରଦୀପ ସାହୁ, ଅମୀୟ ଭୂଷଣ ସାହୁ, ରଜତ ଦାଶ, କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, କ୍ରୀଡ଼ା ସଂଯୋଜକ ପୀତାମ୍ବର ପ୍ରଧାନ, କ୍ରିକେଟ କୋଚ୍ ଅଶୋକ ସିଂ, ଆସିଷ୍ଟାଣ୍ଟ କୋଚ୍ ରୂପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ରବି ପଣ୍ଡା ପୌରୋହିତ୍ୟ କରିଥିବା ବେଳେ ବରିଷ୍ଠ ସଦସ୍ୟ ସନ୍ତୋଷ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଓ ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ଆୟୋଜନରେ ଏହି ମ୍ୟାଚ ଅନୁଷ୍ଠିତ ହେଉଛି।

# ରାଜେଶ, ଶ୍ରୀହନ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୭।୧
(ତପନ ସ୍ୱାଇଁ)

**କେଟି ଗ୍ଲୋବାଲ ଅଲ୍ ଓଡ଼ିଶା ଓପନ ଚେସ୍**

କେଟି ଗ୍ଲୋବାଲ ଅଲ୍ ଓଡ଼ିଶା ଓପନ ଚେସ୍‌ର ୧୦ମ ସଂସ୍କରଣ ଏବଂ ରାଜ୍ୟ ଓପନ ବ୍ଲିଜ୍ ଚାମ୍ପିୟନଶିପ୍ ରବିବାର ସମାପ୍ତ ହୋଇଛି। କ୍ଲାସିକାଲ ଇଭେଣ୍ଟରେ ରାଜ୍ୟର ୮ ଜିଲାରୁ ୧୦୦ ଖେଳାଳି ଅଂଶଗ୍ରହଣ କରିଥିଲେ। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଟପ୍ ସିଡ୍ ପୁରୀର ରାଜେଶ ନାୟକ ୬.୬ ପଏଣ୍ଟ ପାଇ ଚାମ୍ପିୟନ ହୋଇଥିଲେ। ଗଜପତିର ତପନ ବଡ଼ମୁଣ୍ଡି ଓ ଅନୁଗୋଳର ଶ୍ରୀନିବାସ ମିଶ୍ର ୬ ପଏଣ୍ଟ ଲେଖାଏ ହାସଲ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ୯ ରାଉଣ୍ଡ ବିଶିଷ୍ଟ ବ୍ଲିଜ୍ ଇଭେଣ୍ଟରେ ୮ ପଏଣ୍ଟ ପାଇ ଶ୍ରୀହନ ସାବତ ଚାମ୍ପିୟନ ହୋଇଛନ୍ତି। ସ୍ୱାରକୀ ମହାନ୍ତି ଓ ତପନ ବଡ଼ମୁଣ୍ଡି ୭ ପଏଣ୍ଟ ଲେଖାଏ ହାସଲ କରି ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ପ୍ରତିଷ୍ଠିତ ଚେସ୍ କୋଚ୍ ସତ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର କ୍ରୀଡ଼ା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟକାନ୍ତ ବିଷୋୟୀ, ଷ୍ଟ୍ରେଟ୍‌ଜେମ୍ ସିଇଓ ଅମ୍ଳାନ ପ୍ରଧାନ, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୁରେଶ ସାହୁଙ୍କ ସମେତ ଅନ୍ତର୍ଜାତୀୟ ଆର୍ବିଟର ତାପସ କୁମାର ମହାନ୍ତି ଓ ସନ୍ତୋଷ କୁମାର ମହାପାତ୍ର ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ସୌମ୍ୟଙ୍କୁ ୮୦ତମ ଟାଇଟଲ

ଭୁବନେଶ୍ୱର, ୭।୧ (ତପନ ସ୍ୱାଇଁ)

**ଭୁବନେଶ୍ୱର ଓପନ ଚେସ୍**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ଆୟୋଜିତ ଓପନ ଚେସ୍ ଟୁର୍ନାମେଣ୍ଟରେ ସୌମ୍ୟରଞ୍ଜନ ମିଶ୍ର ଚାମ୍ପିୟନ ଓ ହର୍ଷିତ ରଞ୍ଜନ ସାହୁ ରନରଅପ୍ ହୋଇଛନ୍ତି। ଏହାକୁ ମିଶାଇ କ୍ୟାରିୟରର ୮୦ତମ ଓପନ ଚେସ୍ ଟାଇଟଲ ହାସଲ କରିଛନ୍ତି ଫିଡେ ମାଷ୍ଟର ସୌମ୍ୟରଞ୍ଜନ। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ଏକାକୀ ପୂରା ୫ ପଏଣ୍ଟ ହାସଲ କରିଥିଲେ। ହର୍ଷିତଙ୍କ ସମେତ ସେକ୍ ସୟଦ, ଅବିନାଶ ବଳିୟାରସିଂ, ରବୀନ୍ଦ୍ର କୁମାର ଓଝା ଓ ସତ୍ୟମ୍ ସ୍ୱରୂପ ସାହୁ ୪ ପଏଣ୍ଟ ଲେଖାଏ ପାଇ ପଛକୁପଛ ରହିଛନ୍ତି। ଉଦୟକାନ୍ତ ନାୟକ ଓ ମନୀଷ ରଞ୍ଜନ ଦାସ ୩.୫ ଏବଂ ସେକ୍ ଅବିଦୁଦ୍ଦିନ ଅହମଦ, ସଂକଳ୍ପ ଶ୍ରୀକୁମାର ସିଂ, ସୁର୍ଜିତ ନାୟକ, ସ୍ୱସ୍ତିକ ବେହେରା ଓ ଟାଇଗର ଦୁର୍ଗାପ୍ରସାଦ ୩ ପଏଣ୍ଟ ଲେଖାଏ ପାଇଛନ୍ତି। ଏହା ବ୍ୟତୀତ ୯, ୧୧ ଓ ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୮ ଜଣ ଉଦୀୟମାନ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କ୍ୟାପିଟାଲ ହସ୍ପିଟାଲର ସହକାରୀ ସର୍ଜନ ଦେବସ୍ମିତା ମହନ୍ତ ଓ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ସୌମ୍ୟରଞ୍ଜନ ମିଶ୍ର

## କୋଚିଂ ପାଇଁ ୱାର୍ନର ଆଗ୍ରହୀ

**ସିଡ୍‌ନୀ, ୭।୧ (ପି.ଟି):** ଅଷ୍ଟ୍ରେଲିଆର ପୂର୍ବତନ ଓପନର ଡେଭିଡ୍ ୱାର୍ନର କୋଚିଂ ପାଇଁ ଆଗ୍ରହୀ ବୋଲି ପ୍ରକାଶ କରିଛନ୍ତି। ନିକଟରେ ଦିନିକିଆ ଓ ଟେଷ୍ଟ କ୍ରିକେଟରୁ ୱାର୍ନର ଅବସର ଗ୍ରହଣ କରିଥିଲେ। ଆଗାମୀ ଦଶନ୍ଧିରେ ସ୍ଲେଜିଂ କ୍ରିକେଟରୁ ଦୂରେଇ ଯିବ ବୋଲି ୱାର୍ନର ଅନୁମାନ କରିଛନ୍ତି।




# ଓଡ଼ିଶା ଆଗରେ କଷ୍ଟସାଧ୍ୟ ଲକ୍ଷ୍ୟ

ଭୁବନେଶ୍ୱର, ୭।୧ (ତପନ ସ୍ୱାଇଁ)

**ରଣଜୀ ଟ୍ରଫି**

ଭଦୋଦରାର ମୋତିବାଗ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ଆଗରେ ବରୋଦା କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ବରୋଦାର ପ୍ରଥମ ଇନିଂସ ୩୫୧ ରନ ଜବାବରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ି ପ୍ରଥମ ଇନିଂସରେ ମାତ୍ର ୧୭୮ରେ ଅଲ୍‌ଆଉଟ ହୋଇଥିଲା। ଶାଶ୍ୱତ ରାୱତଙ୍କ ଶତକ ସହାୟତାରେ ବରୋଦା ଏହାର ଦ୍ୱିତୀୟ ଇନିଂସକୁ ୨୫୮/୪ରେ ଘୋଷଣା କରିବାରୁ ଓଡ଼ିଶା ଆଗରେ ୪୩୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ତୃତୀୟ ଦିବସ ଶେଷ ବେଳକୁ ଓଡ଼ିଶା ଗୋଟିଏ ଉଇକେଟ ହରାଇ ୧୦୩ ରନ କରିଛି। ୯ ଉଇକେଟ ସୁରକ୍ଷିତ ଥିଲେ ହେଁ ଓଡ଼ିଶା ଏବେ ମଧ୍ୟ ୩୨୯ ରନ ପଛରେ ରହିଛି। ସୋମବାର ମ୍ୟାଚର ଅନ୍ତିମ ଦିବସ। ଓଡ଼ିଶାକୁ ଲକ୍ଷ୍ୟ ପଥରେ ପହଞ୍ଚିବାକୁ ହେଲେ ଆକ୍ରମଣାତ୍ମକ ବ୍ୟାଟିଂ କରିବାକୁ ପଡ଼ିବ। ଓପନିଂ ଯୋଡ଼ିରେ ୯୫ ରନର ଭାଗୀଦାରି ପରେ ଅନୁରାଗ ଷଡ଼ଙ୍ଗୀ ୫୬ ରନରେ ଆଉଟ ହୋଇ ଯାଇଛନ୍ତି। ସେ ୧୧୩ଟି ବଲ୍‌ର ସମ୍ମୁଖୀନ ହୋଇଥିବାବେଳେ ନିଜ ଇନିଂସ ମଧ୍ୟରେ ୬ ଚୌକା ଓ ୨ ଛକା ମାରିଥିଲେ। ଅଧିନାୟକ ଶାନ୍ତନୁ ମିଶ୍ର ୪୧ ଓ ସନ୍ଦୀପ ପଟ୍ଟନାୟକ ୧ ରନରେ ଅପରାଜିତ ରହିଛନ୍ତି। ବରୋଦା ପକ୍ଷରୁ ଅତୀତ ସେଠ୍ ଗୋଟିଏ ଉଇକେଟ ନେଇଛନ୍ତି।



ଅନୁରାଗ ଷଡ଼ଙ୍ଗୀ

### ଶାଶ୍ୱତଙ୍କ ଶତକ

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୪୩/୧ରୁ ଖେଳ ଆରମ୍ଭ କରିଥିବା ବରୋଦାକୁ ତୃତୀୟ ଦିବସ ପ୍ରଥମ ଭାଗରେ ଝଟ୍‌କା ଦେଇଥିଲେ ଓଡ଼ିଶାର ଦେବବ୍ରତ ପ୍ରଧାନ। ସେ ଜ୍ୟୋସ୍ନିଲ ସିଂ (୩୩)ଙ୍କୁ ଆଉଟ କରିବାରୁ ବରୋଦା ସ୍କୋର ୨୪ ଓଭର ବେଳକୁ ୬୯/୨ ହୋଇ ଯାଇଥିଲା। ମାତ୍ର ଶାଶ୍ୱତ ରାୱତଙ୍କ ଶତକ ଓ ଅଧିନାୟକ ବିଷ୍ଣୁ ସୋଲାଙ୍କିଙ୍କ ଅର୍ଦ୍ଧଶତକ ବଳରେ ଘରୋଇ ଦଳ ଦୃଢ଼ ସ୍ଥିତିରେ ପହଞ୍ଚି ଯାଇଥିଲା। ଉଭୟ ତୃତୀୟ ଉଇକେଟ ଯୋଡ଼ିରେ ୧୭୬ ବଲ୍‌ରୁ ୧୩୯ ରନ ଯୋଗକରି ଓଡ଼ିଶା ବୋଲରଙ୍କ ପରୀକ୍ଷା ନେଇଥିଲେ। ବିଷ୍ଣୁଙ୍କୁ ୭୯ ରନରେ ଆଉଟକରି ଓଡ଼ିଶାକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ଜୟନ୍ତ ବେହେରା। ମାତ୍ର ଶାଶ୍ୱତ ହାସଲ କରିଥିଲେ କ୍ୟାରିୟରର ଦ୍ୱିତୀୟ ପ୍ରଥମଶ୍ରେଣୀ ଶତକ। ସେ ୧୦୨ ରନ କରିବାପରେ ଗୋବିନ୍ଦ ପୋଦ୍ଦାରଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଅଭିମନ୍ୟୁ ରାଜପୁତ ୩୦ ଓ ନିନାଦ ରଥଭା ୮ ରନରେ ଅପରାଜିତ ଥିବାବେଳେ ୬୧ତମ ଓଭରପରେ ଇନିଂସ ଘୋଷଣା କରିଥିଲା ବରୋଦା। ଓଡ଼ିଶା ବୋଲରଙ୍କ ମଧ୍ୟରେ ଦେବବ୍ରତ ପ୍ରଧାନ ୨ଟି ଏବଂ ଜୟନ୍ତ ବେହେରା ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବରୋଦା ପ୍ରଥମ ଇନିଂସ: ୩୫୧। ଓଡ଼ିଶା ପ୍ରଥମ ଇନିଂସ: ୧୭୮। ବରୋଦା ଦ୍ୱିତୀୟ ଇନିଂସ: ୨୫୮/୪ (ଘୋଷଣା)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୦୩/୧ (ଅନୁରାଗ ଷଡ଼ଙ୍ଗୀ-୫୬, ଶାନ୍ତନୁ ମିଶ୍ର-୪୧, ଅତୀତ ସେଠ୍-୧/୨୦)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ